ପୃଷ୍ଠା-୧୨+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧/୨୦୨୩ (୧୨+୮= ୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 1/2023 Page 20 ₹ 7.00

୪୯ଶ ଭାଗ ୧୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 126 ମୂଲ୍ୟ ₹୭/-










# ୟୁସି ଦେଉନାହାନ୍ତି ବିଭାଗ

**ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ କେନ୍ଦ୍ରୀୟ ଯୋଜନା ବାବଦକୁ ପାଉଥିବା ଅର୍ଥକୁ ଠିକ୍ ସମୟରେ ଖର୍ଚ୍ଚ କରି ପାରୁ ନାହାନ୍ତି। ୨୦୨୦-୨୧ରେ ରାଜ୍ୟର ୪୨ଟି ବିଭାଗରେ ବର୍ଷ ଶେଷ ସୁଦ୍ଧା ୯,୭୧୯ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଥିଲା। ଫଳରେ ରାଜ୍ୟ ସରକାର ବିନିଯୋଗ ପତ୍ର (ୟୁସି) ଦାଖଲ କରିବାରେ ବିଫଳ ହୋଇଥିବା ସିଏଜି ଉଦ୍‌ବେଗ ପ୍ରକାଶ କରିଛନ୍ତି।**

## ସିଏଜି ରିପୋର୍ଟ

- **୨୭,୪୨୩.୦୩ କୋଟିର ୟୁସି ବାକି**
- **କମୁଛି କେନ୍ଦ୍ରୀୟ ଅନୁଦାନ, ବଢୁଛି ଋଣ ଭାର**

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଗୁଡ଼ିକ ଯେଉଁ ଅର୍ଥ ପାଉଛନ୍ତି ସେଗୁଡ଼ିକୁ ଠିକ୍ ସମୟରେ ଖର୍ଚ୍ଚ କରିପାରୁନାହାନ୍ତି। ବିଭାଗଗୁଡ଼ିକ ବଜେଟରେ ଅଧିକ ଅର୍ଥ ଦାବି କରୁଥିବାବେଳେ ସେଗୁଡ଼ିକ ଖର୍ଚ୍ଚ ନ ହୋଇ ପଡ଼ିରହୁଛି। ଏହାକୁ ନେଇ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି) ଉଦ୍‌ବେଗ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବା ବେଳେ ରାଜ୍ୟର ଋଣ ଭାର ମଧ୍ୟ ବଢ଼ିଚାଲିଛି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ଶୁକ୍ରବାର ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୧-୨୨ ମସିହା ସାମଗ୍ରିକ ଆର୍ଥିକ ସ୍ଥିତିର ବାର୍ଷିକ ସିଏଜି ରିପୋର୍ଟକୁ ଉପସ୍ଥାପନ କରିଛନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୦-୨୧ରେ ରାଜ୍ୟ ସରକାରଙ୍କ ୪୨ଟି ବିଭାଗରେ ବର୍ଷ ଶେଷ ପର୍ଯ୍ୟନ୍ତ ୯,୭୧୯ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଥିଲା। କେବଳ ସେତିକି ନୁହେଁ, ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ବିଭାଗଗୁଡ଼ିକ ବିନିଯୋଗ ପ୍ରମାଣ ପତ୍ର (ୟୁସି) ଦେବାରେ ମଧ୍ୟ ବିଫଳ ହୋଇଛନ୍ତି। ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ସରକାରଙ୍କ ବିଭାଗଗୁଡ଼ିକ ୨୭,୪୨୩.୦୩ କୋଟି ଟଙ୍କାର ୟୁସି ଦେଇନାହାନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୨୫,୯୩୦.୯୭ କୋଟି ଟଙ୍କାରୁ ବିଭାଗଗୁଡ଼ିକ ମାତ୍ର ୭,୮୨୬.୮୨ କୋଟି ଟଙ୍କାର ୟୁସି ଦେବାରେ ସମର୍ଥ ହୋଇଥିବା ସିଏଜି ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାର ଯେଉଁ ସଂସ୍ଥାଗୁଡ଼ିକରେ ପୁଞ୍ଜିନିବେଶ କରିଥିଲେ ସେଥିରେ ମଧ୍ୟ ରାଜକୋଷକୁ କ୍ଷତି ସହିବାକୁ ପଡ଼ିଛି। ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ସରକାର ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ୧୪୯ ସଂସ୍ଥାରେ ୭,୨୮୮.୨୯ କୋଟି ଟଙ୍କା ବିନିଯୋଗ କରିଛନ୍ତି। ସେଥିରୁ ୭୨ଟି ସଂସ୍ଥା ୬ ବର୍ଷରୁ ୫୦ ବର୍ଷ ଯାଏ ଅଚଳ ହୋଇରହିଛି। ଏଥିପାଇଁ ସରକାର ବିନିଯୋଗ କରିଥିବା ୬୮.୫୨ କୋଟି ଟଙ୍କା ଆଦାୟ ହୋଇପାରିନାହିଁ। ଏଥିସହିତ ରାଜ୍ୟ ସରକାର ବିଭିନ୍ନ ସରକାରୀ ନିଗମ, ପୌରସଂସ୍ଥା, ବେସରକାରୀ ସଂସ୍ଥାକୁ ୮୬୨୪ କୋଟି ଟଙ୍କା ଋଣ ଆକାରରେ ପ୍ରଦାନ କରିଛନ୍ତି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ରାଜ୍ୟ ସରକାର ମଧ୍ୟ କେନ୍ଦ୍ରୀୟ ଅନୁଦାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ବାବଦରେ କେନ୍ଦ୍ର ସରକାରଙ୍କଠାରୁ ୩୧,୭୬୮ କୋଟି ଟଙ୍କା ପାଇବାକୁ ଥିବାବେଳେ ପାଇଛନ୍ତି ମାତ୍ର ୩୭ ପ୍ରତିଶତ ଅର୍ଥାତ୍ ୧୧,୮୨୦ କୋଟି ଟଙ୍କା। ସେହିପରି ରାଜ୍ୟ ସରକାରଙ୍କ ଉପରେ ୨୦୨୨ ଡିସେମ୍ବର ୩୧ ସୁଦ୍ଧା ୭୨,୪୮୫.୦୬ କୋଟି ଟଙ୍କା ଋଣ ରହିଥିଲା। ସେଥିରୁ ରାଜ୍ୟ ସରକାର ନିଜେ ବିଭିନ୍ନ ସୂତ୍ରରୁ ୫୩,୯୭୭.୨୪ କୋଟି ଟଙ୍କା ଏବଂ କେନ୍ଦ୍ର ସରକାକରଙ୍କଠାରୁ ୧୮୫୦୭.୮୨ ☞ପୃଷ୍ଠା-୪

# ଦୀପାଳି ବିଜେଡି ପ୍ରାର୍ଥୀ

## ଝାରସୁଗୁଡ଼ା ଉପନିର୍ବାଚନ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଶୁକ୍ରବାର ବିଜୁ ଜନତା ଦଳ ପ୍ରାର୍ଥୀ ଘୋଷଣା କରିଛି। ସ୍ୱର୍ଗତ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ଦଳ ପ୍ରାର୍ଥୀ କରିଛି। ଏ ନେଇ ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା


ଦୀପାଳି ଦାସ

ଦିଆଯାଇଛି। ପ୍ରଥମ ଥର ଲାଗି ବିଜେଡି ଉପନିର୍ବାଚନ ନିମନ୍ତେ ଆଗୁଆ ପ୍ରାର୍ଥୀ ଘୋଷଣା କରିଛି। ଏପ୍ରିଲ ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜାପାନ ଗସ୍ତ ଥିବାରୁ ଆଗୁଆ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

**ତଦନ୍ତ କରିବେ ପୂର୍ବତନ ବାବୁ**

## ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଜାଣିବାକୁ ଦାବି କରୁଥିବା ଲୋକଙ୍କୁ ଜରିମାନା କରାଯାଉଛି। ନିରକ୍ଷର ଅଥବା ଅଳ୍ପ ଶିକ୍ଷିତ ପ୍ରଧାନମନ୍ତ୍ରୀ ଦେଶ ପାଇଁ ବିପଜ୍ଜନକ।

-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ





ଭାରତୀୟ ବଂଶୋଦ୍ଭବ ସଫ୍ଟୱେର ଏବଂ ରୋବୋଟିକ୍ ଇଞ୍ଜିନିୟର ଅମିତ୍ କ୍ଷତ୍ରିୟ ଆମେରିକା ମହାକାଶ ସଂସ୍ଥା ନାସାର ନୂତନ ଭାବେ ସ୍ଥାପିତ ଚନ୍ଦ୍ରରୁ ମଙ୍ଗଳ କାର୍ଯ୍ୟକ୍ରମର ପ୍ରଥମ ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ଚନ୍ଦ୍ର ଓ ମଙ୍ଗଳକୁ ନାସାର ମାନବ ମିଶନର କାର୍ଯ୍ୟକ୍ରମ ଯୋଜନା ଏବଂ ରୂପାୟନ ପାଇଁ ଅମିତ୍ ଦାୟିତ୍ୱ ନେବେ। ମଙ୍ଗଳ ଗ୍ରହକୁ ପରବର୍ତ୍ତୀ ମାନବ ମିଶନ ଲାଗି ଚନ୍ଦ୍ର ପୃଷ୍ଠରେ ଦୀର୍ଘଦିନ ରହି ପ୍ରସ୍ତୁତି ଚଳାଇବାକୁ ନାସା ଯୋଜନା କରିଛି। ୨୦୦୩ରେ ମହାକାଶ ପ୍ରୋଗ୍ରାମରେ କ୍ୟାରିୟର ଆରମ୍ଭ କରିଥିବା ଅମିତ୍ ମୁନ୍ ଟୁ ମାର୍ସ ପ୍ରୋଗ୍ରାମର ପ୍ରଥମ ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି।

## କରାଚୀରେ ଦଳାଚକଟା: ୧୨ ମୃତ

**କରାଚୀ, ୩୧।୩ (ଆଇଏଏନ୍ଏସ୍):** ପାକିସ୍ତାନର କରାଚୀ ସହରସ୍ଥିତ ଏସ୍ଆଇଟିଇ ଅଞ୍ଚଳରେ ଶୁକ୍ରବାର ମାଗଣା ରାଶନ ସାମଗ୍ରୀ ବଣ୍ଟନ ବେଳେ ଦଳାଚକଟାରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୧୫ ଜଣ ଆହତ ହୋଇଛନ୍ତି। କରାଚୀ ଶିଳ୍ପାଞ୍ଚଳରେ ଥିବା ଏକ ରଙ୍ଗ କାରଖାନା ନିକଟରେ ବହୁସଂଖ୍ୟାରେ ଲୋକେ ରାଶନ ସଂଗ୍ରହ କରିବା ଲାଗି ରୁଣ୍ଡ ହୋଇଥିଲେ। ରମଜାନ ବେଳେ ଗରିବ ଲୋକଙ୍କୁ ସହାୟତା ଲାଗି ଏକ ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ଖାଦ୍ୟଶସ୍ୟ ବଣ୍ଟନ କରାଯାଉଥିଲା। ମୃତକଙ୍କ ମଧ୍ୟରେ ୮ ମହିଳା ଓ ୩ ଶିଶୁ ଥିବା ଜଣାପଡ଼ିଛି। ଦଳାଚକଟାରେ ୬ ଜଣ ସଂଜ୍ଞାହୀନ ହୋଇପଡ଼ିଥିଲେ। ଠେଲାପେଲା ଯୋଗୁ ଅଧିକାଂଶ ଫ୍ୟାକ୍ଟ୍ରି ପାଖରେ ଥିବା ନାଳ ମଧ୍ୟକୁ ଖସିପଡ଼ିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

**ବ୍ୟବସାୟୀଙ୍କଠାରୁ ୧୫ ଲକ୍ଷ ଦାବି**

## ୨ ଭାଜପା ନେତାଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ, ୩୧।୩:** ଜଣେ ବ୍ୟବସାୟୀଙ୍କୁ ଘର ନିର୍ମାଣ ଲାଗି ସୁଯୋଗ ଦେବା ନିମନ୍ତେ ୧୫ ଲକ୍ଷ ଟଙ୍କା ଦାବି କରିବା ଅଭିଯୋଗରେ ଦିଲ୍ଲୀର ୨ ଜଣ ଭାଜପା ନେତା ସିୟାରାମ ଶାକ୍ୟ ଏବଂ ଧୀରଜ ପ୍ରଧାନଙ୍କ ନାମରେ ବଟି ଅସୁଲି ମାମଲା ରୁଜୁ ହୋଇଛି। ବୁଧବାର ଦ୍ୱାରିକା ଜିଲାର ଡାବ୍ରି ଥାନାରେ ଏନେଇ ଏତଲା ଦାଏର ହୋଇଥିଲା। ପ୍ରଧାନ ମେହରୁଲି ଜିଲା ଭାଜପା ଉପସଭାପତି ଥିବାବେଳେ ଶାକ୍ୟ ଜଣେ ସ୍ଥାନୀୟ ନେତା। ପୂର୍ବ କିଦ୍‌ୱାଇ ନଗରରେ ରହୁଥିବା ବ୍ୟବସାୟୀ ଚମନ ପ୍ରକାଶ ସାକ୍ସେନା ଆଇନ ଅନୁଯାୟୀ ଘର ତିଆରି କରିବାକୁ ଯାଉଥିବାବେଳେ ଶାକ୍ୟ ତାଙ୍କ ବିରୋଧରେ ଏକ ମିଥ୍ୟା ମାମଲା ରୁଜୁ କରିଥିଲେ। ଏହା ପରେ ସେ ଚମନଙ୍କୁ ଧୀରଜଙ୍କ ଅଫିସକୁ ଡାକି ମାମଲା ସମାଧାନ ପାଇଁ ୧୫ ଲକ୍ଷ ଟଙ୍କା ଦାବି କରିଥିଲେ ବୋଲି ଅଭିଯୋଗ ହୋଇଛି।

# ପ୍ୟାରିସ୍ ଜଳୁଛି, ଚାଇନାମୁହାଁ ମାକ୍ରଁ



ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ



ପ୍ୟାରିସ୍‌ରେ ପେନ୍‌ସନ ସଂସ୍କାର ବିରୋଧୀ ଆନ୍ଦୋଳନ ବେଳେ ଜଣେ ବିକ୍ଷୋଭକାରୀ ଡଷ୍ଟବିନ୍‌ରେ ନିଆଁ ଲଗାଉଛନ୍ତି।

**ପ୍ୟାରିସ୍,୩୧।୩**

ରୋମ୍ ଜଳୁଥିବାବେଳେ ସମ୍ରାଟ ନିରୋ ବଂଶୀ ବାଦନ କରୁଥିଲେ। ବିପତ୍ତି ମାଡ଼ିଆସିଲେ ମୁରବୀଙ୍କ ଦାୟିତ୍ୱହୀନତାକୁ ୬୪ ଖ୍ରୀଷ୍ଟାବ୍ଦର 'ଗ୍ରେଟ୍ ଫାୟାର୍ ଅଫ୍ ରୋମ୍' ସହ ଏଭଳି ଭାବେ ତୁଳନା କରାଯାଏ, ଯାହାକି ସମ୍ପ୍ରତି ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ। ଫ୍ରାନ୍ସ ସରକାରଙ୍କ ପେନସନ ସଂସ୍କାର ପ୍ରତିବାଦରେ କର୍ମଚାରୀମାନେ ରାଜଧାନୀ ପ୍ୟାରିସ୍ ସମେତ ଅନ୍ୟ ସହରଗୁଡ଼ିକରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। କାରଣ ସରକାରୀ କର୍ମଚାରୀଙ୍କ ଅବସର ବୟସ ୬୪କୁ ବୃଦ୍ଧି କରାଯାଇଛି। ସେହିପରି ୨୦୨୭ଠାରୁ ଅଧିକାଂଶ କର୍ମଚାରୀଙ୍କୁ ପୂରା ପେନ୍‌ସନ ପାଇବାକୁ ହେଲେ ୪୩ ବର୍ଷ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଅବଦାନ କରିବାକୁ ପଡ଼ିବ। ପୂର୍ବରୁ ଏହା ୪୨ ବର୍ଷ ଥିଲା। ପାର୍ଲାମେଣ୍ଟରେ ପାରିତ ଏହି ବିବାଦୀୟ ଆଇନକୁ ବିରୋଧକରି ରାସ୍ତାକୁ ଓହ୍ଲାଇଥିବା କର୍ମଚାରୀଙ୍କ ଉପରେ ପୋଲିସ ଲୁହବୁହା ବାଷ୍ପ ଓ ବଳ ପ୍ରୟୋଗ କରୁଛି। ଦେଶର ବିଭିନ୍ନ ଭାଗକୁ ହିଂସାତ୍ମକ ଆନ୍ଦୋଳନର ନିଆଁ ବ୍ୟାପିଥିବାବେଳେ ରାଷ୍ଟ୍ରପତି ମାକ୍ରଁ ଚାଇନା ଗସ୍ତରେ ବାହାରିଛନ୍ତି। ସେ ଏପ୍ରିଲ ୫ରୁ ୮ ପର୍ଯ୍ୟନ୍ତ ଚାଇନା ରାଜଧାନୀ ବେଜିଂ ଓ ଗୁଆଙ୍ଗ୍‌ଝୌ ସହରରେ ଅବସ୍ଥାନ କରିବେ। ଏହି କୂଟନୈତିକ ଗସ୍ତ ବେଳେ ମାକ୍ରଁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟି ୟୁକ୍ରେନ୍ ଯୁଦ୍ଧ ସମ୍ପର୍କରେ ଆଲୋଚନା କରିବେ। ରୁଷିଆ ପକ୍ଷରୁ ଚାଲିଥିବା ଆକ୍ରମଣ ବନ୍ଦ ପାଇଁ ସେ ଜିନ୍‌ପିଙ୍ଗ୍‌ଙ୍କୁ ସହାୟତା ମାଗିବେ ବୋଲି ଜଣାପଡ଼ିଛି।

ସ୍ମରଣଯୋଗ୍ୟ ଯେ ବ୍ରିଟେନ କିଙ୍ଗ୍ ଚାର୍ଲ୍ସ ୩ୟ ଫ୍ରାନ୍ସକୁ ନିଜ ପ୍ରଥମ ସରକାରୀ ଗସ୍ତରେ ଯିବାର ଥିଲା। ଆନ୍ଦୋଳନକାରୀଙ୍କ ଭଙ୍ଗାରୁଜା, ଜଳାପୋଡ଼ାକୁ ନେଇ ଅରାଜକତା ଲାଗିରହିଥିବାରୁ ବିଶ୍ୱ ଗଣମାଧ୍ୟମ ଏହି ଗସ୍ତ ବାତିଲ କରିବାକୁ ମାକ୍ରଁଙ୍କୁ ବାଧ୍ୟ କରିଛି। ବିଶ୍ଳେଷକଙ୍କ ମତରେ ବେଲାରୁଷରେ ଆଣବିକ ଅସ୍ତ୍ର ମୁତୟନ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିଷ୍ପତ୍ତି ମସ୍କୋଠାରୁ ବେଜିଂକୁ ଦୂରେଇ ରଖିବା ଲାଗି ଚାପ ସୃଷ୍ଟି କରିବାକୁ ଫ୍ରାନ୍ସ ପାଇଁ ଏକ ସୁଯୋଗ ହୋଇପାରେ। ଫ୍ରାନ୍ସ କୂଟନୀତିଜ୍ଞମାନଙ୍କ ମତରେ ଚାଇନା ନିଜ ସୁବିଧା ଅନୁସାରେ କେବଳ ସନ୍ତୁଳନ ରକ୍ଷା କରି ଖେଳୁଛି। ଏଭଳି ସମୟରେ ମାକ୍ରଁ ନିଜ ଘରର ନିଆଁ ନ ଲିଭାଇ ଅନ୍ୟ ରାଷ୍ଟ୍ର ପାଇଁ ଟାଣିଓଟାରି ହେବା କେତେ ଯଥାର୍ଥ ବୋଲି ପ୍ରଶ୍ନ ଉଠିଲାଣି।

## ଖବରଦାତାଙ୍କୁ ଛାଡ଼ିବା ପାଇଁ ରୁଷିଆକୁ କହିଲେ ବାଇଡେନ୍



**ୱାଶିଂଟନ, ୩୧।୩:** ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ ହୋଇଥିବା ୱାଲ୍ ଷ୍ଟ୍ରିଟ୍ ଜର୍ନାଲ(ଡବ୍ଲ୍ୟୁଏସ୍‌ଜେ) ଖବରଦାତା ଏଭାନ୍ ଗେର୍ଶକୋଭିଚ୍‌ଙ୍କୁ ମୁକ୍ତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶୁକ୍ରବାର ରୁଷିଆକୁ କହିଛନ୍ତି। ରୁଷୀୟ ସୁରକ୍ଷା ସଂସ୍ଥା ଫେଡେରାଲ ସିକ୍ୟୁରିଟି ସର୍ଭିସ୍ (ଏଫ୍‌ଏସ୍‌ବି) ଗୁରୁବାର ଡବ୍ଲ୍ୟୁଏସ୍‌ଜେ ମସ୍କୋ ବ୍ୟୁରୋ ଏଭାନ୍‌ଙ୍କୁ ଗୁପ୍ତଚରଗିରି ଅଭିଯୋଗରେ ୟେକାଟେରିନବର୍ଗ ସହରରୁ ଗିରଫ କରିଥିଲା। ହ୍ୱାଇଟ୍ ହାଉସ୍‌ରେ ଖବରଦାତାମାନଙ୍କୁ ସମ୍ବୋଧିତ କରି ବାଇଡେନ୍ କହିଛନ୍ତି ଯେ ରୁଷିଆକୁ ସନ୍ଦେଶ ହେଉଛି, ଏଭାନ୍‌ଙ୍କୁ ଛାଡ଼ିଦିଅ। ରୁଷୀୟ କୂଟନୀତିଜ୍ଞ ଓ ଖବରଦାତାମାନଙ୍କୁ ଆମେରିକାରୁ ବହିଷ୍କାର କରାଯିବ କି ବୋଲି ପ୍ରଶ୍ନ ହେବାରୁ ବାଇଡେନ୍ କହିଥିଲେ, ବର୍ତ୍ତମାନ ଏହା ଉପଯୁକ୍ତ ଯୋଜନା ନୁହେଁ।

## ବିହାରରେ ଶୋଭାଯାତ୍ରା ବେଳେ ସଂଘର୍ଷ

**ସାସାରାମ, ୩୧।୩**



ବିହାରର ସାସାରାମ ଏବଂ ନାଳନ୍ଦାରେ ଶୁକ୍ରବାର ଅପରାହ୍ନରେ ରାମନବମୀ ଶୋଭାଯାତ୍ରାବେଳେ ସଂଘର୍ଷ ଘଟିଛି। ଦୁଇ ଗୋଷ୍ଠୀ ପରସ୍ପରକୁ ଟେକାମାଡ଼ କରିବା ସହ ପୋଡ଼ାଜଳା ହୋଇଛି। ସାସାରାମରେ କେତେକ ଘରକୁ ଦୁର୍ବୃତ୍ତମାନେ ପୋଡ଼ିଦେଇଛନ୍ତି। ଉକ୍ତ ସହରରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ୧୪୪ ଧାରା ଜାରି କରାଯାଇଛି। ସଂଘର୍ଷ ବେଳେ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

## ରାମନବମୀ ହିଂସା ପାଇଁ ଭାଜପା ଦାୟୀ: ମମତା

**କୋଲକାତା/ନୂଆଦିଲ୍ଲୀ,୩୧।୩**

ଗୁରୁବାର ପଶ୍ଚିମବଙ୍ଗର ହାଓଡାରେ ରାମନବମୀ ପାଳନ ବେଳେ ଘଟିଥିବା ହିଂସା ପାଇଁ ଭାଜପା ଏବଂ ଅନ୍ୟ ଦକ୍ଷିଣପନ୍ଥୀ ସଙ୍ଗଠନଗୁଡ଼ିକ ଦାୟୀ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ଏଥିସହ ସେ ଏହି ଶିଳ୍ପାଞ୍ଚଳ ସହରବାସୀଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି। ଏକ ଟିଭି ଚ୍ୟାନେଲକୁ ମମତା କହିଛନ୍ତି, ହାଓଡା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ହିଂସା ପଛରେ ହିନ୍ଦୁ କିମ୍ବା ମୁସଲମାନମାନଙ୍କ ସମ୍ପୃକ୍ତି ନାହିଁ। ଭାଜପା, ବଜରଙ୍ଗ ଦଳ ଓ ଏଭଳି ଅନ୍ୟ ସଙ୍ଗଠନଗୁଡ଼ିକର କର୍ମକର୍ତ୍ତାମାନେ ଅସ୍ତ୍ର ଧରି ଉତ୍ତେଜନା ସୃଷ୍ଟି କରିଥିଲେ। ସଂଘର୍ଷ ବେଳେ ଯେଉଁମାନଙ୍କ ସମ୍ପତ୍ତି ଭଙ୍ଗାରୁଜା ହୋଇଛି, ସେମାନଙ୍କୁ ରାଜ୍ୟ ସରକାର ସହାୟତା ଦେବେ। ଗୁରୁବାର ହିଂସା ଭିଆଇଥିବା ୩୧ ଜଣଙ୍କୁ ଗିରଫ କରାଯାଇଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ପ୍ରକାଶ କରିଛନ୍ତି। ହାଓଡାର କାଜିପାରା ଅଞ୍ଚଳରେ ଗୁରୁବାର ରାମନବମୀ ଉତ୍ସବ ପାଳନ ବେଳେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା।



ଅନେକ ଯାନବାହନରେ ନିଆଁ ଲଗାଇ ଦିଆଯାଇଥିଲା। ଉପଦ୍ରବୀମାନେ ଦୋକାନଗୁଡ଼ିକରୁ ଲୁଟ୍ କରିବା ପରେ ଜାଳି ଦେଇଥିଲେ। ଶୁକ୍ରବାର ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏହି ସଂଘର୍ଷ ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ଦାୟୀ କରିଛନ୍ତି। ଅନୁରାଗ କହିଛନ୍ତି, ରାମନବମୀରେ ରାମଭକ୍ତମାନଙ୍କୁ ଆକ୍ରମଣ କରାଯିବାବେଳେ ମମତାଙ୍କ ସରକାର ନିର୍ଲ୍ଲଜ ଭଳି ନୀରବଦ୍ରଷ୍ଟା ସାଜିଥିଲେ। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ସହ ଫୋନ୍‌ରେ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ରାଜ୍ୟପାଳ ତାଙ୍କୁ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିବା କୁହାଯାଉଛି।



**ଆଜି ୧୨ ଘଣ୍ଟିଆ ତାଳଚେର ବନ୍ଦ**

ତାଳଚେର, ୩୧।୩ (ନି.ପ୍ର.): ଅନୁଗୋଳ ଜିଲା ତାଳଚେରଠାରେ ଏମ୍‌ସିଏଲ୍ ପକ୍ଷରୁ ନିର୍ମାଣ ହୋଇଥିବା ମେଡିକାଲ କଲେଜ ବା ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ମିମ୍‌ସାର)କୁ ରାଜ୍ୟ ସରକାର ଏଯାଏ କାର୍ଯ୍ୟକ୍ଷମ କରୁନାହାନ୍ତି। ଏହାର ପ୍ରତିବାଦରେ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏପ୍ରିଲ ୧ ଶନିବାର ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯିବ। ଶୁକ୍ରବାର ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କ ସହ ହୋଇଥିବା ବୈଠକ ବିଫଳ ହେବା ପରେ କମିଟି ପକ୍ଷରୁ ବନ୍ଦ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।




## ଭୁବନେଶ୍ୱରରୁ ଦୁବାଇକୁ ଉଡ଼ିବ ବିମାନ: ଆଜିଠାରୁ ଟିକେଟ ବୁକିଂ

ଭୁବନେଶ୍ୱର, ୩୧।୩(ବ୍ୟୁରୋ) : ଓଡ଼ିଶା ଦିବସ ଅବସରରେ ରାଜ୍ୟବାସୀଙ୍କୁ ନୂତନ ବିମାନ ସେବା ଭେଟି ଦେଇଛନ୍ତି ରାଜ୍ୟ ସରକାର। ଏଣିକି ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବା ନେଇ ଶୁକ୍ରବାର ୫ଟି ସଚିବ ଭି.କେ. ପାଣ୍ଡିଆନ୍ ଘୋଷଣା କରିଛନ୍ତି। ଏହି ବହୁ ପ୍ରତୀକ୍ଷିତ ବିମାନ ଉଡ଼ାଣ ନିମନ୍ତେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିକେଟ ବୁକିଂର ଶୁଭାରମ୍ଭ କରିବେ। ତେବେ ମେ’ ୧୫ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଭୁବନେଶ୍ୱରରୁ ଦୁବାଇକୁ ପ୍ରଥମ ବିମାନ ଉଡ଼ିବ। ସେହିପରି ଦୁବାଇ ପରେ ଖୁବଶୀଘ୍ର ସିଙ୍ଗାପୁର ଓ ବ୍ୟାଙ୍କକ୍ ମଧ୍ୟରେ ବିମାନ ସେବା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।




# ପୋଲିସକୁ ହାଣିଲେ ଅଭିଯୁକ୍ତ

**୫ ଆହତ**

ନୀଳଗିରି, ୩୧।୩(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଜଡ଼ିଦା ପଞ୍ଚାୟତର ଜାମୁଡ଼ିହି ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ହତ୍ୟା ଉଦ୍ୟମ ମାମଲାରେ କୋର୍ଟ ସମନ ଦେବା ପାଇଁ ଯାଇଥିବା ପୋଲିସକୁ ଅଭିଯୁକ୍ତ କଟୁରିରେ ଗୋଡ଼େଇ ହାଣିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଆକ୍ରମଣରେ ନୀଳଗିରି ଥାନା ଏସ୍‌ଆଇ ବିରଞ୍ଚି ସାହୁ, ଏଏସ୍‌ଆଇ ପ୍ରବୋଧ ମଲିକ, ଅନନ୍ତ ମୁର୍ମୁ, କନଷ୍ଟେବଲ ଅର୍ଜୁ ମାଡ଼ିଙ୍ଗା ଓ ଦୀପକ ପ୍ରଧାନ ଆହତ ହୋଇଛନ୍ତି। ସମସ୍ତଙ୍କୁ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଅଭିଯୁକ୍ତ ହେଲେ ଜାମୁଡ଼ିହି ଗାଁର ପଦ୍ମଲୋଚନ


ଅଟକ ପଦ୍ମଲୋଚନ ପାତ୍ର

ପାତ୍ର(୫୩)। ଗତ ୨୦୨୧ରେ ଏକ ହତ୍ୟା ଉଦ୍ୟମ ଅଭିଯୋଗରେ କୋର୍ଟରୁ ଆସିଥିବା ସମନକୁ ଦେବା ପାଇଁ ନୀଳଗିରି ଥାନାର ଗ୍ରାମରକ୍ଷୀ ଅଭିଯୁକ୍ତ ପଦ୍ମଲୋଚନଙ୍କ ଘରକୁ ଯାଇଥିଲେ। ଗ୍ରାମରକ୍ଷୀଙ୍କୁ ଦେଖିବା ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏ ସମ୍ପର୍କରେ ଗ୍ରାମରକ୍ଷୀ ଥାନାକୁ ଖବର ଦେଇଥିଲେ। ନୀଳଗିରି ପୋଲିସ ସଦଳବଳେ ପହଞ୍ଚିଥିଲେ। ପୋଲିସକୁ ଦେଖି ପଦ୍ମଲୋଚନ ସେମାନଙ୍କୁ ଧାରୁଆ କଟୁରିରେ ଆକ୍ରମଣ କରିଥିଲେ। କିଛି ସମୟ ଖଣ୍ଡଯୁଦ୍ଧ ପରେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିବା ସହ କଟୁରିକୁ ଜବତ କରିଥିଲା। ନୀଳଗିରି ଥାନାରେ ପଦ୍ମଲୋଚନଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ

ଚିକିଟି,୩୧।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଖୋରଧାର ଗ୍ରାମ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ସଡ଼କ ଦୁର୍ଘଟଣାରେ ସ୍ୱାମୀ, ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ କୋଟିଲିଙ୍ଗ ଗ୍ରାମର ଡି. ମୁକୁନ୍ଦ ରାଓ (୫୦) ଓ କେ. ହେମାବତୀ (୪୦)। ପ୍ରକାଶ ଥାଉକି, ମୁକୁନ୍ଦ ଓ ହେମାବତୀ ଉଭୟେ ବାଇକ୍ ଯୋଗେ ପିତାତଳୀ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେବାକୁ ଯାଉଥିଲେ। ଖୋରଧାର ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱରେ ଗାଡି ରଖି ଠିଆ ହୋଇଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଘରୋଇ ସ୍କୁଲ ଭ୍ୟାନ୍ ଉଭୟଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକମାନଙ୍କ ସହାୟତାରେ ସେମାନଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ସମୟରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। କେ. ନୂଆଗାଁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଭୁବନେଶ୍ୱର ଏମ୍ସର ବିଭିନ୍ନ ବିଭାଗରେ ପଦବୀ ଖାଲି | ସଂସଦୀୟ କମିଟିର ଉଦ୍‌ବେଗ

ନୂଆଦିଲ୍ଲୀ, ୩୧।୩

ଏମ୍ସ ଭୁବନେଶ୍ୱରର ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲି ପଡ଼ିଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଂସଦୀୟ ଷ୍ଟାଣ୍ଡିଂ କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏମ୍ସ ଭୁବନେଶ୍ୱର ସମେତ ଅନ୍ୟ ୫ଟି ଏମ୍ସରେ ଖାଲି ପଦବୀ ପୂରଣ ଲାଗି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ କମିଟି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସୁପାରିସ କରିଛି। ଏଥିସହିତ ଏମ୍ସଗୁଡ଼ିକୁ ଯୋଗ୍ୟ ଡାକ୍ତରଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଭିନ୍ନ ପ୍ରୋତ୍ସାହନ ବ୍ୟବସ୍ଥା କରିବାକୁ ମଧ୍ୟ କମିଟି ସୁପାରିସ କରିଛି। ଭୁବନେଶ୍ୱର ସମେତ ଭୋପାଳ, ଯୋଧପୁର, ପାଟନା, ରାୟପୁର ଏବଂ ଋଷିକେଶ ଏମ୍ସରେ ପ୍ରଫେସର, ଅତିରିକ୍ତ ପ୍ରଫେସର, ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଏବଂ ନନ୍ ଫାକଲ୍ଟି ପଦବୀ ଖାଲି ପଡ଼ିଥିବାରୁ କମିଟି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଭୁବନେଶ୍ୱର ଏମ୍ସରେ ୩୦୫ ମଞ୍ଜୁରୀପ୍ରାପ୍ତ ଫାକଲ୍ଟି ପଦବୀରୁ ୨୩୧ଟି ପୂରଣ ହୋଇଛି। ସେହିପରି ୩,୮୮୪ ଅଣଫାକଲ୍ଟି ପଦବୀରୁ ୧,୯୮୪ଟି ପୂରଣ ହୋଇଥିବା କମିଟି ଜାଣିବାକୁ ପାଇଛି।

### ସ୍ୱାସ୍ଥ୍ୟ ସେକ୍ଟରକୁ କମ୍ ବ୍ୟୟବରାଦ କରିଛି ଓଡ଼ିଶା




ଏହା ବ୍ୟତୀତ ସ୍ୱାସ୍ଥ୍ୟ ସେକ୍ଟରକୁ ରାଜ୍ୟ ସରକାରଙ୍କ କମ୍ ବ୍ୟୟବରାଦକୁ ନେଇ ସଂସଦୀୟ ଷ୍ଟାଣ୍ଡିଂ କମିଟି ଚିନ୍ତା ପ୍ରକଟ କରିଛି। ଜାତୀୟ ସ୍ୱାସ୍ଥ୍ୟ ନୀତି ଲକ୍ଷ୍ୟ ପୂରଣ କରିବାରେ ରାଜ୍ୟଗୁଡ଼ିକ ବିଫଳ ହୋଇଛନ୍ତି। ୨୦୨୦ ସୁଦ୍ଧା ବଜେଟର ୮ ପ୍ରତିଶତରୁ ଅଧିକ ସ୍ୱାସ୍ଥ୍ୟ ସେକ୍ଟରରେ ବ୍ୟୟ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ସଡ଼ିଶା ସରକାର ୨୦୧୯-୨୦ରେ ବଜେଟର ମାତ୍ର ୪.୯ ପ୍ରତିଶତ ଏହି ସେକ୍ଟରକୁ ବ୍ୟୟବରାଦ କରିଥିଲେ। ୨୦୨୩-୨୪ ବଜେଟରେ ବ୍ୟୟବରାଦ ବଢ଼ିଥିଲେ ମଧ୍ୟ ୮ ପ୍ରତିଶତ ଠାରୁ କମ୍ ରହିଛି। ଓଡ଼ିଶାର ମୋଟ ବଜେଟ ୨.୩ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ସ୍ୱାସ୍ଥ୍ୟସେବା ସେକ୍ଟରକୁ ୧୬,୦୪୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

# କଲେଜ ଛାତରୁ ଡେଇଁ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

**ତଦନ୍ତ କରୁଛି ପୋଲିସ**

ବାଲେଶ୍ୱର ଅଫିସ, ୩୧।୩

ବାଲେଶ୍ୱର ଜିଲା ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଛାତରୁ ଡେଇଁ ଜଣେ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତି ପ୍ରାୟ ସାଢ଼େ ୩ଟା ବେଳେ ଏହି ଘଟଣା ଘଟିଥିଲା। ମୃତ ଛାତ୍ର ହେଲେ ତୃତୀୟ ବର୍ଷର ହିତେଷ୍ଣୁ ଦାସ(୨୨)। ମେଡିକାଲ କଲେଜର କେତେଜଣ ଛାତ୍ର ହିତେଷ୍ଣୁଙ୍କୁ ତଳେ ପଡ଼ିବା ଦେଖି ପ୍ରଥମେ ମେଡିକାଲ କର୍ତ୍ତୃପକ୍ଷ ଓ ପୋଲିସକୁ ଜଣାଇଥିଲେ। ଶିଳ୍ପାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ.୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକୃତରେ ଏହା ହତ୍ୟା ନା ଆତ୍ମହତ୍ୟା ସେ ଦିଗକୁ ନେଇ ପୋଲିସ ତଦନ୍ତ ଚଳାଇଛି। ସଦର ଥାନା ଅଧୀନ ରସାଳପୁର ପଞ୍ଚାୟତ ଭୀମପୁରା ଗ୍ରାମର ଚନ୍ଦ୍ରକାନ୍ତ ଦାସଙ୍କ ଏକମାତ୍ର ପୁଅ ହିତେଷ୍ଣୁ ଜଣେ ମେଧାବୀ ଛାତ୍ର ଥିଲେ। ଡାକ୍ତର କରିବାକୁ ଆଶା ରଖିଥିବା ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ତାଙ୍କ ସାଙ୍ଗସାଥୀ ମଧ୍ୟ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ସାଙ୍ଗସାଥୀଙ୍କ ମଧ୍ୟରେ ହିତେଷ୍ଣୁଙ୍କ କୌଣସି ପ୍ରକାର ଶତ୍ରୁତା ନ ଥିଲା। ଗୁରୁବାର ରାତିରେ ଅନ୍ୟ ସାଙ୍ଗମାନଙ୍କ ସହ ସେ ଫିଲ୍ମ ନାଇଟ୍ ଶୋ’ ଦେଖି ଫେରିଥିଲେ। ଏହାପରେ ସମସ୍ତେ ନିଜ ନିଜ ରୁମ୍‌କୁ ଚାଲିଯାଇଥିଲେ।


ହିତେଷ୍ଣୁ ଦାସ

ପରେ କ’ଣ ହେଲା, ହଷ୍ଟେଲରୁ ଏକାଡେମିକ୍ ବିଲ୍ଡିଂକୁ ସେ କିପରି ଗଲେ, ତାଙ୍କର ମୃତ୍ୟୁ କିପରି ହେଲା ଏ ସମ୍ପର୍କରେ ମେଡିକାଲ କଲେଜ କର୍ତ୍ତୃପକ୍ଷ କିମ୍ବା ସାଙ୍ଗସାଥୀମାନେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଅନ୍ୟପକ୍ଷରେ ପରିବାର ଲୋକ ମଧ୍ୟ ଥାନାରେ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି। ଏ ସମ୍ପର୍କରେ ଶିଳ୍ପାଞ୍ଚଳ ଥାନା ଆଇଆଇସି ସଲଖାନ ମୁର୍ମୁ କହିଛନ୍ତି, ହିତେଷ୍ଣୁ ଫକୀରମୋହନ ମେଡିକାଲ କଲେଜର ପୁରୁଷ ଛାତ୍ରାବାସର ୩ ନମ୍ବର ରୁମ୍‌ରେ ରହୁଥିଲେ। ରାତିରେ ସେ ଅନ୍ୟ ସାଙ୍ଗମାନଙ୍କ ସହ ଫିଲ୍ମ ଦେଖି ଫେରିଥିଲେ। ତେବେ ରାତି ପ୍ରାୟ ସାଢ଼େ ୩ଟା ବେଳେ ସେହି କ୍ୟାମ୍ପସର ୩ଜଣ ଛାତ୍ର ବାଲେଶ୍ୱର ଷ୍ଟେଶନକୁ ଆସୁଥିବା ବେଳେ ହିତେଷ୍ଣୁଙ୍କ ମୃତଦେହ ୫ ମହଲା ବିଶିଷ୍ଟ ଏକାଡେମିକ ବିଲ୍ଡିଂ ତଳେ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାପରେ ସେମାନେ କଲେଜ କର୍ତ୍ତୃପକ୍ଷ ଏବଂ ଥାନାକୁ ଖବର ଦେଇଥିଲେ। ଘଟଣା ପଛରେ ପ୍ରକୃତ ରହସ୍ୟ କ’ଣ ରହିଛି, ସେ କୌଣସି କାରଣରୁ ବିଲ୍ଡିଂରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ନା ହତ୍ୟାର ଶିକାର ହୋଇଛନ୍ତି, ଏତେ ରାତିରେ ୫ମହଲା ବିଶିଷ୍ଟ ଏକାଡେମିକ ବିଲ୍ଡିଂ ଉପରକୁ ସେ କାହିଁକି ଯାଇଥିଲେ, ସେଠାକୁ ଯଦି ଆତ୍ମହତ୍ୟା କରିବାକୁ ଯାଇଥିଲେ ତେବେ ନିଜେ ରହୁଥିବା ୫ ମହଲା ବିଶିଷ୍ଟ ଛାତ୍ରାବାସ ବିଲ୍ଡିଂରୁ ନ ଡେଇଁ ଏକାଡେମିକ ବିଲ୍ଡିଂକୁ କାହିଁକି ଗଲେ ? ଏସବୁ ପ୍ରଶ୍ନ ଉପରେ ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ହିତେଷ୍ଣୁଙ୍କ ବାପା ଚନ୍ଦ୍ରକାନ୍ତ ଦାସ ବାଲେଶ୍ୱର ଜିଲା ପୋଲିସ ମୁଖ୍ୟାଳୟ(ଡିପିଓ)ରେ ମୁଖ୍ୟ କିରାଣି ଭାବେ ଚାକିରି କରିଥିଲେ। ନିକଟରେ ସେ ଅବସର ନେଇଛନ୍ତି। ବାଲେଶ୍ୱର ସହର ଓଟିରୋଡ୍‌ସ୍ଥିତ ପୋଲିସ କଲୋନୀର ଇ/୨୫ କ୍ୱାର୍ଟର୍ସରେ ତାଙ୍କ ପରିବାର ସହିତ ରହୁଥିବା ଜଣାପଡ଼ିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଙ୍କଡ଼ ଗଛରେ କଷି**
**ମାଙ୍କଡ଼ ଯାଇଛି ଯାତରା ଦେଖି**
**ରଙ୍ଗ ପଲଙ୍କରେ ବସି ।**

ଅଯୋଗ୍ୟ ତଥା ଅଲାଜୁକ ଶ୍ରେଣୀର ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆଦୌ ଗ୍ରହଣୀୟ ହୋଇ ନ ଥାଏ । ମାଙ୍କଡ଼ ପାଲିଙ୍କିରେ ବସି ଯାତ୍ରା ଦେଖିବାକୁ ଯିବା ଭଳି ଅଯୋଗ୍ୟ ବ୍ୟକ୍ତିଙ୍କର ଆଡମ୍ବରପୂର୍ଣ୍ଣ ଯାତ୍ରାକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**କଳି ଯେବେ କରି ପଶିବୁ**
**ସଙ୍ଗେ ଥିବ ଭାଇ**
**ଦୁଧ ଯେବେ ଖାଇ ବସିବୁ**
**ଘରେ ଥିବ ଗାଈ।**

ସାଧାରଣତଃ କୌଣସି ଅସୁବିଧା ବା ବିପଦ ବେଳେ ଭାଇଟି ତା'ର ଭାଇ ପ୍ରତି ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଉଥିବାର ଦେଖିବାକୁ ମିଳିଥାଏ । ସେହିପରି ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧ ଖାଇବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଚଳନ୍ତା ଟ୍ରେନ୍‌ରୁ ସହଯାତ୍ରୀଙ୍କୁ ଠେଲିଦେଲେ

**କୋରାପୁଟ/ନନ୍ଦପୁର, ୩୧।୩ (ସ୍ୱ.ପ୍ର./ଡି.ଏନ.ଏ.)**

କିରାଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍‌ରେ ଗୁରୁବାର ଜଣେ ଯୁବକଙ୍କୁ କେତେ ଜଣ ସହଯାତ୍ରୀ ଚଳନ୍ତା ଟ୍ରେନରୁ ଠେଲି ଦେଇଛନ୍ତି। ଫଳରେ ତାଙ୍କ ବାମଗୋଡ କଟିଯାଇଛି। ସେ ଜଗଦଲପୁର ଅଞ୍ଚଳର ଜାଭେଦ ମହମ୍ମଦ ବୋଲି ଜଣାପଡିଛି। ଏଭଳି ଘଟଣା ନନ୍ଦପୁର ବ୍ଲକ ପାଡୁଆ ଷ୍ଟେଶନରୁ ମାତ୍ର ଦେଢ଼ କି.ମି.ପୂର୍ବରୁ ଘଟିଛି। ଖବରରୁ ଜଣାପଡିଛି, ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତର କେତେ ଜଣ ମୁସଲମାନ ସମ୍ପ୍ରଦାୟ ଲୋକେ ରମଜାନ ମାସ ପାଳନ ଓ ଦୁଃଖୀରଙ୍କୀଙ୍କୁ ଖଇରାତ ବାଣ୍ଟିବା ଲାଗି ଟ୍ରେନ ଯୋଗେ ଆସୁଥିଲେ। ସେମାନଙ୍କ ମଧ୍ୟରେ ଜଗଦଲପୁର ଅଞ୍ଚଳର ଜାଭେଦ ମହମ୍ମଦ ଥିଲେ। ପୂର୍ବରୁ ତାଙ୍କ ଭାଇ ଉମା ସିଦିକ ଓ ମାଉସୀ ରାଜିଆ ଖାନ ଆସିଥିଲେ। ଜାଭେଦ ଗୁରୁବାର ସନ୍ଧ୍ୟାରେ ଟ୍ରେନ୍ ଯୋଗେ ଥୁବା ଆସୁଥିଲେ। ସେ ପାଡୁଆ ଷ୍ଟେଶନରେ ଓହ୍ଲାଇ ଥାଆନ୍ତେ। ତେବେ ଜୟପୁରରେ କିଛି ଲୋକଙ୍କ ସହ ଜାଭେଦଙ୍କ କୌଣସି କଥାକୁ ନେଇ ଟ୍ରେନ୍‌ରେ ଯୁକ୍ତିତର୍କ ହୋଇଥିଲା। ସେ ପାଡୁଆ ଷ୍ଟେଶନ ଆସିବା ପୂର୍ବରୁ ଗେଟ୍ ପାଖକୁ ଆସି ତଳେ ବସିଥିଲେ। ଏହି ସମୟରେ ତାଙ୍କୁ ପଛରୁ କେହି ଠେଲି ଦେଇଥିଲେ ବୋଲି ଜାଭେଦ କହିଛନ୍ତି। ରାତିସାରା ଘୁଷୁରି ଘୁଷୁରି ସେ ପ୍ରାୟ ୩ଶହ ମିଟର ଦୂର ଆସି ଶେଷରେ ନନ୍ଦପୁର-ପାଡୁଆ ରାସ୍ତାର ଡ୍ରେନ ଭିତରେ ପଡ଼ିଯାଇଥିଲେ। ସକାଳୁ ଉକ୍ତ ରାସ୍ତାରେ ଯାଉଥିବା କେତେ ଜଣ ଲୋକ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାରକରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ଜାଭେଦଙ୍କ ଏଭଳି ଅବସ୍ଥା ଦେଖି ଥୁବା ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ରେଲୱେ ଜିଆର୍‌ପି ପୋଲିସ ଓଆଇସି ବିନୟ ଭୋଇଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# କବାଟ ଭାଙ୍ଗି ଘରେ ପଶିଲା ଦନ୍ତା


ଗାଁ ଦାଣ୍ଡରେ ଦନ୍ତାହାତୀ ଘୂରି ବୁଲୁଛି ।

**ଭଞ୍ଜନଗର,୩୧।୩(ଡି.ଏନ୍.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ ଅନ୍ତର୍ଗତ ମାଣପୁର ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଏଣେତେଣେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ଲୋକଙ୍କ ପାଟି ଶୁଣି ହାତୀଟି ଉତ୍‌କ୍ଷିପ୍ତ ହେବାସହ ଏକାଧିକ ଲୋକଙ୍କ କବାଟ ଭାଙ୍ଗି ଘରେ ଥିବା ଜିନିଷ ଭଙ୍ଗାରୁଜା କରିବା ସହିତ ଖାଦ୍ୟ ଖାଇଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରାୟ ୧ ଘଣ୍ଟା ଧରି ହାତୀଟି ଗ୍ରାମରେ ଏଭଳି ଆତଙ୍କ ଖେଳାଇବା ପରେ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲା। ସୂଚନାଯୋଗ୍ୟ, ୩ ମାସ ପୂର୍ବେ ମାଣପୁର ଗ୍ରାମ ନିକଟରେ ଏକ ଦନ୍ତା ହାତୀ ମୃତ୍ୟୁବରଣ କରିଥିଲା। ଏହି ବନଖଣ୍ଡରେ ବର୍ତ୍ତମାନ ୪୦ରୁ ଊର୍ଦ୍ଧ୍ୱ ହାତୀ ଥିବା ଜଣାପଡ଼ିଛି ।

# ବିଧାୟକ ସାରଦା ନାୟକଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ



ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ପରେ ବିଧାୟକ ଆଲୋଚନା କରୁଛନ୍ତି।

**କାମାକ୍ଷାନଗର, ୩୧।୩(ଡି.ଏନ୍.ଏ.)**

ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ କାର୍ (ଜେଏଚ୍ ୦୭ କେ ୮୪୭୫) ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ତୁଳିଆ ଗ୍ରାମ ନିକଟ ୫୩ନଂ. ଜାତୀୟ ରାଜପଥରେ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏଥିରେ ବିଧାୟକ, ତାଙ୍କ ପିଏସ୍‌ଓ ଏବଂ ଡ୍ରାଇଭର ସୁରକ୍ଷିତ ଅଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଅପରାହ୍ନ ପ୍ରାୟ ୪ଟାରେ ବିଧାୟକ ନାୟକ ରାଉରକେଲାରୁ ଉକ୍ତ କାର୍‌ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ତୁଳିଆ ନିକଟରେ ଏକ ହାଇଡ୍ରା ସହ ଗାଡ଼ିଟିର ଧକ୍କା ହୋଇଥିଲା। ତେବେ ଏଥିରେ କାହାରି କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ବିଧାୟକ ଅନ୍ୟ ଏକ ଗାଡ଼ିରେ ଭୁବନେଶ୍ୱର ଯାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଟିଏସ୍‌ଏଲ୍‌ପିଏଲ୍ ନିଯୁକ୍ତି ବିଜ୍ଞପ୍ତି ପ୍ରସଙ୍ଗ ବିଧାନସଭାରେ ଉଠିଲା

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟ ଲିମିଟେଡ୍ (ଟିଏସ୍‌ଏଲ୍‌ପିଏଲ୍) କୁ ନେଇ ଗୃହରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ଉକ୍ତ କମ୍ପାନୀର କାରଖାନା ଯୋଡ଼ା ବ୍ଲକ ବିରିକଳା ପଞ୍ଚାୟତର ବିଲେଇପଦା ଏବଂ ଝାଡ଼ଖଣ୍ଡର ଜାମ୍‌ଶେଦପୁରଠାରେ ରହିଛି। କିନ୍ତୁ ବିଲେଇପଦା କାରଖାନା ପାଇଁ ଆବଶ୍ୟକ ନିଯୁକ୍ତି ନିମନ୍ତେ ବାହାରିଥିବା ବିଜ୍ଞପ୍ତିରେ ଝାଡ଼ଖଣ୍ଡ ଡୋମିସାଇଲ ନିୟମ ଅନୁଯାୟୀ ଆବେଦନ କରିବାକୁ କୁହାଯାଇଥିଲା। ଏଥିରେ ଓଡ଼ିଶାକୁ ଅଣଦେଖା କରାଯାଇଥିବାରୁ ବିରିକଳା ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଗତ ୧୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଶୁକ୍ରବାର ବିଧାନସଭାରେ ପ୍ରଶ୍ନକାଳ ଚାଲିଥିବାବେଳେ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି।

### ଧରିତ୍ରୀରେ ପ୍ରକାଶିତ ଖବର ଦେଖାଇ ବର୍ଷିଲେ ସାଲୁଜା

ସାଲୁଜା ପ୍ରଶ୍ନକାଳରେ କହିଛନ୍ତି ଯେ, ରାଜ୍ୟରେ ମେକ୍ ଇନ୍ ଓଡ଼ିଶା ବା ଓଡ଼ିଶା କନ୍‌କ୍ଲେଭ୍ କରନ୍ତୁ କିମ୍ବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ୍‌ରୁ ଇନ୍‌ଭେଷ୍ଟମେଣ୍ଟ ଆଣନ୍ତୁ ସେସବୁ ନେଇ ବିରୋଧୀ ସଦସ୍ୟ ଦଳ ମତ ନିର୍ବିଶେଷରେ ସ୍ୱାଗତ କରୁଛନ୍ତି। କୌଣସି ଦଳ ଏହାକୁ ବିରୋଧ କରନ୍ତି ନାହିଁ। ହେଲେ ସ୍ଥାନୀୟ ଯୁବତୀ ଯୁବକ ଯେଉଁମାନେ ଚାକିରି ଆଶାରେ ଅଛନ୍ତି ସେମାନେ କ'ଣ କରିବେ। ରାଜ୍ୟରେ ୮ ଲକ୍ଷ ୮୦ ହଜାର ୧୭୫ ବେକାର ଯୁବତୀ ଯୁବକ ୪୦ଟି ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ଆବେଦନ କରିଛନ୍ତି। ଓଡ଼ିଶା ଏବଂ ଝାଡ଼ଖଣ୍ଡ ସୀମାରେ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ଏକ ପ୍ଲାଣ୍ଟ ବସାଇବାକୁ ଯାଉଛି। ଓଡ଼ିଶା ସରକାରଙ୍କଠାରୁ ଏବଂ ଆମ ରାଜ୍ୟରୁ ଯାହାସବୁ ସୁବିଧା ନେବା କଥା ସେମାନେ ପାଉଛନ୍ତି। ବିରିକଳା ପାଖରେ ଏହି ପ୍ଲାଣ୍ଟ ବସିବ। ଆଶ୍ଚର୍ଯ୍ୟର ବିଷୟ, ସେହି ଟାଟା କମ୍ପାନୀ ଚାକିରି ବିଜ୍ଞାପନରେ ଉଲ୍ଲେଖ କରିଛି ଯେ, ଝାଡ଼ଖଣ୍ଡର ମୂଳବାସିନ୍ଦା ଏଥିରେ ଆବେଦନ କରିପାରିବେ। ଏହିଭଳି ନ ହେବା ଦରକାର। ଓଡ଼ିଶାର ବେକାର ଯୁବତୀ ଯୁବକ ଯେଉଁମାନେ ପଢ଼ିଛନ୍ତି ସେମାନଙ୍କୁ ଚାକିରି ଦିଆଯାଉ। ନ ହେଲେ ବଲାଙ୍ଗୀର ଜାଲ୍ ସାର୍ଟିଫିକେଟ ଏବଂ ବଣିକ କୋଚିଂ ଯେମିତି ଚାଲିଛି ସେହିଭଳି ପରିସ୍ଥିତି ଉପୁଜିବ ବୋଲି ସାଲୁଜା କହିଛନ୍ତି। ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହା ଉପରେ ଉତ୍ତର ରଖି କହିଛନ୍ତି, ମାନ୍ୟବର ସଦସ୍ୟ ଯେଉଁ ପରାମର୍ଶ ଦେଉଛନ୍ତି, ସେନେଇ ସରକାର ସଚେତନ ଅଛନ୍ତି। ଏହାସହ ଗୃହକୁ ମଧ୍ୟ ବିଶ୍ୱାସ ଦେବାକୁ ଚାହୁଁଛି ଯେ, ଆଇନ ପରିସର ଭିତରେ ଯେତିକି ଓଡ଼ିଆ ଯୁବତୀ ଯୁବକ ଚାକିରି ପାଇବା କଥା ନିଶ୍ଚୟ ପାଇବେ। କେବଳ ସେତିକି ନୁହେଁ, ଓଡ଼ିଆ ଯୁବତୀ ଯୁବକଙ୍କୁ ଅଧିକ ଗୁରୁତ୍ୱ ଦେବା ଲାଗି କେତେକ ଶିଳ୍ପକୁ ନିର୍ଦ୍ଦେଶ ଦେବୁ ।

# ୩ରୁ କମିବ ଝଡ଼ବର୍ଷା

- **ଜଗତ୍‌ସିଂହପୁରରେ ୩୩.୨ ମିମି ବର୍ଷା**
- **ଆଜି ୧୫ ଜିଲାକୁ ଅରେଞ୍ଜ ୱାର୍ନିଂ**

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଭାବରେ ଅସହ୍ୟ ତାତି ଜାରି ରହିଥିବାବେଳେ ଅପରାହ୍ନରୁ ଘଡ଼ଘଡ଼ି ସହ ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩୭.୪ ଡିଗ୍ରୀ ରହିଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ, ମୟୂରଭଞ୍ଜ, କନ୍ଧମାଳ ଆଦି ଜିଲାରେ ପ୍ରବଳ ବର୍ଷା ହୋଇଛି। ଜଗତ୍‌ସିଂହପୁରରେ ସର୍ବାଧିକ ୩୩.୨ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବରଗଡ଼ରେ ୨୮.୬ ମିମି, ନୟାଗଡ଼ ୧୩.୦ ମିମି, ଚାନ୍ଦବାଲି ୧୦.୫ ମିମି ଓ ବାରିପଦାରେ ୭.୮ ମିମି ରେକର୍ଡ଼ କରାଯାଇଛି। ଅନ୍ୟପକ୍ଷରେ ଶନିବାର ଓଡ଼ିଶା ଭିଜିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, ବୌଦ୍ଧ, ଅନୁଗୋଳ, ମୟୂରଭଞ୍ଜ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଓ କନ୍ଧମାଳରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ବିଜୁଳି ମାରିପାରେ। ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ୭-୧୦ ସେଣ୍ଟିମିଟର ବର୍ଷା ହେବ ବୋଲି ବିଭାଗ ଆକଳନ କରିବା ସହ ସଂପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରିଛି। ଏଥିସହ ଅନ୍ୟ ଜିଲାଗୁଡ଼ିକରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, ବୌଦ୍ଧ, ପୁରୀ, କୋରାପୁଟ, ମୟୂରଭଞ୍ଜ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କନ୍ଧମାଳରେ ଝଡ଼ବର୍ଷା ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକୁ ଉକ୍ତଦିନ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୩ ତାରିଖରୁ ଝଡ଼ବର୍ଷା କମିବ। ଉକ୍ତଦିନ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ମାଲକାନଗିରି, କୋରାପୁଟରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୪ ତାରିଖରେ ଦକ୍ଷିଣ ଉପକୂଳବର୍ତ୍ତୀ ଅଞ୍ଚଳ ସମେତ କେନ୍ଦ୍ରାପଡ଼ା, ମାଲକାନଗିରି, କୋରାପୁଟରେ ଘଡ଼ଘଡ଼ି ଓ ବିଜୁଳି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ୫ ତାରିଖରେ ଉପକୂଳ ଓଡ଼ିଶା ସହ ମୟୂରଭଞ୍ଜ, ରାୟଗଡ଼ା, ମାଲକାନଗିରି, କୋରାପୁଟରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି।

# ଭୁବନେଶ୍ୱରରୁ ଅଟୋରିକ୍ସାରେ କୋରାପୁଟ

### ସାହାଯ୍ୟ ପାଇଁ ସନ୍ତୋଷୀଙ୍କ ସାହସିକତା

**ରାୟଗଡା ଅଫିସ,୩୧।୩**

ସାହାଯ୍ୟ କରିବା ପାଇଁ ଜଣେ ମହିଳା ସାହାସକିତା ଦେଖାଇଛନ୍ତି। ଭୁବନେଶ୍ୱରରୁ ସେ ଅଟୋ ଚଳାଇ କୋରାପୁଟ ଆସି ଏକ ଅସହାୟ ପରିବାରକୁ ଭେଟିଛନ୍ତି। କୋରାପୁଟ ଅଞ୍ଚଳର ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ପରେ ପରିବାର ବହୁ କଷ୍ଟରେ ଚଳୁଛନ୍ତି। ସେମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି ସନ୍ତୋଷୀ ଦେଓ। କୋରାପୁଟରୁ ସନ୍ତୋଷୀ ଶୁକ୍ରବାର ରାୟଗଡ଼ା ଆସିବା ପରେ ଅଟୋ ମହାସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି ।


ରାୟଗଡ଼ାରେ ମହିଳା ଅଟୋ ଚାଳଙ୍କ ସନ୍ତୋଷୀ ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସନ୍ତୋଷୀଙ୍କ ନିଜ ଘର କେନ୍ଦୁଝର ଜିଲାରେ। ସେ ଭୁବନେଶ୍ୱରରେ ରହି ଅଟୋ ଚଳାଉଛନ୍ତି। କୋରାପୁଟ ଅଞ୍ଚଳର ଜଣେ ଝିଅ ସୁନନ୍ଦା ଗେଲରୀ ୩ ବର୍ଷ ତଳେ ବାପାଙ୍କ ମୃତ୍ୟୁ ପରେ ତାଙ୍କ ଅଟୋ ଚଳାଇ ପରିବାର ପୋଷୁଥିବା ସନ୍ତୋଷୀ ସାମାଜିକ ଗଣମାଧ୍ୟମରୁ ଜାଣିବାକୁ ପାଇଥିଲେ। ଅସହାୟ ସୁନନ୍ଦା ଏବେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ପରିବାରରେ ମା', ସାନ ଭଉଣୀଭାଇ ଅଛନ୍ତି। ତାଙ୍କ ପରିବାର କଥା ବୁଝିବା ପାଇଁ ଅଟୋ ଚଳାଇ ଭୁବନେଶ୍ୱରରୁ ଆସିଥିଲି ବୋଲି ସନ୍ତୋଷୀ କହିଛନ୍ତି। ସେ ସୁନନ୍ଦାଙ୍କ ଭଉଣୀ ଭାଇଙ୍କ ପାଠ ପଢିବା ଦାୟିତ୍ୱ ନେବେ। ସୁନନ୍ଦା ସ୍ୱାବଲମ୍ବୀ ହେବା ପାଇଁ ଯଦି ଅଟୋ ଚଳାଇବାକୁ ଚାହିଁବେ ତାଙ୍କୁ ଅଟୋ ଦେବି ବୋଲି ସେ କହିଛନ୍ତି। ଭୁବନେଶ୍ୱରରୁ ରାୟଗଡା ଅଟୋ ଚଳାଇ ଆସିବା ବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିବା ସନ୍ତୋଷୀ କହିଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଦୀପାଳି ବିଜେଡି ...

ପ୍ରାର୍ଥୀଙ୍କ ନାମ ଘୋଷଣା କରି ସେ ଦ୍ୱନ୍ଦ୍ୱ ଦୂର କରିଛନ୍ତି। ଦୀପାଳିଙ୍କ ନାମ ପୂର୍ବରୁ ଚର୍ଚ୍ଚାରେ ରହିଥିଲା। ନବଙ୍କ ମୃତ୍ୟୁ ପରେ ସେ ଝାରସୁଗୁଡ଼ାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଥିଲେ। ବ୍ରଜରାଜନଗର ଏବଂ ପଦ୍ମପୁର ଉପନିର୍ବାଚନରେ ମଧ୍ୟ ଦୀପାଳି ତାଙ୍କ ବାପା ନବଙ୍କ ସହ ବୁଲି ବିଜେଡି ସପକ୍ଷରେ ପ୍ରଚାର କରୁଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ଦୀପାଳିଙ୍କୁ ଛିଡ଼ା କରିବା ପାଇଁ ନବ ଉଦ୍ୟମ କରୁଥିବା ସେତେବେଳେ ଚର୍ଚ୍ଚା ହେଉଥିଲା। କିଛିଦିନ ଧରି ଦୀପାଳି ରାଜନୀତିରେ ସକ୍ରିୟ ଥିବାରୁ ବିଜେଡି ତାଙ୍କୁ ପ୍ରାର୍ଥୀ କରିଥିବା କୁହାଯାଉଛି।

ପ୍ରାର୍ଥୀ ଘୋଷଣା ପରେ ଦୀପାଳି କହିଛନ୍ତି, 'ମୋ ଉପରେ ଭରସା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ। ମୁଖ୍ୟମନ୍ତ୍ରୀଙ୍କ ଏହି ଭରସାକୁ ଆଗାମୀ ଦିନରେ ଜାରି ରଖିବି। ଆଜି ମୋ ବାପା ଥିଲେ ବହୁତ ଖୁସି ହୋଇଥାଆନ୍ତେ।' ସୂଚନାଯୋଗ୍ୟ, ୨୦୨୩ ଜାନୁୟାରୀ ୨୯ରେ ନବ ଦାସଙ୍କୁ ବ୍ରଜରାଜନଗରରେ ଗୁଳିକରି ହତ୍ୟା କରାଯାଇଥିଲା। ସେବେଠାରୁ ଝାରସୁଗୁଡ଼ା ବିଧାନସଭା ଆସନ ଖାଲି ପଡ଼ିଥିଲା। ମାର୍ଚ୍ଚ ୨୯ରେ ନିର୍ବାଚନ କମିଶନ ଏହି ଆସନରେ ଉପନିର୍ବାଚନ କରିବା ପାଇଁ ତାରିଖ ଘୋଷଣା କରିଥିଲେ। ମେ' ୧୦ରେ ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ଏପ୍ରିଲ ୧୩ରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ଏଥିସହିତ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକ୍ରିୟା ଏପ୍ରିଲ ୨୦ ପର୍ଯ୍ୟନ୍ତ ଚାଲିବ। ଏପ୍ରିଲ ୨୧ରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ଏପ୍ରିଲ ୨୪ ରହିଛି। ମେ' ୧୩ରେ ଭୋଟ ଗଣତି ହେବ। ମେ' ୧୫ରେ ଏହି ଉପନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବ। ସୂଚନାଯୋଗ୍ୟ, ଝାରସୁଗୁଡ଼ା ବିଧାନସଭା ଆସନରୁ ସ୍ୱର୍ଗତ ନବ କିଶୋର ଦାସ ୩ ଥର ନିର୍ବାଚିତ ହୋଇଥିଲେ। ୨୦୦୪ରେ ସେ ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୦୯ ଓ ୨୦୧୪ରେ ସେ କଂଗ୍ରେସ ଟିକେଟରେ ଏହି ଆସନରୁ ବିଜୟୀ ହୋଇଥିଲେ। ୨୦୧୯ରେ ସେ ବିଜେଡି ଟିକେଟରେ ଏହି ଆସନରୁ ଜିତିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ୟାବିନେଟରେ ସେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ।

ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୨୧ହଜାର ୭୦ଜଣ ଭୋଟର ଅଛନ୍ତି। ସେମାନଙ୍କ ପାଇଁ ୨୫୩ ମତଦାନ କେନ୍ଦ୍ର ପ୍ରସ୍ତୁତ କରାଯିବ। ଏହି ନିର୍ବାଚନମଣ୍ଡଳୀରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟର ଅଧିକ ଅଛନ୍ତି। ପୁରୁଷ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୧୦ହଜାର ୩୨୦ ହୋଇଥିବାବେଳେ ୧ଲକ୍ଷ ୧୦ହଜାର ୬୮୭ ଜଣ ମହିଳା ଭୋଟର ଅଛନ୍ତି। ସେହିପରି ୬୩ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି।

### ଯୁସି ଦେଉନାହାନ୍ତି ...

କୋଟି ଟଙ୍କା ଋଣ କରିଥିଲେ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଋଣ ପରିମାଣ ୭୨,୪୮୫.୦୬କୋଟି ଟଙ୍କା ଥିଲେ ମଧ୍ୟ ଓଡ଼ିଶା ଉପରେ ମୋଟ ଆର୍ଥିକ ବୋଝ ୧ ଲକ୍ଷ ୨୦ହଜାର ୧୩୯କୋଟି ଟଙ୍କା ରହିଛି। ୨୦୨୦-୨୧ରେ ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ପରିମାଣ ୬ଲକ୍ଷ ୩୮ହଜାର ୩୪୨କୋଟି ଟଙ୍କା ଥିଲା ବୋଲି ସିଏଜି ଦର୍ଶାଇଛନ୍ତି।

ଏହି ସରକାରୀ ଋଣ ବ୍ୟତୀତ ରାଜ୍ୟ ସରକାରଙ୍କ ଉପରେ ଅତିରିକ୍ତ ୪୭,୬୫୪କୋଟି ଟଙ୍କାର ଆର୍ଥିକ ବୋଝ ରହିଛି। ଏହି ସମସ୍ତ ଋଣ ଓ ଆର୍ଥିକ ବୋଝକୁ ମିଶାଇଲେ ଓଡ଼ିଶା ସରକାରଙ୍କ ଉପରେ ୨୦୨୧-୨୨ ମାର୍ଚ୍ଚ ଶେଷ ସୁଦ୍ଧା ୧ଲକ୍ଷ ୨୦ହଜାର ୧୩୯କୋଟି ଟଙ୍କା ଆର୍ଥିକ ବୋଝ ରହିଛି, ଯାହାକି ରାଜ୍ୟର ମୋଟ ଘରୋଇ ଉତ୍ପାଦର ୧୯ ପ୍ରତିଶତ। ୨୦୨୦-୨୧ ତୁଳନାରେ ୨୦୨୧-୨୨ରେ ସରକାରୀ ଋଣ ଓ ଅନ୍ୟାନ୍ୟ ଆର୍ଥିକ ବୋଝର ନିଟ୍ ହ୍ରାସ ୩,୧୯୬ କୋଟି ଟଙ୍କା ଅର୍ଥାତ୍ ୪ ପ୍ରତିଶତକୁ ହ୍ରାସ ପାଇଛି। ୨୦୨୦-୨୧ରେ ଆଭ୍ୟନ୍ତରୀଣ ଋଣ ବୋଝ ୬୭,୫୨୧କୋଟି ଟଙ୍କା ଓ କେନ୍ଦ୍ର ସରକାରଙ୍କ ଋଣ ୧୧,୯୮୨କୋଟି ଟଙ୍କାକୁ ମିଶାଇଲେ ମୋଟ ୭୯,୫୦୩କୋଟି ଟଙ୍କା ସରକାରୀ ଋଣ ରହିଥିଲାବେଳେ ରାଜ୍ୟ ସରକାରଙ୍କ ଉପରେ ମୋଟ ଆର୍ଥିକ ବୋଝ ୧ଲକ୍ଷ ୧୮ହଜାର ୯୫୧କୋଟି ଟଙ୍କା ରହିଛି। ସେହିପରି ଗୃହ ବିଭାଗ ନିଜ ପାଖରେ ରଖିଥିବା ୯୩୦.୨୦କୋଟି ଟଙ୍କା ଖର୍ଚ୍ଚ କରି ନ ପାରି ସେଥିରୁ ୯୨୫.୧୧କୋଟି ଟଙ୍କା ଫେରସ୍ତ କରିଥିଲା। ଯଦିଓ ଏହି ୯୩୦କୋଟି ଟଙ୍କା ଥାଇ ମଧ୍ୟ ଗୃହ ବିଭାଗ ଅନାବଶ୍ୟକ ଭାବେ ୩୯୨.୨୫କୋଟି ଟଙ୍କା ୨୦୨୧ ଡିସେମ୍ବର ମାସରେ ଅତିରିକ୍ତ ବଜେଟରେ ଦାବି କରିଥିଲା। ଗୃହ ବିଭାଗ ବିଭିନ୍ନ କ୍ଷେତ୍ର ପାଇଁ ବଜେଟରେ ବ୍ୟୟବରାଦ କରିଥିଲେ ମଧ୍ୟ ସେଗୁଡ଼ିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇ ନ ଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାଶିରେ ଏକାଧିକ ପାପଗ୍ରହ ଥିବାରୁ ଚିନ୍ତାଧାରା ବିକ୍ଷିପ୍ତ ରହିପାରେ। କୃତ୍ତିକା ନକ୍ଷତ୍ର ପ୍ରତ୍ୟେକ କାମ ପାଇଁ ଉତ୍ସାହିତ କରିବ। ଉତ୍ତମ ବୁଝାମଣା ଥିବାରୁ ପାରିବାରିକ ଜୀବନରେ ସ୍ଥିରତା ଅବ୍ୟାହତ ରହିବ। କୌଣସି ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିବେ।

**ବୃଷ** ରାଶ୍ୟାଧିପତି ଶୁକ୍ରଙ୍କ ପ୍ରତି ଶନିଙ୍କ କ୍ରୂରଦୃଷ୍ଟି ପ୍ରତ୍ୟେକ ପ୍ରକାରର ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ। ରୋହିଣୀ ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ବିଶେଷ ଅସୁବିଧା ହେବ ନାହିଁ। ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ** ତୃତୀୟାଧିପତି କର୍ମଭାବସ୍ଥ ଯୋଗୁ ଆପଣ ବନ୍ଧୁଙ୍କ ସାହାଯ୍ୟରେ କାର୍ଯ୍ୟ ହାସଲ କରିବେ। ଅନୁକୂଳ ବାତାବରଣ ମଧ୍ୟରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ। ମୃଗଶିରା ନକ୍ଷତ୍ର ବ୍ୟକ୍ତି ଯେତେ ଭଲ କାମ କଲେ ମଧ୍ୟ ନିନ୍ଦିତ ହେବେ। ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ** ସହକର୍ମୀଙ୍କ ଉଦାରତାରୁ କାର୍ଯ୍ୟରେ ସହଯୋଗ ଜନିତ ଟେନସନ୍ କିଛି ମାତ୍ରାରେ କମିଯିବ। ଯାତ୍ରା କାଳରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଠିକଣା ଜାଗାରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ପଡ଼ୋଶୀଙ୍କ ସହାୟତାରେ ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାର ଆଶା ରହିଛି। କିନ୍ତୁ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ଆଜି ବନ୍ଧୁଙ୍କ ସହ ଆଲୋଚନାରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ଗବେଷଣା ଲବ୍ଧଜ୍ଞାନ ପରିବେଷଣ ତଥା ସାହିତ୍ୟ,କଳା,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସାଧାରଣ ବ୍ୟତିକ୍ରମ ଜନିତ କୌଣସି କ୍ଷେତ୍ରରେ ଭାଗି ପଡନ୍ତୁ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ରର ଶତ୍ରୁତା, ଅଶାନ୍ତି ଓ ଋଣଭାର ହ୍ରାସ ପାଇବ।

**କନ୍ୟା** କର୍ମକ୍ଷେତ୍ରରେ ଜଣା ପଡୁ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ନିଜ ପରିସରରେ କଲ୍ୟାଣମୂଳକ କାମରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ଟଙ୍କାପଇସାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଚିତ୍ରା ନକ୍ଷତ୍ର ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା** ଦୀର୍ଘଦିନର ଆଶା ଫଳବତୀ ହେବା କାରଣରୁ ସାମୟିକ ଆନନ୍ଦ ଲାଭ କରିପାରନ୍ତି। ବିଶାଖା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଆଗମନୀ ବାର୍ତ୍ତା ଦେଇଥିବା କୌଣସି ବିଶିଷ୍ଟ ଅତିଥିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ସ୍ୱାତୀ ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ବିଛା** ହାତକୁ ନେଇଥିବା କାମ ଠିକ୍ ସମୟରେ ସମ୍ପନ୍ନ ହେବାରୁ ମାନସିକ ସ୍ତରରେ ଖୁସି ଅନୁଭବ କରିବେ। କର୍ମକ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ବିଶାଖା ନକ୍ଷତ୍ର ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବନ୍ଧୁମାନଙ୍କ ସହିତ ମାତ୍ରାଧିକ ଭ୍ରମଣ ହେତୁକ କ୍ଳାନ୍ତି ଅନୁଭବ କରିବେ।

**ଧନୁ** ଅତି ଦରକାରୀ ଜିନିଷଗୁଡ଼ିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ମୂଳା ନକ୍ଷତ୍ର ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। ବିବାଦୀୟ ପରିସ୍ଥିତିରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପରିଜନଙ୍କ ସହିତ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର** ଆଜି ପାରିବାରିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ନିଜର କଠୋର ଏବଂ ରୁକ୍ଷ ବ୍ୟବହାର ଯୋଗୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଅଧସ୍ତନ କର୍ମଚାରୀଙ୍କ ସହ ଅପ୍ରିୟ ସତ୍ୟ ବ୍ୟବହାର କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉତ୍ପନ୍ନ କରିପାରେ। ଆଶା କରିଥିବା କାମ ଶେଷ ପର୍ଯ୍ୟାୟକୁ ନେଇପାରିବେ।

**କୁମ୍ଭ** ପରିବାରର ବରାଦ ଅନୁଯାୟୀ ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ। ସଭାସମିତିରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ସହଯୋଗ ଦ୍ୱାରା ଉପକୃତ ହୋଇପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଜିର ଦୂରଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମୀନ** ଆଜି କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

ଆଜି ଓଡ଼ିଶା ଦିବସ, ଏପ୍ରିଲ୍ ୧ ତାରିଖ, ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ କାମଦା ଏକାଦଶୀ, ଶନିବାର, ଶ୍ରୀମନ୍ଦିରରେ ସୀତାବିବାହ ଲୀଳା, ନୂତନ ଆର୍ଥିକ ବର୍ଷ ଆରମ୍ଭ, ରାଶି ନକ୍ଷତ୍ର -ମଘା/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୯ ଗତେ ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୭ ଗତେ ଘ.୧୦।୧୯ ମଧ୍ୟେ ରାହୁକାଳ।



କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ କାର୍‌କୁ ଅଟକାଇ ନିର୍ବାଚନ ଫ୍ଲାଇଂ ସ୍କାଡ୍ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

# କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ କାର୍ ଯାଞ୍ଚ କଲେ ନିର୍ବାଚନ ଅଧିକାରୀ

ବେଙ୍ଗାଲୁରୁ, ୩୧।୩

ମେ' ୧୦ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା କର୍ଣ୍ଣାଟକରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏଥିସହିତ ସେଠାରେ ଗାଡ଼ିମୋଟର ଯାଞ୍ଚକୁ ଜୋର୍‌ଦାର କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଚିକ୍କାବାଲ୍ଲାପୁର ଜିଲାର ଏକ ମନ୍ଦିରକୁ ଯାଉଥିବାବେଳେ ତାଙ୍କ କାର୍‌କୁ ନିର୍ବାଚନ ଅଧିକାରୀମାନେ ଅଟକାଇ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସୂଚନା ଅନୁଯାୟୀ ନିର୍ବାଚନ ତାରିଖ ଘୋଷଣା ହେବା ପରେ ବୋମାଇ ତାଙ୍କ ସରକାରୀ କାର୍‌କୁ ଫେରାଇ ଦେଇଥିଲେ। ଶୁକ୍ରବାର ସେ ଏକ ଘରୋଇ କାର୍‌ରେ ଗାଟି ସୁବ୍ରମଣ୍ୟ ମନ୍ଦିର ଯାଉଥିବାବେଳେ ହୋସାହୁଦ୍ୟା ଚେକ୍‌ପୋଷ୍ଟରେ ଏହାକୁ ଅଟକା ଯାଇଥିଲା। କୌଣସି ଆପତ୍ତି ଜନକ ଜିନିଷ ନ ବାହାରିବାରୁ ଅଧିକାରୀ ମାନେ କାର୍‌କୁ ଛାଡ଼ି ଦେଇଥିଲେ।



ବାସବରାଜ ବୋମାଇ

# ଅପରାଧ ବିଷୟରେ ପଚାରିଲେ ବିଜେଡି କହୁଛି ରାଜନୀତି କରୁଛୁ: ଧର୍ମେନ୍ଦ୍ର

## ଭାଜପାରେ ଯୋଗଦେଲେ ବିଧାୟକ ପ୍ରାର୍ଥୀ ହୋଇଥିବା ଅଭୟ ବାରିକ

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ଶାସକ ଦଳର ନେତାଙ୍କୁ ଓଡ଼ିଶାର ଅପରାଧ ଓ ଅନ୍ୟାନ୍ୟ ସମସ୍ୟା ନେଇ ଭାଜପା ପକ୍ଷରୁ ପ୍ରଶ୍ନ ପଚାରିଲେ ରାଜନୀତି କରାଯାଉଥିବା ଉତ୍ତର ଆସୁଛି। ଗଣତନ୍ତ୍ରରେ ପ୍ରଶ୍ନ କରିବା ପାଇଁ ଓଡ଼ିଆ ଲୋକମାନେ ଆମକୁ ଦାୟିତ୍ୱ ଦେଇଛନ୍ତି। ଏହାକୁ ଆମେ ଜାରି ରଖିବୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ଆପରାଧିକ ପ୍ରବଣତା ବଢିଥିବା ବେଳେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସତ ଶୁଣିବାକୁ ସାହସ ନାହିଁ। ଶାସନ କରୁଥିବା ଲୋକମାନେ ଇଷ୍ଟ ଇଣ୍ଡିଆ ଭଳି କଥା କହୁଛନ୍ତି। ଓଡ଼ିଶା ସରକାରଙ୍କ ଶାସନର ଚାବି ଅସାମ୍ବିଧାନିକ ଲୋକଙ୍କ ପାଖରେ ଅଛି। ଖାରସୁଗୁଡ଼ାରେ ମନ୍ତ୍ରୀ ନବ ଦାସଙ୍କଠାରୁ ଆରମ୍ଭକରି ନାବାଳକ ସମର୍ଥଙ୍କ ହତ୍ୟା ହେଉଥିବା ବେଳେ ପ୍ରଶ୍ନ ପଚାରିଲେ ଓଡ଼ିଶାକୁ ଅପମାନ କରିବା କଥା କୁହାଯାଉଛି। ଆଠଗଡରେ କର୍ପୋରେଟିଭ୍ ବ୍ୟାଙ୍କ୍ ନାଁରେ ଗରିବର ଲୋକଙ୍କୁ ଗୋଟିଏ ପରିବାର ହରିଲୁଟ କଲେ। ଅପରପକ୍ଷରେ ଦୀର୍ଘ ୨୩ ବର୍ଷର ଶାସନରେ ଶାସକ ଦଳର ଅଧିକରୁ ଅଧିକ ନେତାମାନେ ଅପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି। ସିସୋର ଚିଟଫଣ୍ଡରେ ଅଭିଯୁକ୍ତ ଉତ୍ତରପ୍ରଦେଶ ସହ ତୁଳନା କରିବା ଦୁର୍ଭାଗ୍ୟଜନକ। ଅପରାଧୀଙ୍କୁ ଦମନ କରି ଯୋଗୀ ଆଦିତ୍ୟନାଥ ପୁଣି ସରକାରକୁ ଫେରିଛନ୍ତି। ସାହସ ଥିଲେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି କରିକି ଦେଖାନ୍ତୁ ବୋଲି ସେ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ କଟକ ଜିଲା ଆଠଗଡ ନିର୍ବାଚନମଣ୍ଡଳୀର ଯୁବ ବିଜେଡି ନେତା ତଥା ଗତ ସାଧାରଣ ନିର୍ବାଚନର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଅଭୟଙ୍କ ସମେତ ତାଙ୍କର ଶତାଧିକ ସମର୍ଥକ ଓ ବିଜେଡିର ଶତାଧିକ ନେତା ଓ କର୍ମୀ ମିଶିଛନ୍ତି। ଭାଜପା ପ୍ରତି ରାଜ୍ୟବାସୀଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି ଏବଂ ଆଗାମୀ ଦିନରେ ଓଡ଼ିଶାରେ ମଧ ଏହା ନିଶ୍ଚିତ ପ୍ରତିଫଳିତ ହେବ ବୋଲି ମନମୋହନ କହିଛନ୍ତି। ତେବେ ନୂତନ ସଦସ୍ୟମାନଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଉଭୟ ଧର୍ମେନ୍ଦ୍ର ଏବଂ ମନମୋହନ ସେମାନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଧ ଉପସ୍ଥିତ ଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ କେନ୍ଦ୍ରମନ୍ତ୍ରୀ ଓ ଦଳୀୟ ନେତାଙ୍କ ଗହଣରେ ଶୁକ୍ରବାର ଯୋଗଦେଇଥିବା ଆଠଗଡ଼ ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ନେତା ଅଭୟ ବାରିକ।

# ଆଦାନୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଚୁପ୍: ଆମୀ

## ରାହୁଲ ଗାନ୍ଧୀ ସଭ୍ୟପଦ ରଦ୍ଦ ପ୍ରସଙ୍ଗ

## ବିଜେଡି ଅନ୍ୟ ଭାଜପା ବିରୋଧୀ ରାଜନୈତିକ ଦଳ ସହ ସାମିଲ ହେବା ଆଶା ଅଛି

**ଭୁବନେଶ୍ୱର, ୩୧।୩(ବ୍ୟୁରୋ):** କେଉଁ ସୂତ୍ରରୁ ଆଦାନୀ କମ୍ପାନୀକୁ ୨୦ ହଜାର କୋଟି ଟଙ୍କା ଆସିଛି। ଆଦାନୀ ମହା କେଲେଙ୍କାରୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ମୌନବ୍ରତ ଅବଲମ୍ବନ କରୁଛନ୍ତି। ତାଙ୍କ ତରଫରୁ କେନ୍ଦ୍ର ମନ୍ତ୍ରୀମାନେ କଂଗ୍ରେସ ଓ ବିରୋଧୀଙ୍କ ତରଫରୁ କରାଯାଇଥିବା ପ୍ରଶ୍ନର ଉତ୍ତର ନ ରଖି ଏକତରଫା କାହିଁକି ଭାଷଣ ଦେଉଛନ୍ତି ବୋଲି କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଆମୀ ୟାଗନିକ୍ ପ୍ରଶ୍ନ କରିଛନ୍ତି। ସେହିପରି ବିଜେଡି ଅନ୍ୟ ସବୁ ଭାଜପା ବିରୋଧୀ ରାଜନୈତିକ ଦଳ ସହିତ ସାମିଲ ହେବ ବୋଲି ସେ କହିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ଆମୀ କଂଗ୍ରେସ ଭବନଠାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଆହୁରି କହିଛନ୍ତି, ମୋଦି ସରକାରର ୮ ବର୍ଷ ମଧ୍ୟରେ ବିଶ୍ୱ ଧନୀ ତାଲିକାରେ ଆଦାନୀ ୬୦୯ ସ୍ଥାନରୁ ଉଠି ୩ୟ ସ୍ଥାନରେ ପହଞ୍ଚାଇବା ପଛରେ କ'ଣ ରହସ୍ୟ ରହିଛି। ପୂର୍ବ କଂଗ୍ରେସ ସରକାର ଅମଳରେ ଜାତୀୟ ସମ୍ପତ୍ତିକୁ ଆଦାନୀ ତଥା ମୁଷ୍ଟିମେୟ ପୁଞ୍ଜିପତିଙ୍କୁ କାହିଁକି ଗୋଟିଏ ପରେ ଗୋଟିଏ ଟେକି ଦିଆଯାଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହିସବୁ ପ୍ରଶ୍ନଗୁଡ଼ିକ ପଚାରି ଉତ୍ତର ମାଗୁଥିବା ଯୋଗୁ ଭୟଭୀତ ମୋଦି ସରକାର ଆକ୍ରୋଶ ରାଜନୀତିରେ ଆଶ୍ରୟ ନେଇଛନ୍ତି। ଫେବୃୟାରୀ ୨୭ରୁ ମାର୍ଚ୍ଚ ୨୩ ଏକ ମାସରୁ କମ୍ ସମୟ ମଧ୍ୟରେ କୋର୍ଟ ରାୟ ଆସିବା ଓ ମାନହାନି ମକଦ୍ଦମାରେ ସର୍ବାଧିକ ୨ ବର୍ଷର ଦଣ୍ଡ ମିଳିବା ପଛରେ ଯେ ଷଡ଼ଯନ୍ତ୍ର ଅଛିତାହା ସର୍ବତ୍ର ଆଲୋଚିତ ହେଉଛି। ରାହୁଲଙ୍କୁ ପାର୍ଲାମେଣ୍ଟରେ କହିବାକୁ ନ ଦେବା, ସଂସଦରେ କହିଥିବା ବକ୍ତବ୍ୟକୁ ବିବରଣୀରୁ ବାଦ୍ ଦେବା ଓ ସଂସଦ ବାହାରେ ଦେଇଥିବା ଭାଷଣ ଉପରେ ସଂସଦରେ କ୍ଷମା ମାଗିବାର ଦାବି କରିବା ଭଳି କାର୍ଯ୍ୟପନ୍ଥା ସେମାନଙ୍କଠାରୁ ଦେଖିବାକୁ ମିଳୁଛି। ଯେତେବେଳେ ଗଣତନ୍ତ୍ର ପ୍ରତି ବିପଦ ଦେଖାଦେଇଛି, ସେତେବେଳେ ସମସ୍ତ ବିରୋଧୀ ଦଳ ଏକାଠି ହୋଇ ପ୍ରତିବାଦ କରିବା ଆବଶ୍ୟକ। ଗଣତନ୍ତ୍ରରେ ବିଶ୍ୱାସ ଥିବାର ଦାବି କରୁଥିବା ବିଜେଡି ଏ ସମୟରେ ଅନ୍ୟ ଭାଜପା ବିରୋଧୀ ରାଜନୈତିକ ଦଳ ସହ ସାମିଲ ହେବ ବୋଲି ସେ ଆଶା କରୁଥିବା କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଦେଶରେ ମୋଦି ସରକାର ଗଣତନ୍ତ୍ର ନାମରେ ଏକଛତ୍ରବାଦ ଚଳାଇଛି।



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତାଙ୍କ ସହ ରାଜ୍ୟ ସଭା ସଦସ୍ୟ ଆମୀ ୟାଗନିକ୍।

# ଦୀପାଳିଙ୍କ ଖଣ୍ଡାବୁଲା ଭିଡିଓ ଭାଇରାଲ

**ସମ୍ବଲପୁର,୩୧।୩ (ବ୍ୟୁରୋ):** ଝାରସୁଗୁଡା ବିଧାନସଭା ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ କରିଛି। ଶୁକ୍ରବାର ଏହା ଘୋଷଣା ହେବା ପରେ ଦୀପାଳି ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଅପରପକ୍ଷରେ ଦୀପାଳି ଖଣ୍ଡା ବୁଲାଉଥିବାର ଏକ ଭିଡିଓ ଗୁରୁବାର ରାତିରୁ ଭାଇରାଲ ହେବାରେ ଲାଗିଛି। ସାମାଜିକ ଗଣମାଧ୍ୟମରେ ଏହା ଭାଇରାଲ ହେବା ପରେ ଚର୍ଚ୍ଚା ଜୋର ଧରୁଛି। ଏହି ପ୍ରସଙ୍ଗରେ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ଅଭିଯୋଗ କରିଛନ୍ତି, ଜୟନାରାୟଣ ମିଶ୍ର କିମ୍ବା ଅନ୍ୟ ଭାଜପା ନେତା ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ପାରମ୍ପରିକ ଅସ୍ତ୍ର ଖଣ୍ଡା ବୁଲାଇଲେ ଗିରଫ କରାଯାଉଛି। ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଉଛି। ମାତ୍ର ବିଜେଡିର ପୂର୍ବତନ ମନ୍ତ୍ରୀଙ୍କ ଝିଅ ଦୀପାଳି ସର୍ବସମ୍ମୁଖରେ ଖଣ୍ଡା ବୁଲାଇଲେ ସବୁ ମାଫ୍ କରାଯାଉଛି। ଆଇନ କ'ଣ ବିଜେଡି ନେତାଙ୍କ ପାଇଁ ଗୋଟିଏ ଓ ଅନ୍ୟ ଲୋକଙ୍କ ପାଇଁ ଅଲଗା କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଇରାଲ ଭିଡିଓରେ ଦୀପାଳିଙ୍କ ସହିତ ତାଙ୍କ ଭାଇ ବିଶାଳ ମଧ ଅଛନ୍ତି। ଦୀପାଳି ହାତରେ ଖଣ୍ଡା ଓ ମୁଣ୍ଡରେ ରାଜ ପଗଡି ପିନ୍ଧି ଖଣ୍ଡା ବୁଲାଉଛନ୍ତି। ତାଙ୍କ ସମର୍ଥକମାନେ ଭିଡିଓ କରିବା ସହ ଝାନ୍‌ସୀ କି ରାନି ବୋଲି ସମ୍ବୋଧନ କରୁଥିବା ମଧ ଶୁଣାଯାଉଛି। ଅନ୍ୟପଟେ ଘଟଣାଟି ଝାରସୁଗୁଡା ବୁରୋମାଲର ବୋଲି ଜଣାପଡିଛି। ସେଠାରେ ରାମନବମୀ ଉତ୍ସବରେ ଦୀପାଳି ଯୋଗଦେଇଥିଲେ। ଆୟୋଜକମାନେ ପ୍ରଥମେ ଲାଠି ଓ ପରେ ଖଣ୍ଡା ବୁଲାଇବାକୁ ଅନୁରୋଧ କରିବାରୁ ଦୀପାଳି ଖଣ୍ଡା ବୁଲାଇଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଝାରସୁଗୁଡା ଏସ୍‌ପି ପରମାର ସ୍ମିତ କହିଛନ୍ତି, ଭିଡିଓ ଓ ଖଣ୍ଡା ବୁଲାଇବାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ଆସି ନାହିଁ। ଅଭିଯୋଗ ପାଇବା ପରେ ତଦନ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ଦୀପାଳି ଦାସ ଖଣ୍ଡା ବୁଲାଉଥିବା ଦୃଶ୍ୟ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
7325808610

WALK IN INTERVIEW
For Bhubaneswar, SALES EXECUTIVE (Male).
Date: 3.4.2023 and 6.4.2023
Time: 11 A.M.
Venue: Hindustan Jewellers, Bomikhal, Bhubaneswar
Contact No. 9437395347
email: ashokmallick100@gmail.com

See Career Appointment on every Wednesday & Saturday

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
7608962459

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-V)/718 Dated, the 28th March, 2023
Advertisement
Applications are invited from Indian Nationals for engagement of 01 (one) Sr. Manager (Business Development & Trade Promotion) on contractual basis in Paradip Port Authority.
For further details, visit our website https://www.paradip-port.gov.in/Carrer.aspx .
PPA/PR/238/2022-23 Sd/- Dy. Secretary,
Dt. 29/03/2023 Paradip Port Authority

PARADIP PORT AUTHORITY
PARADIP PORT-754142,Odisha (India)
ADMINISTRATIVE DEPARTMENT
(Estate Wing)
AD/EST/GENL-01/2021/1010 Dt.28.03.2023
E-Tender Notice
An e-Tender notice invites bids for the work "Providing field/office assistance for Estate Works for a period of 2 (Two) years" is available in the website from 29.3.2023 to 19.04.2023. Interested bidders may log on the website:- https://eprocure.gov.in./eprocure/app.
Sd./-
PPA/PR/239/2022-23 Sr.Asst.Estate Manager
29/3/23 Paradip Port Authority

NOTICE
This is to bring to the notice of all concerned that Environmental Clearance (EC) under the provisions of the EP Act, 1986 has been accorded in favour of M/s River Front Developers Private Limited, Plot No.-11-3B/1326, 1st Floor, CDA, Sector-11, Cuttack-753014, for the setting up of Proposed Residential Project DIONS TWIN TOWER over Revenue Plot No. 34(P) & 32(P) at Mouza Bidhyadharpur under Sector-11, Cuttack Sadar, Odisha by SEIAA (State Level Environment Impact Assessment Authority), Bhubaneswar, Odisha vide EC Identification No. : EC23B038OR193379 dated 14.03.2023. Copies of EC are available at State Pollution Control Board & SEIAA Website- http://www.orissaseiaa.gov.in/

NOTICE
This is to bring to the notice of all concerned that Environmental Clearance (EC) under the provisions of the EP Act, 1986 has been accorded in favour of M/s River Front Developers Private Limited, Plot No.-11-3B/1326, 1st Floor, CDA, Sector-11, Cuttack-753014 for the setting up of Proposed Residential Cum Commercial Apartment DIONS SKYWALK ( Integrated envelope 3B+GF (commercial) upper stilt + First Floor ( Amenity Floor) + SF ( Service Floor) + 4 towers of 22 multistoried residential apartment building by SEIAA (State Level Environment Impact Assessment Authority), Bhubaneswar, Odisha vide EC Identification No. : EC23B038OR186298 dated 14.03.2023. Copies of EC are available at State Pollution Control Board & SEIAA Website- http://www.orissaseiaa.gov.in/

ପୂର୍ବ ତଟ ରେଳପଥ
ଫାଇଲ ସଂ. DRM/Engg/KUR/22-23/ E-Tender/172, ତା.24.03.2023ରିଖ
(1) ଟେଣ୍ଡର ସଂ. etender-North-KUR-477-2022, ତା.23.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ ଷ୍ଟେସନରେ 12 M ପ୍ରସ୍ଥ ବିଶିଷ୍ଟ ଫୁଟ ଓଭର ବ୍ରିଜର ବ୍ୟବସ୍ଥା (ଅମୃତ ଭାରତ ଯୋଜନା ସମ୍ବନ୍ଧୀୟ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 931.82 ଲକ୍ଷ, EMD : ₹ 6,15,900/-
(2) ଟେଣ୍ଡର ସଂ. etender-North-KUR-478-2022, ତା.23.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯାଜପୁର କେନ୍ଦୁଝର ରୋଡ୍ (JJKR) ଷ୍ଟେସନରେ 12 M ପ୍ରସ୍ଥ ବିଶିଷ୍ଟ ଫୁଟ ଓଭର ବ୍ରିଜର ବ୍ୟବସ୍ଥା (ଅମୃତ ଭାରତ ଯୋଜନା ସମ୍ବନ୍ଧୀୟ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 866.71 ଲକ୍ଷ, EMD : ₹ 5,83,400/-
ଶେଷ ହେବା ଅବଧି : 06 (ଛଅ) ମାସ (ଉଭୟ କ୍ରମ ସଂଖ୍ୟା ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.04.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା / ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-1120/N/22-23

ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୨୨/୨୩/୨୪ ତାରିଖ: ୩୦।୦୩।୨୦୨୩
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧ | ପାର୍ସଲ | ଲିଜ୍-କେଜିପି-୨୩-୨୨ | ୧୧।୦୪।୨୦୨୩ | ୧୨.୦୦ ଘଟିକା | ୧୩.୨୦ ଘଟିକା |
| ୨ | ପାର୍ସଲ | ଲିଜ୍-କେଜିପି-୨୩-୨୩ | ୧୨।୦୪।୨୦୨୩ | ୧୧.୦୦ ଘଟିକା | ୧୫.୩୦ ଘଟିକା |
| ୩ | ପାର୍ସଲ | ଲିଜ୍-କେଜିପି-୨୩-୨୪ | ୧୪।୦୪।୨୦୨୩ | ୧୧.୦୦ ଘଟିକା | ୧୬.୩୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-1240) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

ପୂର୍ବ ତଟ ରେଳପଥ
ମଇ-2023 ପାଇଁ ଇ-ନିଲାମ କାର୍ଯ୍ୟସୂଚୀ
ଇ-ନିଲାମର ଅନୁସୂଚୀ

| ମାସ | ମୁଖ୍ୟାଳୟ/ମଣ୍ଡଳ | ତାରିଖ |
|---|---|---|
| ମଇ-2023 | ଡିପୋ ମଞ୍ଚେଶ୍ୱର | 02.05.23, 09.05.23, 16.05.23 & 23.05.23 |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 03.05.23, 10.05.23, 17.05.23 & 25.05.23 |
| | ୱାଲ୍ଟିୟର ମଣ୍ଡଳ | 04.05.23, 11.05.23, 18.05.23 & 26.05.23 |
| | ସମ୍ବଲପୁର ମଣ୍ଡଳ | 08.05.23, 15.05.23, 22.05.23 & 29.05.23 |

'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଙ୍ଗସ୍ (ସୁଇଚ୍, କ୍ରସିଙ୍ଗସ୍, ଫିସ୍ ପ୍ଲେଟସ୍, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱର୍କସପ୍ ସ୍କ୍ରାପ୍ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ ଏବଂ ବୋରିଙ୍ଗ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍ - ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ୍, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଲୱେ ବିଦ୍ୟୁତୀକରଣର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଳବାଇ ପ୍ରଶାସନର ଅନ୍ୟ ଆଇଟମ୍‌ଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି। ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ବଳିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ହେବ।
PR-1119/N/22-23 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

ଭାରତ ସରକାର
କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ
ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ
ୱେଷ୍ଟ ବ୍ଲକ୍-୭, ଆର୍.କେ.ପୁରମ୍, ନୂଆଦିଲ୍ଲୀ-୧୧୦୦୬୬
ଟେଲି: ୦୧୧-୨୦୮୬୨୩୫୬ ଏକ୍ସଟେନ୍‌ସନ୍- ୨୧୨/୨୩୫/୨୩୬/୨୮୧
କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ ବର୍ଷ ୨୦୨୨ ନିମନ୍ତେ **ଶିକ୍ଷା ପୁରସ୍କାର ଯୋଜନା** ଏବଂ **ହିନ୍ଦୀତର ଭାଷୀ ହିନ୍ଦୀ ଲେଖକ ପୁରସ୍କାର ଯୋଜନା** ଅଧୀନରେ ପ୍ରତ୍ୟେକ ଏକ ଲକ୍ଷ ଟଙ୍କାର ଯଥାକ୍ରମେ ୦୫ ଓ ୧୯ଟି ପୁରସ୍କାର ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି। ସବିଶେଷ ସୂଚନା, ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍: www.chd.education.gov.in ପରିଦର୍ଶନ କରନ୍ତୁ। ଦରଖାସ୍ତ ଏବଂ ଘୋଷଣା ଫର୍ମ ଏହି ବିଜ୍ଞାପନ ଜାରି ହେବା ତାରିଖରୁ ୬୦ ଦିନ ମଧ୍ୟରେ ପ୍ରାପ୍ତ ହେବା ଆବଶ୍ୟକ।
CBC 21252/11/0006/2223

ୟୁକୋ ବ୍ୟାଙ୍କ
ଶହୀଦ ନଗର ଶାଖା
ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଟେଣ୍ଡର ଆହ୍ୱାନକାରୀ ବିକ୍ରୟ ବିଜ୍ଞପ୍ତି
ଯେହେତୁ **ଋଣଗ୍ରହୀତା: ମେସର୍ସ ଆୟୁଷୀ ବେଭେରେଜେସ୍ ପ୍ରା.ଲି:,** ସା: ପ୍ଲଟ୍ ନଂ.: ୨/୧୪୭, ୧ମ ମହଲା, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, **ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖା**ରୁ ଋଣ ନେଇ ପରିଶୋଧ କରିବାରେ ଖିଲାପ କରିଛନ୍ତି। ତେଣୁ ୟୁକୋ ବ୍ୟାଙ୍କ, ପ୍ଲଟ୍ ନଂ.: ୨୮୫/୧୬୭୯, ମୌଜା: ନଗରୀ, କଟକ ସଦର, କଟକ, ଓଡ଼ିଶା ଠାରେ ଅବସ୍ଥିତ ଥିବା ଅସ୍ଥାବର ସମ୍ପତ୍ତି (**ପ୍ୟାକେଜଡ୍ ଡ୍ରିଙ୍କିଙ୍ଗ୍ ୱାଟରର କଳକବ୍ଜା ଏବଂ ଯନ୍ତ୍ରପାତିଗୁଡ଼ିକ**)ର ବିକ୍ରୟ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ଟେଣ୍ଡର ଆହ୍ୱାନ କରୁଅଛି। ଯନ୍ତ୍ରପାତିଗୁଡ଼ିକର **ସଂରକ୍ଷିତ ମୂଲ୍ୟ ଟ.୯,୧୯,୭୦୦/- (ନଅ ଲକ୍ଷ ଉଣେଇଶ ହଜାର ସାତ ଶହ ଟଙ୍କା ମାତ୍ର)** ଠାରୁ କମ୍ ମୂଲ୍ୟରେ ଯନ୍ତ୍ରପାତିଗୁଡ଼ିକୁ ବିକ୍ରୟ କରାଯିବ ନାହିଁ। ଯନ୍ତ୍ରପାତିଗୁଡ଼ିକର କ୍ରୟ ନିମନ୍ତେ ଆଗ୍ରହୀ ବ୍ୟକ୍ତିମାନେ ସେମାନଙ୍କର ଜଉମୁଦ୍‌ଦିଆ ଟେଣ୍ଡରଗୁଡ଼ିକୁ **ତା.୧୫.୦୪.୨୦୨୩ରିଖ ସୁଦ୍ଧା ଶାଖା ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖା** ନିକଟରେ **ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖା ସପକ୍ଷରେ ଡ୍ରିମାଣ୍ଡ ଡ୍ରାଫ୍ଟ ଡ୍ର କରି ଅମାନତ ଜମା ଟ.୯୧,୯୭୦/- (ସଂରକ୍ଷିତ ମୂଲ୍ୟର ୧୦%)** ସହିତ ଦାଖଲ କରିବେ। ଅମାନତ ଜମା ବିନା ଗ୍ରହଣ କରାଯାଇଥିବା ଟେଣ୍ଡରଗୁଡ଼ିକୁ ରଦ୍ଦ କରାଯିବ। ଗ୍ରହଣ କରାଯାଇଥିବା ଟେଣ୍ଡରଗୁଡ଼ିକ **ତା.୧୭.୦୪.୨୦୨୩ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖା** ଠାରେ ଖୋଲାଯିବ। ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀ ଟେଣ୍ଡର ଦ୍ୱାରା ପ୍ରାପ୍ତ କରିଥିବା ସର୍ବୋଚ୍ଚ ବିଡ୍/ଅଫର ଠାରୁ ଅଧିକ ରାଶି ପାଇଁ ପରବର୍ତ୍ତୀ ବିଡ୍/ଅଫର ଡାକିବା ନିମନ୍ତେ ଟେଣ୍ଡର ଦାଖଲ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବସାଧାରଣ ନିଲାମ ଡାକିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏହି ପରବର୍ତ୍ତୀ ବିଡ୍ ନିଲାମ ଡାକ ଅଧିକାର ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସ୍ୱତନ୍ତ୍ର ଅଧିକାର ଅଟେ। ସର୍ବାଧିକ ମୂଲ୍ୟ ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ଯନ୍ତ୍ରପାତିଗୁଡ଼ିକ ବିକ୍ରୟ କରାଯିବ। ସଫଳ ନିଲାମଧାରୀ / କ୍ରେତା ସମସ୍ତ ବିକ୍ରୟ ମୂଲ୍ୟ ବିକ୍ରୟ ସମାପ୍ତ ହେବା ସଙ୍ଗେ ସଙ୍ଗେ ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଜମା କରିବେ ଏବଂ ଯଦି ବିକ୍ରୟ ସମାପ୍ତ ହେବା ପରେ ବଳକା ରାଶି ପଇଠ ନ କରନ୍ତି, ତେବେ ଜମା କରିଥିବା ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ବ୍ୟାଙ୍କ ପୁନର୍ବାର ଏହି ଯନ୍ତ୍ରପାତିଗୁଡ଼ିକୁ ବିକ୍ରୟ କରିବା ପାଇଁ ପଦକ୍ଷେପ ନେବ। ଯନ୍ତ୍ରପାତିଗୁଡ଼ିକ ଉପରେ କୌଣସି ଏନ୍‌କମ୍ବ୍ରାନସେସ୍ ନଥିବା ଉପରୋକ୍ତ ଶାଖାକୁ ଜଣାଅଛି। ଯନ୍ତ୍ରପାତିଗୁଡ଼ିକର ଯାଞ୍ଚ ନିମନ୍ତେ ଆଗ୍ରହୀ ପକ୍ଷମାନେ ଯେକୌଣସି କାର୍ଯ୍ୟ ଦିବସରେ ଉପରୋକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରୁ ପ୍ରାକ୍ ଅନୁମତି/ପରାମର୍ଶ କରି **ତା.୧୫.୦୪.୨୦୨୩ରିଖ ସୁଦ୍ଧା କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ** ଯନ୍ତ୍ରପାତିଗୁଡ଼ିକୁ ଯାଞ୍ଚ କରିପାରିବେ। କ୍ରେତା ବିକ୍ରୟ ନିମନ୍ତେ ଆବଶ୍ୟକୀୟ ଦଲିଲ ପାଇଁ କୌଣସି ସ୍ଥାନୀୟ ଟିକସ, ଏକସାଇଜ୍ ଡ୍ୟୁଟି ଏବଂ ଅନ୍ୟ କୌଣସି ବୈଧାନିକ ଦେୟ, ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେସନ ଦେୟ ଆଦି ଖର୍ଚ୍ଚ ବହନ କରିବେ। ଯନ୍ତ୍ରପାତିଗୁଡ଼ିକ **"ଯେଉଁଠାରେ ଯେପରି ଅଛି" ଭିତ୍ତିରେ ଏବଂ "ଯେଉଁଠାରେ ଯେପରି ଅଛି" ଅବସ୍ଥାରେ** ବିକ୍ରୟ କରାଯିବ। ଯନ୍ତ୍ରପାତିଗୁଡ଼ିକର ବିକ୍ରୟ ପାଇଁ ବ୍ୟାଙ୍କର ନିଷ୍ପତ୍ତି ଚୂଡାନ୍ତ, ବାଧ୍ୟତାମୂଳକ ଏବଂ ପ୍ରଶ୍ନାତୀତ। କୌଣସି କାରଣ ନଦର୍ଶାଇ ବିକ୍ରୟକୁ ବାତିଲ କିମ୍ବା ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି। **ପ୍ୟାକେଜଡ୍ ଡ୍ରିଙ୍କିଙ୍ଗ୍ ୱାଟରର କଳକବ୍ଜା ଏବଂ ଯନ୍ତ୍ରପାତିଗୁଡ଼ିକର** କ୍ରୟ ନିମନ୍ତେ ଆଗ୍ରହୀ ନିଲାମଧାରୀମାନେ ଟେଣ୍ଡର ଗୁଡ଼ିକୁ ନିର୍ଦ୍ଧାରିତ ଫର୍ମରେ ଦାଖଲ କରିବେ, ଯାହାକି ଉପରଦର୍ଶିତ ଶାଖା ପରିଚାଳକଙ୍କ ଠାରୁ ପାଇପାରିବେ।
ସ୍ଥାନ : ଭୁବନେଶ୍ୱର
ତାରିଖ : ୩୧.୦୩.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖା

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय, 102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, जमशेदपुर के निविदा आमंत्रण संख्या– 185/2022-23/ RWD/JAMSHEDPUR, दिनांक– 19.12.2022, PR NO.- 285542 द्वारा प्रकाशित निविदा में आईडेन्टीफिकेशन संख्या– RWD/ JAMSHEDPUR/17/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294040 (Rural Work Department)22-23*D

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय, 102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, लातेहार के निविदा आमंत्रण संख्या–112/RI/ 2022-23/RWD/ LATEHAR, दिनांक–03.01.2023, PR NO.-286605 द्वारा प्रकाशित निविदा में आईडेन्टीफिकेशन संख्या–RWD/LATEHAR/02/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294065 Rural Work Department(22-23)D

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय, 102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– 208/2022-23/RWD/CHATRA, दिनांक– 02.01.2023, PR NO.- 286517 द्वारा प्रकाशित निविदा में आईडेन्टीफिकेशन संख्या– RWD/CHATRA/10/2022-23एवं RWD/ CHATRA/11/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294120 Rural Work Department(22-23)D

"ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ । କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ । ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା । ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା । **-ଶ୍ରୀଅରବିନ୍ଦ**



# ତଦନ୍ତ କରିବେ ପୂର୍ବତନ ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦେଶରେ ବାବୁମାନଙ୍କ ମଧ୍ୟରେ ଦୁର୍ନୀତି ଓ ସର୍ଭିସ୍ ନିୟମଗୁଡ଼ିକର ଉଲ୍ଲଂଘନ କରିବା ଘଟଣା ବଢ଼ିଚାଲିଛି । ଏଥିପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) କାର୍ଯ୍ୟରତ ଆଇଏଏସ୍ ଅଧିକାରୀମାନଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକର ତଦନ୍ତ ଲାଗି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀମାନଙ୍କୁ ଆମନ୍ତ୍ରଣ କରିବାକୁ ନିଷ୍ପତ୍ତି ନେଇଛି । ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସାଧାରଣରେ ବିଶ୍ୱାସ ଫେରାଇ ଆଣିବା ସହ ଦୁର୍ନୀତି ଓ ସର୍ଭିସ୍ ରୁଲ୍ସ ଉଲ୍ଲଂଘନ ଅଭିଯୋଗର ସମାଧାନ ତୁରନ୍ତ କରିବ ବୋଲି ନିଶ୍ଚିତ କରିବାକୁ ଚାହୁଁଛି । ପ୍ରକୃତ କଥା ହେଉଛି, ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗତ ୬ ମାସରେ ଦୁର୍ନୀତି ସମ୍ପୃକ୍ତି ମାମଲାରେ ବହୁ ଆଇଏଏସ୍ ଅଧିକାରୀଙ୍କୁ ଗିରଫ କରି ତ୍ୱରିତ ପଦକ୍ଷେପ ନେବାରେ କେନ୍ଦ୍ର ଗୁରୁତ୍ୱ ଦେଇଛି । ୨୦୧୧ ଏବଂ ୨୦୨୧ ମଧ୍ୟରେ ସିବିଆଇ କେନ୍ଦ୍ରର ନ୍ୟାୟିକ କ୍ଷମତା ଅଧୀନରେ ୮୦୫ ବରିଷ୍ଠ ବାବୁଙ୍କ ବିରୋଧରେ ୬୬୨ ଅଭିଯୋଗପତ୍ର ଦାୟର କରିଥିଲା । ଏହାସହ ଜାନୁୟାରୀ ୨୦୧୮ ଏବଂ ଜୁନ୍ ୨୦୨୧ ମଧ୍ୟରେ ୫୫ ଜଣ କାର୍ଯ୍ୟରତ ଅଧିକାରୀଙ୍କ ସମେତ ୯୬ ଜଣଙ୍କ ବିରୋଧରେ ୮୪ଟି ମାମଲାର ଅଭିଯୋଗପତ୍ର ଦାଖଲ କରାଯାଇଥିଲା । କେବଳ ଗତ ୬ ମାସରେ ସିବିଆଇ କିମ୍ବା ଇଡି ଛତିଶଗଡ଼, କେରଳ, ପଞ୍ଜାବ, ଝାଡ଼ଖଣ୍ଡ ଏବଂ ହରିୟାଣାରୁ ୭ ଜଣ ଆଇଏଏସ୍ ଅଧିକାରୀଙ୍କୁ ବିଭିନ୍ନ ଦୁର୍ନୀତି ମାମଲାରେ ଗିରଫ କରିଛି । ଡିଓପିଟି ସଚିବ ଏସ୍. ରାଧା ଚୌହାନ କହିଛନ୍ତି , ତଦନ୍ତ କମିଟିଗୁଡ଼ିକରେ ଅଭିଜ୍ଞ ଅବସରପ୍ରାପ୍ତ ଅଧିକାରୀମାନେ କାମ କରୁଛନ୍ତି, ଯେଉଁମାନେ ପ୍ରତ୍ୟେକ ମାମଲାରେ ଏକ ଉଚିତ୍ ପଦ୍ଧତି ଅନୁସରଣ ହେଉଥିବା ନିଶ୍ଚିତ କରିବେ । ପଦକ୍ଷେପଗୁଡ଼ିକ ସଫଳ ହେବାର ସମ୍ଭାବନା ଅଛି କି ? ବରିଷ୍ଠ ବାବୁମାନେ ସେମାନଙ୍କ ନିଜ ଗୋଷ୍ଠୀର ଲୋକଙ୍କ ବିରୋଧରେ ଥିବା ଗମ୍ଭୀର ଅଭିଯୋଗଗୁଡ଼ିକର ନିଷ୍ପକ୍ଷ ଭାବେ ତଦନ୍ତ କରିବେ ବୋଲି ତୁମେ ଆଶା କରୁଛ କି?

### ପଦବୀ ଦୌଡ଼

ମହାରାଷ୍ଟ୍ରର ମୁଖ୍ୟ ଶାସନ ସଚିବ ପଦବୀ ପାଇଁ ଦୌଡ଼ ତୀବ୍ର ହେଉଛି । ଏହି ପ୍ରତିଷ୍ଠିତ ପଦବୀ ପାଇଁ ୧୯୮୭ ବ୍ୟାଚର ଆଇଏଏସ୍ ଦମ୍ପତି ମନୋଜ ସୌନିକ ଓ ସୁଜାତା ସୌନିକ ପ୍ରତିଯୋଗିତାରେ ଅଛନ୍ତି । ଏବକାର ମୁଖ୍ୟ ଶାସନ ସଚିବ ମନୁକୁମାର ଶ୍ରୀବାସ୍ତବ ଏପ୍ରିଲ ୩୦ରେ ପଦାବନତ ହେବାର ଅଛି । ଏଣୁ ତାଙ୍କ ଉତ୍ତରାଧିକାରୀ ସୌନିକ ଦମ୍ପତିଙ୍କ ମଧ୍ୟରୁ ଜଣେ ହେବାର ସମ୍ଭାବନା ଅଛି କିମ୍ବା ଅତିରିକ୍ତ ମୁଖ୍ୟ ସଚିବ (ରାଜସ୍ୱ) ନୀତିନ ଏନ୍. କରିର୍ ହୋଇପାରନ୍ତି । ମହାରାଷ୍ଟ୍ର ମୁଖ୍ୟ ଶାସନ ସଚିବ ପଦବୀରେ ସବୁବେଳେ ପୁରୁଷମାନଙ୍କୁ ନିଯୁକ୍ତ କରାଯାଇଛି । ଏଣୁ ସୁଜାତା ସୌନିକ ଯଦି ଉକ୍ତ ପଦବୀରେ ନିଯୁକ୍ତି ପାଆନ୍ତି ତେବେ ପୁରୁଷପ୍ରାଧାନ୍ୟ ଧାରାକୁ ଭାଙ୍ଗି ସେ ମହାରାଷ୍ଟ୍ରର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ହେବେ । ସୂତ୍ରରୁ ପ୍ରକାଶ , ମନୋଜଙ୍କର ତ୍ୱରିତ ବିଚାର ଓ ପ୍ରଭାବୀ ନୀତିନିର୍ଦ୍ଧାରଣ ଦକ୍ଷତା ପାଇଁ ତାଙ୍କୁ ଉଭୟ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଉପ-ମୁଖ୍ୟମନ୍ତ୍ରୀ ଫଡ୍‌ନବିସ ସମର୍ଥନ କରୁଛନ୍ତି । ନିଯୁକ୍ତି ଘୋଷଣା ଏବେ ବି ବାକି ଅଛି ଓ ଏହା ମଧ୍ୟରେ ଅନେକ କିଛି ଘଟିପାରେ । ଏପରିକି ଏହି ପଦବୀ ଲାଗି ଅନ୍ୟ ଯୋଗ୍ୟ ପ୍ରାର୍ଥୀମାନେ ସାମ୍ନାକୁ ଆସିପାରନ୍ତି । ଏବକାର ମୁଖ୍ୟ ଶାସନ ସଚିବ ପରବର୍ତ୍ତୀ ମୁଖ୍ୟ ସୂଚନା ଅଧିକାରୀ( ସିଆଇସି) ପଦ ଲାଗି ପ୍ରତିଯୋଗିତା କରିବାର ସମ୍ଭାବନା ଥିବା ବିଶ୍ୱାସ କରାଯାଏ । ତେବେ ଏଭଳି ନିଯୁକ୍ତି ପାଇଁ ଅପେକ୍ଷାର କୌତୂହଳ ଦିଗଟି ହେଉଛି, ରାଜ୍ୟରେ ଦୁଇ କ୍ଷମତା କେନ୍ଦ୍ର ସିନ୍ଦେ ଓ ଫଡ୍‌ନବିସ୍ ଉଭୟଙ୍କ ସହ ଯିଏ କାମ କରିପାରିବ ସେ ହିଁ ହେବ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ।

### ଆଇବିରେ ପରିବର୍ତ୍ତନ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ୧୦ ଜଣ ଆଇପିଏସ୍ ଅଧିକାରୀଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ( ଆଇବି)ର 'ହାର୍ଡ-କୋର୍' ମଧ୍ୟରେ ସାମିଲ କରିଛି । 'ହାର୍ଡ-କୋର'ଶବ୍ଦ ଅଡୁଆ ଲାଗୁଥାଇପାରେ ଓ ଆଇବିରେ ଏହା ଏକ ସ୍ୱତନ୍ତ୍ର ଆଭିଜାତ୍ୟ ବର୍ଗ ବୋଲି ମନେ ବି ହେଉଥାଇପାରେ, କିନ୍ତୁ ଏଥିରେ ଯେଉଁ ଅଧିକାରୀମାନେ ରହିବେ ସେମାନେ ଆଇବିରେ ଅବସର ନେବା ଯାଏ ସେବା କରିବାର ସମ୍ଭାବନା ଅଛି । ଏଭଳି ପଦକ୍ଷେପରେ ଏମ୍‌ଏଚ୍‌ଏର ଉଦ୍ଦେଶ୍ୟ କ'ଣ ରହିଛି ତାହାକୁ ନେଇ ପ୍ରଶ୍ନ ଉଠିଛି । ଏହା ପଛରେ ଥିବା କାରଣଗୁଡ଼ିକ ସମ୍ପୂର୍ଣ୍ଣ ସ୍ପଷ୍ଟ ହେଇନଥିବାବେଳେ ଦୁଇଟି ସମ୍ଭାବ୍ୟ କାରଣ ଥିବା କୁହାଯାଉଛି । ଗୋଟିଏ ହେଉଛି, ଉଭୟ ଦେଶ ଓ ବିଦେଶରୁ ବଢୁଥିବା ବିପଦକୁ ଦୃଷ୍ଟିରେ ରଖି ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ କେନ୍ଦ୍ର ଚାହୁଁଛି । ନିକଟରେ କଶ୍ମୀରରେ କିରଣ ପଟେଲ ଖସିଯିବା ଓ ପଞ୍ଜାବରେ ଅମ୍ରିତପାଲ ସିଂ ଧରା ନ ପଡ଼ିବା ଘଟଣା ଇଣ୍ଟେଲିଜେନ୍ସର ବିଫଳତାକୁ ଦର୍ଶାଇଛି । ସାମ୍ପ୍ରତିକ ସ୍ଥିତିରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ଆହ୍ୱାନଗୁଡ଼ିକୁ ଟାଳିବା ପାଇଁ ଆଇବିକୁ ସାହାଯ୍ୟ କରିବା ଲାଗି ନୂଆ ପ୍ରତିଭା ଓ ବିଶେଷଜ୍ଞ ଆଣିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲା ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି । ଆଉ ଏକ ସମ୍ଭାବନା ହେଉଛି, ଆଇବିରେ ଖାଲି ଥିବା ପ୍ରମୁଖ ପଦବୀଗୁଡ଼ିକୁ ପୂରଣ କରିବାକୁ ସରକାର ଚାହୁଁଛନ୍ତି । ଏକ ନୂଆ ଗୋଷ୍ଠୀର ଆଇପିଏସ୍ ଅଧିକାରୀଙ୍କୁ ଆଇବିକୁ ଆଣି ମନ୍ତ୍ରଣାଳୟ କର୍ମଚାରୀ ସଙ୍କଟ ଦୂର କରିବା ଏବଂ ଆଇବି ସମ୍ପୂର୍ଣ୍ଣ ଦକ୍ଷତାର ସହ କାର୍ଯ୍ୟ କରାଇବା ଲାଗି ସକ୍ଷମ କରିବାକୁ ମନ୍ତ୍ରଣାଳୟ ଆଶା ରଖିଥାଇପାରେ । କିନ୍ତୁ କେବଳ ଏହି ପରିବର୍ତ୍ତନ ହେଉନାହିଁ, ବରଂ ଆଗକୁ ଆଇବି ଏକ ବଡ଼ ଧରଣର ଅଦଳବଦଳ ଓ ନିଯୁକ୍ତି ଦେଖିବାର ସମ୍ଭାବନା ଥିବା କଥା ବି ଉଠୁଛି ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | 1 | | |
| | | 6 | | | | | | |
| | | 4 | | 6 | 8 | 9 | | 7 |
| 2 | | 7 | 1 | | | | | |
| | | | | 8 | | | 3 | |
| 3 | | | 7 | | | 5 | | |
| | 7 | | | | | | 2 | |
| | 8 | | | | | | | 9 |
| | 9 | | 5 | | 3 | | 7 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 2 | 1 | 6 | 9 | 5 | 4 | 8 |
| 9 | 5 | 1 | 8 | 4 | 3 | 6 | 7 | 2 |
| 6 | 4 | 8 | 7 | 2 | 5 | 3 | 1 | 9 |
| 7 | 1 | 6 | 2 | 5 | 8 | 4 | 9 | 3 |
| 8 | 3 | 5 | 4 | 9 | 7 | 1 | 2 | 6 |
| 2 | 9 | 4 | 6 | 3 | 1 | 7 | 8 | 5 |
| 1 | 6 | 7 | 5 | 8 | 2 | 9 | 3 | 4 |
| 5 | 2 | 3 | 9 | 7 | 4 | 8 | 6 | 1 |
| 4 | 8 | 9 | 3 | 1 | 6 | 2 | 5 | 7 |

ଗତକାଲିର ଉତ୍ତର

# ସଂକଳ୍ପ ଓ ସମୀକ୍ଷାର ଦିବସ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଭାଷାଭିତ୍ତିରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଜନ୍ମଲାଭ କରିଥିଲା । ଓଡ଼ିଶାର ଅତୀତ ଗୌରବ ସମୃଦ୍ଧମୟ । ୧୫୬୮ ମସିହା ପର୍ଯ୍ୟନ୍ତ ଓଡ଼ିଶା ସ୍ୱତନ୍ତ୍ର ରାଷ୍ଟ୍ର ମର୍ଯ୍ୟାଦା ପାଇଥିଲା । ୧୫୬୮ ମସିହାରେ ଶେଷ ସ୍ୱାଧୀନ ନରପତି ମୁକୁନ୍ଦ ଦେବଙ୍କର ଯାଜପୁର ସନ୍ନିକଟ ଗୋହିରାଟିକିରି ରଣକ୍ଷେତ୍ରରେ ପରାଜୟ ଓ ନିଧନ ପରେ ଓଡ଼ିଶାର ଭାଗ୍ୟଲିପି ଅସ୍ତମିତ ହୋଇଗଲା ବୋଲି କହିଲେ ଭୁଲ ହେବନାହିଁ । ପରବର୍ତ୍ତୀ ପର୍ଯ୍ୟାୟରେ ଆଫଗାନ୍, ମୋଗଲ, ମରହଟ୍ଟା ଏବଂ ପରିଶେଷରେ ବ୍ରିଟିଶମାନଙ୍କ ଦ୍ୱାରା ଶାସିତ ହେଲା ପରେ ସେହି ବ୍ରିଟିଶ ଶାସନ ସମୟରେ ବହୁ ଆନ୍ଦୋଳନ, ପ୍ରତୀକ୍ଷା ଓ ନିବେଦନ ପରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କରିଛି ।

ହଁ ! ଆମେ ଓଡ଼ିଆ, ଏବେ ମଧ୍ୟ ପୃଥିବୀର ଯେକୌଣସି ସ୍ଥାନରେ ଠିଆହୋଇ ସଗର୍ବେ କହିପାରୁ ଆମେ ଓଡ଼ିଆ । ପୃଥିବୀର କୋଡ଼ିଏଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଗୋଟିଏ । ସ୍ୱତନ୍ତ୍ର କଳାର ସୃଜନ (ଉତ୍କଳ ହେତୁ) ପଥର ନିହାଣରେ ଏହାର ଶିଳ୍ପୀ କୋଣାର୍କ, ଲିଙ୍ଗରାଜ ଏବଂ ଜଗନ୍ନାଥ ଆଦି ବିରାଟ ମନ୍ଦିର ନିର୍ମାଣ କରିପାରିଛି । କୋଣାର୍କକୁ ଦେଖି ରବୀନ୍ଦ୍ରନାଥ ଟାଗୋର କହିଥିଲେ, ଏଠାରେ ପ୍ରସ୍ତରର ଭାଷା ଆଗରେ ମନୁଷ୍ୟର ଭାଷା ପରାଜୟ ବରଣ କରିଛି । ପ୍ରେମ, ସଦ୍‌ଭାବ ଓ ସୃଜନଶୀଳ ବୀରତ୍ୱର ପରିବେଶ ମଧ୍ୟରେ କିପରି ଏକ ଜାତି ବଞ୍ଚିରହେ ତା'ର ଜ୍ୱଳନ୍ତ ନିଦର୍ଶନ ହେଉଛି କୋଣାର୍କ ମନ୍ଦିର ।

ସାତ ସମୁଦ୍ର ତେର ନଈ ପାରି ହୋଇ ଦେଶବିଦେଶରେ ଓଡ଼ିଆମାନେ ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ । ଏହି ଜାତି ଗଢ଼ିଛି ଅଧାଗଢ଼ା ତିନି ଠାକୁର । ଆମେ ତ ମଣିଷ ; କିପରି ଗଢ଼ିପାରିବୁ ପୂର୍ଣ୍ଣ ଈଶ୍ୱର । ଆମର ଏଇ ସରଳ ଠାକୁର ମଧ୍ୟରେ ସବୁ ଧର୍ମ, ସବୁ ମତ, ସବୁ ପଥ ନିଜ ଅସ୍ତିତ୍ୱ ହରେଇ ଦେଇଛନ୍ତି । ସେଥିପାଇଁ ସେଦିନ ଭକ୍ତକବି ଜଗନ୍ନାଥ ଦାସ କହିଥିଲେ-

"ଦେଖ ଏ ଯେତେ ନଦନଦୀ ।
ପ୍ରବାହେ ମିଳନ୍ତି ଜଳଧି ॥
ଲବଣ ଜଳେ ସେ ମିଶନ୍ତି ।
ନିଜ ସ୍ୱଗୁଣ ପାସୋରନ୍ତି ॥"

ବାସ୍ତବରେ ସମୁଦ୍ରର ଲବଣାକ୍ତ ଜଳ ଭିତରେ ନଦୀ ତା'ର ସତ୍ତା ହରାଇଲା ଭଳି ଭାରତର ସକଳ ପ୍ରାନ୍ତର ଧର୍ମୀୟ ଚେତନା ଶ୍ରୀଜଗନ୍ନାଥଙ୍କ ଚେତନାରେ ନିଜ ସତ୍ତା ହରାଇଛି । ସେ ହୁଅନ୍ତୁ ବୌଦ୍ଧ, ଜୈନ, ଶିଖ୍ ଅବା ଖ୍ରୀଷ୍ଟିଆନ୍ । ଐତିହାସିକମାନେ ମଧ୍ୟ ସ୍ୱୀକାର କରନ୍ତି ଯେ, ପ୍ରଭୁ ଯିଶୁ କିଛିଦିନ ପାଇଁ ପୁରୀରେ ଅବସ୍ଥାନ କରିଥିଲେ । ଏଠାକୁ ନାନକ ଆସିଛନ୍ତି, ଚୈତନ୍ୟ ଆସିଛନ୍ତି, ଶଙ୍କର ଆସିଛନ୍ତି, ରାମାନୁଜ ଏବଂ ତୁଳସୀ ଦାସ ମଧ୍ୟ ଆସିଛନ୍ତି । ସମସ୍ତେ ଶ୍ରୀଜଗନ୍ନାଥଙ୍କ ମହିମାରେ ମହିମାନ୍ୱିତ ।



ସେଦିନ ଏ ପବିତ୍ର ମାଟିକୁ ଛୁଇଁ ଚଣ୍ଡାଶୋକ ଧର୍ମାଶୋକ ହୋଇଥିଲେ । ପୁରାଣ କହେ ଦ୍ୱାରକାର ଶାପଗ୍ରସ୍ତ ଶାମ୍ବ ଋଷି ଆଦେଶ ଘେନି ଆସିଥିଲେ ଶାପ ମୁକ୍ତିପାଇଁ ଅର୍କଭୂମି କୋଣାର୍କର କଦର୍ମକୁ ଦେହରେ ବୋଳିହୋଇ ଆରୋହଣ କରି ହୋଇଥିଲେ ଶାପମୁକ୍ତ । ମହାଭାରତ ଯୁଦ୍ଧ ପରେ ପାଣ୍ଡବ ପାଞ୍ଚ ଭାଇ ଭ୍ରାତୃହତ୍ୟା, ପିତୃହତ୍ୟା, ଗୁରୁହତ୍ୟା ଓ ବ୍ରହ୍ମହତ୍ୟା ମହାପାପରୁ ମୁକ୍ତି ପାଇଁ ଲୋମଷ ମୁନିଙ୍କ ଆଦର୍ଶରେ ଆସିଥିଲେ ଏ ମାଟିକୁ ; ମହାମାୟଙ୍କ ନାଭିପୀଠ ମା' ବିରଜାଙ୍କ ପାଖକୁ । ଏ ମାଟି ରାମାୟଣର ରାମଙ୍କୁ ମଧ୍ୟ କରିଛି ରମଣୀୟ । ରାବଣକୁ ହତ୍ୟା କରିଥିବା ଧନୁକୁ ରଘୁବୀର ଏକାମ୍ର କ୍ଷେତ୍ରରେ ଲିଙ୍ଗରାଜଙ୍କ ପୀଠରେ ମହାଦେବଙ୍କୁ ଅର୍ପଣ କରି ତାଙ୍କର ଶରଣ ପଶିଥିଲେ । ସେଥିପାଇଁ ଏକମାତ୍ର ଶୈବପୀଠ ଲିଙ୍ଗରାଜ ଚୂଡ଼ାରେ ଧନୁ ବିରାଜିତ । ଏ ପବିତ୍ର ଭୂମିର ଦାୟାଦ ଭାବେ ଆମେ କ'ଣ ଗର୍ବ ଅନୁଭବ କରୁନାହୁଁ?

ଏଇ ମାଟିର ପୁଅ ଭୀମଭୋଇଙ୍କର କବିତା ସ୍ୱର୍ଣ୍ଣିମ ଅକ୍ଷରରେ ଜାତିସଂଘରେ ଖୋଦିତ ହୋଇଛି, 'ମୋ ଜୀବନ ପଛେ ନର୍କେ...' । ସାରଳା ଦାସ ବିଶାଳ ଗ୍ରନ୍ଥ ମହାଭାରତ ରଚନାକରି ବେଦବ୍ୟାସ ପାଲଟିଯାଇଛନ୍ତି । ପୁଣି ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଶାର ଘରେ ଘରେ ଲୋକପ୍ରିୟ । ଜୟଦେବଙ୍କ କବିତାର ପଂକ୍ତି ପୂରଣ କରିଛନ୍ତି ସ୍ୱୟଂ ଜଗନ୍ନାଥ । ସମ୍ବଲପୁରର ମହାନ୍ କବି ଗଙ୍ଗାଧରଙ୍କ 'ତପସ୍ୱିନୀ', ସୂର୍ଯ୍ୟ ଭଳି ବିଶ୍ୱ ଆଧୁନିକ ସାହିତ୍ୟରେ ଗାଥା ପ୍ରଚାର କରୁଛି । ଆହୁରି ଅନେକ ସୁଯୋଗ୍ୟ ସନ୍ତାନସନ୍ତତି ଯଥା- ଫକୀରମୋହନ, ରାଧାନାଥ, ଗୋପବନ୍ଧୁ, ମଧୁସୂଦନ ଦାସ, ମଧୁସୂଦନ ରାଓ, ବିଦ୍ୟୁତପ୍ରଭା ଦେବୀ, କୁନ୍ତଳା କୁମାରୀ, ମନୋଜ ଦାସ, ମାୟାଧର ମାନସିଂ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ସାରସ୍ୱତ ସାଧିକା / ସାଧକଙ୍କର ସୃଷ୍ଟି ସମ୍ଭାରରେ ପଲ୍ଲବିତ ହୋଇଛି ଓଡ଼ିଆ ଭାଷା ସାହିତ୍ୟ । ଆଜି ସରକାର ମହିଳା ସଶକ୍ତୀକରଣ ବିଷୟରେ କହୁଛନ୍ତି । ଏହାର ପାଞ୍ଚଶହ ବର୍ଷ ପୂର୍ବରୁ ବଳରାମ ଦାସ, ମହିଳା ସଶକ୍ତୀକରଣ ବିଷୟରେ ଲକ୍ଷ୍ମୀପୁରାଣ ମାଧ୍ୟମରେ ଯେଉଁ ଗଣଆନ୍ଦୋଳନ ସୃଷ୍ଟି କରିଛନ୍ତି ତାହା କ'ଣ ଉଲ୍ଲେଖଯୋଗ୍ୟ ନୁହେଁ କି?

ସିପାହୀ ବିଦ୍ରୋହର ଯଥେଷ୍ଟ ପୂର୍ବରୁ ଇଂରେଜ ଶାସକ ବିରୋଧରେ ଓଡ଼ିଆ ତେଜିଥିଲା ପାଇକ ବିଦ୍ରୋହ । ଏ ଭୂମି ଭବ୍ୟଭାରତ ଆତ୍ମା ବୋଲି ଶ୍ରୀରାମକୃଷ୍ଣ ବିବେକାନନ୍ଦଙ୍କୁ ଓଡ଼ିଶାକୁ (ଜଗନ୍ନାଥଧାମକୁ) ନ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ବିବେକାନନ୍ଦ ପଦବ୍ରଜରେ ସମଗ୍ର ଭାରତ ବୁଲିଥିଲେ ଓ ପ୍ରତିନିଧି ହୋଇ ବିଶ୍ୱରେ ଭାରତ ମହିମାର ଗାଥା ବର୍ଣ୍ଣନା କରିଥିଲେ ମଧ୍ୟ ଓଡ଼ିଶା ମାଟିକୁ ଆସି ନ ଥିଲେ । ଗୁରୁ କହିଥିଲେ, "ମୁଁ ଯାଇନି ; ତୁ ବି ଯିବୁ ନାହିଁ । ସେଠାକୁ ଥରେ ଗଲେ ଅଟକିଯିବୁ । ଯେଉଁ କାମ ପାଇଁ ଆସିଛୁ ତାହା ଆଉ କରିପାରିବୁନାହିଁ ।" ଏ ଆତ୍ମାର ଭୂମି ବୋଲି ତ ଏଠି ଏତେ ଆକର୍ଷଣ ; ଏଠି ଅବତାରୀ ବି ଅଟକିଯାଏ । ସେଦିନ କପିଳମୁନି କହିଗଲେ, "ଉତ୍କଳସ୍ୟ ସମଦେଶ, ଦେଶନାସ୍ତି ମହୀତଳେ ।" ଓଡ଼ିଆ ଭାଷା ଦକ୍ଷିଣ ଭାଷା ଭଳି କ୍ଷୀପ୍ର ନୁହେଁ କିମ୍ବା ଉତ୍ତର ଭାରତ ଭାଷା ପରି ଧୀର ମଧ୍ୟ ନୁହେଁ । ଏହା ମଧ୍ୟମ । ଏହା ଦକ୍ଷିଣ ଓ ଉତ୍ତର ଭାରତର ଏକ ଅଦ୍ଭୁତ ସମନ୍ୱୟ । ଓଡ଼ିଆର ଖାଦ୍ୟ ପୋଷାକ ପରିପାଟି ନିଜର ସ୍ୱତନ୍ତ୍ରତା ସତ୍ତ୍ୱେ ଉତ୍ତର ଭାରତର ଏକ ଅପୂର୍ବ ସମନ୍ୱୟ । ଆତ୍ମାର ଭୂମିରେ ଠିଆହୋଇ ମଧୁସୂଦନ ରାଓ ଲେଖିଗଲେ "ବିଶ୍ୱେ ଦେଖ, ମଧୁମୟରେ ଭୁବନ, ବିଶ୍ୱେ ଦେଖ ମଧୁମୟ ।" ମଧୁମୟୀ ମା' ଶ୍ରୀମାଙ୍କୁ ଜଣେ ପ୍ରଶ୍ନ କରିଥିଲେ, "ଅତିମାନସ ମହାଶକ୍ତିକୁ ଧାରଣ କରିବାକୁ କେଉଁ ଜାତିର ନାମ ପ୍ରଥମ ?" ଶ୍ରୀମା କିଛି ସମୟ ନୀରବ ରହି ଅସୀମ ଆକାଶକୁ ଚାହିଁ କହିଲେ 'ଓଡ଼ିଶା' । ଆଜି ଓଡ଼ିଶାର ଜୟନ୍ତୀ ପାଳନ ବେଳେ ଆମ ମନରେ ଦ୍ୱନ୍ଦ୍ୱ ଉପୁଜୁଛି । ଏହା ମଧ୍ୟ ସ୍ୱାଭାବିକ । ଆଜି ଓଡ଼ିଶାର କୋଟିଆର କିଛି ଗ୍ରାମପୁଞ୍ଜିକୁ ଆନ୍ଧ୍ର ନିଜର ବୋଲି ଦାବି କରୁଛି । ସେପଟେ ପଶ୍ଚିମାଞ୍ଚଳର କିଛି ଗ୍ରାମ ଛତିଶଗଡ଼ରେ ମିଶିବାକୁ ଅଣ୍ଟା ଭିଡ଼ିଲେଣି ବୋଲି ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର ହେଉଛି । ଏକ ସଂଘୀୟ ରାଷ୍ଟ୍ରରେ ଏସବୁ କଥା ଶୋଭା ପାଏନା । ବର୍ତ୍ତମାନ ସମୟ ଆସିଛି ଦଳମତ ନିର୍ବିଶେଷରେ ଏସବୁ ବିରୋଧରେ ପ୍ରତିବାଦର ସ୍ୱର ଶାଣିତ କରିବା ।

ସେଦିନ ଭାର୍ଗବୀ ନଦୀକୂଳରେ ଗୋପବନ୍ଧୁଙ୍କ ସମେତ ପଞ୍ଚସଖା ଏହି ଶପଥ ନେଇଥିଲେ ଯେ, ଆଜି ଆମେ ଓଡ଼ିଶାକୁ ଯେଉଁ ଅବସ୍ଥାରେ ଦେଖୁଛେ ମୃତ୍ୟୁବେଳକୁ ତାକୁ ଢେର୍ ଉନ୍ନତ ଅବସ୍ଥାରେ ଦେଖିବା । ଆଜି ଉତ୍କଳ ଦିବସ ପାଳନ ଅବସରରେ ଆମ ସମସ୍ତଙ୍କର ଏହାହିଁ ସ୍ୱପ୍ନ ହେବା ଆବଶ୍ୟକ ।

**ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ**
**ମୋ:୯୪୩୮୦୭୨୮୫୦**

# ଆମେ କ'ଣ ନୀରବ ରହିବା



ଡ.ମୌସୁମୀ ପରିଡ଼ା

ଅରାଜକତାର ବିଲୋପ କିମ୍ବା ମାନବିକତା ପ୍ରତିଷ୍ଠାକୁ ନେଇ ଆନ୍ଦୋଳନ କରିବା ଆବଶ୍ୟକ ମନେହୁଏ ବର୍ତ୍ତମାନ ସ୍ଥିତିରେ । କିନ୍ତୁ ପ୍ରଶ୍ନ -ଏଭଳି ଆନ୍ଦୋଳନ କରିବ କିଏ, କାହା ବିପକ୍ଷରେ ଏବଂ କାହା ପାଖରେ ? ମାନବିକତା, ଦୟାଭାବ, ସମ୍ବେଦନଶୀଳତା କିଣାବିକା କିମ୍ବା ପେଟପାଟଣା ସମ୍ପର୍କିତ ନୁହେଁ । କାଲିଠାରୁ ଯଦି ଏ ସମ୍ପର୍କିତ କିଣାବିକା ସଂସ୍ଥାଟିଏ ଗଢ଼ିଉଠନ୍ତା ତେବେ ହୁଏତ ସମ୍ବେଦନଶୀଳତା, ଦୟାଭାବ ମଣିଷଙ୍କ ଭିତରେ ଜାଗ୍ରତ ହୁଅନ୍ତା । ଯେହେତୁ ଏସବୁର ଅବମୂଲ୍ୟାୟନ ଘଟିଚାଲିଛି ତେଣୁ ସମ୍ବେଦନଶୀଳ ମଣିଷଟିଏ ଚୁପ୍ ରହିଯିବାକୁ ବାଧ୍ୟ ହେଉଛି । ନିଜପାଇଁ ବିପଦ ସୃଷ୍ଟି ନ କରି ସଚେତନ ଲୋକେ ଚୁପ୍ ରହିବାକୁ ବାଧ୍ୟ । ଆଜିକାଲିର ସମାଜରେ, ବ୍ୟବସ୍ଥା ନାମରେ ଅନେକ ଅବ୍ୟବସ୍ଥା ପ୍ରତ୍ୟହ କିଛି ଉଦ୍ଭ୍ରାନ୍ତ ଓ ବିଶୃଙ୍ଖଳିତ ଲୋକମାନଙ୍କୁ ଉତ୍ସାହିତ କଲାବେଳେ ସଚେତନଧର୍ମୀ ଲୋକଙ୍କୁ ଭୟ ଓ ଚିନ୍ତାରେ ପକାଉଛି, ଯାହାର ନିରାକରଣ ଅସମ୍ଭବ । ଏଥି ସମ୍ପର୍କରେ କିଛି ଲେଖିବା ଆବଶ୍ୟକ ।

ଯେଉଁମାନେ ଆଖିରେ ଅନ୍ଧପୁତୁଳି ବାନ୍ଧି ନୀରବ ରହିବାକୁ ବାଧ୍ୟ ହେଉଛନ୍ତି ସେମାନଙ୍କ ଅନୁଭୂତି ଅଦେଖା ଜାଗାର ଘା' ପରି ଯନ୍ତ୍ରଣାଦାୟକ କିନ୍ତୁ ନିଦାନର ଉପାୟ ନାହିଁ ବୋଲି ସେମାନଙ୍କ କ୍ଷୋଭ । ସେମାନଙ୍କ ଅସହାୟତା ଶୁଣିବାବେଳେ ମନେହେଉଛି ଇଂରେଜମାନେ ଆମ ଦେଶକୁ ଛାଡିଗଲେ ସିନା କିନ୍ତୁ ପ୍ରତିଟି ସ୍ଥାନରେ ଡିଭାଇଡ୍ ଆଣ୍ଡ୍ ରୁଲ୍‌ର ବୀଜ ବପନ କରି ବିଷ ଭରିଦେଲେ । ଆଜି ସେ ବିଷ-ବୀଜ ମହାଦ୍ରୁମ ହୋଇଛି । ସାରାଦେଶରେ ନିଜ ସ୍ଥିତି ବିସ୍ତାର କରି ସମସ୍ତଙ୍କ ରକ୍ତରେ ପ୍ରବାହିତ ହେଲାଣି । ଯାହାଠାରୁ ମୁକୁଳିବା ଅସମ୍ଭବ ।

ଜାନୁୟାରୀ ମାସରେ ପ୍ରକାଶିତ ଗ୍ରନ୍ଥ - 'ବରିଷ୍ଠମାନଙ୍କ ସମସ୍ୟା ଓ ପ୍ରତିକାର' ପରିପ୍ରେକ୍ଷୀରେ ଯେତୋଟି ଫୋନ୍ କଲ୍ ଆସିଥିଲା ସେଥି ମଧ୍ୟରୁ କିଛି ମନକୁ ଅଶାନ୍ତି କରିଦେଲା ପରି ଥିଲା । ସବୁ ପ୍ରକାଶ କରିବା ଅସମ୍ଭବ । ଜଣେ ବରିଷ୍ଠଙ୍କ ସମସ୍ୟା ଶୁଣି ଆମ ନିୟମକାନୁନ୍ ଓ ବ୍ୟବସ୍ଥାର ଅସଫଳତାକୁ ଅନୁଭବ କରିହେଉଥିଲା । ଜମିବାଡି ସମସ୍ୟା ଉପରେ ଆଧାରିତ ଥିଲା ତାଙ୍କ ସମସ୍ୟା । ଏହା କେବଳ ଜଣେ ଅବସରପ୍ରାପ୍ତ ବରିଷ୍ଠଙ୍କର ନୁହେଁ ଏଭଳି ଅନେକ ବ୍ୟକ୍ତିଙ୍କର ଯେଉଁମାନେ ନିଜ ଜମିକୁ ହାସଲ କରିବାକୁ ସବୁ ପ୍ରକାରର ଚେଷ୍ଟା କରି ମଧ୍ୟ ବିଫଳ । ଅବଶ୍ୟ ତାଙ୍କ ଜମିକୁ ଅସାଧୁ ଉପାୟରେ ହାସଲ କରିଥିଲେ ଜଣେ ପ୍ରଭାବଶାଳୀ ବ୍ୟକ୍ତି । ପୀଡିତ ଭଦ୍ରବ୍ୟକ୍ତି ଦୀର୍ଘ ବର୍ଷ ଧରି ପ୍ରଶାସନର ଦ୍ୱାରସ୍ଥ ହୋଇ ସୁଦ୍ଧା ସୁଫଳ ପାଇପାରି ନ ଥିଲେ ଯଦିଓ ଉକ୍ତ ଜମିର ମାଲିକ ସେ ନିଜେ ବୋଲି ତାଙ୍କ ପାଖେ ଯଥେଷ୍ଟ ପ୍ରମାଣ ରହିଥିଲା । ଥରଥର ସ୍ୱରରେ କହିଲେ- ମୋ ପରିବାର କହିଲେ ସ୍ତ୍ରୀ ଓ ବିବାହଯୋଗ୍ୟା ଝିଅଟିଏ । ମୋତେ ଭୟ ଲାଗୁଛି ଯେ ସେ ପ୍ରଭାବଶାଳୀ ବ୍ୟକ୍ତିଟି ମୋ ଉପରେ କେତେବେଳେ ମରଣାନ୍ତକ ଆକ୍ରମଣ କରିପାରେ । ନ୍ୟାୟ ପାଇଁ ଲଢ଼ିବାକୁ ସମ୍ବଳ ନାହିଁ ମୋ ପାଖରେ ।

ଆଉଜଣେ ବରିଷ୍ଠ ସରକାରୀ କ୍ୱାର୍ଟରରେ ବୋହୂ ପାଖରେ ରହୁଥିବାବେଳେ ସମାଜର ଗତିବିଧିକୁ ନେଇ ସନ୍ଦେହ ପ୍ରକଟ କରି କହିଲେ- ଆଜିକାଲି ବହୁତଳ କୋଠା ତିଆରି ହେଉଛି । ପ୍ରତିବର୍ଷ ସରକାରୀ କ୍ୱାର୍ଟର୍ସ ରିପ୍ୟାରିଂ ହେଉଛି । ନ ହୋଇପାରିଲେ ବି ଲୁଚାଛପାରେ ବିଲ୍ ତିଆରି ହୋଇ ରାଜସ୍ୱ ହରିଲୁଟ ହେଉଛି । ସେଆଡକୁ କାହାର ନିଘା ନାହିଁ । ହସ୍ପିଟାଲ୍‌ଗୁଡ଼ିକରେ ତ ବହୁତଳ ପ୍ରାସାଦ, ରୋଗୀମାନଙ୍କ ସଂଖ୍ୟାବୃଦ୍ଧି ସାଙ୍ଗକୁ ସୀମିତ ପରିସର । ସେଠାରେ ରହୁଥିବା କର୍ମଚାରୀମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଥିଲେ ତୁଣ୍ଡ ଖୋଲିବାକୁ ସାହସ କରିପାରୁନାହାନ୍ତି । କଣ୍ଟ୍ରାକ୍ଟର୍‌ମାନଙ୍କ ଭୟ ଓ ପ୍ରଶାସନିକ ସ୍ଥାଣୁତା ପାଇଁ ପରିସର ଭିତରେ ରହୁଥିବା ଲୋକମାନଙ୍କ ଜୀବନ ବିପଦରେ । ଶବ୍ଦ ପ୍ରଦୂଷଣ ସାଙ୍ଗକୁ ଧୂଳି ସିମେଣ୍ଟରେ ବରିଷ୍ଠବ୍ୟକ୍ତିଙ୍କର ଶ୍ୱାସରୋଗ ବାହାରିଛି । କାର୍ଯ୍ୟ ତଦାରଖ କରୁଥିବା ଓଡ଼ିଆ ପିଲାମାନେ ବୟସ୍କଙ୍କ ଅଭିଯୋଗ ଶୁଣି କହୁଛନ୍ତି- ଘର ତିଆରି କଲାବେଳେ ଶବ୍ଦ ହେବନି ତ କ'ଣ ହେବ ? ଯଦି କାମ ବନ୍ଦ କରିବାକୁ ଚାହୁଁଛ ପ୍ରଶାସକଙ୍କୁ କହୁନ । ଏଭଳି ଅପ୍ରକାଶ୍ୟ ଧମକରେ ବରିଷ୍ଠଜଣକ ଅସହାୟ ସ୍ୱରରେ କହିଲେ- ପୁଅ ବାହାର ଚାକିରି କରେ । ଏଠି ବୋହୂକୁ କ୍ୱାର୍ଟରଟିଏ ମିଳିଛି । କଲେଜ ପଢୁଆ ନାତୁଣୀଟିଏ ଘରେ । ବୋହୂ କହେ- ବାପା, କାହା ପାଖେ ଅଭିଯୋଗ କରିବା ! ପ୍ରଶାସନ କ'ଣ କାମ ଅଟକାଇଦେବ ? ଓଲଟା ମୋର ବଦଳି କରିଦେବ । କିନ୍ତୁ ମୋର ଭୟ ହୁଏ ଯଦି ଏ ଅସଭ୍ୟ ଲୋକମାନେ ମୋ ବୋହୂ କି ନାତୁଣୀକୁ ଦୁର୍ବ୍ୟବହାର କରନ୍ତି... ! ମୋର ପିଲାଙ୍କ ଚିନ୍ତା । ଆଜିକାଲି ମାନବିକତା ମରିଗଲାଣି ।



କେତେପ୍ରକାରର ଯୋଜନା ହେଉଛି । ସତରେ କ'ଣ ଆମେ ଆଗେଇପାରିଛୁ ? ଏହିସବୁ କନ୍‌ଷ୍ଟ୍ରକ୍ସନ୍ କାମରେ ବିଦ୍ୟୁତ୍ ବିଭାଗ କାହାଠାରୁ ନିଜ ପ୍ରାପ୍ୟ ନେଉଛି ? କିନ୍ତୁ ଆମମାନଙ୍କୁ ନିର୍ଦ୍ଦିଷ୍ଟ ତାରିଖ ଡେଇଁଲେ ବିଦ୍ୟୁତ୍ ବିଭାଗକୁ ଫାଇନ୍ ଦେବାକୁ ପଡୁଛି ! ପ୍ରାଇଭେଟ୍ କମ୍ପାନୀଙ୍କୁ ଟିକସ୍ ଛାଡ । ଅରାଜକତା ଚାରିଆଡେ, କାହିଁ ତା'ର ସମାଧାନ ? ଆପଣମାନେ ଲେଖୁଛନ୍ତି ଆମେମାନେ ପଢୁଛୁ । ଯେଉଁମାନଙ୍କ ପାଇଁ ଲେଖୁଛନ୍ତି ସେମାନେ ପଢ଼ିଲେ ସିନା ସୁଫଳ ମିଳିବ । ମୁଁ ଜାଣିଛି, ସେମାନେ ପଢ଼ିଲେ ପରିହାସରେ ଉଡ଼େଇଦେବେ । ତେବେ ବି ବତିଟାଏ ଜଳାଇଚାଲନ୍ତୁ ଲେଖା ମାଧ୍ୟମରେ । କାହା ମନ କାଳେ ବଦଳିଯିବ !

ସେ କରିଯାଇଥିବା କେତୋଟି ପ୍ରଶ୍ନ ମନକୁ ଆନ୍ଦୋଳିତ କରିରଖିଲା । ଏଭଳି ଅସଂଖ୍ୟ ସମସ୍ୟା, ଅଭିଯୋଗ । ଅଥଚ କିଏ ଉତ୍ତରଦାୟୀ ? ଆମ ମନରେ ଭଲପାଇବା ଅପେକ୍ଷା ଅଧିକ ଅସୂୟା । କୌଣସି ଦଣ୍ଡ ବ୍ୟବସ୍ଥା ଲୋକଙ୍କ ମନରେ ମାନବିକତା ବା ଦୟାଭାବ ସୃଷ୍ଟି କରିପାରିବ ନାହିଁ କିମ୍ବା ନିଜ ଦୃଷ୍ଟିଭଙ୍ଗୀ ବଦଳାଇଲେ ସମସ୍ୟା ବଦଳିଯିବ ନାହିଁ । ସେଥିପାଇଁ ନିରପେକ୍ଷ ତର୍ଜମା ଜରୁରୀ । ଯେଉଁମାନଙ୍କ ହାତରେ ବ୍ୟବସ୍ଥାର ସମୀକରଣ ସେମାନେ ଏଭଳି ଅରାଜକତା କିଭଳି ଏଡ଼େଇପାରିବେ ସେଥିପ୍ରତି ଦୃଷ୍ଟିଦେବା ଜରୁରୀ ।

କୌଣସି ସମସ୍ୟାର ସମୂଳ ବିନାଶ ପାଇଁ ଯେତିକି ସଚେତନତା ଲୋଡ଼ା ସେତିକି ବ୍ୟବସ୍ଥା ସଂସ୍ଥାପନ ମଧ୍ୟ ଜରୁରୀ । କାଗଜପତ୍ର କାମ ଓ ବାସ୍ତବତା ଦୁଇଟା ଭିନ୍ନକଥା । ବିପଦର ଆଶଙ୍କାରେ କିଛିବ୍ୟକ୍ତି ଅଭିଯୋଗ କରିପାରନ୍ତି ନାହିଁ ବୋଲି କ'ଣ ସେମାନଙ୍କ ସମସ୍ୟାକୁ ଆଖି ମୁଦିଦେବା ? ସତ୍ କାର୍ଯ୍ୟ ହେଉ । କିନ୍ତୁ ଏଥିପାଇଁ ପ୍ରକୃଷ୍ଟ ସ୍ଥାନ ନିରୂପଣ ହେଉ । କେତେଜଣ ଅସାଧୁ ବ୍ୟକ୍ତିଙ୍କ ସ୍ୱାର୍ଥପାଇଁ ଅନ୍ୟମାନେ ବିପଦରେ ନ ପଡ଼ନ୍ତୁ ।

**ମୋ:୯୪୩୭୩୧୭୦୨୬**

## ଏଇ ଭାରତରେ

ଟାକିରି ଛାଡ଼ି ନଡ଼ିଆ ଚାଷରୁ ଅନ୍ୟମାନଙ୍କୁ ରୋଜଗାର ଦେଇ ଉଦାହରଣ ସୃଷ୍ଟି କରିଛନ୍ତି ବେଙ୍ଗାଲୁରୁର ଇଂ. ମଧୁ କାରଗୁଣ୍ଡ । ସେ ଟେନ୍‌ଜିନ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି ଓ ନଡ଼ିଆ ଅମଳ କରିବା ପରେ ସମସ୍ତ ବର୍ଜ୍ୟର ଉପଯୋଗ କରୁଛନ୍ତି । ନଡ଼ିଆରୁ ତେଲ, ସାବୁନ, କ୍ୟାଣ୍ଡେଲ, ସୁଗାର, ଚିପ୍ସ ତିଆରି କରିବା ସହ ଷଢ଼େଇରୁ ଛୋଟ ବାସନ ଓ କତାରୁ ଘରର ବିଭିନ୍ନ ଜିନିଷ ପ୍ରସ୍ତୁତ କରୁଛନ୍ତି । ଦୀପାବଳି ବେଳେ ନଡ଼ିଆ ଦୀପ ଏବଂ ରକ୍ଷାବନ୍ଧନରେ ଷଢ଼େଇ ଓ କତାରୁ ରାଖୀ ତିଆରି କରୁଛନ୍ତି । ଏଥିରୁ ମାସକୁ ସେ ୪ ଲକ୍ଷ ଟଙ୍କା ରୋଜଗାର କରିବା ସହ ଅନେକ ମହିଳା ଓ ପୁରୁଷଙ୍କୁ ରୋଜଗାର ଦେବାରେ ସକ୍ଷମ ହୋଇଛନ୍ତି । କେବଳ ଏତିକି ନୁହେଁ, ସେ କର୍ଣ୍ଣାଟକର ବିଭିନ୍ନ ଅଞ୍ଚଳରେ ନଡ଼ିଆ ଓ ନଡ଼ିଆ ବର୍ଜ୍ୟରୁ ଚାଷୀମାନଙ୍କୁ ଏଭଳି ସବୁ ଉତ୍ପାଦ ପ୍ରସ୍ତୁତ କରିବାକୁ ପ୍ରଶିକ୍ଷଣ ଦେଉଛନ୍ତି । କମ୍ ବଜେଟରେ କିଭଳି ଜୈବିକ କୃଷି କରାଯାଇପାରିବ ସେ ସମ୍ପର୍କରେ ବି ଚାଷୀମାନଙ୍କୁ ସାହାଯ୍ୟ କରୁଛନ୍ତି । ୩୦ ବର୍ଷୀୟ ମଧୁ ଏମ୍‌ସିଏ ଶେଷ କରି ଭଲ ଦରମାରେ ଚାକିରି କରିଥିଲେ । ହେଲେ ୨୦୧୮ରେ ତାହାକୁ ଛାଡ଼ି ଏହି କାର୍ଯ୍ୟ ଜାରି ରଖିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଏପ୍ରିଲ ୧୯୯୮

- ଆଲ୍‌ଜେରିଆର ସୈନ୍ୟବାହିନୀ ଦେଶର ପଶ୍ଚିମାଞ୍ଚଳରେ ସାମରିକ ପଦକ୍ଷେପ ଗ୍ରହଣ କରି ୧୦୦ ଜଣ ବିଦ୍ରୋହୀଙ୍କୁ ହତ୍ୟା କରିଛନ୍ତି ।
- ସୋମାଲିଆର ଦକ୍ଷିଣାଞ୍ଚଳରେ ଦୁଇ ପରସ୍ପର ବିରୋଧୀ ମାରେହାନ ଏବଂ ମାଜେରଟେନ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩୩ ମୃତ ।
- ତ୍ରିପୁରାର ଧଳାଇ ଜିଲା କମଲପୁର ସବ୍‌ଡିଭିଜନ ଅନ୍ତର୍ଗତ ଆମ୍ବାସାଠାରେ ଉଗ୍ରପନ୍ଥୀଙ୍କ ଗୁଳିମାଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ବିମଳ ସିହ୍ନା ଓ ତାଙ୍କ ସାନ ଭାଇ ନିହତ ।

## ଚିରନ୍ତନୀ

ନୂପୁର ଯେଉଁ ପଦେ ବଜାଉଥିଲା ମୋଦେ
ପରାଣ-ବିହଗର ବେହାଗ
ଅଳକ-ଦାମେ ଯାର ଅଳକା କଲି ଛାର
ପୁରୁଣା ହୋଇଛି ସେ ସୋହାଗ ।
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୂରହେଉନି ମଣ୍ଡି ସମସ୍ୟା

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ମଣ୍ଡି ପରିଚାଳନା ସ୍ୱଚ୍ଛତାରେ ବ୍ୟତିକ୍ରମ ଦେଖାଦେଇଛି । ଅଧିକାଂଶ ମଣ୍ଡି ମିଲ୍‌ରଙ୍କ ନିୟନ୍ତ୍ରଣରେ ପରିଚାଳିତ ହେଉଥିବା ଅଭିଯୋଗ ହୋଇଛି । ଧାନର ମାନ ପରୀକ୍ଷା ହେଉନାହିଁ । ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ମିଲର, କର୍ମଚାରୀ ଧାନ ଦେଖି କାଟ ନିର୍ଦ୍ଧାରଣ କରୁଛନ୍ତି । କୁଇଣ୍ଟାଲ ପିଛା ୫ କେ.ଜି. କାଟ ନିଶ୍ଚିତ ହୋଇଯାଇଛି । ସରକାରୀ ଦର କୁଇଣ୍ଟାଲ ପ୍ରତି ୨,୦୪୦ ଟଙ୍କା ରହିଛି । କାଟ, ଗାଡିଭଡ଼ା, ଶ୍ରମିକ ମଜୁରି, ଅଖା ମୂଲ୍ୟ ପ୍ରଭୃତି ଖର୍ଚ୍ଚ ବାଦ୍ ଦେଲେ କୁଇଣ୍ଟାଲ ପ୍ରତି ପ୍ରାୟ ୧୮ ଶହ ଟଙ୍କା ଚାଷୀମାନେ ପାଉଥିବା ଜଣାପଡ଼ିଛି । ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତାଙ୍କ ଦୂରଦୃଷ୍ଟି ଅଭାବରୁ ସତ୍ୟବାଦୀ ବ୍ଲକରେ ମଣ୍ଡି ଖୋଲା ଯାଇ ନ ଥିବାରୁ ଚନ୍ଦନପୁରରେ ଚାଷୀମାନେ ହାତରୁ ଗାଡ଼ିଭଡ଼ା ବହନ କରି ଧାନ ବିକ୍ରୟ କରୁଛନ୍ତି । ମିଲରଙ୍କୁ ବେପାରୀ ଧାନ ଦେବା ପରେ ମିଲ୍‌ର କର୍ମଚାରୀମାନେ ସେବା ସମବାୟ ସମିତି ସମ୍ପାଦକ ନିକଟକୁ ଫୋନ୍ କରିଥାନ୍ତି ଯେ, ତୁମ ସମିତିର ଏତିକି ଚାଷୀ ଆସି ଧାନ ମିଲ୍‌ରେ ଦେଇଛନ୍ତି । ଏପଟେ ମାଳ ମାଳ ବେପାରୀ ଗାଁ ଗଣ୍ଡାରେ ଚାଷୀଙ୍କଠାରୁ ୧୪ ଶହ ଟଙ୍କାରେ ଧାନ କିଣି ବିଭିନ୍ନ ସମିତିର ବାରି ଅନୁଯାୟୀ ମିଲରଙ୍କ ନିକଟରେ ପହଞ୍ଚାଇ ମାଲାମାଲ ହେଉଛନ୍ତି ।

**-ଦେବତିକ୍ତ ମିଶ୍ର, ଦେବଭବନ,**
**ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କେମିକାଲ୍ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୪ ମୃତ**

ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲାରେ ଥିବା ଏକ ରାସାୟନିକ ଫ୍ୟାକ୍ଟ୍ରିରେ ଶୁକ୍ରବାର ବିସ୍ଫୋରଣ ଘଟି ୪ ଜଣଙ୍କ ଜୀବନ ଯାଇଛି। ନଗର କଟ୍ୱାଲି ଅଞ୍ଚଳର ଧିକୋଲି ରୋଡ୍‌ରେ ଫ୍ୟାକ୍ଟ୍ରି ଚାଲୁଥିବା ଘରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ଘରଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାରୁ ଏହା ତଳେ କେତେଜଣ ରହିଯାଇଥିବା ଆଶଙ୍କା କରାଯାଉଛି। ବିସ୍ଫୋରଣର ଶବ୍ଦ ୨ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି।



## ସଂକ୍ଷେପରେ

### ମଶାବତିରୁ ନିଆଁ: ୬ ମୃତ

**ନୂଆଦିଲ୍ଲୀ, ୩୧।୩ :** ଦିଲ୍ଲୀର ଶାସ୍ତ୍ରୀ ପାର୍କ ଅଞ୍ଚଳରେ ମଶାବତିରୁ ନିଆଁ ଲାଗି ଘର ଜଳିଯିବା ସହ ପରିବାରର ୬ ଜଣଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଛି। ଏହା ବ୍ୟତୀତ ଅନ୍ୟ ୩ ଜଣ ଆହତ ହୋଇଥିବା ପୋଲିସ କହିଛି। ଶାସ୍ତ୍ରୀ ପାର୍କ ମଚ୍ଛି ମାର୍କେଟର ମାଜାରୱାଲା ରୋଡରେ ଥିବା ଘରେ ସକାଳ ୯ଟାରେ ନିଆଁ ଲାଗିଥିଲା ବୋଲି ଦିଲ୍ଲୀ ଉତ୍ତରପୂର୍ବାଞ୍ଚଳ ଡିସିପି ଜୟ ତିର୍କୀ କହିଛନ୍ତି। ପୋଲିସ ପହଞ୍ଚି ୯ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ଦେଢ଼ବର୍ଷର ଶିଶୁ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଅଜୟ୍ ବଙ୍ଗା ନିର୍ଦ୍ୱନ୍ଦ୍ୱରେ ହେବେ ବିଶ୍ୱବ୍ୟାଙ୍କ ମୁଖ୍ୟ

ୱାଶିଂଟନ, ୩୧।୩ (ପି.ଟି.)



ଭାରତୀୟ ବଂଶୋଦ୍ଭବ ଅଜୟ୍ ବଙ୍ଗା ନିର୍ଦ୍ୱନ୍ଦ୍ୱରେ ବିଶ୍ୱବ୍ୟାଙ୍କର ପରବର୍ତ୍ତୀ ଅଧ୍ୟକ୍ଷ ହେବାକୁ ଯାଉଛନ୍ତି। ନାମାଙ୍କନ ପତ୍ର ଦାଖଲ ଶେଷ ସୁଦ୍ଧା ଏହି ପଦବୀ ପାଇଁ ବଙ୍ଗା ଏକମାତ୍ର ପ୍ରାର୍ଥୀ ଅଛନ୍ତି। ଆନୁଷ୍ଠାନିକ ନିଯୁକ୍ତି ପ୍ରଦାନ ପୂର୍ବରୁ ବିଶ୍ୱବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନଙ୍କ ବୋର୍ଡ ତାଙ୍କ ସାକ୍ଷାତ୍କାର ନେବ। ଗତ ଫେବୃଆରୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବିଶ୍ୱବ୍ୟାଙ୍କ ମୁଖ୍ୟ ଭାବେ ବଙ୍ଗାଙ୍କୁ ମନୋନୀତ କରିଥିବା ଘୋଷଣା କରିଥିଲେ। ଇତିହାସର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱବ୍ୟାଙ୍କର ନେତୃତ୍ୱ ନେବା ପାଇଁ ସେ ଉପଯୁକ୍ତ ବୋଲି ବାଇଡେନ୍ କହିଥିଲେ। ପରବର୍ତ୍ତୀ ଅଧ୍ୟକ୍ଷ ପଦ ନିମନ୍ତେ ନାମାଙ୍କନ ଦାଖଲ ଲାଗି ୱିଣ୍ଡୋ ମାସେ ଖୋଲା ରହିବା ପରେ ବୁଧବାର ବନ୍ଦ ହୋଇଥିଲା। ୬୩ ବର୍ଷୀୟ ବଙ୍ଗାଙ୍କର କେହି ବିକଳ୍ପ ଆବେଦନ କରି ନ ଥିବା ବିଶ୍ୱବ୍ୟାଙ୍କ ପକ୍ଷରୁ ଗୁରୁବାର ସ୍ପଷ୍ଟ କରାଯାଇଥିଲା। ମାଷ୍ଟରକାର୍ଡର ପୂର୍ବତନ ମୁଖ୍ୟ ବଙ୍ଗା ଏବେ ଜେନେରାଲ ଆଟଲାଣ୍ଟିକ୍‌ର ଉପାଧ୍ୟକ୍ଷ ଅଛନ୍ତି। ମେ' ପ୍ରଥମ ଭାଗରେ ସେ ବିଶ୍ୱବ୍ୟାଙ୍କର ନୂଆ ମୁଖ୍ୟ ନିଯୁକ୍ତ ହେବା ଆଶା କରାଯାଉଛି।

### ରିଚାର୍ଡ ବର୍ମା ଆମେରିକା ପରରାଷ୍ଟ୍ର ବିଭାଗ ଉପସଚିବ

ୱାଶିଂଟନ, ୩୧।୩



ଭାରତୀୟ ବଂଶୋଦ୍ଭବ ରିଚାର୍ଡ ବର୍ମା ଆମେରିକା ପରରାଷ୍ଟ୍ର ପରିଚାଳନା ଓ ସମ୍ବଳ ବିଭାଗ ଉପସଚିବ ନିଯୁକ୍ତ ହେବାକୁ ଯାଉଛନ୍ତି। ଏହା କ୍ଷମତାଶାଳୀ ପରରାଷ୍ଟ୍ର ବିଭାଗ ସିଇଓ ପଦବୀ ସହ ସମାନ। ୫୪ ବର୍ଷୀୟ ବର୍ମାଙ୍କ ଏହି ନିଯୁକ୍ତିକୁ ଆମେରିକା ସିନେଟ ୬୭-୨୬ ଭୋଟ୍‌ରେ ମଞ୍ଜୁରୀ ପ୍ରଦାନ କରିଛି। ବର୍ମା ୨୦୧୫ ଜାନୁୟାରୀ ୧୬ରୁ ୨୦୧୭ ଜାନୁୟାରୀ ୨୦ ପର୍ଯ୍ୟନ୍ତ ଭାରତରେ ଆମେରିକା ରାଷ୍ଟ୍ରଦୂତ ଥିଲେ। ଏବେ ସେ ମୁଖ୍ୟ ନ୍ୟାୟିକ ଅଧିକାରୀ ଏବଂ ମାଷ୍ଟରକାର୍ଡରେ ବୈଶ୍ୱିକ ସାର୍ବଜନିକ ନୀତିର ମୁଖ୍ୟ ଅଛନ୍ତି। ବାରାକ ଓବାମାଙ୍କ ସରକାରରେ ସେ ପରରାଷ୍ଟ୍ର ବିଭାଗ ବ୍ୟବସ୍ଥାପିକା ବ୍ୟାପାର ସହକାରୀ ସଚିବ ଭାବେ କାର୍ଯ୍ୟ କରିଥିଲେ।

### ମନ୍ଦିର କୂଅ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୩୬

**ଭୋପାଳ, ୩୧।୩:** ରାମନବମୀ ପାଳନ ଅବସରରେ ଗୁରୁବାର ଇନ୍ଦୋର ସହରର ପଟେଲ ନଗର ଅଞ୍ଚଳରେ ଥିବା ବେଲେଶ୍ୱର ଝୁଲେଲାଲ ମହାଦେବ ମନ୍ଦିର କୂଅର ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା। ଏହି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ଶୁକ୍ରବାର ୩୬ରେ ପହଞ୍ଚିଛି। ମନ୍ଦିର ପରିସରରେ ପ୍ରବଳ ଗହଳି ଯୋଗୁ ସ୍ଲାବ୍ ଭୁଶୁଡ଼ିଲା ବୋଲି କୁହାଯାଉଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୁକ୍ରବାର ସେଠାକୁ ଗସ୍ତରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ହସ୍ପିଟାଲରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ସମ୍ପର୍କରେ ବୁଝିଥିଲେ। କୂଅରୁ ଅଧିକ ମୃତଦେହ ମିଳିବା ସମ୍ଭାବନା ନ ଥିବାରୁ ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି। ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ସମେତ ସେନାକୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। କୂଅରେ ଥିବା ୧୩ରୁ ୧୪ ଫୁଟ ପାଣିକୁ ନିଷ୍କାସନ କରାଯାଇ ମୃତଦେହଗୁଡ଼ିକୁ ବାହାର କରାଯାଇଥିଲା।

## ଟ୍ରମ୍ପଙ୍କ ଜୀବନରେ ଷ୍ଟର୍ମି ଝଡ଼



ମାନ୍‌ହାଟନ ଡିଷ୍ଟ୍ରିକ୍ଟ ଆଟର୍ନିଙ୍କ ଅଫିସ୍ ପକ୍ଷରୁ ହଶ୍ ମନି (ଅପକର୍ମ ଲୁଚାଇବା ପାଇଁ ପ୍ରଦତ୍ତ ଅର୍ଥ) ତଦନ୍ତର କେନ୍ଦ୍ରରେ ଥିବା ପୂର୍ବତନ ପର୍ନଷ୍ଟାର ଷ୍ଟର୍ମି ଡାନିଏଲ୍।



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।

**କ'ଣ କରିବେ ଟ୍ରମ୍ପ୍**

# ଗିରଫ ହେବେ ନା ଆତ୍ମସମର୍ପଣ

ୱାଶିଂଟନ,୩୧।୩

୨୦୦୬ ଜୁଲାଇ ମାସର କଥା। ଆମେରିକାର ତତ୍କାଳୀନ ବିଶିଷ୍ଟ ବ୍ୟବସାୟୀ ଡୋନାଲ୍ଡ ଟ୍ରମ୍ପଙ୍କୁ ୬୦ ବର୍ଷ ହେଉଥିଲା। ୨୭ ବର୍ଷୀୟା ପର୍ନ ଆକ୍ଟ୍ରେସ୍ ଷ୍ଟର୍ମି ଡାନିଏଲ୍ସ (ମୂଳ ନାମ ଷ୍ଟେଫାନି କ୍ଲିଫ୍‌ଫୋର୍ଡ)ଙ୍କ ସହ ହୋଇଥିଲା ଟ୍ରମ୍ପଙ୍କ ପ୍ରଥମ ଦେଖା। ଏହି ସାକ୍ଷାତ ପରେ ଷ୍ଟର୍ମିଙ୍କ ସହ ଟ୍ରମ୍ପ୍ ଏକାଧିକ ଥର ଯୌନ ସମ୍ପର୍କ ରଖିଥିଲେ। ଏହି ଗୁପ୍ତ ସମ୍ପର୍କ ଦୁହିଁଙ୍କ ମଧ୍ୟରେ ସୀମିତ ଥିଲା। ୨୦୧୬ରେ ଟ୍ରମ୍ପ୍ ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ବେଳେ ଏହା ପ୍ରଘଟ ହେଲେ ଅଡୁଆ ପରିସ୍ଥିତି ଉପୁଜିବା ଆଶଙ୍କା କରି ଟ୍ରମ୍ପ୍ ନିଜ ଓକିଲ ମାଇକେଲ୍ କୋହେନ୍‌ଙ୍କ ଜରିଆରେ ଷ୍ଟର୍ମିଙ୍କ ମୁହଁ ବନ୍ଦ କରାଇଥିଲେ। ଏଥିପାଇଁ ଟ୍ରମ୍ପ୍ ୧୩୦,୦୦୦ ଡଲାର ଦେଇଥିଲେ। ଟ୍ରମ୍ପ୍ ଅର୍ଗାନାଇଜେଶନ୍ ଅଧୀନ ଏକ ଜାଲ୍ କମ୍ପାନୀ ଜରିଆରେ ଏହି ଅର୍ଥ ପ୍ରଦାନ କରାଯାଇଥିଲା। ଷ୍ଟର୍ମିଙ୍କ ଏହି ଷ୍ଟୋରି ୨୦୧୮ରେ 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ' ପ୍ରଘଟ କରିବା ପରେ ଟ୍ରମ୍ପଙ୍କ ଜୀବନରେ ଉଠିଥିଲା ଝଡ଼। ଷ୍ଟର୍ମିଙ୍କ ହଶ୍ ମନି ଅଭିଯୋଗକୁ ନେଇ ଗ୍ରାଣ୍ଡ ଜୁରି ପକ୍ଷରୁ ତଦନ୍ତ ଚାଲିଥିଲା। ଏଥିରେ ଟ୍ରମ୍ପଙ୍କ ଦୋଷ ପ୍ରମାଣିତ ହୋଇଛି। ଏଥିଯୋଗୁ ତାଙ୍କ ବିରୋଧରେ ଆପରାଧିକ ମାମଲା ଚାଲିଛି। ଏପରି ଅଭିଯୋଗରେ ଦୋଷୀ ହେବାରେ ଆମେରିକା ଇତିହାସରେ ଟ୍ରମ୍ପ୍ ହେଉଛନ୍ତି ପ୍ରଥମ ପୂର୍ବତନ ରାଷ୍ଟ୍ରପତି।



ଟ୍ରମ୍ପଙ୍କ ପୂର୍ବତନ ଓକିଲ ମାଇକେଲ୍ କୋହେନ କହିଛନ୍ତି, ଯୌନ ସମ୍ପର୍କ ସମ୍ବନ୍ଧରେ ଷ୍ଟର୍ମି ଡାନିଏଲ୍‌ଙ୍କ ମୁହଁ ବନ୍ଦ କରାଇବା ପାଇଁ ଅର୍ଥ ପ୍ରଦାନ ସକାଶେ ପ୍ରାକ୍ତନ ରାଷ୍ଟ୍ରପତି ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଟ୍ରମ୍ପଙ୍କ ବିରୋଧରେ ଆସିଥିବା ସାଂଘାତିକ ଅଭିଯୋଗକୁ ନେଇ ଗୁରୁବାର ମାନ୍‌ହାଟନ ଡିଷ୍ଟ୍ରିକ୍ଟ ଆଟର୍ନି ଅଲ୍‌ଭିନ୍ ବ୍ରାଗ୍‌ଙ୍କ ଅଫିସ୍ ପକ୍ଷରୁ ହଶ୍ ମନି ସମ୍ପର୍କିତ ଅଭିଯୋଗପତ୍ର ମଗାଯାଇଥିଲା। ଗ୍ରାଣ୍ଡ ଜୁରି ଗୋଟିଏ ଭୋଟରେ ଅଭିଯୋଗପତ୍ରକୁ ଫେରାଇ ଦେଇଥିଲେ। ଟ୍ରମ୍ପ୍ ତାଙ୍କ ବିରୋଧରେ ଆଗତ ଅଭିଯୋଗର ଶୁଣାଣି ପାଇଁ ନ୍ୟୁୟର୍କ ଯିବେ। ସେ ଖୁବ୍‌ଶୀଘ୍ର ଆତ୍ମସମର୍ପଣ କରିପାରନ୍ତି। ପ୍ରତିବାଦୀ କୋର୍ଟରେ ହାଜର ନ ହେବା ପର୍ଯ୍ୟନ୍ତ ନ୍ୟୁୟର୍କରେ ବିଚାରପତିମାନେ ତାଙ୍କ ଅଭିଯୋଗ ପ୍ରଘଟ କରି ନ ଥାଆନ୍ତି। ତେଣୁ ଟ୍ରମ୍ପ୍ ମଙ୍ଗଳବାର କୋର୍ଟରେ ହାଜର ହୋଇ ଆତ୍ମସମର୍ପଣ କରିପାରନ୍ତି ବୋଲି ତାଙ୍କର ଜଣେ ଓକିଲ ନେଚେଲେସ୍ ସୂଚନା ଦେଇଛନ୍ତି। ନେଚେଲେସ୍ ଏବଂ ତାଙ୍କ ସହଯୋଗୀ ଜୋ ଟାକୋପିନା କହିଛନ୍ତି, ଟ୍ରମ୍ପ୍ କୌଣସି ଅପରାଧ କରିନାହାନ୍ତି। କୋର୍ଟରେ ଆମେ ଏହି ରାଜନୈତିକ ମାମଲାର କଡ଼ା ମୁକାବିଲା କରିବୁ। ଟ୍ରମ୍ପଙ୍କ ମତରେ ଡେମୋକ୍ରାଟ୍‌ମାନେ ଅକଳ୍ପନୀୟ କାର୍ଯ୍ୟ କରିଛନ୍ତି। ଜଣେ ନିରୀହ ବ୍ୟକ୍ତିଙ୍କୁ ଫସାଇଦେବା ନିର୍ବାଚନୀ ହସ୍ତକ୍ଷେପ ଛଡ଼ା କିଛି ନୁହେଁ। ଆମେରିକାର ନ୍ୟାୟ ବ୍ୟବସ୍ଥାକୁ ଜଣେ ପୂର୍ବତନ ରାଷ୍ଟ୍ରପତି ତଥା ଆଗାମୀ ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିରୁ ପ୍ରାର୍ଥୀ ହେବାକୁ ଥିବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦଣ୍ଡିତ କରିବା ଲାଗି ଅସ୍ତ୍ର ଭାବେ ବ୍ୟବହାର କରିବା ପୂର୍ବରୁ କେବେ ଦେଖାଯାଇ ନ ଥିଲା ବୋଲି ଟ୍ରମ୍ପ୍ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପଙ୍କ ପୂର୍ବତନ ଓକିଲ ମାଇକେଲ କୋହେନ୍ କହିଛନ୍ତି, ୨୦୧୬ ରାଷ୍ଟ୍ରପତି ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆଡଲ୍ଟ ଆକ୍ଟ୍ରେସ୍ ଷ୍ଟର୍ମିଙ୍କୁ ଚୁପ୍ କରାଇବା ପାଇଁ ୧୩୦,୦୦୦ ଡଲାର ଦେବାକୁ ଟ୍ରମ୍ପ୍ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇଓ୍ୱା କଲେଜ୍ ଅଫ୍ ଲ' ୟୁନିଭର୍ସିଟି ପ୍ରଫେସର ଡେରେକ୍ ମୁଲ୍ଲେର କହିଛନ୍ତି, ଆମେରିକା ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ହେବାକୁ ଥିବା ବ୍ୟକ୍ତିଙ୍କ ରେକର୍ଡ ସ୍ୱଚ୍ଛ ହୋଇଥିବା ଜରୁରୀ ନୁହେଁ। ଆମେରିକାର ଆଇନ ଅନୁସାରେ ଜଣେ କାର୍ଯ୍ୟରତ ରାଷ୍ଟ୍ରପତିଙ୍କ ବିରୋଧରେ ମାମଲା ରୁଜୁ ହୋଇପାରିବ ନାହିଁ। ଟ୍ରମ୍ପ୍ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ କ୍ଷମତା ବାହାରେ ଥିବାରୁ ତାଙ୍କୁ ଏହି ଆଇନଗତ ସୁରକ୍ଷା ମିଳିବ ନାହିଁ। ଅନ୍ୟପକ୍ଷେ ପୂର୍ବରୁ ୨ ଥର ମହାଭିଯୋଗରୁ ବର୍ତ୍ତିଯାଇଥିବା ୭୬ ବର୍ଷୀୟ ଟ୍ରମ୍ପଙ୍କ ରାଜନୈତିକ ଯାତ୍ରାରେ ଏହି ମାମଲା ପ୍ରତିବନ୍ଧକ ସାଜିପାରେ। ଆପରାଧିକ ମାମଲା ସତ୍ତ୍ୱେ ଟ୍ରମ୍ପ୍ ରାଷ୍ଟ୍ରପତି ଦୌଡ଼ରୁ ଓହରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଛନ୍ତି। ଓଲଟା ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ଏହା ତାଙ୍କୁ ସହାୟକ ହେବ ବୋଲି ଟ୍ରମ୍ପ୍ କହିଛନ୍ତି। ଏହା ପୂର୍ବରୁ ଟ୍ରମ୍ପ୍ ତାଙ୍କୁ ଗିରଫ କରାଯାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ତେଣୁ ସେ ଗିରଫ ହେବେ ନା ଆତ୍ମସମର୍ପଣ କରିବେ ତା' ଉପରେ ସମସ୍ତଙ୍କ ନଜର ରହିଛି।

**୨୦୦୬ରେ ପର୍ନଷ୍ଟାର ଷ୍ଟର୍ମି ଡାନିଏଲ୍‌ଙ୍କ ସହ ଡୋନାଲ୍ଡ ଟ୍ରମ୍ପ୍ ଯୌନ ସମ୍ପର୍କ ରଖିଥିଲେ**

**୨୦୧୬ରେ ଟ୍ରମ୍ପ୍ ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ସମୟରେ ଷ୍ଟର୍ମିଙ୍କ ମୁହଁ ବନ୍ଦ କରିବା ପାଇଁ ୧୩୦,୦୦୦ ଡଲାର ଦେଇଥିଲେ**

**ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ ଆଗତ ଅଭିଯୋଗ ଆପାତତଃ ପ୍ରମାଣିତ ହୋଇଛି, ଯାହାକି ଆମେରିକା ଇତିହାସରେ ପ୍ରଥମ ଘଟଣା**



ଟ୍ରମ୍ପଙ୍କ ବିରୋଧରେ ଜଣେ ଗ୍ରାଣ୍ଡ ଜୁରି ଅଭିଯୋଗପତ୍ର ଫେରାଇଦେବା ପରେ ମାନ୍‌ହାଟନ ଡିଷ୍ଟ୍ରିକ୍ଟ ଆଟର୍ନି ଅଲ୍‌ଭିନ୍ ବ୍ରାଗ୍ ନ୍ୟୁୟର୍କ କ୍ରିମିନାଲ କୋର୍ଟ ଛାଡୁଛନ୍ତି।

## ମହିଳାଙ୍କୁ ପାର୍କରୁ ଘୋଷାଡ଼ି କାର୍‌ରେ ଗଣବଳାତ୍କାର

ବେଙ୍ଗାଲୁରୁ, ୩୧।୩

ବେଙ୍ଗାଲୁରୁର ଏକ ପାର୍କରୁ ଜଣେ ମହିଳାଙ୍କୁ ଘୋଷାଡ଼ି ନେଇ ଚଳନ୍ତା କାର୍‌ରେ ୪ ଜଣ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିବା ଅନୁଯାୟୀ ଗତ ୨୫ ତାରିଖରେ ମହିଳା ଜଣକ ତାଙ୍କର ଜଣେ ବନ୍ଧୁଙ୍କୁ ଭେଟିବା ପାଇଁ କୋରାମଙ୍ଗଲାସ୍ଥିତ ନ୍ୟାଶନାଲ ଗେମ୍ସ ଭିଲେଜ୍ ପାର୍କକୁ ଯାଇଥିଲେ। ଉଭୟ ବିଳମ୍ବିତ ରାତିରେ ପାର୍କରେ ବସିଥିବାବେଳେ ଜଣେ ଅଭିଯୁକ୍ତ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ମହିଳାଙ୍କ ବନ୍ଧୁ ଜଣକ ଚାଲିଯିବା ପରେ ଅଭିଯୁକ୍ତ ତାଙ୍କର ୩ ସାଙ୍ଗଙ୍କୁ ଡାକିଥିଲେ। ସେମାନେ ପାର୍କରୁ ମହିଳା ଜଣଙ୍କୁ ଉଠାଇନେଇ ବାହାରେ ରଖାଯାଇଥିବା କାରରେ ପକାଇଥିଲେ। ତା' ପରଦିନ ସକାଳେ ମହିଳାଙ୍କୁ ଘର ନିକଟରେ ଛାଡ଼ିବା ପର୍ଯ୍ୟନ୍ତ ସେମାନେ କାର୍ ଭିତରେ ଗଣବଳାତ୍କାର କରିଥିଲେ। ଏସମ୍ପର୍କରେ ପୋଲିସକୁ ଜଣାଇଲେ ପରିଣାମ ଭୟଙ୍କର ହେବ ବୋଲି ସେମାନେ ଧମକ ଦେଇଥିଲେ। ମହିଳା ଜଣକ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## ଆଜି ଜେଲରୁ ମୁକୁଳିବେ ସିଦ୍ଧୁ

ନୂଆଦିଲ୍ଲୀ, ୩୧।୩



୧୯୮୮ର ସଡ଼କ ଗଣ୍ଡଗୋଳ ମାମଲାରେ ଜେଲଦଣ୍ଡାଦେଶ ପାଇଥିବା ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନବଜ୍ୟୋତ୍ ସିଂ ସିଦ୍ଧୁ ୪୫ ଦିନ ପୂର୍ବରୁ ମୁକ୍ତ ହୋଇପାରନ୍ତି। ଶନିବାର ସେ ପଟିଆଲା ଜେଲରୁ ମୁକୁଳିବେ ବୋଲି ଟୁଇଟର ହ୍ୟାଣ୍ଡେଲରେ ଲେଖିଛନ୍ତି। ଉତ୍ତମ ଆଚରଣ ପାଇଁ ଅବଧି ପୂର୍ବରୁ ସିଦ୍ଧୁଙ୍କୁ ମୁକ୍ତ କରାଯିବ ବୋଲି ଜଣାପଡିଛି।

## ଛତିଶଗଡ଼ରେ ଆଜିଠୁ ବେରୋଜଗାରି ଭତ୍ତା

ନୂଆଦିଲ୍ଲୀ, ୩୧।୩

**ମାସକୁ ୨,୫୦୦ ଟଙ୍କା**



ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ

ଛତିଶଗଡ଼ ସରକାର ଏପ୍ରିଲ ୧ରୁ ରାଜ୍ୟରେ ବେରୋଜଗାରି ଭତ୍ତା ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ଛତିଶଗଡ଼ର ବେକାର ଯୁବତୀଯୁବକମାନଙ୍କୁ ରାଜ୍ୟ ସରକାର ମାସିକ ୨,୫୦୦ ଟଙ୍କା ଲେଖାଏ ଯୋଗାଇଦେବେ। ଏଥିପାଇଁ ରାଜ୍ୟ ବଜେଟରେ ୨୫୦ କୋଟି ଟଙ୍କା ବ୍ୟୟବରାଦ ଘୋଷଣା କରାଯାଇଛି। ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ବିଧାନସଭାରେ ୨୦୨୩-୨୪ ବର୍ଷ ପାଇଁ ୧,୨୧,୫୦୦ କୋଟି ଟଙ୍କାର ବଜେଟ ଉପସ୍ଥାପନ କଲାବେଳେ ରାଜ୍ୟ ବେରୋଜଗାରି ଭତ୍ତା ଘୋଷଣା କରିଥିଲେ। ଅଙ୍ଗନୱାଡି କର୍ମୀ, ଗୃହରକ୍ଷୀ, ଗାଁ କଟ୍ୱାର ଓ ଅନ୍ୟ କର୍ମଚାରୀମାନଙ୍କ ମାସିକ ପାରିତୋଷିକ ବଢ଼ିବ ବୋଲି ମଧ୍ୟ ସେ କହିଥିଲେ। ବେରୋଜଗାରି ଭତ୍ତା ପାଇବାକୁ ହେଲେ ଯୁବତୀଯୁବକ ଛତିଶଗଡ଼ ଜନ୍ମିତ ହୋଇଥିବେ ଏବଂ ସେମାନଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବ। ସେମାନେ ଦ୍ୱାଦଶ ପାସ୍ କରିଥିବେ ଏବଂ ପରିବାରର ବାର୍ଷିକ ଆୟ ୨.୫ ଲକ୍ଷ ଟଙ୍କାରୁ କମ୍ ହୋଇଥିବ। ଏଥିସହିତ ସେମାନେ ଜିଲା ନିଯୋଜନ କେନ୍ଦ୍ର ଏବଂ ଛତିଶଗଡ଼ର ଆତ୍ମନିଯୁକ୍ତି ମାର୍ଗଦର୍ଶନ କେନ୍ଦ୍ରରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ।

## ମୋଦି ବିରୋଧୀ ପୋଷ୍ଟର: ୮ ଏଏପି କର୍ମୀ ଗିରଫ

ଅହମଦାବାଦ, ୩୧।୩




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅହମଦାବାଦର ବିଭିନ୍ନ ସ୍ଥାନରେ 'ମୋଦି ହଟାଓ, ଦେଶ ବଚାଓ' ପୋଷ୍ଟର ଲଗାଇବା ଅଭିଯୋଗରେ ୮ ଜଣ ଏଏପି କର୍ମୀଙ୍କୁ ପୋଲିସ ଗିରଫ କରିଛି। ଏନେଇ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ କରାଯାଉଥିବା ପୋଲିସ କହିଛି। ମୋଦିଙ୍କ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଦେଶବ୍ୟାପୀ ପୋଷ୍ଟର ଅଭିଯାନ ଆରମ୍ଭ ପରେ ୮ ଜଣ ଗିରଫ ହୋଇଛନ୍ତି। ଭାଜପା ଏକଚ୍ଛତ୍ରବାଦୀ ଶାସନ ଚଳାଇଥିବା ଗୁଜରାଟ ଏଏପି ସଭାପତି ଇସୁଦାନ ଗାଧ୍‌ଭି ଅଭିଯୋଗ କରିଛନ୍ତି। ଏଏପି କର୍ମୀଙ୍କୁ ଗିରଫ କରି ଭାଜପା ଭୟଭୀତ ଥିବାର ସଙ୍କେତ ଦେଉଛି ବୋଲି ସେ କହିଛନ୍ତି।

## ମୋଦିଙ୍କ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ ଅନାବଶ୍ୟକ

ଅହମଦାବାଦ, ୩୧।୩ (ପି.ଟି.)

# କେଜ୍‌ରିୱାଲଙ୍କୁ ୨୫,୦୦୦ ଜରିମାନା



**ସିଆଇସି ନିର୍ଦ୍ଦେଶନାମା ହାଇକୋର୍ଟରେ ଖାରଜ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଡିଗ୍ରୀ ସମ୍ପର୍କିତ ତଥ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦେବା ଲାଗି କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ୭ ବର୍ଷ ତଳେ ଗୁଜରାଟ ୟୁନିଭର୍ସିଟିକୁ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମାକୁ ଗୁଜରାଟ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ସିଆଇସିଙ୍କ ନିର୍ଦ୍ଦେଶନାମା ବିରୋଧରେ ଗୁଜରାଟ ୟୁନିଭର୍ସିଟି ହାଇକୋର୍ଟରେ ଅପିଲ କରିଥିଲେ। ଏହାକୁ ଗ୍ରହଣ କରି ବିଚାରପତି ବୀରେନ୍ ବୈଷ୍ଣବ କେଜ୍‌ରିୱାଲଙ୍କ ଉପରେ ୨୫,୦୦୦ ଟଙ୍କା ଜରିମାନା ଲଗାଇଛନ୍ତି। ୪ ସପ୍ତାହ ମଧ୍ୟରେ ଜରିମାନା ଅର୍ଥ ଗୁଜରାଟ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷ (ଜିଏସ୍‌ଏଲ୍‌ଏସ୍‌ଏ)ରେ ଦାଖଲ କରିବାକୁ କେଜ୍‌ରିୱାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସିଆଇସି ୨୦୧୬ ଏପ୍ରିଲ ୨୯ରେ ଦେଇଥିବା ନିର୍ଦ୍ଦେଶନାମାକୁ ଖାରଜ କରାଗଲା ବୋଲି ଜଷ୍ଟିସ୍ ବୈଷ୍ଣବ ତାଙ୍କ ରାୟରେ କହିଛନ୍ତି।

ହାଇକୋର୍ଟ ଖଣ୍ଡପୀଠଙ୍କ ରାୟ ବିରୋଧରେ ଅପିଲ୍ କରିବ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) କହିଛି। ଏଭଳି ରାୟ ଯୋଗୁ ନାଗରିକମାନେ ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀ ସମ୍ପର୍କିତ ସୂଚନା ପାଇବାରୁ ବଞ୍ଚିତ ହେବେ। ଏହା ବ୍ୟତୀତ ତଥ୍ୟ ଜାଣିବା ପାଇଁ ଆବେଦନ କରିଥିବା କେଜ୍‌ରିୱାଲଙ୍କ ଉପରେ ୨୫,୦୦୦ ଟଙ୍କା ଜରିମାନା ଆମକୁ ଆଶ୍ଚର୍ଯ୍ୟ କରିଛି। ଉକ୍ତ ରାୟ ବିରୋଧରେ ଆମେ ଅପିଲ କରିବୁ ବୋଲି ଏଏପି ଗୁଜରାଟ ଲିଗାଲ ସେଲ୍ ଅଧ୍ୟକ୍ଷ ପ୍ରଣବ ଠକ୍କର କହିଛନ୍ତି।

# କେଳି ମାଉସୀ

## ଗଳ୍ପ

### ବିପ୍ଳବ

ଦିକେଲୁ ହେବାକୁ ଗୋଟିଏ ବାଡ଼ି ବାକି ଥିଲା ଖେଳ ବନ୍ଦ ହେଇଗଲା। କିଏ ଯାଇ ନଡ଼ାଗଦା ପଛ ପଟେ, କିଏ ବୋଡି ଘର ଭିତରେ, କିଏ ସରମଞ୍ଜିଆ ଗଛ ସନ୍ଧିରେ ଲୁଚିଗଲେ। ମୁଁ ଯାଇ କଇଁଚିକାକୁଡ଼ି ନଟି ଭିତରେ ପଶିଗଲି। କାଠିବାଡ଼ି ସେମିତି ପଡ଼ିଥାଏ। ଛାତି ଥରୁଥାଏ। କ'ଣ ଅଛି ଆଜି ଭାଗ୍ୟରେ! କୁରୁଛତ୍ର ମାଡ଼ ଜାଣ।

ମୋର କ'ଣ ଦୋଷ? ମୁଁ ତ କାଠି ପିଟି ଦେଲାବେଳକୁ କେଳି ମାଉସୀ ରତନି ନୂଆବୋଉଙ୍କ ବାରିପଟୁ ଅଚାନକ ବାହାରି ଆସିଲା। ଆଉ ମୋ' କାଠିଟା ଯାଇ ତାଙ୍କ ମୁଣ୍ଡରେ ଠାଇକିନା ବାଜିଲା।

ମୁଁ ନଟି ଭିତରୁ ଦେଖିଲି ମାଉସୀ ମୁଣ୍ଡକୁ ଚାପି ତଳେ ସେମିତି ବସିଥାଏ। ତା' ମୁଣ୍ଡ ଫାଟିଚି କି ନାଇଁ କେଜାଣି ମୋତେ ଦିଶୁ ନଥିଲା। ବୀଣା ଖୁଡ଼ୀ ବାରିପଟକୁ ଗାଈ ପାଇଁ ପାଳ ଭିଡ଼ିବାକୁ ଆସିଥିଲା। ମାଉସୀ ବସିଥିବା ଦେଖି ଚିଲେଇ ଉଠିଲା। ପାଖ ପଡ଼ିଶା ଘରୁ ସର ଖୁଡ଼ୀ, ଚଞ୍ଚୁ ନାନୀ, ପଦି ବଡ଼ବୋଉ, ମୋ' ବୋଉହେରିକା ଧାଇଁ ଆସିଲେ।

– କେତେ ରକତ ବୋହିଯାଉଚି ଲୋ, ଆଲୋ କ'ଣ ହେଲା, କ'ଣ ହେଲା ବୋଲି ସବୁ ହୋହଲ୍ଲା କଲେ। ମୁଁ ଅବିକା କ'ଣ କରିବି?

ଦେଖିଲି ସମସ୍ତେ କେଳି ମାଉସୀକୁ ଘେରି ଯାଇଛନ୍ତି। ଏଇ ସୁଯୋଗରେ ଖସିଯିବା ବୁଦ୍ଧିମାନର କାମ। ପାଟିରେ ପାଣି ଗାମୁଛା ଚାପି ମୋ' ହୁଗୁଳା ପ୍ୟାଣ୍ଟକୁ ବାଁ ହାତରେ ମୁଠେଇ ଏକମୁହାଁ ହେଇ ନଦୀବନ୍ଧ ଆଡ଼େ ଦଉଡ଼ିଲି। ଖଣ୍ଡେ ବାଟ ଯାଇ ଦେଖିଲି କେହି ଉଠିନାହାନ୍ତି କେଳି ମାଉସୀ ପାଖରୁ।

ରକ୍ଷା ଅଛି।

ମୋତେ ଦୋଷୀ ଦୋଷୀ ଲାଗୁଥିଲା। ଛ' କି ସାତ ଦିନଯାଏ କେଳି ମାଉସୀ ଆଉ ମାଛ କି ଶୁଖୁଆ ବିକି ଆଣିଲାନି। ଆମ ସାଇ ନୁହେଁ, ଗାଁରେ ମାଉସୀକୁ ଦେଖିଲିନି। ମୁଁ ବି କାହାକୁ ଆଉ ସେ କଥା ଭୟରେ ପଚାରିଲି ନାହିଁ। ସେ ପ୍ରାୟ ସବୁଦିନ ମାଛ ହେଉ କି ଶୁଖୁଆ ପସରା ଧରି ଆସେ। ବାଉଁଶର ଗୋଟିଏ ବଡ଼ ବୋଝ, ଆଉ ମାଛ ତଉଲିବା ପାଇଁ ଗୋଟିଏ ବିଶାକାଠି– ଏତିକି ତା'ର ସମ୍ବଳ। ବୋଉ ସବୁଦିନ ତା'ଠାରୁ ଚୂନାମାଛ ହେଉ କି ବଡ଼ମାଛ କିମ୍ବା ଶୁଖୁଆ ରଖେ। କେବଳ ଅମାବାସ୍ୟା, ସଂକ୍ରାନ୍ତି କି ଗୁରୁବାର ହେଇଥିଲେ ମନା କରିଦିଏ। କେତେବେଳେ ଧାନ, କେତେବେଳେ ଚାଉଳ ଦେଇଦିଏ।



ଆମର ଚଷାଘର। କେଳି ମାଉସୀ କେଉଟ ଘର। ପାଖ ଗିରିଗିରା ସାହିରେ ତା' ଘର। ବୋଉର ନିଜ ଭଉଣୀ ନ ହେଇଥିଲେ ବି ଆମେ ତାକୁ ମାଉସୀ ଡାକୁ। ଖାଲି ଆମ ଘରେ ନୁହେଁ, ଗାଁସାରା ପିଲାଏ ବି କେଳି ମାଉସୀ ବୋଲି ଡାକନ୍ତି।

ବୋଉ କୋଉ କାଳୁ ମରିହଜି ଗଲାଣି। ଗାଁ ଘର ଛପର ନ ହେଇ ଆଟୁ ଭୁଶୁଡ଼ି ପଡ଼ିଲାଣି। ବାପ ଗୋସାଁବାପ ଅମଳ ଡିହରେ ସେମିତି ଠିଆ ହେଇଛି ଜରାଜୀର୍ଣ୍ଣ ଘର। ସିଆଡ଼େ ଯାଇ ବୁଲି ଆସିବାକୁ ବେଳ ନାହିଁ। ଇଚ୍ଛାଶକ୍ତି ବି ନାହିଁ। ଭାଇ ଭାଗ ବଣ୍ଟାକୁଣ୍ଟାକୁ ନେଇ ହିସାବ ଛିଡ଼ିପାରୁନି। ପିଲାମାନେ ସେ ସବୁ କନ୍ଧମାଳିଆ ଘରେ ରହିବାକୁ ଆଗ୍ରହ ପ୍ରକାଶ ନ କରିବାରୁ ଏବେ ସବୁ ସହରର ସ୍ଥାୟୀ ବାସିନ୍ଦା। ଭାଇ ଭାଗ ପାଇଁ ଦିନେ ଗଞ୍ଜା ଲଢ଼େଇ ହେଉଥିଲା, ଆଜି ସେ ଡିହ ପରିତ୍ୟକ୍ତ। ଜମିବାଡ଼ିରୁ କ'ଣ ଆୟ ହେଉଚି କ'ଣ ନ ହେଉଚି ସେ ସବୁ ବୁଝିବା ପାଇଁ କାହାର ଆଗ୍ରହ ନାହିଁ। ପିଲାଦିନେ ସେଇ ସବୁ ଜମିର ଫସଲ ଖାଇ ଆମେ ଭାଇ ଭଉଣୀ ମଣିଷ ହୋଇଥିଲୁ। ସମୟ ସହିତ ସବୁ ବଦଳିଗଲା ଯେମିତି! ଗାଁ କଥା ମନେପଡ଼ିଲେ ମନେପଡ଼ନ୍ତି ବାପା, ବୋଉ, ହସିଲା ଖେଳିଲା ଶୈଶବ। ଆଖି ଲୁହରେ ଓଦା ହୋଇଯାଏ। ଆଜି ଗାଁ ପୁଣି ମନେପଡ଼ିଲା।

ଆଜି ଖବରକାଗଜମାନଙ୍କରେ ମୁଖ୍ୟ ପ୍ରସଙ୍ଗ କେଳି ମାଉସୀ। ବୋହୂକୁ ଯୌତୁକ ନିର୍ଯାତନା କେଶ୍‌ରେ ଗିରଫ ହୋଇ ଜେଲରେ।

ମାଉସୀକୁ ଏବେ କେତେ ବର୍ଷ ହେବ!

ଅନେକ ବର୍ଷ ହେବ ଗାଁକୁ ଯାଇନି। କେଳି ମାଉସୀକୁ ବି ଦେଖିନି। ସେଇ ଦିନର ଘଟଣା ପରେ ମୋର କେଳି ମାଉସୀ ପ୍ରତି ମନ ଭିତରେ ଯେମିତି ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଚି। ଆଜି ସବୁ ସ୍ମୃତି ଜୀବନ୍ତ ହେଇଉଠିଲା।

ଗାଁରେ ଥିବା ସାଙ୍ଗମାନଙ୍କର ମୋବାଇଲ୍ ନମ୍ବର ନଥିଲା। ଆମ ପିଲାଦିନେ କୋଉ ଫୋନ୍ କଥାବାର୍ତ୍ତା ଥିଲା ଯେ ନମ୍ବର ଆସିବ? ପିଲାମାନେ ତ ପ୍ରଥମରୁ ସହରରେ। କାହାର ଗୋଟେ ନମ୍ବର ଯୋଗାଡ଼ କରିବାକୁ ହେବ ଭାବି ଚିନ୍ତାରେ ପଡ଼ିଗଲି ମୁଁ।

ଆରେ ଏବେ ତ ସରପଞ୍ଚ ଇଲେକ୍‌ସନ ଯାଇଚି। ଗିରିଗିରା ସାଇର ଚକରା ବୋହୂ ଭୋଟ୍‌ରେ ଠିଆ ହେଇଥିଲା। ସେ ଫୋନ୍ କରିଥିଲା ଭୋଟ୍ ସମୟରେ। ତା' ନମ୍ବରଟା ଡାଏରୀରେ ଲେଖି ରଖିଥିଲି।

ମୁଁ ତରତର ହୋଇ ଡାଏରୀ ଖୋଜିଲି। ଡ୍ରେସିଂ ଟେବୁଲ୍ ଡାହାଣ ପଟ ଡ୍ର ଭିତରେ ଡାଏରୀ ଥିଲା। ଆଣି ଦେଖିଲି ନମ୍ବରଟି ଲେଖା ହେଇଛି।

ଯାହା ହଉ ଦୁଇଥର ରିଂ ହେବା ପରେ ଚକରା ପୁଅ ଫୋନ୍ ଉଠେଇଲା। ମୋ' ପରିଚୟ ଦେବା ପରେ ଚିହ୍ନିପାରିଲା। ମୁଁ କେଳି ମାଉସୀ କଥା ପଚାରିଲି। ସେ ଯାହା କହିଲା ମୁଁ ଶୁଣି କାଠ ହେଇଗଲି।

ଖବରକାଗଜରେ କେଳି ମାଉସୀ ବିଷୟରେ ଯାହା ବାହାରିଛି ସବୁ ସତ।

ମାଉସୀ ତା' ବୋହୂକୁ ନିର୍ଯାତନା ଦେବାଟା ସତ ନୁହେଁ, କିନ୍ତୁ ମାଉସୀକୁ ପୋଲିସ ବାନ୍ଧି ନେବା କଥା ସତ। ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା। ଏବେକାର ମା'ମାନେ କେତେ ହିନକପାଳୀ! ନା ତାଙ୍କୁ ଭଲ ଶାଶୁ ମିଳିଲା ନା ଭଲ ବୋହୂ!

ଘରେ କାହାକୁ କିଛି ନ କହି ଗାଡ଼ି ନିଜେ ଡ୍ରାଇଭିଂ କରି ଗାଁକୁ ଚାଲିଲି। ବିଚାର ବ୍ୟବସ୍ଥା ପରକୀୟା ପ୍ରୀତିକୁ ଆଇନସମ୍ମତ କରିଦେଲା ପରେ ଆମ ସଭ୍ୟତା ଆଉ ସଂସ୍କୃତିର ମୂଳ ଦୋହଲି ଯାଇଛି ଯେମିତି! ନହେଲେ କ'ଣ ଅଶୀ କି ପଞ୍ଚାଅଶୀ ବର୍ଷର କେଳି ମାଉସୀ ଆଜି ମିଛ ନିର୍ଯାତନା ଅଭିଯୋଗରେ ହାଜତରେ ଥାଆନ୍ତା! ତା' ବୋହୂର କୁଆଡ଼େ ଅନ୍ୟ ପୁରୁଷ ସହ ପାପ ସମ୍ପର୍କ ଥିବା ବିଷୟରେ ମାଉସୀ ଜାଣିଦେଲା। ତା'ର ଫଳ ଇଏ। ପୋଲିସ ବି ବାଡ଼ ହେଇ ଫସଲ ଖାଇ ଚାଲିଛି। ସାମାନ୍ୟତମ ବିବେକ ବି ଖଟେଇ ନାହିଁ। ଏତେ ବୟସର ଲୋକଟିଏ କି ପ୍ରକାର ନିର୍ଯାତନା ଦେଇପାରିବ! ବିକ୍ରି ହେଇ ଯାଇଥିବା ମୁଣ୍ଡର ବିବେକ କୁଆଡ଼ୁ ବା ଆସିବ? ମୁଁ କେତେ ବୋକା ସତେ! କେଳି ମାଉସୀ ପୁଅ ବି ବଡ଼ ଅଜବ। ନା ନିଜେ କିଛି ରୋଜଗାର କରେ ନା ସ୍ତ୍ରୀ ପିଲାଙ୍କ ପାଇଁ ଭାତ ଯୋଗାଡ଼ କରେ! ସ୍ତ୍ରୀ ଚୋରା ଦେଶୀମଦ ବିକ୍ରି କରି ତାକୁ ପୋଷେ। ସେ ଅହରହ ମାଲ୍ ପିଇ ଚୁର୍।

ଥାନା ସାମ୍ନା ଗେଟ୍‌ର ଟିକେ କଡ଼କୁ ଗାଡ଼ି ଲଗେଇଲି। ଓ.ଆଇ.ସି. ସାମ୍ନାରେ ଜାମିନ ପେପର ରଖିଦେଇ ମାଉସୀ ପାଖକୁ ଦଉଡ଼ିଗଲି। ମୋ' କାଠିବାଡ଼ି ମାଡ଼ରେ ଯା' ତାଲୁ ଫାଟି ଆଁ କରିଥିଲା, ଆଉ ମୁଁ ଜାଣି ବି ଯିଏ ନିରବ ଥିଲା, ସେ କ'ଣ କେବେ କାହା ପ୍ରତି ଅବିଚାର କରିପାରେ!

ଲୋଚାକୋଚା ଚମ। କାଶତଣ୍ଡୀ ଫୁଲ ପରି ବହଳ ଧଳାଚୁଟି। ମୁହଁକୁ ଆଣ୍ଠୁ ଭିତରେ ପୂରେଇ ବସିଚି କେଳି ମାଉସୀ।

ମୁଁ ଯାଇ ତା' କାନ୍ଧରେ ହାତ ଥୋଇଲି। ଯେମିତି କାହା ଅପେକ୍ଷାରେ ଥିଲା ସେ।

ମୁଁ ମାଉସୀକୁ ଜାବୁଡ଼ି ଧରି କାନ୍ଦି ପକେଇଲି। ସେ ମୋ' ଛାତିରେ ମୁହଁ ଜାକି ବଡ଼ ବିକଳ ସ୍ୱରରେ କହିଲା– ବା'ରେ ତୋ' ବୋହୂ ନାଁରେ ଆଉ କିଛି କହିବିନି। ମୋତେ ଏଠୁ ନେଇଯା'। ରାତିରେ ବହୁତ ଶୀତ ହଉଚି। ସହି ପାରୁନି। ମରିଯିବିରେ।

ମୋ' ଛାତି ବଡ଼ୁରୁଥିଲା। ନୂଆ ନେସା ହେଇଥିବା ମାଟିକାନ୍ଥ ପରି ଯେମିତି ଭୁଶୁଡ଼ି ପଡ଼ିବ!

ମୁଁ ଜାଣି ସାରିଥିଲି କେଳି ମାଉସୀ ବୟସର ସାୟାହ୍ନରେ ତା'ର ଦୃଷ୍ଟିଶକ୍ତି ହରେଇ ସାରିଛି। ଆଉ ମୋତେ ତା' ପୁଅ ଭାବୁଚି। ପଢ଼ିଥିଲି ମା' ନ ଦେଖିଲେ ମାଉସୀ ଦେଖ। କେଳି ମାଉସୀ ଏବେ ମୋ' ବୋଉ ପରି ଦିଶୁଥିଲା। ମୋ' ଛାତି ଫଟେଇ ବିକଳ ସ୍ୱରଟିଏ ବାହାରି ଆସିଲା– 'ବୋଉ'।

ମୋ: ୯୪୩୭୪୬୮୦୧୬

## ବରଗଛ

### ଲଘୁଗଳ୍ପ

#### ଦୀପକ କୁମାର ମହାନ୍ତି



ସେ ବରଗଛ ମୂଳେ ବସିଥିଲା। ଉପର ବରଗଛରେ ପତ୍ରଟିଏ ନ ଥିଲା। ତା' ଜୀବନରେ ଗ୍ରୀଷ୍ମ ଋତୁ ପରି ଗଛ ବି ଆଜି ପତ୍ରଝଡ଼ା ଦେଇ ଥୁଣ୍ଟା ପାଲଟିଯାଇଛି।

ଦିନ ଥିଲା ସେହି ବରଗଛ ଫୁଲ ଫଳରେ ଭର୍ତ୍ତି ହୋଇଥିଲା। କିଚିରି ମିଚିରି ହୋଇ ଚଢ଼େଇ ବସା ବାନ୍ଧିଥିଲେ। ସମସ୍ତେ ପସନ୍ଦ କରୁଥିଲେ। ପଥିକମାନଙ୍କ ଗହଳି ଲାଗି ରହିଥିଲା। ଆଜି କିନ୍ତୁ ଚଢ଼େଇମାନଙ୍କ ସେ ଶବ୍ଦ ନାହିଁ କି ବାଟୋଇମାନଙ୍କ କୋଳାହଳ ନାହିଁ। ହଠାତ୍ ତା' ବାଟ ଦେଇ କୋକେଇରେ ଶବଟି ଗଲାବେଳେ ପ୍ରକୃତିସ୍ଥ ହୋଇ ସେ ଆଡ଼କୁ ଚାହିଁଲା। ଶବ ପଛେ ପଛେ ବାଜା ବଜାଇ ନିଶାସକ୍ତ ଯୁବକମାନେ ନାଚୁଥିଲେ।

କିଏ ଚାଲିଗଲା? କାହାର ଡକରା ଆସିଲା? ସେ ପଚାରିଲା। ଯୁବକଟି ତା' ପାଖକୁ ଆସି କହିଲା– ଆର ସାହିର ନିଧି ବୁଢ଼ା। ପୁଅର ଗଞ୍ଜଣା ସହି ନ ପାରି କାଲିରାତିରେ ଦଉଡ଼ି ଦେଇଦେଲା। ଯା' ପରେ ତୋ' ପାଳି।

ମଦ ନିଶାରେ ଚୁର୍ ଥିବା ପୁଅ ଆଡ଼କୁ ଅନାଇ ସେ ଭାବୁଥିଲା, ବାବୁରେ! ଏଇଟା ଖୁସିର ବେଳ ନୁହଁ। ସମସ୍ତଙ୍କ ଜୀବନରେ ବସନ୍ତ ପରେ ପରେ ଗ୍ରୀଷ୍ମ ଆସେ। ତୋର ଆଜି ବସନ୍ତ ଋତୁ। ଗ୍ରୀଷ୍ମ ଆସିବ। ତୁ ବି ଦିନେ ଏଇ ବରଗଛ ପରି ପତ୍ରଝଡ଼ା ଦେବୁ। ଗଛ ସିନା ଋତୁ ସହ ବଦଳେ, ମଣିଷ କିନ୍ତୁ ମଶାଣିକୁ ଯାଇ ପୁଣି ଆଉ ଗୋଟେ ଜନ୍ମର ଋତୁଚକ୍ରକୁ ଅପେକ୍ଷା କରେ।

ମୋ: ୯୪୩୮୩୨୯୦୫୯

## କାଳକାଳକୁ



"ଜଣେ ଭଲ ଲୋକର ଜୀବନର ସର୍ବୋତ୍ତମ ଅଂଶ ହେଉଛି ତା' ଦୟା ଓ ପ୍ରେମର ସାନସାନ, ନାମହୀନ, ବିସ୍ମୃତ ଘଟଣାବଳୀ।"
– ଉଇଲିୟମ୍ ୱାର୍ଡସୱର୍ଥ

**ଉଇଲିୟମ୍ ୱାର୍ଡସୱର୍ଥ**ଙ୍କ ଜନ୍ମ ୭ ଏପ୍ରିଲ ୧୭୭୦ରେ ଓ ପରଲୋକ ୨୩ ଏପ୍ରିଲ ୧୮୫୦ରେ, ଇଂଲଣ୍ଡରେ। ସାମୁଏଲ୍ ଟେଲର୍ କୋଲେରିଜ୍‌ଙ୍କ ସହ ମିଶି ସେ ଇଂଲିଶ୍ ସାହିତ୍ୟରେ ରୋମାଣ୍ଟିକ୍ ଯୁଗର ଆରମ୍ଭ କରିଥିଲେ। ଦୁହିଁଙ୍କର ମିଳିତ ରଚନା "Lyrical Ballads" ୧୭୯୮ରେ ପ୍ରକାଶ ପାଇଥିଲା। ୱାର୍ଡସୱର୍ଥଙ୍କ ଅନ୍ୟତମ ପ୍ରମୁଖ ଗ୍ରନ୍ଥ "The Prelude" ହେଉଛି ଆଂଶିକ ଭାବେ ତାଙ୍କ ଆତ୍ମଜୀବନୀ, ଯାହା ପାଠକ ମହଲରେ ବହୁ ଆଦୃତ। ସେ ଲେଖକମାନଙ୍କୁ କହନ୍ତି: "ତୁମେ ତୁମ କାଗଜକୁ ତମ ହୃଦୟର ସ୍ପନ୍ଦନରେ ପୂର୍ଣ୍ଣ କର।"

## ପୁସ୍ତକ ପରିଚୟ

### କଳ୍ପନାର ବାସ୍ତବତା



**ଲେଖକ:** ବିଜୟ ନାୟକ
**ପ୍ରକାଶକ:** ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୨୫୦/-

ମୋଟ ୨୨ଟି ପ୍ରବନ୍ଧ ଆଲୋଚ୍ୟ ସଂକଳନରେ ସ୍ଥାନିତ, ଯେଉଁଗୁଡ଼ିକ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି ବୋଲି ଲେଖକ ଉଲ୍ଲେଖ କରିଛନ୍ତି। ପୁସ୍ତକର ପ୍ରଥମ ପ୍ରବନ୍ଧ 'ବାସ୍ତବତାର କଳ୍ପନା ଓ କଳ୍ପନାର ବାସ୍ତବତା'ରେ ହିବ୍ରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ହାରାରିଙ୍କ ମତ ଉଦ୍ଧାର କରି ବିଜୟ ଲେଖିଛନ୍ତି: "ମଣିଷ ସ୍ଥୂଳ ବାସ୍ତବତାରେ ବସବାସ କରେ, କଳ୍ପିତ ବାସ୍ତବତାରେ ବଞ୍ଚେ, ଦୃଶ୍ୟମାନ ପୃଥିବୀ ସ୍ଥୂଳ ବାସ୍ତବତାର ପୃଥିବୀ। x x କିନ୍ତୁ ମଣିଷ ବଞ୍ଚିରହିବା ପାଇଁ ପାଣି ପବନ ବ୍ୟତୀତ ଆଉ କିଛି ଲୋଡ଼ା। ସେହି 'ଆଉ କିଛି' ମଣିଷର କଳ୍ପନାପ୍ରସୂତ। ତାହା ହିଁ କଳ୍ପିତ ବାସ୍ତବତା।" ବହିଟିରେ ବିଭିନ୍ନ ବିଷୟକ ପ୍ରବନ୍ଧ ରହିଛି। ଗାନ୍ଧିଜୀ, ସୁଭାଷ ବୋଷ, ମଧୁସୂଦନ, ଗୋପବନ୍ଧୁ, ଓବାମା ଓ କସ୍ତୁରବାଙ୍କ ଭଳି ମହତ୍ ନେତୃବର୍ଗର ମନୀଷୀମାନଙ୍କ ସମ୍ପର୍କରେ ବହୁ ତଥ୍ୟନିଷ୍ଠ ଆଲେଖ୍ୟ ସାଙ୍ଗକୁ ଲେଖକଙ୍କ ନିଜସ୍ୱ ମନୋଭୂମିର ପରିପ୍ରକାଶ ପାଠକେ ଏଥିରେ ଦେଖିବାକୁ ପାଇବେ। ପ୍ରବନ୍ଧଗୁଡ଼ିକର ଉପସ୍ଥାପନା ଶୃଙ୍ଖଳିତ ଓ ଭାଷା ସରଳ ତଥା ଭାବଗର୍ଭୀ ହୋଇଥିବାରୁ ବହିଟିର କାଂକ୍ଷିତ ପାଠକ କେବଳ ବୁଦ୍ଧିଜୀବୀ ହେବେ ନାହିଁ, ସାଧାରଣ ବର୍ଗର ପାଠକମାନେ ବି ଏଥିରୁ ଜ୍ଞାନଗର୍ଭୀ ଆମୋଦ ଉଠାଇ ପାରିବେ।

### କିନ୍ତୁ କନକ



**ଲେଖକ:** କେଶବ ଚନ୍ଦ୍ର ରାଉତରାୟ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ.୧୨୦/-

ମୂଳତଃ କଥାକାର ହୋଇଥିଲେ ବି ଜୀବନ ଓ ଜଗତର ଆଖିଦେଖା ଅନୁଭବକୁ ନେଇ କେଶବ ଚନ୍ଦ୍ର ଯେତେବେଳେ ନାଟକଟିଏ ଲେଖିବସନ୍ତି, ତାହା ଖାଲି ମଞ୍ଚର ନ ହୋଇ ମଞ୍ଚତଳର ଦର୍ଶକଙ୍କର ସମୂହ-ଅନୁଭୂତି ହୋଇଉଠେ। 'ପ୍ରାକ୍ କଥନ'ରେ ଲେଖକ ଲେଖିଛନ୍ତି: "ଜୀବନର ପ୍ରତ୍ୟେକ ଅଂଶରେ ନାଟକୀୟତା ଆତ୍ମଗୋପନ କରିଛି।" ଏହା କେବଳ ଏକ ଉକ୍ତି ନୁହେଁ, ଏହି ଉକ୍ତିର ସଫଳତା ଆଲୋଚ୍ୟ ନାଟକରେ ଆମୂଳଚୂଳ ପରିଲକ୍ଷିତ ହୁଏ। ନାଟକର ଚରିତ୍ର ଭିତରେ ଏକାକାର ହୋଇଯିବା ଜଣେ ସଫଳ ନାଟ୍ୟକାର ପକ୍ଷେ ସବୁଠୁଁ ବଡ଼କଥା। ନାଟକର ଯେକୌଣସି ଚରିତ୍ର ଯଥା: ନଚାଳି ବୁଢ଼ା, ଚୌଧୁରୀ ସାଆନ୍ତ, କନକ, ଯମୁନା, ପୀତବାସ, ମାଲୁଆ, ମଙ୍ଗୁ ପାଢ଼ୀ, ହେଁସରା ବୋଉ, ସାହୁକାର ବୋହୂ, ବିଟୁଆ ମା' ଓ ଫଳମା ସାମୁଲ ଆଦି ଚରିତ୍ରଗୁଡ଼ିକ କେଉଁ ଗଛରୁ ଫଳନ୍ତି ନାହିଁ, ଆମ ଆତଯାତର ପୃଥିବୀ ଭିତରେ ବଞ୍ଚନ୍ତି ଓ ଜୀବନକୁ ସାମ୍ନା କରନ୍ତି। ସୁତରାଂ 'କିନ୍ତୁ କନକ' ନାଟକଟି ହେଉଛି ଜୀବନର ଜୀବନ୍ତ ଅଭିନୟ। ନାଟକର ସଂଳାପଗୁଡ଼ିକ ଦର୍ଶକଙ୍କୁ ନାଟକଟି ସହ ଆମୂଳଚୂଳ ଯେ ଯୋଡ଼ି ରଖିବ, ଏଥିରେ ସନ୍ଦେହ ନାହିଁ।

## କବିତା

### ଇଚ୍ଛାହୁଏ

**ରମାକାନ୍ତ ଦାସ**

ଇଚ୍ଛାହୁଏ...
ପୁଣିଥରେ ଫେରିଯିବାକୁ
ସେ ଅତୀତ ପାଖକୁ
ପୁଣିଥରେ ଜିଇବାକୁ
ସେ ଅତୀତ ସହିତ
ପୁଣି ଥରେ ହଜିଯିବାକୁ
ସେଇ ପୁରୁଣା ରାସ୍ତାରେ
ଯେଉଁ ରାସ୍ତାରେ ଥିଲେ
ତୁମେ, ମୁଁ ଓ ଆମ ପ୍ରେମ
ନେହୁରା ହୋଇ ଅଟକେଇ ଦିଅନ୍ତି
ସମୟକୁ ସେଇ ରାସ୍ତାରେ
ପୁଣିଥରେ ତୁମ ପ୍ରେମର
ରଙ୍ଗ ବୋଳନ୍ତି
ମୋ' ହୃଦୟ କାନ୍‌ଭାସରେ
ପୁଣିଥରେ ଚାଲନ୍ତି
ତୁମ ହାତରେ ହାତ ରଖି।

ଫେରିପାରନ୍ତି କି ଥରେ!
ସେଇ ପୁରୁଣା ଦିନକୁ
ପ୍ରତିଦିନ ରୁହନ୍ତି ତୁମ ଅପେକ୍ଷାରେ
ନିଜକୁ ବାନ୍ଧି ରଖନ୍ତି
ତୁମ ପ୍ରେମର ବଳୟ ମଧ୍ୟରେ
ଚାହିଁଲେ ବି ମୁଁ ଫେରିପାରେନି
ସେଇ ପୁରୁଣା ଦିନକୁ
ଭାବେ, ମୁଁ ଆଜି ନିରୋଳାରେ ବସି
କାହିଁଗଲା ସେ ଦିନ?
କାହିଁଗଲା ସେ ସମୟ?
କ'ଣ ବଦଳିଗଲା?
ମୁଁ ଜାଣିପାରେନି
ତୁମେ, ମୁଁ ନା ସମୟ!

ମୋ: ୯୬୬୮୮୧୫୩୬୯

### ନାରୀ ଅନନ୍ୟା

**ଅନସୂୟା ପଣ୍ଡା**

ମୋ ଆଗରେ ହାରିଯାଏ
ସମାଜର ନାଲିଆଖି
ସେ ଭାବିବାଠାରୁ ଊର୍ଦ୍ଧ୍ୱରେ
ମୁଁ କାଳୀ ହୋଇ
ବିଦାରି ପାରେ କାଳରାତ୍ରି
ତିଆରି ପାରେ ସ୍ୱର୍ଗର ଅମରାବତୀ।
ସୃଷ୍ଟିର ଆରମ୍ଭରୁ
ମୋ ଦେହରେ କାରିଗରି
ମୁଁ ବଦଳେ ସତେ ଯେମିତି
ମୋ ମନଟା ତିଆରି ହେଇଛି
ଭିନ୍ନଭିନ୍ନ ଧାତୁରେ
ପରସ୍ତ ପରସ୍ତ କରି।

ମୋହର ମହୁରେ ମୁଁ ତିଆରିପାରେ
ଜହ୍ନରାତିରେ କୁଲୁକୁଲୁ ଛାତି
ମଧୁମିତାର ଗପରେ ଆଣିପାରେ
ଫଗୁଣର ମତୁଆଲା ମଧୁଗୀତି
ମୁଁ ସୃଷ୍ଟିକର୍ତ୍ତାଙ୍କର
ନିଖୁଣ ତାରକସି କାମରେ
ଅନନ୍ୟା ଅତୁଳନୀୟା
ବିଶେଷ ସ୍ଥାପତ୍ୟ।

ଲୁହରେ ଲହୁରେ ଅଶ୍ରୁଅଶ୍ରୁ ବିମୁଗ୍ଧ
ଛନ୍ଦ ତାଳ ସ୍ୱର ଆପଣାପଣରେ
ତୋଳୁଥାନ୍ତି ସର୍ବବ୍ୟାପିନୀ ହିଲ୍ଲୋଳ
ସମୟକୁ କରିଦିଏ ରହସ୍ୟମୟ
ରସାଳ ରମଣୀୟ ରାଗର ସମାହାର।

ମୋ: ୯୪୩୯୨୧୧୯୭୧

### 'ଭଗ୍ନାଂଶ'

**ସଂଜୀବ କୁମାର ଦାଶ**

ମନ ଆଇନାର
ଭଙ୍ଗା ଟୁକୁଡ଼ା ସ୍ମୃତିର ବିକ୍ଷିପ୍ତ କାଚସବୁ,
ଭାବନାର ଦିଗନ୍ତରେ କରିଛି ପାଥେୟ,
ଝଲସୁଛି ସେଠି, ସେଦିନର
ସୁନେଲି ସକାଳ କିରଣ,
ଜୋଛନାର ସୁରା ପିଇ ଉଚ୍ଛନ୍ନ ଜହ୍ନ,
ଡେଇଁ ଡେଇଁ କରୁଛି ପ୍ରବାସ,
ଅଳସେଇ ଉଙ୍କିମାରୁଛି ବିଗତ,
ସେଇ ଘଞ୍ଚ ବନାନୀର
ସବୁଜିମା ଭିତରେ,
ଅପ୍ରତ୍ୟାଶିତ ଭ୍ରମରର
ମଧୁର ଆଳାପ...

ମନ୍ଦିର ଗାତ୍ରରେ ଦେଖ,
କୋଉ ଯୁଗର ବିଖଣ୍ଡିତ
ପ୍ରସ୍ତର ରୂପସୀ,
ତା'ର କଟା ନାସାଗ୍ର,
କିୟତ୍ ସ୍ତନଯୁଗଳ,
ଅବା ଭଗ୍ନ ଅଙ୍ଗୁରୀୟ,
ତଥାପି ସେ ନିତମ୍ବିନୀ, ଅପରୂପା,
ଅନୁନୟୀ ନାୟିକା, ନମ୍ରନିବେଦିତା,
ଭାବତଟସ୍ଥ, ଦେଖଣାହାରି, ଉଲ୍ଲସିତ,
ସମ୍ମୋହିତ ପ୍ରାଣଧାରେ
ଲାଖିଛି ମାନସୀ,
ତନ୍ନତନ୍ନ ଖୋଜେ ଇତିହାସ...

ନିଜ ରାସ୍ତାରେ ଚାଲୁଛି ଜଗତ,
କାହା କୁହାବୋଲାକୁ ପରତେ ନାଇଁ,
କଟା ଗଛଗଣ୍ଡି ଉପରେ
ସୁଲୁସୁଲୁ ହଲୁଛି,
କତିପୟ କଅଁଳ ପଲ୍ଲବ,
ଆହୁରି ଜୀବନର ଦୁର୍ବାର ଆଶା,
ଶେଷନୁହେଁ ଏଠି ଖାଲି
ପ୍ରାପ୍ତିର ପ୍ରତିଷ୍ଠା,
ବନ୍ଧୁର ପଥାତିକ୍ରମଣରେ
ବିକ୍ରାନ୍ତିର ଦିବ୍ୟତା,
ସମୟର ଗଣିତ ଖେଳରେ,
ପୂର୍ଣ୍ଣତା, ଯଦିଓ ସ୍ୱାଭାବିକ,
ତଥାପି ଅପରିହାର୍ଯ୍ୟ,
ଅସୁମାରି ଭଗ୍ନାଂଶ...

ମୋ: ୯୪୩୭୭୩୯୫୭୭

## ଆତ୍ମୀୟତା

### ବିଶେଷ ଗଳ୍ପ

#### ସୁଦର୍ଶନ ମହାପାତ୍ର

ସବୁ ମାନ ଅଭିମାନ ଭୁଲି ବଡ଼ଭାଇଙ୍କ ପୁଅ ଆକାଶ ଆସିଥିଲା ତାଙ୍କୁ ଗାଆଁକୁ ପାଛୋଟି ନେବା ପାଇଁ। କେତେ ସୁନ୍ଦର ସଂସ୍କାର ପିଲାଙ୍କୁ ଦେଇଛନ୍ତି ବଡ଼ଭାଇ! ଅପୂର୍ବ ବାବୁ କ'ଣ କରିବେ କିଛି ବୁଝିପାରୁ ନଥିଲେ। ଯେଉଁ ପୁଅ କଥାରେ ସେ ବଡ଼ଭାଇଙ୍କ ଠାରୁ ନିଜ ଭାଗ ସମ୍ପତ୍ତି ବିନିମୟର ପଇସା ମାଗି ଆଣିଥିଲେ ସେଇ ପୁଅ ଦ୍ୱାରା ସେମାନେ ଆଜି ଉପେକ୍ଷିତ। ପୁଅ ନାମରେ କିଣା ଯାଇଥିବା ଘରେ ଆଜି ବାପା ବୋଉଙ୍କ ପାଇଁ ସ୍ଥାନ ନାହିଁ। ପତ୍ନୀ ନିଜେ ପୁତୁରାମାନଙ୍କୁ ସବୁ କଥା କହି ଡକେଇଛନ୍ତି ବୋଲି ଅପୂର୍ବ ବାବୁ ବୁଝି ପାରିଲେ ଅନାୟାସରେ।

ଠିକ୍ ସମୟରେ ଗାଡ଼ି ପହଞ୍ଚି ଯାଇଥିଲା ଗାଆଁରେ। ଦୁଇ ବର୍ଷ ପରେ ସତେଯେମିତି ଉତ୍ସବଟିଏ ପାଳନ ହେଉଛି ଘରେ। ସମସ୍ତଙ୍କ ମୁହଁରେ ଖୁସିର ତରଙ୍ଗ ଖେଳିଯାଉଛି। ଆମ ଜେଜେ, ଜେଜେମା' କହି ଦୁଇଟିଯାକ ଛୁଆ ଲୋଟି ପଡ଼ିଲେଣି ସେମାନଙ୍କ ଉପରେ। ଓଃ, କି ଶାନ୍ତି! କାଖେଇ, କୁଣ୍ଢେଇ ଗେଲ କରି ଅଳକା ସତେକି ହଜିଗଲେଣି ସେ ଉତ୍ସବରେ। ବୋହୂ ପାଦ ଛୁଇଁ ଉଠୁଉଠୁ ତାଗିଦ୍ ଗଲା ପିଲାମାନଙ୍କୁ –"ଜେଜେ, ଜେଜେମା'ଙ୍କୁ ଏବେ ଟିକେ ବସିବାକୁ ଦିଅ। ଏମିତି କାହିଁକି ହେଉଚ। ଏଇଠି ସେ ଏବେ ସବୁଦିନ ତୁମମାନଙ୍କ ପାଖରେ ରହିବେ।"

ଅପୂର୍ବ ବାବୁ ନିରେଖି ଦେଖିଲେ ବାଡ଼ି ପଟକୁ। ଆକାଶ ବୋଧହୁଏ ବୁଝିଗଲା ତାଙ୍କ କଥା। "ଆମେ ପୁରୁଣା ମାଟି ଘର ଜାଗାରେ ଚାରି ବଖରା କୋଠାଘର କରିଛୁ। ହେଲେ ବାପା ରହୁଥିବା ସେଇ ଘରକୁ ମୁଁ ଭାଙ୍ଗି ନାହିଁ। ବାପା ନାହିଁ କରିଥିଲେ ସେ ଘର ଭାଙ୍ଗିବା ପାଇଁ। ସେଇ ଘରେ ଖାଲି ଖଟଟିଏ ପଡ଼ିଛି। ପିଲାମାନେ ସେଇଠି ପଢ଼ାପଢ଼ି କରନ୍ତି, ଖେଳନ୍ତି।" ସେଇ ଘରଆଡ଼କୁ ଚାଲିଲେ ଅପୂର୍ବ ବାବୁ।

"ଜାଣିଲୁ ଆକାଶ, ଏଇ ଘରେ ଆମ ଦୁଇ ଭାଇଙ୍କର ଜନ୍ମ। ଦେଖୁନୁ ବୋଉ ତିଆରି କରିଥିବା ଦୁଇଟିଯାକ ଷଠିଘର ଏବେବି ଅତୁଟ ଅଛି। ଏଇ ଘରେ ହିଁ ମୁଁ ରହିବି। ପିଲାମାନଙ୍କ ସାଙ୍ଗରେ ଖେଳିବି, ସେମାନଙ୍କୁ ପାଠ ପଢ଼େଇବି, ମୋ' ସମୟ ଖୁସିରେ କଟିଯିବ।"

"ନା, ଛୁଆ ବାପା। ସେଇ ପଟ କୋଠାଘରେ ତୁମେ ରହିବ ବୋଲି ଆମେ ଠିକ୍ କରିଛୁ। ସେଇ ଘରଟା ଟିକିଏ ବଡ଼ ଅଛି, ଝର୍କା ସେପଟେ ବଗିଚାଟା ଅଛି। ତୁମକୁ ଭଲ ଲାଗିବ। ତୁମେ ଏ ମାଟିଘରେ ରହିଲେ ଲୋକେ କ'ଣ କହିବେ?"

ଅପୂର୍ବ ବାବୁ ବସି ତୁଳନା କରୁଥିଲେ ନିଜ ପୁଅ ଅର୍ଣ୍ଣବକୁ ବଡ଼ଭାଇଙ୍କ ପୁଅ ଆକାଶ ସହିତ। ଜଣେ ଶିକ୍ଷିତ ନିହାତି ସ୍ୱାର୍ଥପର ହୋଇ ମାଆ ବାପାଙ୍କୁ ହତାଦର କରୁଥିବା ବେଳେ ଆଉ ଜଣେ ବେଶି ପାଠଶାଠ ପଢ଼ି ନ ଥିବା ପୁଅ କେତେ ମାର୍ଜିତ, କେତେ ବିବେକବାନ୍!

"ବାପା ବୋଉ ମୋତେ କେତେଥର ଗୋଟିଏ କଥା କହୁଥିଲେ। ଛୁଆବାପା ତୁମର ଭାରି ସାଧାରଣ। ନିର୍ମାୟାଟା। ସେ ଆମର ବଡ଼ପୁଅ। ତା' ଅସୁବିଧାରେ ତୁ ନିଶ୍ଚୟ ଠିଆହେବୁ। ଆଜି ସେମାନେ ସିନା ନାହାନ୍ତି, ହେଲେ ଛୁଆବାପା, ଛୁଆବୋଉ ଥାଉଁଥାଉଁ ମୁଁ ବାପା ମା' ଛେଉଣ୍ଡ ହୋଇ କାହିଁକି ରହିବି!" ଆକାଶ କଥାରେ ଅପୂର୍ବ ବାବୁଙ୍କ ଆଖିରେ ଲୁହ ଟଳମଳ କରୁଥିଲା।

"ଛୁଆବୋଉ ତାଙ୍କର ସୁନା ଚୁଡ଼ି ଏବଂ କାନଫୁଲକୁ ମୋତେ ବାଧକରି ପିନ୍ଧେଇ ଦେଇଛନ୍ତି ଛୁଆ ବାପା।" ନମସ୍କାର କରି ଉଠିଲା ବେଳକୁ ସେଦିନ କହିଲା ବୋହୂ। ଅପୂର୍ବ ବାବୁଙ୍କ ମୁହଁରେ ବହୁତ ଦିନ ପରେ ଯେମିତି ଖୁସିର ଝଲକଟିଏ ଖେଳିଗଲା!

ମୋ: ୯୪୩୮୧୭୫୫୪୨



ଧରିତ୍ରୀ
DHARITRI
Bhubaneswar, Saturday, April 1/2023



## ବାଧତାମୂଳକ ଟେଷ୍ଟିଂର ଅବଧି ବୃଦ୍ଧି

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ସ୍ୱୟଂଚାଳିତ ଟେଷ୍ଟିଂ ଷ୍ଟେଶନ (ଏଟିଏସ୍)ର ସ୍ଥିତିକୁ ଦୃଷ୍ଟିରେ ରଖି ଭାରି ସାମଗ୍ରୀ ପରିବହନ ଯାନ, ଭାରି ଯାତ୍ରୀ ପରିବହନ ଯାନ, ମଧମ ସାମଗ୍ରୀ ପରିବହନ ଯାନ, ମଧମ ଯାତ୍ରୀ ପରିବହନ ଯାନ ଏବଂ ହାଲୁକା ମୋଟରଯାନ ପାଇଁ ବାଧତାମୂଳକ ଫିଟ୍‌ନେସ୍ ଟେଷ୍ଟିଂର ଅବଧିକୁ ୨୦୨୪ ଅକ୍ଟୋବର ୧ ପର୍ଯ୍ୟନ୍ତ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଘୁଞ୍ଚାଇ ଦିଆଯାଇଛି। ଏକ ସ୍ୱୟଂଚାଳିତ ଟେଷ୍ଟିଂ ଷ୍ଟେଶନ ଜରିଆରେ ଗାଡ଼ିର ଫିଟ୍‌ନେସ୍ ଯାଞ୍ଚ କରି ପ୍ରମାଣପତ୍ର ହାସଲ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ବାଧତାମୂଳକ କରାଯାଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସିଏମ୍‌ଆର୍‌ଏଫ୍‌କୁ ୧୦୦କୋଟି ଦେଲା ଓଏମ୍‌ସି

**ଭୁବନେଶ୍ୱର,୩୧।୩**

ଓଡ଼ିଶା ସରକାରଙ୍କ ଖଣି ବିଭାଗ ଅଧୀନରେ ଥିବା ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି (ସିଏମ୍‌ଆର୍‌ଏଫ୍)କୁ ୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏପରିକି ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଉକ୍ତ ପରିମାଣର ଅର୍ଥ ରାଶି ସ୍ୱରୂପ ଏକ ଚେକ୍ ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଇସ୍ପାତ ଏବଂ ଖଣିବିଭାଗର ଅତିରିକ୍ତ ମୁଖ୍ୟ ସଚିବ ତଥା ଓଏମ୍‌ସିର ଅଧ୍ୟକ୍ଷ ଦେଓରଞ୍ଜନ କୁମାର ସିଂ, ଓଏମ୍‌ସିର ମ୍ୟାନେଜିଂ ଡାଇରେକ୍ଟର ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ହରିଶ୍ଚନ୍ଦ୍ର ଓ ମହାପ୍ରୟାଣ ଯୋଜନା ପାଇଁ ଉକ୍ତ ରାଶି ସିଏମ୍‌ଆର୍‌ଏଫ୍‌କୁ ଦିଆଯାଇଥିବା ଓଏମ୍‌ସି ପକ୍ଷରୁ କୁହାଯାଇଛି। ଏପରିକି ହରିଶ୍ଚନ୍ଦ୍ର ସହାୟତା ଯୋଜନା ଅଧୀନରେ ଗରିବ ଏବଂ ଅସହାୟ ଲୋକମାନେ ସହାୟତା ପାଇଥାନ୍ତି। ସେହିଭଳି ମୃତକଙ୍କ ଅନ୍ତିମ ସତ୍କାର ପାଇଁ ସେମାନଙ୍କ ପରିବାର ସଦସ୍ୟଙ୍କୁ ଉକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ଫଳରେ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ମହାପ୍ରୟାଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଉକ୍ତ ଯୋଜନାରେ ମୃତକଙ୍କ ଶରୀରକୁ ମୃତ୍ୟୁ ସ୍ଥାନରୁ ନିଜର ବାସସ୍ଥାନ ପର୍ଯ୍ୟନ୍ତ ନେବା ପାଇଁ ସହାୟତା ପ୍ରଦାନ କରାଯାଉଛି। ଅପରପକ୍ଷରେ ରାଜ୍ୟର ଏକ ପ୍ରମୁଖ ନିଗମ ବା ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବେ ଓଏମ୍‌ସି ରାଜ୍ୟ ସରକାରଙ୍କ ଏଭଳି ଏକ ଜନହିତକର ଯୋଜନା ପାଇଁ ଉକ୍ତ ପରିମାଣର ଅର୍ଥ ରାଶି ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଜନକଲ୍ୟାଣ ଯୋଜନା ପାଇଁ ଓଏମ୍‌ସି ପକ୍ଷରୁ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ପ୍ରଦାନ କରାଯାଉଛି। ଏହାବ୍ୟତୀତ ଓଏମ୍‌ସିର ଖଣି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ସାମାଜିକ, ଅର୍ଥନୈତିକ ବିକାଶ ଦିଗରେ ମଧ୍ୟ ସିଏସ୍‌ଆର୍ କାର୍ଯ୍ୟକ୍ରମ ଦ୍ୱାରା ଓଏମ୍‌ସି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି।



# ଉତ୍କଳ କି କଳା ଅଭିଯାନର ଶୁଭାରମ୍ଭ



**ଭୁବନେଶ୍ୱର,୩୧।୩**

ଟାଟା ଟି'ର ବିବିଧ ପୋର୍ଟଫୋଲିଓର ପ୍ରମୁଖ ବ୍ରାଣ୍ଡ ଟାଟା ଟି ପ୍ରିମିୟମ୍-ଦେଶ କି ଚାଏ ପକ୍ଷରୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ପାଳନ କରିବା ଲାଗି ଶୁକ୍ରବାର 'ଉତ୍କଳ ଦିବସ' ପୂର୍ବରୁ ଉତ୍କଳ କି କଳା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଏକାମ୍ର ହାଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦ୍ମବିଭୂଷଣ ତଥା ସୁଦର୍ଶନ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ୍‌ର ପ୍ରତିଷ୍ଠାତା ସୁଦର୍ଶନ ସାହୁ, କଳାକୃତି କ୍ଷେତ୍ରର ପୁନରୁଦ୍ଧାର ପାଇଁ ସମର୍ପିତ ସଂସ୍ଥା 'ଶ୍ରଦ୍ଧା'ର ସଭାପତି ଓ ଭାରତ ସରକାରଙ୍କ ପୂର୍ବତନ ବୟନ ସଚିବ ଡକ୍ଟର ସଂଜୟ କୁମାର ପଣ୍ଡା, କଳାକୃତି କର୍ମୀ ଓ ଓଡ଼ିତା ଟ୍ରଷ୍ଟର ପ୍ରତିଷ୍ଠାତା ଓ ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ଅନିତା ସାବତ ଏବଂ ବିଶିଷ୍ଟ ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏ ସମ୍ପର୍କରେ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍‌ର ସଭାପତି-ପ୍ୟାକେଜଡ୍ ବେଭରେଜେସ୍ (ଭାରତ ଓ ଦକ୍ଷିଣ ଏସିଆ) ପୁନୀତ ଦାସ କହିଛନ୍ତି, ଓଡ଼ିଶାର ଲୋକମାନଙ୍କ ସହିତ ଆମ ବ୍ରାଣ୍ଡର ସମ୍ପର୍କକୁ ସୁଦୃଢ଼ କରିବା ଲାଗି ଆମର ଜାରି ରହିଥିବା ଉଦ୍ୟମର ଅଂଶସ୍ୱରୂପ ଏହି ଉତ୍କଳ ଦିବସରେ ଆମ ଉତ୍କଳ କି କଳା ଅଭିଯାନ ଜରିଆରେ ରାଜ୍ୟର ହସ୍ତତନ୍ତ ସଂସ୍କୃତିକୁ ପାଳନ କରିବାକୁ ଆମେ ଉତ୍ସାହିତ। ଓଡ଼ିଶାର ବ୍ୟାପକ ହସ୍ତତନ୍ତ ଶାଢ଼ି ରାଜ୍ୟ ସାଂସ୍କୃତିକ ଭାବର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆମ ଲିମିଟେଡ୍ ଏଡିସନ୍ ପ୍ୟାକ୍‌ରେ ଆମେ ଏହି ପାରମ୍ପରିକ ହସ୍ତତନ୍ତ ଓ ତାହାର ଯାଦୁକରୀ ଡିଜାଇନ୍‌କୁ ଜୀବନ୍ତ କରିପାରିଛୁ। ସେହି କାହାଣୀକୁ ପ୍ୟାକ୍‌ଠାରୁ ଆଗକୁ ନେଇ ଏକ ସିନେମାରେ ଯୋଡ଼ାଯାଇଛି ଯାହାକୁ ଓଡ଼ିଶାର ଗ୍ରାହକମାନେ ଦେଖିପାରିବେ। ଓଡ଼ିଶାର ସମୃଦ୍ଧ ସଂସ୍କୃତିକୁ ପାଳନ କରିବା ସହିତ ଏହି ଅଭିଯାନକୁ ଆଗକୁ ବଢ଼ାଇ ଏହି କଳାକାରମାନଙ୍କ ଯାଦୁରେ ଗୁରୁତ୍ୱାରୋପ କରି, ଓଡ଼ିଶାର ଲୋକମାନଙ୍କ ସହିତ ସମ୍ପର୍କକୁ ଆହୁରି ମଜଭୁତ କରିବା ହେଉଛି ଆମ ହାଇପରଲୋକାଲ୍ ରଣନୀତିର ମୂଳ ଉଦ୍ଦେଶ୍ୟ।

## ଆଜିଠାରୁ କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନା

**ନୂଆଦିଲ୍ଲୀ,୩୧।୩**

ଦେଶର ବିକାଶ ପାଇଁ ସରକାର ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନାର ଶୁଭାରମ୍ଭ କରିଥିଲେ। ଏପରିକି ଚଳିତ ଥରର କେନ୍ଦ୍ର ବଜେଟ୍ ୨୦୨୩-୨୪ ଉପସ୍ଥାପନ କରିବା ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନାରେ ସୁଧାର ଲାଗି ଘୋଷଣା କରିଥିଲେ। ବିଶେଷକରି ବର୍ତ୍ତମାନର ସଂଶୋଧିତ ଯୋଜନା ୨୦୨୩ ଏପ୍ରିଲ ୧ରୁ ଲାଗୁ ହେବ। ଏଥିପାଇଁ ସରକାର ୯,୦୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବିନିଯୋଗ କରିବେ। ଫଳରେ ୨ଲକ୍ଷ କୋଟି ଟଙ୍କାର ବନ୍ଧକମୁକ୍ତ ଗ୍ୟାରେଣ୍ଟିଯୁକ୍ତ ଋଣ ଯୋଗାଇଦେବା ସମ୍ଭବ ହୋଇପାରିବ। ଉଲ୍ଲେଖଯୋଗ୍ୟ, ଏହା ଋଣ ଖର୍ଚ୍ଚକୁ ପ୍ରାୟ ୧% ପର୍ଯ୍ୟନ୍ତ ହ୍ରାସ କରିବ। ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ କର୍ପସ (ସିଜିଟିଏମ୍‌ଏସ୍‌ଇ) ୨୦୨୩ ମାର୍ଚ୍ଚ ୩୦ ରେ ୮,୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିଛି। ସିଜିଟିଏମ୍‌ଏସ୍‌ଇ ପକ୍ଷରୁ ୧କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ବାର୍ଷିକ ଗ୍ୟାରେଣ୍ଟି ଶୁଳ୍କ ସଂକ୍ରାନ୍ତରେ ମାର୍ଗଦର୍ଶିକା ଜାରି କରାଯାଇଛି। ଫଳରେ ବାର୍ଷିକ ଶୁଳ୍କ ପରିମାଣ ସର୍ବାଧିକ ୨%ରୁ ସର୍ବନିମ୍ନ ୦.୩୭%ରେ ଧାର୍ଯ୍ୟ ହୋଇଛି। ଏହା ଲଘୁ ଓ କ୍ଷୁଦ୍ର ଉଦ୍ୟୋଗକୁ ଦିଆଯାଉଥିବା ଋଣ ଉପରେ ସାମଗ୍ରିକ ଖର୍ଚ୍ଚକୁ ଅନେକ ପରିମାଣରେ ହ୍ରାସ କରିବ। ଏପରିକି ଗ୍ୟାରେଣ୍ଟି ପାଇଁ ସିଲିଂ ଉପରେ ସୀମାକୁ ୨କୋଟି ଟଙ୍କାରୁ ୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

# ଦୃଢ଼ ଇକୋସିଷ୍ଟମ୍ ଗଠନକୁ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ,୩୧।୩**

ଦେଶର ପ୍ରମୁଖ ଫିନ୍‌ଟେକ୍ କମ୍ପାନୀ ଭାରତପେ ଗ୍ରୁପ୍ ଏବଂ ମହିଳା ଉଦ୍ୟୋଗୀ ପ୍ଲାଟ୍‌ଫର୍ମ (ଡବ୍ଲ୍ୟୁଇପି) ମଧ୍ୟରେ ଏକ ବ୍ୟବସାୟିକ ସହଭାଗିତା ସ୍ଥାପନ କରାଯାଇଥିବା ଉଭୟ ପକ୍ଷରୁ କୁହାଯାଇଛି। ବିଶେଷକରି ମହିଳା ଉଦ୍ୟୋଗୀମାନଙ୍କୁ ଆତ୍ମନିର୍ଭରଶୀଳତା ଏବଂ ବ୍ୟବସାୟ ଅଭିବୃଦ୍ଧିରେ ସକ୍ଷମ କରାଇବା ଦିଗରେ ଉକ୍ତ ସହଭାଗିତା କାର୍ଯ୍ୟ କରିବ। ଏପରିକି ଉକ୍ତ ସହଭାଗିତା ଦ୍ୱାରା ଏକ ଦୃଢ଼ ଇକୋସିଷ୍ଟମ୍ ଗଠନ କରିବାକୁ ଉଭୟ ସଂସ୍ଥା ଲକ୍ଷ୍ୟ ରଖିଛି, ଯାହା ଭାରତର ବିଭିନ୍ନ ପ୍ରାନ୍ତରୁ ମହିଳା ଉଦ୍ୟୋଗୀଙ୍କୁ ଏକତ୍ର କରିଥାଏ।

ଏ ସମ୍ପର୍କରେ ଭାରତପେର ସିଏଫ୍‌ଓ ଏବଂ ମଧ୍ୟବର୍ତ୍ତିକାଳୀନ ସିଇଓ ନଳୀନ ନେଗି କହିଛନ୍ତି, ଭାରତ ଏକ ଷ୍ଟାର୍ଟଅପ୍ ଏବଂ ୟୁନିକର୍ନ ହବ୍ ହୋଇଥିବାବେଳେ ଦେଶରେ ମହିଳା ଉଦ୍ୟୋଗୀଙ୍କ ଅଂଶ କମ୍ ରହିଛି। ଦେଶରେ ମହିଳା ଉଦ୍ୟୋଗିତାକୁ ଚଳାଇବା ଦିଗରେ ଡବ୍ଲ୍ୟୁଇପିର ଏକ ଅପରିପକ୍ୱ କାର୍ଯ୍ୟ ରହିଛି ଏବଂ ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ବ୍ୟବସାୟର ଅଭିବୃଦ୍ଧିରେ ସକ୍ଷମ ହେବା ପାଇଁ ଆମର ସହଭାଗୀ ଦୃଷ୍ଟିକୋଣରେ ସେମାନଙ୍କ ସହ ଭାଗୀଦାରି କରି ଆମେ ଗର୍ବିତ କରିଛି।

# ସ୍ୱଳ୍ପ ସଞ୍ଚୟ ସ୍କିମ୍‌ର ସୁଧ ହାରରେ ବୃଦ୍ଧି

**ନୂଆଦିଲ୍ଲୀ,୩୧।୩**

ଚଳିତ ଆର୍ଥିକ ବର୍ଷ (୨୦୨୩-୨୪) ର ପ୍ରଥମ ତ୍ରୈମାସ ଶନିବାର ଠାରୁ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନୂଆ ତ୍ରୈମାସ ପାଇଁ ସ୍ୱଳ୍ପ ସଞ୍ଚୟ ସ୍କିମ୍‌ର ସୁଧହାରରେ ବୃଦ୍ଧ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦେଶର ବିଭିନ୍ନ କ୍ଷେତ୍ରରେ ଜାରି ସ୍ୱଳ୍ପ ସଞ୍ଚୟ ସ୍କିମ୍ ଅଧୀନରେ ଥିବା ବିଭିନ୍ନ ସ୍କିମ୍ ଉପରେ ସୁଧ ହାର ୦.୧% ରୁ ୦.୭୦% କୁ ବୃଦ୍ଧି କରାଯାଇଛି। ତେବେ ଏଥର ମଧ୍ୟ ସରକାର ପିପିଏଫ୍‌ର ସୁଧ ହାର ବୃଦ୍ଧି କରିନାହାନ୍ତି। ନୂଆ ସୁଧ ହାର ୨୦୨୩ ଏପ୍ରିଲ ୧ ରୁ ୨୦୨୩ ଜୁନ୍ ତ୍ରୈମାସ ପାଇଁ ଲାଗୁ ରହିବ। ଘୋଷିତ ଇ-ସୁଧ ହାରରେ ଜାତୀୟ ସଞ୍ଚୟ ପ୍ରମାଣପତ୍ର (ଏନ୍‌ଏସ୍‌ସି)ର ସୁଧ ହାର ସବୁଠାରୁ ଅଧିକ ବୃଦ୍ଧି କରାଯାଇଛି। ଏହା ଅଧୀନରେ ଏପ୍ରିଲ ପହିଲାରୁ ୭.୦% ପରିବର୍ତ୍ତେ ୭.୭% ସୁଧ ମିଳିବ। ଏହା ବ୍ୟତୀତ ଗୋଟିଏ ବର୍ଷ, ୨ବର୍ଷ, ୩ ବର୍ଷ ଓ ୫ ବର୍ଷିଆ ଜମା ଉପରେ ସୁଧ ହାର ୦.୧% ରୁ ୦.୫%କୁ ବୃଦ୍ଧି କରାଯାଇଛି। ସେହିପରି କିଷାନ ବିକାଶପତ୍ର ବର୍ତ୍ତମାନ ୧୨୦ ମାସ ପରିବର୍ତ୍ତେ ୧୧୫ ମାସରେ ପରିପକ୍ୱ ହେବ। ନୂଆ ସୁଧ ହାର ୭.୨%ରୁ ୭.୫%କୁ ବୃଦ୍ଧି କରାଯାଇଛି। ସେହିପରି ସୁକନ୍ୟା ସମୃଦ୍ଧି ସ୍କିମ୍‌ରେ ସୁଧହାର ୮% କୁ ବୃଦ୍ଧି କରାଯାଇଛି। ୫ବର୍ଷୀୟ ଡାକଘର ଜମା ପାଇଁ ସୁଧହାର ୭.୫%କୁ ବୃଦ୍ଧି ପାଇଛି। ଅର୍ଥ ମନ୍ତ୍ରଣାଳୟ ଏଥର ମଧ୍ୟ ସଞ୍ଚୟ ଆକାଉଣ୍ଟ ଏବଂ ପିପିଏଫ୍ ଉପରେ ସୁଧ ହାର ବୃଦ୍ଧି କରିନାହାନ୍ତି। ପିପିଏଫ୍ ଉପରେ ସୁଧ ହାର ୦.୦୫%କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏଥର ପିପିଏଫ୍‌ର ସୁଧ ହାର ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିଲା କିନ୍ତୁ ଏହାକୁ ୭.୧% ରେ ବଜାୟ ରଖାଯାଇଛି।

# ଅରୁନ୍ଧତୀକୁ ବେଷ୍ଟ ରିଜିଓନାଲ ଜୁଏଲେରି ରିଟେଲ ଅଫ୍ ଦି ଇୟର (ଇଷ୍ଟ) ସମ୍ମାନ

**ଭୁବନେଶ୍ୱର,୩୧।୩**



ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସକୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ମୁମ୍ବାଇ ସ୍ଥିତ ସାହାର ଷ୍ଟାର୍ ହୋଟେଲଠାରେ ଇଣ୍ଡିଆ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏଶନ (ଆଇବିଜେଏ) ଲିମିଟେଡ୍ ଏବଂ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ (ଡବ୍ଲ୍ୟୁଜିସି) ଦ୍ୱାରା ଆୟୋଜିତ ୮ମ ଇଣ୍ଡିଆ-ଇଣ୍ଟରନ୍ୟାଶନାଲ ବୁଲିୟନ ଆଣ୍ଡ ଜୁଏଲେରି ସମ୍ମିଟ୍-୨୦୨୩ ଅବସରରେ ଅରୁନ୍ଧତୀ ଜୁଏଲର୍ସକୁ ବେଷ୍ଟ ରିଜିଓନାଲ ଜୁଏଲେରି ରିଟେଲ ଅଫ୍ ଦି ଇୟର (ଇଷ୍ଟ) ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ନରୱେକର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ଏମ୍‌ଡି ତଥା ସିଇଓ ଆଶିଷ କୁମାର ଚୌହାନ, ଆଇବିଜେଏର ଜାତୀୟ ସଭାପତି ପୃଥୀରାଜ କୋଠାରି, ଡବ୍ଲ୍ୟୁଜିସିର ଭାରତ ମୁଖ୍ୟ ସୋମସୁନ୍ଦର ପି.ଆର୍, ଜିଜେସିର ଅଧ୍ୟକ୍ଷ ସୋୟମ ମେହେରା,ଓସ୍‌ୱାଲ ଫାଇନାସିଆଲ ସର୍ଭିସେସ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୋତିଲାଲ ଓସ୍‌ୱାଲ,ନ୍ୟାଶନାଲ ଜେମ୍ସ ଆଣ୍ଡ ଜୁଏଲେରି କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଗତ ୩ମାସ ମଧ୍ୟରେ ୨ ଦୁଇ ଥର ଜାତୀୟସ୍ତରର (ପୂର୍ବ ଭାରତର ଏକ ଅଗ୍ରଣୀ ଓ ବିଶ୍ୱାସନୀୟ ଜୁଏଲେରି ବ୍ରାଣ୍ଡ) ସମ୍ମାନରେ ସମ୍ମାନିତ ହେବା ଆମ ସମସ୍ତଙ୍କ ପାଇଁ ଓ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ସୂଚନାଯୋଗ୍ୟ ୨୦୨୩ ବର୍ଷ ଶେଷ ସୁଦ୍ଧା ଅରୁନ୍ଧତୀ ଓଡ଼ିଶାର ୧୦ଟି ପ୍ରମୁଖ ସହରରେ ତା'ର ସେବା ଯୋଗାଇଦେବା ଲକ୍ଷ୍ୟ ରଖିଛି।

# ଏନ୍‌ଏମ୍‌ଏସିସି ଉଦ୍‌ଘାଟିତ

**ମୁମ୍ବାଇ,୩୧।୩**



ସାରା ବିଶ୍ୱର କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ଦେଶର ସର୍ବବୃହତ୍ କଲ୍‌ଚରାଲ ସେଣ୍ଟର ନୀତା ମୁକେଶ ଅମ୍ବାନୀ କଲ୍‌ଚରାଲ ସେଣ୍ଟର (ଏନ୍‌ଏମ୍‌ଏସିସି) ର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏପରିକି ଦେଶ ବିଦେଶର କଳାକାର, ଧର୍ମଗୁରୁ, କ୍ରୀଡ଼ା ଓ ବ୍ୟବସାୟ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଶୁକ୍ରବାର ଏନ୍‌ଏମ୍‌ଏସିସି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରିଲାଏନ୍ସ ଫାଉଣ୍ଡେଶନର ଅଧ୍ୟକ୍ଷା ନୀତା ଅମ୍ବାନୀ, ମୁକେଶ ଅମ୍ବାନୀ ଏବଂ ଇଶା ଅମ୍ବାନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ନୀତା କହିଛନ୍ତି, ଏନ୍‌ଏମ୍‌ଏସିସିକୁ ମିଳିଥିବା ସମର୍ଥନକୁ ନେଇ ଆମେ ବେଶ୍ ଉତ୍ସାହିତ। ଏପରିକି ଏହା ଦୁନିଆର ଶ୍ରେଷ୍ଠ କଲ୍‌ଚରାଲ ସେଣ୍ଟର ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ବିଶେଷକରି ଏଠାରେ ସମସ୍ତ କଳା ଓ କଳାକାରଙ୍କୁ ସ୍ୱାଗତ କରୁଛୁ। ଏଠାରେ ଛୋଟ ସହର ଏବଂ ଦୂରଦୂରାନ୍ତ ଅଞ୍ଚଳର ଯୁବତୀଯୁବକଙ୍କୁ ସେମାନଙ୍କ କଳା ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ମୁଁ ଆଶା କରୁଛି ଯେ ଦୁନିଆର ଶ୍ରେଷ୍ଠ ଶୋ'ଗୁଡ଼ିକ ମଧ୍ୟ ଏଠାରେ ଆୟୋଜିତ ହେବ। ସେହିଭଳି ମୁକେଶ କହିଛନ୍ତି, ମୁମ୍ବାଇ ସମେତ ସାରା ଦେଶ ପାଇଁ ଉକ୍ତ ସେଣ୍ଟର ସବୁଠୁ ବଡ଼ କେନ୍ଦ୍ର ଭାବେ ଉଭାହେବ। ଏଠାରେ ବଡ଼ ବଡ ଶୋ'ର ଆୟୋଜନ କରାଯାଇପାରିବ। ମୁଁ ଆଶା କରୁଛି, ଭାରତୀୟ କଳାକାରମାନେ ନିଜ କଳାତ୍ମକ ଭାବ ସହ ମୌଳିକ ବା ଅରିଜିନାଲ୍ ଶୋ' ଏଠାରେ ପ୍ରସ୍ତୁତ କରିପାରିବେ।

**Classified Everyday**
**0674-2580101, 2549949**





**SALE**

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph-9040172828. D-3161

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

Litigation free 2400sqft. plot at Maruti Nagar, Nuagaon for sale. Contact- 9938329821 No broker please. D-3137

Duplex sale at Bhubaneswar @50 lakhs and apartment near Sum Hospital. 9777433701. D-74835

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରିଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। **9438299931.** D-3128

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Residential / Gharabari plot near SBI on SH 65 at Badamba Garh is ready for sale. Ideal Location for Petrol Pump or Market Complex. Plot Size : 1.04 Acres Imp : Only persons interested to purchase the entire plot need to contact. Please contact through Whatsapp / SMS : 9937077222. D-3088

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829. D-74834

House for sale at GGP Colony 3Storied building (10nos of individual quarters). Contact: 7978141625. D-3080





**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74668

All types of professional body massage by professional therapy. Contact: 9556924059, 7077933109. D-3163

**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Full body massage in homely atmosphere all therapy. Mob: 8114881641. D-73425

**Full Body massage by Experience Therapist @999 only- 9078484455. (Bhubaneswar).** D-3134

**AFFIDAVIT**

By virtue of an affidavit sworn in before the Court of Executive Magistrate, Bhubaneswar on 31.03.2023, I, Santosh Kumar Giri have changed my Minor daughter's name from Saini Giri to Sai Tanvi Giri. Henceforth my daughter will be known as Sai Tanvi Giri instead of Saini Giri for all purposes.
Sd./- Santosh Kumar Giri
D-3135

Affidavit before Executive Magistrate, Dhenkanal, declare that changed my wife's name from Rengulathathey to Rangalata Samal. Henceforth she shall be known as Rangalata Samal and correct date of birth 15.07.1961 for Army record and all purposes, W/o. Sanatan Samal(Ex service No-6903245H, Rank-TS, NK), At/PO: Kalanga, PS-Sadar, Dist-Dhenkanal. D-74057

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସରୋଜିନୀ ମିଶ୍ର**
(ସ୍ୱର୍ଗତ ସାଧୁଚରଣ ମିଶ୍ରଙ୍କ ସହଧର୍ମିଣୀ)
ମାଳପଡ଼ା, ବଲାଙ୍ଗୀର
ଆବିର୍ଭାବ: ୧୯।୧୦।୧୯୩୦
ତିରୋଧାନ: ୨୧।୦୩।୨୦୨୩

ହେ ପୂଜ୍ୟା, ପବିତ୍ର ଦ୍ୱାଦଶାହ ଉପଲକ୍ଷେ ଆପଣଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ପୁତ୍ର: ଆଶୁତୋଷ ମିଶ୍ର, ଅରୁଣ ମିଶ୍ର, ପ୍ରଫେସର ତରୁଣ ମିଶ୍ର, ପୁତ୍ରବଧୂ: ମନୋରମା, ସବିତା, ନନ୍ଦିତା, ଆରତୀ ଓ ମଧୁଛନ୍ଦା, ଝିଅ: ମଣିକୁନ୍ତଳା, ମଞ୍ଜୁଳା, ଜ୍ୱାଇଁ: ବିଜୟ, ନାତିନାତୁଣୀ: ସ୍ୱରୂପ, ଚିକୁ, ସୌରଭ, ଆଦିତ୍ୟ, ସିଦ୍ଧାର୍ଥ, ଚନ୍ଦନ, ଡା. ସାର୍ଥକ, ପୂଜା ଏବଂ ଶୋକସନ୍ତପ୍ତ ମିଶ୍ର ପରିବାରବର୍ଗ।
ଧ-୩୧୩୯

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧/୨୦୨୩ Bhubaneswar, Saturday, April 1/ 2023


ନୃତ୍ୟ ଅବସରରେ ବଲିଉଡ୍ ଅଭିନେତ୍ରୀ ତମନ୍ନା ଭାଟିଆ।


ଅରିଜିତ ସିଂଙ୍କ ସଙ୍ଗୀତ ପରିବେଷଣ।



ଅହମଦାବାଦରେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସମାରୋହରେ ବିସିସିଆଇ କର୍ମକର୍ତ୍ତା, ଦୁଇ ଦଳର ଅଧିନାୟକ ଓ କଳାକାରମାନେ।


ଆଲୋକରେ ଉଦ୍‌ଭାସିତ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ।

# ବିଜୟ ସହ ଜାଏଣ୍ଟ୍ସର ଅଭିଯାନ ଆରମ୍ଭ

**ଅହମଦାବାଦ, ୩୧।୩**

ଗତଥରର ଚାମ୍ପିୟନ ଗୁଜରାଟ ଜାଏଣ୍ଟ୍ସ ଏଥର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏହି ଦଳ ଚେନ୍ନାଇ ସୁପରକିଙ୍ଗ୍ସକୁ ୫ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୭୮ ରନ କରିଥିଲା। ଗୁଜରାଟ ୧୯.୨ ଓଭରରେ ୫ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ନେଇଥିଲା।


ଗୁଜରାଟକୁ ଜିତାଇବା ପରେ ରାହୁଲ ଟେୱାଟିଆ ଓ ରଶିଦ ଖାଁ।

## ଋତୁରାଜ ଶତକରୁ ବଞ୍ଚିତ

ଟସ୍ ଜିତି ଗୁଜରାଟ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଚେନ୍ନାଇକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଦଳୀୟ ସ୍କୋର ୧୪ ଥିବାବେଳେ ଡେଭନ କନ୍‌ୱେ (୧) ଆଉଟ ହୋଇଯିବାରୁ ଚେନ୍ନାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଋତୁରାଜ ଗାଏକ୍ୱାଡ୍ ଓ ମୋଇନ୍ ଅଲୀ ଦ୍ୱିତୀୟ ଉଇକେଟରେ ୨୨ ବଲ୍‌ରୁ ୩୬ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ନିଜ ଇନିଂସ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିବା ମୋଇନ୍ କିନ୍ତୁ ୧୭ ବଲ୍‌ରୁ ୨୩ (୪ ଚୌକା, ୧ ଛକା) ରନ କରିଥିବାବେଳେ ଆଉଟ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। ଗୋଟିଏ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଅନ୍ୟ ପଟରେ ଋତୁରାଜ ଲଢ଼ୁଆ ବ୍ୟାଟିଂ ଜାରି ରଖି ଚେନ୍ନାଇକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ବେନ୍ ଷ୍ଟୋକ୍ସ ୭ ଓ ଅମ୍ବାତି ରାୟୁଡୁ ୧୨ ରନ କରି ଆଉଟ ହୋଇଥିଲେ ହେଁ ଚେନ୍ନାଇ ରନ୍‌ହାର ବିଶେଷ ପ୍ରଭାବିତ ହୋଇ ନ ଥିଲା। ୪ର୍ଥ ଉଇକେଟରେ ଋତୁରାଜ ଓ ରାୟୁଡୁ ସର୍ବାଧିକ ୫୧ ରନର ଭାଗୀଦାରି ଗଢ଼ିଥିଲେ। ଶତକର ନିକଟତର ହୋଇଥିବା ଋତୁରାଜ ୯୨ ରନ କରିଥିବାବେଳେ ଆଲଜାରି ଜୋସେଫଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଜୋସେଫ ୟର୍କର ମିସ୍ କରିଥିଲେ ହେଁ ଫୁଲ୍‌ଟସ୍ ବଲ୍‌ରୁ ଋତୁରାଜଙ୍କ ପ୍ରାଇଜ୍ ଉଇକେଟ ପାଇଥିଲେ। ଲଙ୍ଗ୍‌ଅନ୍‌ରେ କ୍ୟାଚ ଧରିଥିଲେ ଶୁବମନ ଗିଲ୍। ଗାଏକ୍ୱାଡ୍ ରିଭ୍ୟୁ ନେଇଥିଲେ ହେଁ କିଛି ଫାଇଦା ହୋଇ ନ ଥିଲା। ଶିବମ୍ ଦୁବେ ଧିମା ଇନିଂସ ଖେଳି ୧୮ ବଲ୍‌ରୁ ମାତ୍ର ୧୯ ରନ କରିବାକୁ ସକ୍ଷମ ହୋଇଥିବାବେଳେ ରବୀନ୍ଦ୍ର ଜାଡେଜା ମାତ୍ର ୧ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ଦୀର୍ଘଦିନ ପରେ ପୁଣି ଚମତ୍କାର ଫିନିଶ୍ କରିଥିଲେ ମହେନ୍ଦ୍ର ସିଂ ଧୋନୀ। ସେ ୭ ବଲ୍‌ରୁ ୧ ଚୌକା ଓ ୧ ଛକା ସହାୟତାରେ ୧୪ ରନକରି ଅପରାଜିତ ରହିଥିଲେ। ଗୁଜରାଟ ଦଳ ପକ୍ଷରୁ ମହମ୍ମଦ ଶାମି, ରଶିଦ ଖାଁ ଓ ଆଲଜାରି ଜୋସେଫ ୨ଟି ଲେଖାଏ ଏବଂ ଜୋଶୁଆ ଲିଟଲ ଗୋଟିଏ ଉଇକେଟ ନେଇଥିଲେ।

## ଦେଶପାଣ୍ଡେ ପ୍ରଥମ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ

ପ୍ରଥମ ଥରପାଇଁ ଆଇପିଏଲ୍‌ରେ ଲାଗୁ ହୋଇଛି ନୂଆ ନିୟମ। ସେହି ଅନୁସାରେ ଚେନ୍ନାଇ ସୁପରକିଙ୍ଗ୍ସ ଦଳରେ ଅମ୍ବାତି ରାୟୁଡୁଙ୍କ ସ୍ଥାନରେ ପ୍ରଥମ ଇମ୍ପାକ୍ଟ ଖେଳାଳି ହୋଇଥିଲେ ତୁଷାର ଦେଶପାଣ୍ଡେ। ଅର୍ଥାତ୍ ଚେନ୍ନାଇର ବ୍ୟାଟିଂ ସମୟରେ ରାୟୁଡୁ ଖେଳିଥିବାବେଳେ ବୋଲିଂ ବେଳେ ଦେଶପାଣ୍ଡେ ପଡ଼ିଆକୁ ଓହ୍ଲାଇଥିଲେ। ଗୁଜରାଟ ଏହାର ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବେ ଆହତ କେନ୍ ୱିଲିୟମ୍‌ସନ୍‌ଙ୍କ ସ୍ଥାନରେ ସାଇ ସୁଦର୍ଶନଙ୍କୁ ଖେଳାଇଥିଲା। ୧୭୯ ରନ ବିଜୟ ଲକ୍ଷ୍ୟରେ ଖେଳ ଆରମ୍ଭ କରିଥିବା ଗୁଜରାଟ ଋଦ୍ଧିମାନ ଶାହା ଓ ଶୁବମନ ଗିଲ୍‌ଙ୍କ ଓପନିଂ ଯୋଡ଼ିରୁ ୩୭ ରନ ସଂଗ୍ରହ କରିଥିଲା। ଋଦ୍ଧିମାନ ୧୬ ବଲ୍‌ରୁ ୨୫ ରନକରି ପ୍ରଥମେ ଆଉଟ ହୋଇଥିଲେ। ଶୁବମନ ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିବାବେଳେ ସାଇ ସୁଦର୍ଶନ ୨୨ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୮ ରନରେ ପ୍ୟାଭିଲିୟନ ଫେରିଥିଲେ। ଶୁବମନ ୩୬ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୬୩ ରନ କରି ଦଳକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ରାହୁଲ ଟେୱାଟିଆ ୧୫ ଓ ରଶିଦ ଖାଁ ୧୦ ରନରେ ଅପରାଜିତ ରହି ମ୍ୟାଚ ଫିନିଶ୍ କରିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ରାଜବର୍ଦ୍ଧନ ହାଙ୍ଗରଗେକର ୩ଟି ଏବଂ ତୁଷାର ଦେଶପାଣ୍ଡେ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୭୮/୭ (ଋତୁରାଜ ଗାଏକ୍ୱାଡ-୯୨, ମୋଇନ ଅଲୀ-୨୩, ମହମ୍ମଦ ଶାମି-୨/୨୯, ରଶିଦ ଖାଁ-୨/୨୬, ଆଲଜାରି ଜୋସେଫ-୨/୩୩, ଜୋଶୁଆ ଲିଟଲ-୧/୪୧)। ଗୁଜରାଟ ଟାଇଟନ୍ସ ୧୯.୨ ଓଭରରେ ୧୮୨/୫ (ଶୁବମନ ଗିଲ୍-୬୩, ଋଦ୍ଧିମାନ ଶାହା-୨୫, ବିଜୟ ଶଙ୍କର-୨୭, ସାଇ ସୁଦର୍ଶନ-୨୨, ରାଜବର୍ଦ୍ଧନ ହାଙ୍ଗରଗେକର-୩/୩୬, ତୁଷାର ଦେଶପାଣ୍ଡେ-୧/୫୧, ରବୀନ୍ଦ୍ର ଜାଡେଜା-୧/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ପଞ୍ଜାବ ବନାମ କୋଲକାତା**
ସ୍ଥାନ:ମୋହାଲି,
ସମୟ: ଅପରାହ୍ନ ୩.୩୦

**ଲକ୍ଷ୍ନୌ ବନାମ ଦିଲ୍ଲୀ**
ସ୍ଥାନ: ଲକ୍ଷ୍ନୌ,
ସମୟ: ରାତି ୭.୩୦

# କୋରାପୁଟରେ ୧୭ ବର୍ଷରୁ କମ୍ ବାଳିକା, ଓପନ୍ ଚେସ୍

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ପ୍ରତିଯୋଗିତା ଏପ୍ରିଲ୍ ୮ ଓ ୯ରେ କୋରାପୁଟର ସର୍ବଦୟା କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍, କୋରାପୁଟ ଜିଲା ଚେସ୍ ଆସୋସିଏଶନ୍ ଓ କଳିଙ୍ଗ ସ୍ପୋର୍ଟ୍ସ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ୨୦୦୬ ଜାନୁୟାରୀ ୧ କିମ୍ବା ତା'ପରେ ଜନ୍ମିତ ଖେଳାଳି ଉପରୋକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ୪୫ ମିନିଟ୍ + ୩୦ ସେକେଣ୍ଡ ଟାଇମ୍ ଫର୍ମାଟରେ ଏହି ପ୍ରତିଯୋଗିତା ଖେଳାଯିବ। ଉଭୟ ଓପନ୍ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୧୦ ଜଣ ଏବଂ ୮, ୧୦, ୧୨ ଓ ୧୪ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି।

# ବୁମ୍‌ରାଙ୍କ ସ୍ଥାନରେ ସନ୍ଦୀପ

**ମୁମ୍ବାଇ, ୩୧।୩ (ପି.ଟି.):** ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୩ ପାଇଁ ଆଘାତପ୍ରାପ୍ତ ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ଡାହାଣହାତୀ ଫାଷ୍ଟ ବୋଲର ସନ୍ଦୀପ ୱାରିୟରଙ୍କୁ ଦଳରେ ସାମିଲ କରିଛି। ପିଠିରେ ଇଞ୍ଜୁରି ଯୋଗୁ ବୁମ୍‌ରା ସମଗ୍ର ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ସନ୍ଦୀପ ୨୦୨୧ରେ ଭାରତ ତରଫରୁ ପ୍ରଥମ ଥର ଖେଳିବା ସୁଯୋଗ ପାଇଥିଲେ। ଘରୋଇ ଟୁର୍ନାମେଣ୍ଟରେ କିନ୍ତୁ ତାଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ସେ ୨୦୦ ମ୍ୟାଚ ଖେଳିଛନ୍ତି।

# କଳିଙ୍ଗରେ ଆଇଟିଏଫ୍ ଏସିଆନ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ

- ୧୪ ବର୍ଷରୁ କମ୍ ବର୍ଗରେ ହେବ ପ୍ରତିଯୋଗିତା
- ଭାରତରେ ପ୍ରଥମ ଥର ପାଇଁ ଏହା ଆୟୋଜନ ହେବ

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆଇଟିଏଫ୍ (ଅନ୍ତର୍ଜାତୀୟ ଟେନିସ ଫେଡେରେଶନ) ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍‌ର ଫାଇନାଲ୍ସ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଭାରତରେ ଏପରି ଏକ ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ହେଉଛି ଏବଂ ଏହାର ଆୟୋଜନ ଅଧିକାର ଓଡ଼ିଶା ପାଇଛି। ପ୍ରତିଯୋଗିତା ଏପ୍ରିଲ ୪ରୁ ୮ ଏବଂ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ଥିବା ୮ ଟେନିସ କୋର୍ଟରେ ମ୍ୟାଚଗୁଡ଼ିକ ପୂର୍ବାହ୍ନ ୯ଟାରୁ ୧୨ଟା ଏବଂ ଅପରାହ୍ନ ୪ଟାରୁ ରାତି ୭ଟା ପର୍ଯ୍ୟନ୍ତ ଖେଳାଯିବ। ଭାରତ ସମେତ ହଂକଂ, ଇଣ୍ଡୋନେସିଆ, କୋରିଆ, ଭିଏତ୍‌ନାମ, କାଜାଖସ୍ତାନ, ମାଲେସିଆ, ଶ୍ରୀଲଙ୍କା, ଥାଇଲାଣ୍ଡ, ସିରିୟା, ଇରାନ, କୁଏତ୍, ମ୍ୟାନମାର, ପାକିସ୍ତାନ, ଉଜବେକିସ୍ତାନ, ତୁର୍କମେନିସ୍ତାନ, କିର୍ଗିଜସ୍ତାନ, ତାଇୱାନ ଆଦି ୧୮ଟି ଦେଶର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଟେନିସ ଆସୋସିଏଶନ ସଭାପତି ଅସିତ ତ୍ରିପାଠୀ ପ୍ରକାଶ କରିଛନ୍ତି। ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଏବଂ ବାଳକରେ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟ ଅନୁଷ୍ଠିତ ହେବ। ବିଭିନ୍ନ ଇଭେଣ୍ଟର ପ୍ରଥମ ୩ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯିବ। ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ଚାମ୍ପିୟନଶିପ୍ ଟ୍ରଫି ଦିଆଯିବ। ଆଇଟିଏଫ୍ ଅଫିସିଆଲ ଜୋନାଥନ ଷ୍ଟବ୍ସ ଏବଂ ଆଇଟିଏଫ୍ ରେଫରି ଟୁର୍ନାମେଣ୍ଟ ପରିଚାଳନା କରିବେ। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଟିଏ ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଓ ଟେକ୍ନିକାଲ କମିଟି ଚେୟାରମ୍ୟାନ ଶୁଭ୍ରାଂଶୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ଦର୍ଶକଙ୍କ ପାଇଁ ମାଗଣା ଏଣ୍ଟ୍ରି

ଟେନିସ ପ୍ରେମୀମାନେ ମାଗଣାରେ ଟୁର୍ନାମେଣ୍ଟର ବିଭିନ୍ନ ମ୍ୟାଚ ଦେଖିପାରିବେ। ଏଥିପାଇଁ ଏମାନଙ୍କୁ କଳିଙ୍ଗ ଷ୍ଟାଡିୟମ ଗେଟ୍ ନମ୍ବର-୩ ନିକଟରୁ ଏଣ୍ଟ୍ରି ପାସ୍ ଓ ଗାଡ଼ି ପାଇଁ ପାସ୍ ଯୋଗାଡ଼ କରିବାକୁ ପଡ଼ିବ। କଳିଙ୍ଗ ଷ୍ଟାଡିୟମ ପରିସରରେ ଗାଡ଼ି ପାର୍କିଂ କରିବାର ବ୍ୟବସ୍ଥା କରାଯିବ। ଦର୍ଶକମାନେ ମ୍ୟାଚର ଗୋଟିଏ ଦିନ ପୂର୍ବରୁ କମ୍ପ୍ଲିମେଣ୍ଟାରି ପାସ୍ ମଧ୍ୟ www.odisha-tennis.com ୱେବସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ।



ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ ଲୋଗୋ ନିକଟରେ ଓଟିଏ କର୍ମକର୍ତ୍ତା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 1/2023 Page 20 ₹ 7.00





# ବନ୍ଦେ ଉତ୍କଳ ଜନନୀ

## ଓଡ଼ିଆ ଭାଷାର ଉନ୍ନତି ନେଇ ସମସ୍ତେ ଚିନ୍ତା କରିବା ଉଚିତ

ଉତ୍କଳ ଦିବସ ଆମ ସମସ୍ତଙ୍କ ପାଇଁ ଏକ ପବିତ୍ର ଦିବସ। ୧୯୩୬ ଏପ୍ରିଲ ୧ରେ ଭାଷା ଭିତ୍ତିରେ ଆମ ଓଡ଼ିଶା ରାଜ୍ୟ ପ୍ରତିଷ୍ଠା ହୋଇଥିଲା। ଏହି ଦିବସକୁ ମନପ୍ରାଣରେ ସ୍ମରଣ କରିବା ସହ ଏହାର ତାତ୍ପର୍ଯ୍ୟ ବୁଝିବା ଆବଶ୍ୟକ। ଓଡ଼ିଆ ଭାଷାର ଉନ୍ନତି ନେଇ ଚିନ୍ତା କରିବା ଉଚିତ୍। କୋଟି କୋଟି ଜନମୁଖର ଭାଷା ଓଡ଼ିଆର କେବେ ବିଲୋପ ନାହିଁ। ଏହା କିଭଳି ସବୁ କ୍ଷେତ୍ରରେ ଉପଯୋଗ ହୋଇପାରିବ ସେଥିପାଇଁ ପାଦ ମିଳାଇ ଚାଲିବାକୁ ପଡ଼ିବ।

–ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର

## ଆମ ଭାଷା ପାଇଁ ଆମେ ଚିନ୍ତା କରିବା ଆବଶ୍ୟକ

ସ୍ୱାଧୀନତା ପୂର୍ବରୁ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଗଠିତ ହୋଇଥିଲା। ଓଡ଼ିଆ ଭାଷା ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ମଧ୍ୟ ପାଇଛି। ଏବେ ଆମର ଦାୟିତ୍ୱବୋଧ ବଢ଼ିଛି। ଉତ୍କଳ ଦିବସରେ ସଭା ଓ ସମାରୋହରେ ସୀମିତ ନ ରହି ଆମେ ଆମ ଭାଷା ପାଇଁ ଚିନ୍ତା କରିବା ଆବଶ୍ୟକ। ଅଧିକ ବ୍ୟବହାର ହେଲେ ଭାଷା ତିଷ୍ଠି ରହିପାରିବ। ତେଣୁ ସରକାରୀ ଓ ବେସରକାରୀ ସବୁ କ୍ଷେତ୍ରରେ ଓଡ଼ିଆ ଭାଷାର କିଭଳି ବହୁଳ ବ୍ୟବହାର ହେବ ତାହା ଏହି ଦିବସର ଅନୁଚିନ୍ତା ରହୁ।

–ଡ. ଦେବାଶିଷ ମହାପାତ୍ର, ବରିଷ୍ଠ ଗବେଷକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର

# ୮୮ ବର୍ଷରେ ଓଡ଼ିଶା ଦିବସ

*କଳିଙ୍ଗ, ଉତ୍କଳ ପରେ ଓଡ଼ିଶା ନାମରେ ପରିଚିତ ଏହି ପବିତ୍ର ଭୂଖଣ୍ଡ ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। ସେବେଠାରୁ ଏହି ଦିବସକୁ ଉତ୍କଳ ଦିବସ, ଆଉ ଏବେ ଓଡ଼ିଶା ଦିବସ ଭାବେ ପାଳନ କରାଯାଉଛି। ୮୮ବର୍ଷ ଧରି ଓଡ଼ିଶାର ଜନ୍ମଦିନ ପାଳନ କରି ସ୍ୱତନ୍ତ୍ରତାକୁ ମନେ ପକାଉଛୁ। ଖାଦ୍ୟ ହେଉ କି ବସ୍ତ୍ର, ସଂସ୍କୃତି ହେଉ କି ପରମ୍ପରା ସବୁଥିରେ ଭରି ରହିଛି ନିଆରାପଣ। ଯାହାର ଭାଷା ଅତି ମଧୁର, ଯାହାର ନୃତ୍ୟ ଓ ସଙ୍ଗୀତ ସବୁରି ମନ କିଣେ, ସେ ହେଉଛି ଓଡ଼ିଶା ଭୂଖଣ୍ଡ। ବିଭିନ୍ନ ଭାଷାଭାଷୀ, ଧର୍ମ ଓ ବର୍ଗର ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ଦେଇଥିବା ଏହି ପବିତ୍ର ମାଟିର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତଙ୍କ ମୁହଁରେ ଗୋଟିଏ କଥା 'ବନ୍ଦେ ଉତ୍କଳ ଜନନୀ'।*




## ସ୍ୱତନ୍ତ୍ର ପ୍ରଦେଶ ଗଠନର ଲକ୍ଷ୍ୟ ପୂରଣ ନେଇ ଅନୁଶୀଳନ ହେଉ

ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦେବାର ଉଦ୍ଦେଶ୍ୟକୁ ଆମେ କେତେ ପୂରଣ କରି ପାରିଛେ ସେ କଥା ବ୍ୟକ୍ତିଗତ ସ୍ତରରେ ବୁଝିବା ଉଚିତ। ସ୍ୱତନ୍ତ୍ର ପ୍ରଦେଶ ଗଠନର ଲକ୍ଷ୍ୟ ସାଧିତ ହୋଇଛି କି ନାହିଁ ସେ ନେଇ ସମସ୍ତେ ଅନୁଶୀଳନ କରିବା ଆବଶ୍ୟକ। ରାଜନୈତିକ, ଅର୍ଥନୈତିକ, ସାମାଜିକ ସବୁ କ୍ଷେତ୍ରରେ ଆମେ କ'ଣ କରିପାରିଛେ, ଆଉ କ'ଣ ଅଭାବ ରହିଲା ସେ ନେଇ ତୃଣମୂଳ ସ୍ତରରେ ସମସ୍ତେ ଭାବିବା ଦରକାର।

–ତମସାରାଣୀ ଦାସ ମହାପାତ୍ର, ପୂର୍ବତନ ନିର୍ଦ୍ଦେଶିକା, ଭାଷା ପ୍ରତିଷ୍ଠାନ

## ଯୁବପିଢ଼ି ରାଜ୍ୟର ବିକାଶ କଥା ଚିନ୍ତା କରନ୍ତୁ

ଏବେ ବି ଆମେ ଅନେକ କ୍ଷେତ୍ରରେ ପଛୁଆ ହୋଇ ରହିଯାଇଛୁ। ଯୁବପିଢ଼ିମାନେ ରାଜ୍ୟର ବିକାଶ କଥା ଚିନ୍ତା କରିବା ଆବଶ୍ୟକ। ଅଭିଭାବକମାନେ ପିଲାମାନଙ୍କୁ ଇଂଲିଶ ଶିଖାଇବା ପାଇଁ ଯେତିକି ତତ୍ପର ହେଉଛନ୍ତି ସେହିପରି ମାତୃଭାଷା ଏବଂ ଓଡ଼ିଶା ସମ୍ପର୍କରେ ଜାଣିବାକୁ ସହଯୋଗ କରିବା ଆବଶ୍ୟକ। ଭାଷାଭିତ୍ତିରେ କାହିଁକି ରାଜ୍ୟ ଗଠନ ହୋଇଛି, ତାହାର ମୂଲ୍ୟବୋଧ ବୁଝିବା ଆବଶ୍ୟକ।

–ଝୁମୁରି ସାହୁ, ଓଡ଼ିଆ ସ୍ନାତକୋତ୍ତର ଛାତ୍ରୀ, ଉତ୍କଳ ବିଶ୍ୱ ବିଦ୍ୟାଳୟ

*ଉପସ୍ଥାପନା: ଶର୍ମିଷ୍ଠା ପାଣିଗ୍ରାହୀ*

# ଓଡ଼ିଆ ଲିପିର ଅଭ୍ୟୁଦୟ

ଖ୍ରୀଷ୍ଟାବ୍ଦ ଦଶମ ଓ ଏକାଦଶ ଶତାବ୍ଦୀରେ ସୋମବଂଶୀ ଶାସକ ଏବଂ କାଳକ୍ରମେ ଗଙ୍ଗ ଶାସକଙ୍କ ଅଭିଲେଖାରେ ପ୍ରନ୍–ନାଗରୀ ପ୍ରଭାବ ଦେଖିବାକୁ ମିଳେ। ଏହି ସମୟରେ ଅକ୍ଷରଗୁଡ଼ିକ ବୃତ୍ତଳ ଏବଂ ପରସ୍ପର ସଂଯୁକ୍ତ। କିନ୍ତୁ ପ୍ରାୟ ୧୩ଶହ ଶତାବ୍ଦୀ ବେଳକୁ ଏହାର ପ୍ରଭାବ ଧୀରେ ଧୀରେ ଲୋପ ପାଇବାକୁ ଲାଗିଲା। ସେହି ସମୟରେ ପ୍ରନ୍ ଓଡ଼ିଆ ଏବଂ ଓଡ଼ିଆ ଲିପିର ଅଭ୍ୟୁଦୟ ଘଟିଲା। ଖ୍ରୀଷ୍ଟାବ୍ଦ ୧୪ଶହ ଶତାବ୍ଦୀରେ ଓଡ଼ିଆ ଭାଷା ରାଜକୀୟ ଶାସନ କାର୍ଯ୍ୟରେ ବ୍ୟବହୃତ ହେଲା। ଗଙ୍ଗ ବଂଶୀୟ ରାଜା ଚତୁର୍ଥ ନରସିଂହ ଦେବଙ୍କ କେନ୍ଦୁଲି ତାମ୍ରଶାସନ ଏବଂ ପୁରୀ ଶଙ୍କରାନନ୍ଦ ମଠର ତାମ୍ର ଶାସନ ଏହାର ପ୍ରକୃଷ୍ଟ ଉଦାହରଣ। ଖ୍ରୀଷ୍ଟାବ୍ଦ ୧୫ଶହ ଶତାବ୍ଦୀରେ ସୂର୍ଯ୍ୟ ବଂଶୀୟ ରାଜାମାନେ ଓଡ଼ିଆ ଲିପି ଓ ଭାଷାର ପ୍ରସାର ଘଟାଇଥିଲେ। ଏହି ବଂଶର ଶାସକମାନେ ଓଡ଼ିଆ ଭାଷାର ସମ୍ମାନ ଓ ଉତ୍ତରୋତ୍ତର ବୃଦ୍ଧି ଘଟାଇଥିଲେ। ଓଡ଼ିଶାର ମହାକବି ସୁଦ୍ରମୁନି ଶାରଳା ଦାସ ଏହି ସମୟରେ ମହାଭାରତକୁ ଓଡ଼ିଆ ଭାଷାରେ ରଚନା କରିଥିଲେ ବୋଲି ରାଜ୍ୟ ସଂଗ୍ରହାଳୟର ସଂଗ୍ରହାଧ୍ୟକ୍ଷ ଡ. ଭାରତୀ ପଲ୍ କହିଛନ୍ତି।




## ରାଜ୍ୟର ବିଭିନ୍ନ ସ୍ଥାନରୁ ମିଳିଥିବା ଲିପି

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ବଂଶୀୟ ରାଜା ଅଶୋକ କଳିଙ୍ଗ ଜୟକରି ଭୁବନେଶ୍ୱରସ୍ଥିତ ଧଉଳି ଓ ଗଞ୍ଜାମ ଜିଲାସ୍ଥିତ ଜଉଗଡ଼ଠାରେ ତାଙ୍କର ଧର୍ମ ଅନୁଶାସନ ଶିଳା ଗାତ୍ରରେ ଖୋଦନ କରାଇଥିଲେ । ଏହି ଲିପିର ଅଧିକାଂଶ ଅକ୍ଷର କୋଣ, ତ୍ରିକୋଣ ବିଶିଷ୍ଟ ଏବଂ ସରଳ ବା ଗୋଲ ରେଖାରେ ଅଙ୍କିତ ହୋଇଥିଲା । ଭୁବନେଶ୍ୱରର ଉଦୟଗିରି ପାହାଡ଼ରେ ଥିବା ହାତୀଗୁମ୍ଫାରେ ଖାରବେଳଙ୍କ ଦୀର୍ଘ ଅନୁଶାସନଟି ଖୋଦିତ ହୋଇଛି । ସେଥିରେ ଖାରବେଳଙ୍କ ରାଜତ୍ୱର ୧୩ ବର୍ଷର କାର୍ଯ୍ୟାବଳୀ ସ୍ଥାନିତ ହୋଇଛି । ଦକ୍ଷିଣ ଓଡ଼ିଶାର କଳିଙ୍ଗର ମହେନ୍ଦ୍ର ପର୍ବତର ପାରିପାର୍ଶ୍ୱିକ ଅଞ୍ଚଳରେ ମାଠର ରାଜାମାନେ ଶାସନ ବିସ୍ତାର କରିଥିଲେ । ସେମାନଙ୍କର ଆଧିପତ୍ୟ ସମୟରେ କଳିଙ୍ଗ ଲିପି ପ୍ରଚଳିତ ଥିଲା । ଏହିପରି ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ଲିପିକୁ ରାଜ୍ୟ ସଂଗ୍ରହାଳୟରେ ସୁରକ୍ଷିତ ଭାବେ ରଖାଯାଇଛି ।


























































**ରତୁରାଜଙ୍କ ଦୃଢ଼ ବ୍ୟାଟିଂ**

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସର ରତୁରାଜ ଗାଏକ୍ୱାଡ ପ୍ରଭାବୀ ୯୨ ରନ ସଂଗ୍ରହ କରିଛନ୍ତି। **୦୬**

**୦୫** **ପରଦାକୁ ଆସିବ 'ସତ୍ୟପ୍ରେମ କି କଥା'**

ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଯୋଡ଼ିକୁ ଦର୍ଶକ ବେଶ ପସନ୍ଦ କରନ୍ତି। ଉଭୟ ଖୁବଶୀଘ୍ର 'ସତ୍ୟପ୍ରେମ କି କଥା'ରେ ନଜର ଆସିବେ।






ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍ ଉଦ୍‌ଘାଟନ ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା ନୃତ୍ୟ ପରିବେଷଣ କରୁଛନ୍ତି।

# ଆଇପିଏଲ୍ ଉଦ୍‌ଘାଟିତ

**ଅହମଦାବାଦ, ୩୧।୩**

ବହୁ ଆଡମ୍ବର ସହକାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୩ ସଂସ୍କରଣ। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ପୂର୍ବରୁ ଅନୁଷ୍ଠିତ ହୋଇଥିଲା ଅକର୍ଷଣୀୟ ଓ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ୧୯୯୦ ଦଶକରେ କ୍ରିକେଟ ବ୍ରଡକାଷ୍ଟିଂରେ ଲୋକପ୍ରିୟତା ଅର୍ଜନ କରିଥିବା ସୁପ୍ରସିଦ୍ଧ ଅଭିନେତ୍ରୀ ମନ୍ଦିରା ବେଦୀଙ୍କ କିଛି ବର୍ଷ ବ୍ୟବଧାନରେ ଆଇକନିକ ପ୍ରତ୍ୟାବର୍ତ୍ତନ ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମରେ ଉପସ୍ଥିତ ଭରପୁର ଦର୍ଶକଙ୍କୁ ଚକିତ କରିଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଅରଜିତ ସିଂଙ୍କ କେସରିୟା, ଚାନ୍ନା ମେରିୟା ଏବଂ ବର୍ତ୍ତମାନର ତୁଝେ କିତ୍‌ନା ଚାହନେ ଲଗେ ହମ୍‌ଙ୍କ ଗୀତ ☞ପୃଷ୍ଠା-୫

# ନର୍ସିଂହୋମ୍‌ରେ ବିଏସ୍‌କେୱାଇ ଠକେଇ, ୨ ଗିରଫ

- ଜଣେ ରୋଗୀ ଏକ ସଙ୍ଗେ ୨ ନର୍ସିଂହୋମ୍‌ରେ ଭର୍ତ୍ତି
- ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ
- ଡାକ୍ତରଙ୍କ ଦସ୍ତଖତକୁ ଜାଲ୍ କରି କାଗଜାତ ପ୍ରସ୍ତୁତି
- ତଦନ୍ତ ଚାଲିଛି, ଆହୁରି ବଢ଼ିବ ଅଭିଯୁକ୍ତଙ୍କ ତାଲିକା

**କଟକ ଅଫିସ,୩୧।୩**

ରାଜ୍ୟ ସରକାର ଘରୋଇ ନର୍ସିଂହୋମ୍‌ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ଗରିବ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଗରିବ ଲୋକଙ୍କ ଅଜ୍ଞତାର ସୁଯୋଗ ନେଇ ନର୍ସିଂହୋମ୍‌ରେ ଠକେଇ କରାଯାଉଛି। ଏପରି କି ଜଣେ ରୋଗୀଙ୍କୁ ଏକସଙ୍ଗେ ଦୁଇଟି ନର୍ସିଂହୋମ୍‌ରେ ଆଡ୍‌ମିସନ କରାଇ ନର୍ସିଂହୋମ ମାଲିକ ମାଲାମାଲ ହେଉଛନ୍ତି। ଅପରପକ୍ଷରେ ବିଏସ୍‌କେୱାଇ କାର୍ଡ ନେଇ ଘରୋଇ ନର୍ସିଂହୋମ୍‌କୁ ମାଗଣାରେ ଚିକିତ୍ସା ପାଇଁ ଯାଉଥିବା ରୋଗୀ ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରାଣ ହରାଉଛନ୍ତି। ହେଲେ ଏ ନେଇ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ଖାତିର ନାହିଁ। ଏଭଳି ଠକେଇ ମାମଲାରେ କଟକ ମଧୁପାଟଣା ପୋଲିସ ପାଗାସ୍ଥିତ ଶୋଭା ନର୍ସିଂହୋମ୍‌ର ମାଲିକ ଅଶୋକ କୁମାର ପତି(୫୫) ଓ ମ୍ୟାନେଜର ଶାନ୍ତନୁ କୁମାର ପତି(୩୯)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୮୩/୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ବଡ଼ଗଡ଼ ବିଡିଏ କଲୋନୀର ପ୍ରଶାନ୍ତ କୁମାର ପାତ୍ରଙ୍କ ସ୍ତ୍ରୀ କୁନି ପାତ୍ରଙ୍କର କିଡ୍‌ନୀ ଷ୍ଟୋନ୍ ହୋଇଥିବାରୁ ଗତ ଫେବୃୟାରୀ ୨୧ରେ କଟକ ଗୋଶାଳା ରୋଡ୍‌ସ୍ଥିତ ଜେ.ଏମ୍. କେୟାର ହସ୍ପିଟାଲରେ ଅପରେଶନ ହୋଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଫେବୃୟାରୀ ୨୪ରେ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦେଇଥିଲେ। ହେଲେ ମାର୍ଚ୍ଚ ୬ରେ କୁନି ପୁଣି ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଶାନ୍ତ ତାଙ୍କୁ ଉକ୍ତ ନର୍ସିଂହୋମକୁ ଆଣିଥିଲେ। ଉକ୍ତ ଦିନ ଡାକ୍ତର କୁନିଙ୍କ ଚିକିତ୍ସା କରି ନ ଥିଲେ। ଫଳରେ ସେହିଦିନ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅବହେଳା ଯୋଗୁ କୁନିଙ୍କ ମୃତ୍ୟୁ ଘଟିଥିବା ପ୍ରଶାନ୍ତ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ପରେ ଚାଞ୍ଚଲ୍ୟକର ତଥ୍ୟ ପାଇଥିଲା। କୁନି ଜେ.ଏମ୍. କେୟାର ହସ୍ପିଟାଲରେ ଆଡ୍‌ମିଟ୍ ☞ପୃଷ୍ଠା-୫

# ଆଜି ଚାଷୀ ପାଇବେ କାଳିଆ ଟଙ୍କା

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ଓଡ଼ିଶା ଦିବସରେ ଚାଷୀମାନଙ୍କୁ କାଳିଆ କିସ୍ତି ଅର୍ଥ ବଣ୍ଟନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଛାଡ଼ିବେ। ଭିଡିଓ କନଫରେନ୍ସ ଜରିଆରେ ୫୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଏହି ଅର୍ଥରାଶି ପ୍ରଦାନ କରାଯିବ। ତେବେ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଜିଲାରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ସେଠାକାର ହିତାଧିକାରୀ ବାଦ୍ ପଡ଼ିବେ। ନିର୍ବାଚନ ଆଚରଣବିଧି ସମୟ ଶେଷ ହେବାପରେ ସେମାନଙ୍କୁ କାଳିଆ ଟଙ୍କା ମିଳିବ। ୨୦୧୮ରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ଲାଗି କାଳିଆ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଚାଷୀଙ୍କ ଆକାଉଣ୍ଟକୁ ପ୍ରତ୍ୟେକ ବର୍ଷ ଦୁଇ କିସ୍ତିରେ ଟଙ୍କା ପ୍ରଦାନ କରାଯାଉଛି। ରାଜ୍ୟ ବଜେଟ୍‌ରେ ଏଥିଲାଗି ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇଛି। ରାଜ୍ୟର ୧୪ ଲକ୍ଷ ଭୂମିହୀନ ଓ ୫୩ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ସହାୟତା ପ୍ରଦାନ ଲାଗି ବ୍ୟବସ୍ଥା ହୋଇଛି।

# ଆଗୁଆ ସରିଲା ବିଧାନସଭା ଅଧିବେଶନ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ବିଧାନସଭାର ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ଏହି ଅଧିବେଶନ ଏପ୍ରିଲ ୬ରେ ଶେଷହେବାର ଥିଲା। ୬ଦିନ ଆଗୁଆ ତଥା ୪ଟି କାର୍ଯ୍ୟଦିବସ ବାକି ଥାଇ ଅଧିବେଶନ ଶେଷ ହୋଇଛି। ଚଳିତ ଅଧିବେଶନ ଫେବୃୟାରୀ ୨୧ରୁ ଆରମ୍ଭ ହୋଇଥିଲା। ଏହି ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୨୧ରୁ ମାର୍ଚ୍ଚ ୧ ଓ ୨ୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ୩୧ ତାରିଖ ଯାଏ ଚାଲିଲା। ଫେବୃୟାରୀ ୨୪ରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ବଜେଟ ଉପସ୍ଥାପନ କରିଥିଲେ। ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ପାରିତ ହୋଇଥିଲା।

ଏହି ଅଧିବେଶନରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ବିଲ୍-୨୦୨୩ ଆଗତ ହୋଇଥିଲେ ମଧ୍ୟ ତାହା ପାରିତ ହୋଇପାରିଲା ନାହିଁ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀରେ ଅଚାନକ ପରିବର୍ତ୍ତନ କରାଯାଇ ଚଳିତ ସପ୍ତାହରେ ଗୃହରେ ଉପସ୍ଥାପିତ ହୋଇଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ମଧ୍ୟ ସରକାର ଶେଷ ମୁହୂର୍ତ୍ତରେ ଫେରାଇ ନେଇଛନ୍ତି। ସେଗୁଡ଼ିକ ହେଲା ଓଡ଼ିଶା ଆପାର୍ଟମେଣ୍ଟ ଓନରଶିପ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ବିଲ୍-୨୦୨୩ ଓ ପଛୁଆବର୍ଗ ଆୟୋଗ(ସଂଶୋଧନ) ବିଲ୍-୨୦୨୩, ଓ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା(ଓଡ଼ିଶା ସଂଶୋଧନ) ବିଲ୍-୨୦୨୩। ଏହି ଅଧିବେଶନ ଗତ ଅଧିବେଶନ ତୁଳନାରେ ଅଧିକ ସରଗରମ ହୋଇଥିଲା। ନବ ଦାସ ହତ୍ୟାକାଣ୍ଡ, ଦାଦନ ଦୁର୍ଦ୍ଦଶା, ଆଇନଶୃଙ୍ଖଳା, ଜାଲ୍ ସାର୍ଟିଫିକେଟ, ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଭଳି ଅନେକ ବିଷୟକୁ ନେଇ ବିରୋଧୀ ସରକାରଙ୍କୁ ଅଡୁଆରେ ପକାଇଥିଲେ। ମହାନଦୀ ଇସ୍ୟୁ ଆଲୋଚନା ପାଇଁ ବିରୋଧୀ ମୋଶନ ଦେଇଥିଲେ ମଧ୍ୟ ତାହା ହୋଇପାରି ନ ଥିଲା। ଚଳିତ ଅଧିବେଶନରେ ଶ୍ୱେତପତ୍ର, ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା।

# ବ୍ୟୟ ମଞ୍ଜୁରୀ ବିଲ୍ ପାରିତ

- ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ, କଂଗ୍ରେସ ବିଧାୟକ ଦଳ ନେତା
- ସମୟ ପୂର୍ବରୁ ଅଧିବେଶନ ବନ୍ଦ ନେଇ ଗାନ୍ଧୀମୂର୍ତ୍ତି ତଳେ ଭାଜପା ବିଧାୟକଙ୍କ ଧାରଣା

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨ଲକ୍ଷ ୩୦ ହଜାର କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଛି। ଶୁକ୍ରବାର ଅପରାହ୍ନରେ କାର୍ଯ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିବାରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ୪ଟା ୧ ମିନିଟ୍‌ରୁ ବିଭିନ୍ନ ପର୍ଯ୍ୟାୟରେ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଏହାପରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଏବଂ ଭାଜପା ସଦସ୍ୟ ପୁଣି ହଟ୍ଟଗୋଳ କରିଥିଲେ।

ବିଲ୍‌କୁ ସମର୍ଥନ କରି ବିଜେଡି ସଦସ୍ୟ ଅରୁଣ କୁମାର ସାହୁ କହିଥିଲେ, ଜନସାଧାରଣଙ୍କ ଉନ୍ନତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ। ତେବେ ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର କେତେ ସାହାଯ୍ୟ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରି ଆସୁଛନ୍ତି। ଚାଷୀକୁଳ ଉପରେ ଚାଉଳ ବୋଝ ସହ ସ୍ୱାମୀନାଥନ୍ କମିଟିର ସୁପାରିସ ଅନୁଯାୟୀ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଉନାହାନ୍ତି। ସେହିପରି ରାଜ୍ୟର ଚାଷୀଙ୍କୁ କେନ୍ଦ୍ର ଆବଶ୍ୟକ ସାର ଯୋଗାଇ ଦେଉ ନ ଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରେଲୱେ କ୍ଷେତ୍ରରେ ଓଡ଼ିଶାର ହକ୍‌କୁ ଉପେକ୍ଷା କରାଯାଉଛି ବୋଲି ସେ କହିଛନ୍ତି। ଶାସକ ଦଳ ସଦସ୍ୟ ଶଶିଭୂଷଣ ବେହେରା କହିଛନ୍ତି, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିଛି। କେନ୍ଦ୍ର ସରକାର ରାଜ୍ୟକୁ ☞ପୃଷ୍ଠା-୫

# ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ଗିରଫ

- ୮୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ
- ପାରାଦୀପ, କଟକ, କେନ୍ଦ୍ରାପଡ଼ାରେ ଚଢ଼ାଉ ଜାରି

**ପାରାଦୀପ,୩୧।୩(ସ୍ୱ.ପ୍ର.)**

ପାରାଦୀପ ସି ଟି ଆଣ୍ଡ ଜିଏସ୍‌ଟି (ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତ୍ତନ ଏକକ) କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସି ଟି ଆଣ୍ଡ ଜିଏସ୍‌ଟି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ଜଣେ ଗ୍ରାହକଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ହାତରେ ଧରା ପଡ଼ିଛନ୍ତି। ପରେ ତାଙ୍କ ଅଫିସ୍‌ର ସମସ୍ତ କାଗଜପତ୍ର ଜବତ କରାଯାଇଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ତାଙ୍କ ଅଫିସ ଆଲ୍‌ମିରାରୁ ନଗଦ ୧ ଲକ୍ଷ ଟଙ୍କା ଜବତ କରାଯାଇଛି। ରିପୋର୍ଟ ଲେଖାହେବାବେଳକୁ ପାରାଦୀପ ବ୍ୟତୀତ ମହାନ୍ତିଙ୍କ କଟକ ସିଡିଏସ୍ଥିତ ଘର ଏବଂ କେନ୍ଦ୍ରାପଡା ଜିଲା କପିଳେଶ୍ୱରସ୍ଥିତ ପୈତୃକ ଘରେ ମଧ୍ୟ ଏକକାଳୀନ ଚଢ଼ାଉ ଜାରି ରହିଥିଲା। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ.୪/୨୩) ରୁଜୁ କରାଯାଇଛି।

# କେନାଲକୁ ଖସିଲା ବରଯାତ୍ରୀ ଗାଡ଼ି: ୭ ମୃତ

- ଗାଡ଼ି କାଚ ଭାଙ୍ଗି ଜୀବନ ବଞ୍ଚାଇଲେ ୪
- ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୩୧।୩ (ବ୍ୟୁରୋ)**

ବରଯାତ୍ରୀ ହୋଇ ଆସିଥିଲେ। ନାଚଗୀତ କରି ଖୁସି ମନାଇଲେ। କନ୍ୟାପକ୍ଷ ଘରେ ଖାଇବା ପରେ ପୁଣି ଘରକୁ ଫେରୁଥିଲେ। ହେଲେ ବାଟରେ ସତେ ଯେପରି କାଳ ସେମାନଙ୍କୁ ଛକି ରହିଥିଲା। ବୁଲାଣି ରାସ୍ତାରେ ଏକ ପୋଲ ଅତିକ୍ରମ ପୂର୍ବରୁ ବରଯାତ୍ରୀ ଧରି ଯାଉଥିବା ବୋଲେରୋଟି କେନାଲ ମଧ୍ୟକୁ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ବରଯାତ୍ରୀଙ୍କ ମଧ୍ୟରୁ ଡ୍ରାଇଭରଙ୍କୁ ମିଶାଇ ୭ଜଣଙ୍କ ସଳିଳ ସମାଧି ଘଟିଥିଲା। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ସମ୍ବଲପୁର ଜିଲା ଶାସନ ଥାନା ବିଶାଳଖଣ୍ଡା ଗ୍ରାମ ନିକଟରେ। ମୃତକମାନେ ହେଲେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବଡଧରା ଗ୍ରାମର ଅଜିତ ଖମାରୀ, ଦିବ୍ୟ ଲୁହା, ସରୋଜ ସେଠ, ସୁମନ୍ତ ଭୋଇ, ସୁବ୍ରତ ଭୋଇ, ରମାକାନ୍ତ ଭୂୟାଁ ଓ ଡ୍ରାଇଭର ଭିକୁ ଭୋଇ। ଗାଡ଼ିରେ ଥିବା ଲଳିତ ଖମାରୀ, ଜୟନ୍ତ ଖମାରୀ, ଅର୍ଜୁନ ବେହେରା ଓ ଶ୍ରୀକାନ୍ତ ପ୍ରଧାନ ବର୍ତ୍ତିଯାଇଛନ୍ତି। ଶାସନ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଘଟଣାରେ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୫



କେନାଲରେ ଉଦ୍ଧାର କାର୍ଯ୍ୟ ଜାରି।

# ରାମନବମୀ ଯାତ୍ରା ଦେଖି ଫେରିବାବେଳେ ଦୁର୍ଘଟଣା, ୩ ମୃତ

**ଓଡ଼ଗାଁ,୩୧।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁରେ ରାମନବମୀ ଯାତ୍ରା ଦେଖି ଘରକୁ ଫେରୁଥିବାବେଳେ ବରଗଛକୁ ବାଇକ୍ ଧକ୍କା ଦେବାରୁ ୩ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ଓଡ଼ଗାଁ-ଭଞ୍ଜନଗର ରାସ୍ତାର ପଥରା ବୃଦ୍ଧାଶ୍ରମ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ସ୍ଥାନୀୟ ରୋହିବାଙ୍କ ପଞ୍ଚାୟତ ମହେଶ୍ୱରପୁର ଗାଁର ମାଧବ ପ୍ରଧାନ (୨୦), ସୂର୍ଯ୍ୟକାନ୍ତ ପ୍ରଧାନ (୧୯) ଓ ରାଜେଶ ନାୟକ (୧୯)। ଓଡ଼ଗାଁ ଆଦର୍ଶ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ କରୁଛି ବୋଲି ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ କହିଛନ୍ତି। ଏ ନେଇ ଥାନାରେ ନଂ. ୫୩/୨୩ରେ ମାମଲା ରୁଜୁ ହୋଇଛି।

ମହେଶ୍ୱରପୁର ଗାଁର ମାଧବ, ସୂର୍ଯ୍ୟକାନ୍ତ ଓ ରାଜେଶ ଓଡ଼ଗାଁରେ ରାମନବମୀ ଯାତ୍ରା ଦେଖି ସାରିବା ପରେ ଖିଆପିଆ କରି ବିଳମ୍ବିତ ରାତିରେ ବାଇକ୍ (ନଂ. ଓଡି୨୫ ଏନ୍ ୩୨୭୪)ରେ ଘରକୁ ଫେରୁଥିଲେ। ପଥରା ବୃଦ୍ଧାଶ୍ରମ ନିକଟ ମୋଡ଼ରେ ଭାରସାମ୍ୟ ହରାଇ ବରଗଛ ସହ ବାଇକ୍ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୩ ଯୁବକ ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ☞ପୃଷ୍ଠା-୫

# ସବୁଠୁ ଦାମୀ ଆପାର୍ଟମେଣ୍ଟ ୩୬୯ କୋଟିରେ ବିକ୍ରି

**ନୂଆଦିଲ୍ଲୀ, ୩୧।୩**

ଭାରତର ସବୁଠୁ ଦାମୀ ଆପାର୍ଟମେଣ୍ଟ ଭାବେ ପରିଚିତ ଦକ୍ଷିଣ ମୁମ୍ବାଇର ମାଲାବାର ହିଲ୍‌ରେ ଥିବା ବିଳାସପୂର୍ଣ୍ଣ ଟ୍ରିପ୍ଲେକ୍ସ ଆପାର୍ଟମେଣ୍ଟ ୩୬୯ କୋଟି ଟଙ୍କାରେ ବିକ୍ରି ହୋଇଛି। ଶିଳ୍ପପତି ତଥା ଫେମି କେୟାରର ପ୍ରତିଷ୍ଠାତା ଜେ.ପି. ଟାପାରିଆଙ୍କ ପରିବାର ଏହି ଆପାର୍ଟମେଣ୍ଟକୁ ମାକ୍ରୋଟେକ୍ ଡେଭେଲପର୍ସଙ୍କଠାରୁ କିଣିଛନ୍ତି। ଏହା ଲୋଧା ମାଲାବାର ୨୬, ୨୭ ଏବଂ ୨୮ତମ ଫ୍ଲୋରରେ ରହିଛି। ୧.୦୮ ଏକର ଉପରେ ନିର୍ମିତ ଏହି ଆପାର୍ଟମେଣ୍ଟ ଉଭୟ ଆରବ ସାଗର ଓ ହ୍ୟାଙ୍ଗିଙ୍ଗ ଗ୍ୟାଡେନ୍‌କୁ ସ୍ପର୍ଶ କରୁଛି। ଟ୍ରିପ୍ଲେକ୍ସର ମୋଟ କ୍ଷେତ୍ରଫଳ ୨୭,୧୬୦ ବର୍ଗଫୁଟ। ଜେ.ପି. ଟାପାରିଆ ପରିବାର ଏହାକୁ ବର୍ଗଫୁଟ୍ ପ୍ରତି ୧.୩୬ ଲକ୍ଷ ଟଙ୍କାରେ କିଣିଛନ୍ତି। ବର୍ଗଫୁଟ ହିସାବରେ ଏହା ଦେଶର ସବୁଠୁ ମହଙ୍ଗା ଆବାସିକ ଆପାର୍ଟମେଣ୍ଟ ଡିଲ୍। ଆପାର୍ଟମେଣ୍ଟ କିଣାରେ ଷ୍ଟାମ୍ପ ଡ୍ୟୁଟି ବାବଦ ଟାପାରିଆ ପରିବାର ୧୯.୦୭ କୋଟି ଟଙ୍କା ପୈଠ କରିଛନ୍ତି। କିଛିଦିନ ପୂର୍ବରୁ ବଜାଜ ଅଟୋ ଅଧ୍ୟକ୍ଷ ନିରଜ ବଜାଜ ୨୫୨.୫ କୋଟି ଟଙ୍କାରେ ଲୋଧା ଗ୍ରୁପ୍‌ଠାରୁ ଲକ୍‌ଜୁରୀ ଟ୍ରିପ୍ଲେକ୍ସ ପେଣ୍ଟହାଉସ୍ କିଣିଥିଲେ।



## ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ଭୁବନେଶ୍ୱର (ବ୍ୟୁରୋ): ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ୩ଟି ସୁନା ଚେନ୍ ସମେତ ଲକ୍ଷାଧିକ ଟଙ୍କାର ଅଳଙ୍କାର, ନଗଦ ୪୫ ହଜାର ଟଙ୍କା ସହ ଅନ୍ୟାନ୍ୟ ଜିନିଷପତ୍ର ଚୋରି କରିଛନ୍ତି। ଚୋରିର ଶିକାର ବ୍ୟକ୍ତି ଜଣକ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ପାଲା ମଣ୍ଡପ ସାହିରେ ରହୁଥିବା ନୟାଗଡ଼ର ପ୍ରେମ କୁମାର ପାତ୍ର। ପ୍ରେମ ଗତ ୨୫ ତାରିଖ ଦିନ ପରିବାର ସହ ପୈତୃକ ଘର ଓଡଗାଁକୁ ଯାଇଥିଲେ। ୨୮ ତାରିଖ ଦିନ ଫେରିବା ପରେ ଚୋରି ହୋଇଥିବା ଦେଖି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।






ଓଡ଼ିଶା ଦିବସ ପାଇଁ ବିଧାନସଭା ପରିସରରେ ସ୍ଥାପିତ ରଥଚକ ଓ ମନ୍ଦିର ଏବଂ ପୂର୍ବତଟ ରେଳପଥର ଚନ୍ଦ୍ରଶେଖରପୁରସ୍ଥିତ ମୁଖ୍ୟାଳୟ 'ରେଳ ସଦନ'କୁ ଆଲୋକରେ ସଜା ଯାଇଛି। (ଫଟୋ: ବିକାଶ)



ଓଡ଼ିଶା ବିଧାନ ସୌଧ




ଖାରବେଳ ଭବନ



ଲୋକ ସମ୍ପର୍କ ଭବନ।

## ୨ରୁ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ଉତ୍ସବ

ଭୁବନେଶ୍ୱର,୩୧।୩ (ବ୍ୟୁରୋ)

ବିଲୁପ୍ତ ପ୍ରାୟ ଲୋକନୃତ୍ୟ ଓ ଲୋକସଙ୍ଗୀତର ପୁନରୁଦ୍ଧାର ଓ ପ୍ରଚାର ପ୍ରସାର ନିମନ୍ତେ ଆସନ୍ତା ଏପ୍ରିଲ ୨ ରୁ ୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ଉତ୍କଳମଣ୍ଡପଠାରେ ଅନୁଷ୍ଠିତ ହେବ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ଉତ୍ସବ ଆୟୋଜନ କରାଯାଇଛି। ଶୁକ୍ରବାର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ମହୋତ୍ସବର ବିଶଦ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦିଆଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ସୂଚନା ଦେଇ କହିଥିଲେ ଯେ, ଆମ ରାଜ୍ୟର ବହୁବିଧ ଲୋକକଳା ଆମ ଜାତୀୟ ଜୀବନର ସମୃଦ୍ଧି ଓ ପ୍ରାଣବନ୍ତତାକୁ ବୁଝାଇଥାଏ । ଏହି ଲୋକକଳା ଗୁଡିକ ଆମର ବୈଶିଷ୍ଟ୍ୟ ଓ ପରିଚୟ । ଓଡିଆ ପ୍ରାଣରେ ତାର ପ୍ରାଚୀନ ପରମ୍ପରା ଓ ସଂସ୍କୃତି ପ୍ରତି ନିଷ୍ଠା ଏବଂ ଆଗ୍ରହ ରହିଛି । ତାହା ଓଡିଶାର ଲୋକକଳାକୁ ବଞ୍ଚାଇ ରଖିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୦୧୧ ମସିହାରୁ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପରେ ଲୁପ୍ତପ୍ରାୟ ପାରମ୍ପରିକ ଲୋକନୃତ୍ୟ ଓ ଲୋକସଙ୍ଗୀତର ପୁନରୁଦ୍ଧାର, ସଂରକ୍ଷଣ ଓ ପ୍ରସାର ନିମନ୍ତେ ବିଭାଗ ପକ୍ଷରୁ ରାଜ୍ୟ ତଥା ଜିଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ମାତ୍ର କରୋନା ଯୋଗୁ ଏହା ବନ୍ଦ ଥିବାବେଳେ ଚଳିତ ବର୍ଷରୁ ପୁଣିଥରେ ରାଜ୍ୟସ୍ତରୀୟ ମହୋତ୍ସବ ଆୟୋଜନ କରାଯାଉଛି। ପ୍ରତ୍ୟେକ ଜିଲାରୁ ୩୦ଟି ସାଂସ୍କୃତିକ ଦଳମାନଙ୍କୁ ନେଇ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ପ୍ରାୟ ୩୦୦ ଜଣ କଳାକାର ଯୋଗଦେବେ।

## ଆରମ୍ଭ ହେଲା ଗାନ୍ଧୀଶିଳ୍ପ ବଜାର

ଭୁବନେଶ୍ୱର,୩୧।୩ (ବ୍ୟୁରୋ)



ହସ୍ତଶିଳ୍ପ ବିକାଶ ଆୟୁକ୍ତ, ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ପ୍ରଯୋଜିତ ଅନୁଗୋଳ ଡୋଭ ଦ୍ୱାରା ଆୟୋଜିତ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀବଜାର ଶୁକ୍ରବାରଠାରୁ ଏକାମ୍ର ହାଟରେ ଆରମ୍ଭ ହୋଇଯାଇଛି। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଭାରତରୁ ୧୦୦ଜଣ ନିପୁଣ ଶିଳ୍ପୀ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରି କରୁଛନ୍ତି। ଚଳିତବର୍ଷ କର୍ନାଟକର କାଠକାମ, ମହୀଶୂର ଧୂପକାଠି, ମୁରଦମାବାଦ ପିତ୍ତଳ କାମ, ପଶ୍ଚିମବଙ୍ଗର ଫୁଲ ଓ ଶୀତଳ ପଟି, ରାଜସ୍ଥାନର ଡାଏ ଏବଂ ଡାଏ ଜୁଏଲାରି, ପଞ୍ଜାବର ଯୋତା, ଲକ୍ଷ୍ନୌର ବେଡ୍ କଭର, ବେଡସିଟ୍, ଓଡ଼ିଶା ଓ ବଲାଙ୍ଗୀରର କାର୍ପେଟ, ସୋନପୁର, ସମ୍ବଲପୁରର ଶାଢ଼ି ଓ ଟେରାକୋଟା, ଢେଙ୍କାନାଳର ବାଉଁଶ ଓ ଡୋକ୍ରା, କନ୍ଧମାଳର କାଠକାମ, କେନ୍ଦ୍ରାପଡ଼ାର ବେଣା କାମ, ନବରଙ୍ଗପୁରର ଡାଏ ଏବଂ ଡାଏ, ତାମିଲନାଡୁର ଚମଡ଼ା କାମ, ପୁରୀର ଚାନ୍ଦୁଆ ଓ ଆସାମର ବାଉଁଶ କାମ ସାମଗ୍ରୀ ବିକ୍ରି ହେଉଛି। ପ୍ରଦର୍ଶନୀରେ ଶିଶିର ରଥ, ଗୋବିନ୍ଦ ଜେନା, ଅଶୋକ ହୋତା, ସନ୍ତୋଷ ମହାନ୍ତି, ମାନସ ରଞ୍ଜନ ସେଠୀ, ସୁଭଜିତ୍ କରମାକର, ଅନିଲ ମିଶ୍ର ସାମିଲ ଥିଲେ। ରବୀନ୍ଦ୍ର ସେନାପତି ଏବଂ ସଂଗ୍ରାମ କେଶରୀ ନାୟକ ପରିଚାଳନା କରିଥିଲେ।

## ଜବତ ୧୫୦ ମୋବାଇଲ ଫେରାଇଲା ପୋଲିସ



ଭୁବନେଶ୍ୱର,୩୧।୩ (ବ୍ୟୁରୋ)

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ଓ ଲୁଟ୍ ହୋଇଥିବା ୧୫୦ ମୋବାଇଲ ଫୋନ୍ ପୋଲିସ ଜବତ କରି ମାଲିକମାନଙ୍କୁ ହସ୍ତାନ୍ତର କରିଛି। ଶୁକ୍ରବାର ସ୍ଥାନୀୟ ଡିସିପି ଅଫିସରେ ଏକ ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ କରାଯାଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଭୁବନେଶର ଡିସିପି ପ୍ରତୀକ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋବାଇଲଗୁଡ଼ିକ ମାଲିକଙ୍କୁ ଫେରାଇ ଦିଆଯାଇଛି।

ସୂଚନାନୁଯାୟୀ, ୨୦୨୨ରେ ୫୧୬ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସମୁଦାୟ ୧୪୩୪ଟି ମୋବାଇଲ ଫୋନ ଜବତ କରାଯାଇ ୧୨୫୦ଟି ମୋବାଇଲ ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ସେହିପରି ଚଳିତବର୍ଷ ଏଯାବତ ୮୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ମୋଟ ୨୨୨ ମୋବାଇଲ ଜବତ କରାଯିବା ସହ ୨୧୮ ମୋବାଇଲ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି।

## ୩ ଦୁର୍ଘଟଣା: ୨ ମୃତ, ଜଣେ ଆହତ

ଭୁବନେଶ୍ୱର(ବ୍ୟୁରୋ)/ବାଲିଅନ୍ତା, ୩୧।୩ (ଡି.ଏନ୍.ଏ.)

ମଞ୍ଚେଶ୍ୱର ଥାନା କୁଆଖାଇ ବ୍ରିଜ ପାଖରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ଇଡ୍‌କୋ ଟାୱାର ନିକଟ ତୁଇକୁଟି ସାହିର ଶ୍ରୀକାନ୍ତ ସାହୁ। ଅନ୍ୟପଟେ ଶହୀଦନଗର ଥାନା ଅନ୍ତର୍ଗତ ରସୁଲଗଡ ଓଭର ବ୍ରିଜ ଉପରେ ସନ୍ଧ୍ୟାରେ ଏକ ଟ୍ରକ୍ ଖରାପ ହୋଇ ଛିଡା ହୋଇଥିବା ବେଳେ ପଛ ପଟୁ ଅନ୍ୟ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଜଣେ ଡ୍ରାଇଭର ଆହତ ହୋଇଛନ୍ତି। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପରେ ଗ୍ୟାସ କଟର ସାହାଯ୍ୟରେ ଡ୍ରାଇଭରଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲା। ଆହତ ଟ୍ରକ୍ ଡ୍ରାଇଭର ହେଲେ ସୁଶୀଲ କୁମାର ମହନ୍ତ। ସେହିପରି ପାହଲ ଥାନା ଅଧୀନ ଅନନ୍ତପୁରସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ରାତିରେ ଏକ ଅଜଣାଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବନ୍ତ ଥାନା ଅଧୀନ ତଳପଡ଼ା ଗ୍ରାମର ସନ୍ତୋଷ ବାରିକ। ଏ ନେଇ ଥାନାରେ ଏକ ମାମଲା (ନଂ.୯୮/୨୩) ରୁଜୁ ହୋଇଛି। ସନ୍ତୋଷ ନଖରା ଅଞ୍ଚଳରେ ରହି ରାଜମିସ୍ତ୍ରି କାମ କରୁଥିଲେ। ଗୁରୁବାର ରାତିରେ ଗ୍ୟାରେଜରେ ବାଇକ୍ ମରାମତି କରି ନଖରା ଅଭିମୁଖେ ଫେରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ପିସିଆର ଗାଡ଼ି ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲ ପଠାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର, ୩୧।୩ (ଡି.ଏନ୍.ଏ.)

ଧରିତ୍ରୀର ପୂର୍ବତନ ପ୍ରକାଶକ, ସାହିତ୍ୟିକ, କବି ତଥା ପୂର୍ବତନ ସ୍ୱାଧୀନତା ସଂଗ୍ରାମୀ ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଭୀମଟାଙ୍ଗୀ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ପରିଷଦର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମନାଭ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ପୁରୁଷୋତ୍ତମ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମୋହିନୀକାନ୍ତ ମିଶ୍ର, କର୍ପୋରେଟର ଶିବ ନାରାୟଣ ରାୟ, ବିଶ୍ୱନାଥ ବେହେରା, ନୀଳମଣି ମିଶ୍ର ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ପୁତ୍ର ଭବାନୀଶଙ୍କର ମିଶ୍ର ପିତାଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଚିତ୍ରସେନ ବିଶୋଇ, ବିଶ୍ୱରଞ୍ଜନ ଚୌଧୁରୀ, ପ୍ରମୋଦ ଖୁଣ୍ଟିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



ଭୁବନେଶ୍ୱର, ୩୧।୩ (ବ୍ୟୁରୋ)

କିମ୍ବୀରିଆ ଜଗନ୍ନାଥ ବିଜୁ ଆଦର୍ଶ କଲୋନୀରେ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଳିକା ବିଶାରଦ ପ୍ରମୋଦ କୁମାରଙ୍କ ଦ୍ୱାରା ମାଳିକା ଦିବ୍ୟ ପ୍ରବଚନ କଥାମୃତ ପରିବେଷଣ ହୋଇଥିଲା। ସେହିପରି ୱାର୍ଡ ନଂ.୧୮ର କର୍ପୋରେଟର ବିପ୍ଳବ ବେହେରାଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା। କଲୋନୀ କମିଟି ସଦସ୍ୟଙ୍କ ସହଯୋଗରେ ଏବଂ ସମସ୍ତ ଅତିଥିଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି ଦିଆଯାଇଥିଲା।

## ବସ୍ତି ବାସିନ୍ଦାଙ୍କୁ ଆଜି ମିଳିବନି ଜମି ପଟ୍ଟା

ଭୁବନେଶ୍ୱର, ୩୧।୩ (ବ୍ୟୁରୋ)

- ଟାର୍ଗେଟ ପୂରଣ କରି ପାରିଲାନି ବିଏମ୍‌ସି
- ୫୦ହଜାରରୁ ୪୧ ହଜାର ୩୪୮ଜଣ ହିତାଧିକାରୀ ଚିହ୍ନଟ

ଏପ୍ରିଲ୍ ୧ ଓଡ଼ିଶା ଦିବସରେ ଭୁବନେଶ୍ୱରରେ ୫୦ ହଜାର ବସ୍ତି ବାସିନ୍ଦାଙ୍କୁ ଜମି ପଟ୍ଟା ବଣ୍ଟନ ହେବ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। ଏଥିପାଇଁ ବିଏମ୍‌ସି ପକ୍ଷରୁ କମିଟି ଗଠନ କରି ଜୋର୍‌ଦାର ସର୍ଭେ ମଧ୍ୟ ଆରମ୍ଭ ହୋଇଥିଲା। ମାତ୍ର ଠିକ୍ ସମୟ ବେଳକୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମକୁ ସ୍ଥଗିତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପୁନର୍ବାର ତାରିଖ ଧାର୍ଯ୍ୟ ହେବା ପରେ ତାଲିକାଭୁକ୍ତ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ୫୦ ହଜାର ବସ୍ତି ବାସିନ୍ଦାଙ୍କୁ ପଟ୍ଟା ବାଣ୍ଟିବାକୁ ଘୋଷଣା କରାଯାଇଥିବାବେଳେ ବିଏମ୍‌ସି ପକ୍ଷରୁ ଶୁକ୍ରବାର ସୁଦ୍ଧା ମୋଟ୍ ୪୧ ହଜାର ୩୪୮ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ୧୩୫ ବସ୍ତି ରେଡ୍ ଜୋନ୍‌ରେ ଥିବାରୁ ସେଗୁଡ଼ିକୁ ସର୍ଭେରୁ ବାଦ୍ ଦିଆଯାଇଛି। ତେଣୁ ନିର୍ଦ୍ଧାରିତ ସମୟରେ ବିଏମ୍‌ସି ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଥିବା କୁହାଯାଉଛି। ଅପରପକ୍ଷେ ଶୁକ୍ରବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ସ୍ଲମ୍ ଡେଭଲପ୍‌ମେଣ୍ଟ ଆଣ୍ଡ ରିହାବିଲିଟେଶନ୍ କମିଟି (ଏସ୍‌ଡିଆର୍‌ସି)ଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ଭେରେ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କ ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍ (ଏଲ୍‌ଆର୍‌ସି) ପ୍ରସ୍ତୁତ ରଖିବା ସହ ଠିକ୍ ଭାବେ ସର୍ଭେ କରି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ।

ବିଏମ୍‌ସି ଜାଗା ମିଶନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୨୩ ସୁଦ୍ଧା ବସ୍ତି ସଂଖ୍ୟା ୪୭୦କୁ ବୃଦ୍ଧି ପାଇଛି। ଏଥିମଧ୍ୟରୁ ୧୮୯ଟି ବସ୍ତିକୁ ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଛି। ଏପ୍ରିଲ ୧ ଟାର୍ଗେଟ ଥିବାରୁ ସମ୍ପୃକ୍ତ ବସ୍ତିଗୁଡ଼ିକ ମଧ୍ୟରୁ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା। ଏଥିରେ କୌଣସି ପ୍ରକାର ଚଞ୍ଚକତା କରାଯାଉ ନାହିଁ। ଏବେ ପଟ୍ଟା ବଣ୍ଟନ ତାରିଖ ଘୁଞ୍ଚିଥିବାରୁ ଆମେ ଅଧିକ ହିତାଧିକାରୀଙ୍କୁ ଯୋଡିବାକୁ ଚେଷ୍ଟା କରିବୁ। ୨/୩ ଦିନ ଭିତରେ ୬୦ରୁ ୭୦ ହଜାର ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ ହେବ। ପରେ ପର୍ଯ୍ୟାୟକ୍ରମେ ବସ୍ତିରେ ରହୁଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯିବ ବୋଲି ସେ କହିଛନ୍ତି।

## ବିଏମ୍‌ସି ମୁଖ୍ୟାଳୟ ଘେରିଲା ଭାଜପା

ଭୁବନେଶ୍ୱର, ୩୧।୩ (ବ୍ୟୁରୋ)



**ଜାଗା ମିଶନ ସର୍ଭେରେ ଚଞ୍ଚକତା ଅଭିଯୋଗ**

- ଦଳୀୟ ଭିତ୍ତିରେ, ହାତଗୁଞ୍ଜାରେ ସବୁକିଛି ଚାଲିଛି
- ବାଦ୍ ପଡିଥିବା ହିତାଧିକାରୀଙ୍କୁ ତାଲିକାଭୁକ୍ତ ଦାବି

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଜାଗା ମିଶନ ସର୍ଭେକୁ ନେଇ ବିବାଦ ବଢ଼ି ଚାଲିଛି। ପୂର୍ବରୁ କେବଳ ବସ୍ତିବାସିନ୍ଦା ଆପତ୍ତି ଅଭିଯୋଗ କରୁଥିବାବେଳେ ଏବେ ଭାଜପା ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ଜାଗା ମିଶନ ସର୍ଭେରେ ବ୍ୟାପକ ଚଞ୍ଚକତା କରାଯାଇଥିବା ଅଭିଯୋଗ କରି ଶୁକ୍ରବାର ଭୁବନେଶ୍ୱର ସାଂଗଠନିକ ଜିଲା ଭାଜପା ଆନ୍ଦୋଳନକୁ ଓହ୍ଲାଇଥିଲା। ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ବସ୍ତିବାସିନ୍ଦା ଓ ଭାଜପା କାର୍ଯ୍ୟକର୍ତ୍ତା ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ସମୟରେ ଉପସ୍ଥିତ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଭାଜପା ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ଧାରଣା ଦିଆଯାଇଥିଲା। କର୍ମୀମାନେ ଯାତାୟାତ କରୁଥିବା ଗାଡ଼ିକୁ ଅଟକାଇବା ସହ ସର୍ଭେକୁ ବିରୋଧ କରି ଶେଷରେ ମଝି ରାସ୍ତାରେ ବସିଥିଲେ। ଫଳରେ ବେଶ୍ କିଛି ସମୟ ପର୍ଯ୍ୟନ୍ତ ଗାଡ଼ିମୋଟର ଜାମ୍ ହୋଇଯାଇଥିଲା। ପରେ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ରାସ୍ତାରୁ ଉଠାଇବା ପରେ ଗାଡ଼ି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ବାବୁ ସିଂ କହିଛନ୍ତି, ରାଜ୍ୟ ସରକାର ଭୂମିହୀନମାନଙ୍କୁ ଜାଗା ପଟ୍ଟା ବଣ୍ଟନ କରିବେ ବୋଲି ଡିଣ୍ଡିମ ପିଟୁଥିବାବେଳେ ଜାଗା ମିଶନ ନାଁରେ ସହରବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ରାଜଧାନୀରେ ୪୩୬ଟି ପଞ୍ଜୀକୃତ ବସ୍ତି ଥିବାବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୧୨୫ଟି ବସ୍ତିର ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଏନେଇ ବସ୍ତିବାସିନ୍ଦା ବାରମ୍ବାର ବିଏମ୍‌ସି ଅଫିସ୍ ଦୌଡୁଥିଲେ ବି କିଛି ସୁଫଳ ମିଳୁନାହିଁ। ଶାସକ ବିଜେଡି ପକ୍ଷପାତିତା କରି ଦଳୀୟ ଆଧାରରେ ସର୍ଭେ କାର୍ଯ୍ୟ କରୁଥିବାରୁ ବହୁ ଯୋଗ୍ୟ ହିତାଧିକାରୀ ଜମି ଖଣ୍ଡେ ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷେ ବିଏମ୍‌ସି ଅଧିକାରୀମାନେ ପାତର ଅନ୍ତର କରିବା ସହ ହାତଗୁଞ୍ଜା ନେଇ ପରିଚିତ ଲୋକଙ୍କୁ ତାଲିକାଭୁକ୍ତ କରୁଛନ୍ତି। ଏହାକୁ ଘୋର୍ ବିରୋଧ କରିବା ସହ ତାଲିକାରୁ ବାଦ୍ ପଡିଥିବା ହିତାଧିକାରୀଙ୍କୁ ତୁରନ୍ତ ସର୍ଭେରେ ତାଲିକାଭୁକ୍ତ କରିବାକୁ ସିଂ ଦାବି କରିଛନ୍ତି। ସେହିପରି ସରକାରୀ ଦଳ ପକ୍ଷରୁ କରାଯାଉଥିବା ଚଞ୍ଚକତାକୁ ଭାଜପା ଆଦୌ ବରଦାସ୍ତ କରିବ ନାହିଁ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି। ଆଗାମୀ ଦିନରେ ଏହା ବିରୋଧରେ ଭାଜପା ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ମଧ୍ୟ ସେ ଚେତାବନୀ ଦେଇଥିଲେ। ବିକ୍ଷୋଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଭାଜପା ନେତ୍ରୀ ସୁନିତ ମୁଣ୍ଡ, କର୍ପୋରେଟର ରାମଚନ୍ଦ୍ର ରଣସିଂହ, ଧରିତ୍ରୀ ଜେନା, ଜୀବନ ରାଉତ, ଯଶୋଧରା ପ୍ରଧାନ, ଗୀତାଞ୍ଜଳୀ ସାହୁ, ଲକ୍ଷ୍ମୀପ୍ରିୟା ପରିଡା, ଜିଲା ବସ୍ତି ମହାସଂଘ ସଭାପତି ଅଞ୍ଜନ ନାଥ, ଜିଲା ସାଧାରଣ ସମ୍ପାଦକ ଦିଲୀପ ବେହେରା, ଜିଲା ଯୁବମୋର୍ଚ୍ଚା ସଭାପତି ସୋୟମ ସେବକ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଁପୁରରେ ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବେଗୁନିଆ,୩୧।୩(ଡି.ଏନ୍.ଏ.): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମରେ ନୂତନ ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ୩ଦିନ ଧରି ଆୟୋଜିତ ଉତ୍ସବର ଗୁରୁବାର ପ୍ରଥମ ଦିନରେ ଶୁଦ୍ଧପୂତ କଳସ ଶୋଭାଯାତ୍ରା ଗ୍ରାମ୍ୟ ପରିକ୍ରମା କରିଥିଲା। ପରେ ମନ୍ଦିର ନିର୍ମାଣ ସ୍ଥଳରେ ଘଟ ସ୍ଥାପନ କରାଯାଇଥିଲା। ଶୁକ୍ରବାର ନାମ ସଂକୀର୍ତ୍ତନ ଓ ଦେବ ନୀତି ସମ୍ପନ୍ନ ହେବା ସହ ସାଇ ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ଓ ସମିତିସଭ୍ୟା ନଳିନୀ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ଉତ୍ସାହିତ କରିଥିଲେ।

### ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ନିରାକାରପୁର,୩୧।୩(ଡି.ଏନ୍.ଏ.)- ଖୋର୍ଦ୍ଧା ଜିଲା ଭୁଷଣ୍ଡପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିନତୀ ରାଣୀଙ୍କ ଅବସରକାଳୀନ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୌରଭ କୁମାର ଦାସ ମହାପାତ୍ର, ଟାଙ୍ଗୀ ଶିକ୍ଷା ସଂଘ ସମ୍ପାଦକ ପ୍ରଦୀପ ପରିଡା, ଶରତ ଚନ୍ଦ୍ର ଦାସ,ଏସ୍ଏମ୍ସି ସଭାପତି ସୁଶାନ୍ତ ସାମନ୍ତରାୟ, ରାଧାକାନ୍ତ ପରିଡା ଓ ସିଆରସିସି ସପନ ସର୍ଦ୍ଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ରାଣୀଙ୍କ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ଭୂୟସୀ ପ୍ରଶଂସା କରିଥିଲେ। ରମେଶ ଚନ୍ଦ୍ର ପଲେଇ, ପ୍ରତାପ ଜେନା, ବନବିହାରୀ ପ୍ରତିହାରୀ, ରମାକାନ୍ତ ପ୍ରହରାଜ, ଟୁକୁମଣି ଦାଶ, ପ୍ରଭାସ ରଞ୍ଜନ ପଟ୍ଟନାୟକ, ସୁଶୀଲ ସରକାର, ସୁବାସଚନ୍ଦ୍ର ସାମନ୍ତରାୟ, ଜ୍ୟୋତ୍ସ୍ନାରାଣୀ ବେହେରା, ପ୍ରତାପ ସାହୁ, ଲିପୁ ରଞ୍ଜନ ବାରିକ, ରାକେଶ ଜେନା, ଗୋଦାବରୀଶ ଦାଶଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ଅମ୍ଳାନ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

### ନାରୁଣୀ କଲେଜରେ ବିଦାୟକାଳୀନ ସଭା

ଟାଙ୍ଗୀ(ଖୋର୍ଦ୍ଧା),୩୧।୩(ଡି.ଏନ୍.ଏ)- ନାରୁଣୀ କଲେଜରେ ଅଧକ୍ଷ ପ୍ରକୃତି ରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚାକିରିରୁ ଆନୁଷ୍ଠାନିକ ଅବସର ଗ୍ରହଣ କରିଥିବା କଲେଜର ପୂର୍ବତନ ଅଧକ୍ଷ ରହିଥିବା ତଥା ବର୍ତ୍ତମାନର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅନ୍ୟ କର୍ମଚାରୀ ଯଥା ଗୋବିନ୍ଦ ଚନ୍ଦ୍ର ନାୟକ ଓ ଶରତ ଚନ୍ଦ୍ର ନାୟକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜକିଶୋର ସାହୁ, ରୁଦ୍ରପ୍ରସାଦ ନରେନ୍ଦ୍ର ସିଂ ବର୍ମା, ମିନାକ୍ଷୀ ରାଉଳ, ଲୀନା ନଦୀଜା, ଡ.କବିତା ଦେବୀ, ଡ. ସି. ମଞ୍ଜୁଲତା, ଡ.ସୁଭଦ୍ରା ଭୋଳ, ଦିଲୀପ କୁମାର ବେହେରା, ଗୋଲକ ଚନ୍ଦ୍ର ବାରିକ, ସଂଗ୍ରାମ ହରିଚନ୍ଦନ, ପ୍ରମୋଦ ସୁବୁଦ୍ଧି ପ୍ରମୁଖଙ୍କ ସହ ଅନ୍ୟାନ୍ୟ ସହକର୍ମୀ ତଥା ଛାତ୍ରୀଛାତ୍ର ଉପସ୍ଥିତ ରହି ଉପରୋକ୍ତ ଅବସରପ୍ରାପ୍ତ ପ୍ରାଧ୍ୟାପକ, କର୍ମଚାରୀଙ୍କୁ ବିଦାୟୀ ଜଣାଇଥିଲେ।

### ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାରଙ୍ଗ,୩୧।୩(ଡି.ଏନ.ଏ.): ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ନରଣପୁର ଖେଳପଡିଆରେ ନବମବାର୍ଷିକ ଦିବାରାତ୍ର ଦିବାକର ସ୍ୱାଇଁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୩ଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ଖେଳ ତିନିଦିନ ଧରି ଚାଲିବ। ପ୍ରଥମ ଦିବସରେ ବଉଳକୁଦ ଫୁଟବଲ ଟିମ ଓ ଉଷୁମା ଟିମ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଉଷୁମା ଦଳକୁ ୧-୦ ଗୋଲରେ ହରାଇ ବଉଳକୁଦ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ସାଇରାମ ସ୍ପୋର୍ଟିଂ ଓ ଗଣ୍ଡରପୁର ମଧ୍ୟରେ ହୋଇଥିବା ମ୍ୟାଚରେ ଗଣ୍ଡରପୁରକୁ ହରାଇ ସାଇରାମ ସ୍ପୋର୍ଟିଂ କ୍ଲବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ତୃତୀୟ ମ୍ୟାଚ ବେଲଗଛିଆ ବେଲେଶ୍ୱର କ୍ଲବକୁ ମରଚିଆ ଯୁଥସ୍ପୋର୍ଟିଂ କ୍ଲବ ୨-୦ଗୋଲରେ ପରାସ୍ତକରି କ୍ୱାର୍ଟର ଫାଇନାଲକୁ ଯାଇଥିଲା। ଚତୁର୍ଥ ମ୍ୟାଚରେ ଜେଡି ବୟଜ କ୍ଲବ ଭବନେଶ୍ୱର ଓ ଗୋଠପୁର କ୍ଲବ ମଧ୍ୟରେ ଖେଳ ହୋଇଥିଲା। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅତିଥିଭାବେ ଯୋଗଦେଇଥିଲେ।

# ସରିଲା ଭାଗବତ ବାସୁଦେବଙ୍କ ମେଳଣ

## ବାହୁଡ଼ିଲେ ଠାକୁର

ଜଟଣୀ,୩୧।୩(ଡି.ଏନ.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀ ଗାଁ ହାଟବଜାର, ଗୋପୀନାଥପୁରରେ ଭାଗବତ ବାସୁଦେବ ମେଳଣ କମିଟି ଆନୁକୂଲ୍ୟରେ ତିନଦିନ ଧରି ଚାଲିଥିବା ମେଳଣ ଉତ୍ସବ ଶୁକ୍ରବାର ଗୋଧୂଳି ବେଳାରେ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଗ୍ରାମରୁ ଆସିଥିବା ଠାକୁରମାନେ ବିଦାୟ ନେଇଛନ୍ତି। ଗତ ୨୯ ତାରିଖ ଜମାଣ ରାତିଠାରୁ ମେଳଣ ପର୍ଯ୍ୟନ୍ତ ଆୟୋଜକ କମିଟି ପକ୍ଷରୁ ଭଜନ, ସଂକୀର୍ତ୍ତନ, ମେଲୋଡି ସହିତ ସାମାଜିକ ନାଟକର ଭରପୁର ଆନନ୍ଦ ଉଠାଇଥିଲେ ପାଖଆଖ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁ ଦର୍ଶକ। ଥାନପାତି ଭାଗବତ ବାସୁଦେବଙ୍କ ସହିତ ମାଣିତ୍ରି, ପାଟଣା, ଅରାଗଡ, ରେଙ୍ଗଳ, ବରପଦା, ବାଛରା, ଓଗରସୁଆ ଆଦି ୧୩ଟି ଗ୍ରାମରୁ ନିମନ୍ତ୍ରିତ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଆସି ଖୁଣ୍ଟି ଲାଗି ହୋଇଥିଲେ। ବିଦାୟୀ ବେଳାରେ ଥାନପତି ଶ୍ରୀ ଭାଗବତ ବାସୁଦେବଙ୍କ ସହିତ ଅନ୍ୟ ଠାକୁରଙ୍କ ବିମାନଙ୍କୁ ବିଭିନ୍ନ ସୁଗନ୍ଧିତ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଉପରେ ଅବିର ଏବଂ ପୁଷ୍ପ ପକାଇ ଆଶୀର୍ବାଦ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା। ବିଦାୟ ସମୟରେ ସମଗ୍ର ମେଳଣ ପଶିଆ ଘଣ୍ଟ ଘଣ୍ଟା, ହରିବୋଲ ହୁଳହୁଳି ଓ ମନ୍ତ୍ରରେ ପ୍ରକମ୍ପିତ ହୋଇ ଉଠିଥିଲା। ବିଦାୟୀ ସନ୍ଧ୍ୟାରେ ଆମନ୍ତ୍ରିତ ଠାକୁରଙ୍କ ନିକଟରେ ଆଟିକା ଭୋଗ ଲାଗି କରାଯିବା ପରେ ଠାକୁରଙ୍କ ମେଳଣ ହୋଇଥିଲା। ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ରୀତିନୀତି ଓ ପରମ୍ପରା ଆଧାରରେ ଠାକୁରଙ୍କ ସମସ୍ତ କାର୍ଯ୍ୟ କରାଯାଇଥିବା ମେଳଣ କିଟିର ସଦସ୍ୟ ବିକ୍ରମ ବସ୍ତିଆ କୁହନ୍ତି। ଚଳିତ ମେଳଣ ଉତ୍ସବକୁ ଭାଗବତ ବାସୁଦେବ ମେଳଣ କମିଟିର ସଦସ୍ୟ ଉତ୍କଳକେଶରୀ ବଳିୟାରସିଂ, କ୍ଷୀତିଶ କୁମାର ସୁନ୍ଦରାୟ, ସୁନୀଲ ଜେନା, ଲୋଖନ ପଟ୍ଟନାୟକ, ଗୁଟୁ ଷଡ଼ଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ। ଜଟଣୀ ଗାଁ ହାଟବଜାର ଓ ଗୋପୀନାଥପୁର ଗ୍ରାମବାସୀ ସହଯୋଗ କରିଥିଲେ।



# ଭାଇଙ୍କ ରଥ ଭାଙ୍ଗିଲେ ୩ ଭଉଣୀ

## ଅଶୋକାଷ୍ଟମୀ ରଥ ଯାତ୍ରା

ନିରାକାରପୁର,୩୧।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥ ଯାତ୍ରାର ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ଐତିହ୍ୟ ଓ ପରମ୍ପରା ଅନୁଯାୟୀ, ଶ୍ରୀକପିଳେଶ୍ୱର ଦେବ ବଡ଼ ଭାଇ ଗ୍ରାମେଶ୍ୱର ଦେବ ଓ ବଡ଼ ଭାଉଜ ଗ୍ରାମେଶ୍ୱରୀଙ୍କୁ ସାଙ୍ଗରେ ଧରି ରଥ ଯାତ୍ରାରେ ମାଉସୀ ଘରକୁ ଯାଇଥିଲେ। ହେଲେ କପିଳେଶ୍ୱରଙ୍କ ତିନି ଭଉଣୀ ମା'କାଳୀ, ମା' ସରସ୍ୱତୀ, ମହାଲକ୍ଷ୍ମୀ ଘରେ ରହିଯାଇଥିଲେ। ତେବେ ତିନି ଭଉଣୀଙ୍କୁ ଏହି ଯାତ୍ରାରେ ସାମିଲ ନ କରିଥିବାରୁ ସେମାନେ ରାଗରେ ବଡ଼ ଭାଇ ଭାଉଜଙ୍କୁ ଖୋଜିବାକୁ ଏକ ସ୍ୱତନ୍ତ୍ର ବିମାନରେ ବାହାରିଥିଲେ। ଭାଇ ଭାଉଜ ମାଉସୀ ମା' ମନ୍ଦିର ପାଖରେ ଥିବା ଜାଣିବା ପରେ ଭଉଣୀମାନେ ସେଠାରେ ପହଞ୍ଚିଥିଲେ। ଭାଇ ଭାଉଜଙ୍କୁ ସେଠାରେ ଦେଖିଥିଲେ ପରେ ତିନିଭଉଣୀଙ୍କୁ ବନ୍ଦାପନା କରାଯାଇ ବୁଝାଶୁଝା କରାଯାଇଥିଲା। କିନ୍ତୁ ଭଉଣୀମାନେ ଅବୁଝା ହୋଇ ରାଗରେ ଆସି ଭାଇ ଭାଉଜ ଯାଇଥିବା ରଥକୁ ଭାଙ୍ଗି ଦେଇ ପୁଣି ଦେଉଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ୧୨ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ

ବେଗୁନିଆ,୩୧।୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ୮ଟି ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ସ୍ୱଚ୍ଛତା, ଉତ୍ତମ ସ୍ୱାସ୍ଥ୍ୟ ସେବା, ସଂକ୍ରମଣ ନିୟନ୍ତ୍ରଣ ଓ ବର୍ଜ୍ୟବସ୍ତୁ ପରିଚାଳନା ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକୁ ନେଇ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ କାୟାକଳ୍ପ ଟିମ୍ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ଥିତି ପରଖିଥିଲେ। କେନ୍ଦ୍ର ସରକାରଙ୍କ ନୀତି ନିୟମ ଅନୁସାରେ ଠିକ୍ କାର୍ଯ୍ୟ ସମ୍ପାଦନ କରିଥିବା ଅଗ୍ରଣୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କାର ପ୍ରଦାନ କରିବା ପାଇଁ ନାମ ସୁପାରିସ କରାଯାଇଥିଲା। ବ୍ଲକର ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୨୧ଟି ଉପସାସ୍ଥ୍ୟ କେନ୍ଦ୍ର ରହିଛି। ସେଥିମଧ୍ୟରୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଅନ୍ୟ ୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯଥା ହଜ, ସିକୋ, ପରିଛଳ, ବେଗୁନିଆ, ବାଘମାରୀ, କଣ୍ଟାବାଡ଼ ଓ ପୋଡ଼ାଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କୃତ କରାଯାଇଛି। ସେହିପରି ୪ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ହେଲା ଶଗଡ଼ଭଙ୍ଗା, କୁରାଢ଼ିଲୋ, ସିମୋର ଏବଂ କୁଞ୍ଜୁରିକୁ ୨୦୨୨–୨୩ବର୍ଷରେ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ହଜ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାସ୍ତରୀୟ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଶଗଡ଼ଭଙ୍ଗା ଜିଲାସ୍ତରୀୟ ପ୍ରଥମ ରନର୍ସ ଅପ ପୁରସ୍କାର ପାଇଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ.ଦେବାଶିଷ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସବୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ ଧନ୍ୟବାଦ ଦିଆଯାଇଛି। ଅନ୍ୟପକ୍ଷେ ଡା. ଆଚାର୍ଯ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କର କାର୍ଯ୍ୟଦକ୍ଷତା ଓ ସେବା ମନୋଭାବକୁ ପ୍ରଶଂସା କରିବା ସହ ଆଗକୁ ରୋଗୀ ସେବା ଠିକ୍ ସଞ୍ଚାଳନ କରିବା ପାଇଁ ନିବେଦନ କରିଥିଲେ।

# ଫାଇଲିନ ହିତାଧିକାରୀଙ୍କ ଅହୋରାତ୍ର ଧାରଣା



କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବାତ୍ୟା ନିରୋଧକ ବାସଗୃହ ମଞ୍ଚ ସଦସ୍ୟ ଓ ହିତାଧିକାରୀମାନେ ଧାରଣାରେ ବସିଛନ୍ତି।

କୃଷ୍ଣପ୍ରସାଦ,୩୧।୩(ଡି.ଏନ୍.ଏ.)

ଫାଇଲିନ ବାତ୍ୟା ପରେ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲାର ବହୁ ପରିବାରର ଗୃହ ଶୂନ୍ୟ ହୋଇପଡ଼ିଯାଇଥିଲା। ଏହି ୩ ଜିଲାକୁ ବିଶ୍ୱ ବ୍ୟାଙ୍କ ବାତ୍ୟା ନିରୋଧକ ଗୃହ ଯୋଗାଇଥିଲା। ତେବେ ଦୀର୍ଘ ୯ବର୍ଷ ବିତି ଯାଇଥିଲେ ମଧ୍ୟ ପୁରୀ ଜିଲାରେ ଏଯାଏ ତାହା କାର୍ଯ୍ୟକାରୀ ହୋଇନାହିଁ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବାତ୍ୟା ନିରୋଧକ ବାସଗୃହ ମଞ୍ଚର ଆବାହକ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଶୁକ୍ରବାରକୁ ମିଶାଇ ୭ଦିନ ଧରି କୃଷ୍ଣପ୍ରସାଦ ବ୍ଲକ ସମ୍ମୁଖରେ ଦିବାରାତ୍ର ଅନଶନରେ ବସିଛନ୍ତି। ସେମାନଙ୍କ ଦାବି ଯେ ବାତ୍ୟାଗ୍ରହ ଚିହ୍ନଟ ପରିବାରକୁ କାର୍ଯ୍ୟାଦେଶ ଦିଆଯାଉ। ଯେଉଁଦିନ ପର୍ଯ୍ୟନ୍ତ କାର୍ଯ୍ୟାଦେଶ ନ ମିଳିଛି ସେଯାଏ ଏ ଅନଶନ ଜାରି ରହିବ। କେବେ ଚିଲିକା ପାଣିରେ ତ କେବେ ଶୀତ କାକର, ବର୍ଷା, ଖରାକୁ ଖାତିର ନ କରି ନିଜର ମୌଳିକ ଅଧିକାର ପାଇଁ ଦାବି କରିଛନ୍ତି। ବାତ୍ୟା ନିରୋଧ ଗୃହ ପାଇବା ନିମନ୍ତେ ପୁରୀ ଜିଲା କୃଷ୍ଣପ୍ରସାଦ ଚିଲିକା ଅଞ୍ଚଳର ହଜାର ହଜାର ଗରିବ ହିତାଧିକାରୀ ଅପେକ୍ଷାରେ ଅଛନ୍ତି। ଏମାନଙ୍କ ନେତୃତ୍ୱ ନେଇଛନ୍ତି ମଞ୍ଚ ସଦସ୍ୟ ସୁବାସ ଜେନା। ମଞ୍ଚ ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେବାକୁ ୨୦୧୪ରୁ ବାରମ୍ବାର ସରକାରଙ୍କୁ ନିବେଦନ କରିଆସୁଛନ୍ତି। ଏପରିକି ହାଇକୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ କାର୍ଯ୍ୟାଦେଶ କରିବା ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ନିକଟରେ ଗୁହାରି କରାଯାଇଥିଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ମଞ୍ଚ ସଦସ୍ୟ କହିଛନ୍ତି। ତେଣୁ ଗତ ୭ ଦିନ ଧରି କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀଙ୍କୁ ନେଇ ମଞ୍ଚ ପକ୍ଷରୁ ଆହୋରାତ୍ର ଧାରଣା ଦିଆଯାଇଛି। ତଥାପି ପ୍ରଶାସନର କୌଣସି ଅଧିକାରୀ ଧାରଣାସ୍ଥଳରେ ପହଞ୍ଚୁନାହାନ୍ତି।

## ଶବ୍ଦ ପ୍ରଦୂଷଣ କରୁଥିବା ବାଇକ୍ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଗମ୍ଭାରୀମୁଣ୍ଡା,୩୧।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ଦିନକୁ ଦିନ କେତେଜଣ ବାଇକ ଚାଳକ ନିଜର ସଉକିନ ନିମନ୍ତେ ସେମାନଙ୍କ ବାଇକରେ ବିଭିନ୍ନ ପ୍ରକାରର ସାଇଲେନ୍ସର ପାଇପ୍ ଲଗାଇ ବିକଟାଳ ଶବ୍ଦ କରୁଛନ୍ତି। ଫଳରେ ଏହି ଶବ୍ଦ ଦ୍ୱାରା ଜନସାଧାରଣମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହି ବାଇକ୍ ଚାଳକମାନଙ୍କ ଉପରେ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି। ତେବେ ବାଣପୁର, ଗମ୍ଭାରୀମୁଣ୍ଡା ଓ ନାରୁଣୀ ଆଦି ଅଞ୍ଚଳରେ କେତେକ ଯୁବକ ଜାଣିଶୁଣି ଦ୍ରୁତ ଗତିରେ ବାଇକ୍ ଚଳାଇବା ସହ ବିକଟାଳ ଶବ୍ଦ କରି ଗାଡ଼ି ଚଳାଉଛନ୍ତି। ବାଇକ୍‌ରୁ ପ୍ରଚଣ୍ଡ ଶବ୍ଦ ବାହାରିବାରୁ ବରିଷ୍ଠ ନାଗରିକଙ୍କୁ ନାନା ଅସୁବିଧା ହେବା ସହ ତାହାର ଧୂଆଁରେ ପରିବେଶ ଦୂଷିତ ହେଉଛି। ଫଳରେ ରାସ୍ତାରେ ଗମନାଗମନ କରୁଥିବା ଯାତ୍ରୀମାନଙ୍କ ଉପରେ ଖରାପ ପ୍ରବାହ ପଡୁଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଥିବା ବେଳେ ଉକ୍ତ ବାଇକ୍ ଚାଳକଙ୍କ ଉପରେ ପୋଲିସ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ସମୀକ୍ଷା ବୈଠକ




ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି ଓ ଅଧିକାରୀମାନେ।

ଗମ୍ଭାରୀମୁଣ୍ଡା,୩୧।୩(ଡି.ଏନ୍.ଏ.)

ବାଣପୁର ବ୍ଲକ ସଭାଗୃହରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟଙ୍କ ସଭାପତିତ୍ୱରେ ଶୁକ୍ରବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ଏକ ସାମାଜିକ ସମୀକ୍ଷା ବୈଠକ ଓ ସାଧାରଣ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଗତ ବର୍ଷର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ଶ୍ରମିକ ପ୍ରାପ୍ୟ ଉପରେ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟରେ ହୋଇଥିବା ଅନିୟମିତତା ବାବଦକୁ ଜିଆର୍‌ଏସ୍ ଓ କନିଷ୍ଠ ଯନ୍ତ୍ରୀମାନଙ୍କଠାରୁ ମୋଟ ୧୫,୧୦୦ ଟଙ୍କା ଆଦାୟ ପାଇଁ ରାଉତରାୟ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକ୍ରମ ମନ୍ଥରକୁ ନେଇ ଉପସ୍ଥିତ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଅମୃତ ସରୋବର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ବାଣପୁର ବ୍ଲକରେ ମୋଟ ୧୯,୪୨୮ ଜବ କାର୍ଡରୁ ୧୦,୮୪୫ଟି କାର୍ଡ କାର୍ଯ୍ୟକ୍ଷମ ଥିବା ଜଣାଯାଇଛି। ଶ୍ରମିକମାନଙ୍କୁ ଶ୍ରମ ଦିବସ ଯୋଗାଇ ଦେବାରେ ନରେନ୍ଦ୍ରପୁର ପଞ୍ଚାୟତ ସବୁଠାରୁ ଆଗୁଆ ଥିବାବେଳେ ଦେଓଗାଁ ଓ ଦାମିଆବରବରା ପଞ୍ଚାୟତ ସବୁଠାରୁ ପଛୁଆ ରହିଛି। ଏହି ବୈଠକରେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଡିଓ ବୁଲବୁଲ ବେହେରା, ଜିଲା ସମୀକ୍ଷା ଅଧିକାରୀ ପ୍ରଦୋଷ ମହାରଣାଙ୍କ ସହ ସମସ୍ତ ସରପଞ୍ଚ, ସମିତି ସଭ୍ୟ, କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବସ୍–ବାଇକ୍ ସାଇଡ଼ମରାକୁ କେନ୍ଦ୍ରକରି ଗଣ୍ଡଗୋଳ

ନିରାକାରପୁର,୩୧।୩(ଡି.ଏନ୍.ଏ.)

୧୬ ନମ୍ବର ଜାତୀୟ ରାଜପଥ ଗୋହିରା ଛକଠାରେ ଏକ ଘରୋଇ ବସ୍ ଓ ବାଇକ୍ ସାଇଡ୍‌ମରାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଛି। ବସ୍ ଚାଳକ ଓ ବାଇକ ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବସ୍ କର୍ମଚାରୀମାନେ ଉତ୍ତ୍ୟକ୍ତ ହୋଇ ବାଇକ୍ ଚାଳକଙ୍କୁ ବସ୍‌କୁ ଉଠାଇ ନେଇ ମାଡ ମାରିଥିଲେ। ଏ ନେଇ ବାଇକ୍ ଚାଳକ ଜଣକ ସ୍ଥାନୀୟ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବସ୍ କର୍ମଚାରୀମାନଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଗୋହିରା ଛକରେ ଉକ୍ତ ଘରୋଇ ବସ୍ ଓ ଜଣେ ବାଇକ୍ ଚାଳକଙ୍କ ମଧ୍ୟରେ ସାଇଟ୍ ମରାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ବସ୍ କର୍ମଚାରୀମାନେ ବାଇକ୍ ଚାଳକଙ୍କୁ ବସ୍‌କୁ ନେଇ ମାଡ଼ ମାରିଥିଲେ। ବାଇକ୍ ଚାଳକ କଁପୁର ପଞ୍ଚାୟତର ହୋଇଥିବାରୁ ଖବରପାଇ ଉକ୍ତ ବସ୍‌ର ପିଛା କରି ଜଙ୍କିଆ ଥାନା ଅନ୍ତର୍ଗତ ଗୋଡିପଡା ଟୋଲଗେଟ ନିକଟରେ ଅଟକାଇ ପୋଲିସକୁ ଜଣାଇଥିଲେ। ଖବରପାଇ ଜଙ୍କିଆ ପୋଲିସ ପହଞ୍ଚି ବସ୍‌ରୁ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲ ପଠାଇଥିଲା। ଏଥିସହ ବସ୍‌ଟିକୁ ଥାନା ହେପାଜତକୁ ନେବା ସହିତ ବସ୍ ଚାଳକ, ହେଲପର, ଓ କଣ୍ଡକ୍ଟରକୁ ଅଟକ ରଖିଥିଲା। ଏହି ସମୟରେ କଁପୁର ସରପଞ୍ଚଙ୍କ ପ୍ରତିନିଧି ତମ୍ପୁପାନି ପାତ୍ର ଗ୍ରାମବାସୀଙ୍କ ସହି ରାତି ତମାମ ଥିବାବେଳେ ଥାନାଅଧିକାରିଣୀ ନ ବୁଝିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଘଟଣାଟି ତମାଣ୍ଡୋ ଥାନା ଅଞ୍ଚଳରେ ହୋଇଥିବାରୁ ଜଙ୍କିଆ ପୋଲିସ ତମାଣ୍ଡୋ ଥାନାକୁ ଜଣାଇବା ସହ ଅଟକ ୩ଜଣଙ୍କୁ ଶୁକ୍ରବାର ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ବସ୍‌ରେ ଥିବା ଯାତ୍ରୀମାନଙ୍କୁ ବସ୍ ମାଲିକଙ୍କ ପକ୍ଷରୁ ଟିକେଟ ପଇସା ଫେରସ୍ତ କରିବାରୁ ଯାତ୍ରୀମାନେ ଫେରିଥିଲେ। ପରେ ବାଇକ୍ ଚାଳକ ତମାଣ୍ଡୋ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୧୮୦ କେଜି ଗଞ୍ଜେଇ ପୋଡ଼ାଗଲା

ଖୋର୍ଦ୍ଧା ଅଫିସ,୩୧।୩

ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗିଆପଡ଼ାସ୍ଥିତ ସାନି କ୍ଲିନ ପରିସରରେ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ୧ କୁଇଣ୍ଟାଲ ୮୦କେଜି ଗଞ୍ଜେଇ ପୋଡ଼ାଯାଇଛି। ଜବତ ନିଶାଦ୍ରବ୍ୟ ଡିସ୍‌ପୋଜାଲ ଲାଗି କୋର୍ଟଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ପୋଲିସ ପକ୍ଷରୁ ଗଞ୍ଜେଇ ନଷ୍ଟ କରାଯାଇଛି।

ସୂଚନା ଅନୁସାରେ, ଖୋର୍ଦ୍ଧା ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଜବତ କରାଯାଇଥିଲା। ଶୁକ୍ରବାର ଏହି ଗଞ୍ଜେଇ ପୋଡ଼ି ନଷ୍ଟ କରିଦିଆଯାଇଛି। ଖୋର୍ଦ୍ଧା ଆଦର୍ଶ ଥାନାର ଗୋଟିଏ କେସ୍, ବେଗୁନିଆ ଥାନାର ୨ଟି କେସ୍ ଏବଂ ଟାଙ୍ଗି ଥାନାର ଗୋଟିଏ କେସ୍‌ରେ ମୋଟ ୧୮୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଗଞ୍ଜେଇ ନଷ୍ଟ କରାଯିବା ସମୟରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ମୁର୍ମୁ, ଅବକାରୀ ବିଭାଗ ଅଧୀକ୍ଷକ ଝସକେତନ ବରିହା, ଡିଏସ୍‌ପି ବିଷ୍ଣୁ ପ୍ରସାଦ ପତି, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ତାରିକ ଅହମ୍ମଦ, ବେଗୁନିଆ ଥାନାର ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ଶମ୍ଭୁନାଥ ନାୟକ, ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ସୁବ୍ରତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ଗଞ୍ଜେଇକୁ ପୋଡ଼ିବା ପାଇଁ ପୋଲିସ ନେଉଛନ୍ତି।

# ମୋଦି–ଆଦାନୀ ସମ୍ପର୍କ ଉଠାଇବାରୁ ଷଡ଼ଯନ୍ତ୍ର

## ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗ

■ ମୋଦିଙ୍କ ଉପରେ ବର୍ଷିଲେ ସୁରେଶ

ଖୋର୍ଦ୍ଧା ଅଫିସ, ୩୧।୩

ରାହୁଲ ଗାନ୍ଧୀଙ୍କୁ ଗିରଫ, ସଭ୍ୟପଦ ରଦ୍ଦ ଏବଂ ସରକାରୀ କୋଠା ଛାଡ଼ିବାକୁ ନୋଟିସ ନେଇ ତୀବ୍ର ବିରୋଧ କରିଛି କଂଗ୍ରେସ। ଭାରତ ଯୋଡ଼ ଯାତ୍ରାରେ ମୋଦି ସରକାର ଭୟଭୀତ ହୋଇପଡ଼ିଛନ୍ତି। କଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ରାହୁଲଙ୍କୁ ବିପୁଳ ଜନସମର୍ଥନ ମିଳିଛି। ରାହୁଲଙ୍କ ପ୍ରତି ଲୋକଙ୍କ ଆସ୍ଥା ବଢ଼ିଛି। ଏହାକୁ ଦେଖି ମୋଦି ସ୍ୱପ୍ନରେ ରାହୁଲ ବିଳିବିଳଉଛନ୍ତି। ମୋଦି ଓ ଆଦାନୀଙ୍କ ସମ୍ପର୍କ, କଳାଧନ ପ୍ରସଙ୍ଗରେ ପ୍ରଶ୍ନ ପଚାରିବାରୁ ରାହୁଲଙ୍କ ପ୍ରତି କେନ୍ଦ୍ର ସରକାର ଆକ୍ରୋଶମୂଳକ ମନୋଭାବ ରଖି ହୀନ ଚକ୍ରାନ୍ତ କରୁଛନ୍ତି। ମୋଦି ଚକ୍ରାନ୍ତ ପୂର୍ବକ ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଦୁର୍ବଳ କରିବାକୁ ଚାହୁଁଛନ୍ତି। ଏହାକୁ କଂଗ୍ରେସ କେବେ ବରଦାସ୍ତ କରିବ ନାହିଁ ବୋଲି ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ଶୁକ୍ରବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରାଉତରାୟ ମୋଦିଙ୍କ ଉପରେ ବର୍ଷିଥିଲେ। ସେ କହିଲେ, ଭାରତରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। କେନ୍ଦ୍ର ସରକାରଙ୍କ ବିରୋଧରେ ମୁହଁ ଖୋଲିଲେ, କେନ୍ଦ୍ରୀୟ ତଦନ୍ତ ସଂସ୍ଥାକୁ ଲଗାଇ ହଇରାଣ କରାଯାଉଛି। ମିଥ୍ୟା କେସ୍‌ରେ ଜେଲ ପଠାଯାଉଛି। ମୋଦି ସରକାରଙ୍କ ଅମଳରେ ବାକ୍ ସ୍ୱାଧିନତା ନାହିଁ। କଂଗ୍ରେସ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟକୁ ବରଦାସ୍ତ କରିବ ନାହିଁ। ଆଗାମୀ ସାଧାରଣ ନିର୍ବାଚନରେ ଏହାର ଜବାବ ଦିଆଯିବ। ୨୦୨୪ ନିର୍ବାଚନରେ କଂଗ୍ରେସ ରାହୁଲଙ୍କ ନେତୃତ୍ୱରେ ସାରା ଭାରତରେ ଲଢେଇ କରିବ।

କେନ୍ଦ୍ର ନେତୃତ୍ୱାଧୀନ ମୋଦି ସରକାରଙ୍କ ନେତା, ମନ୍ତ୍ରୀ, ଏମ୍‌ପି କଂଗ୍ରେସ ନେତାଙ୍କ ବିରୋଧରେ ବହୁ ଅପଶବ୍ଦ ପ୍ରୟୋଗ ସହ ଆକ୍ଷେପ କରିଛନ୍ତି। ରାହୁଲଙ୍କୁ ପପୁ, ଗାନ୍ଧୀ ପରିବାର ଚୋର, ମିର୍ଜାଫର ପ୍ରଭୃତି କହିବା କେତେ ଦୂର ଠିକ୍ ବୋଲି ରାଉତରାୟ ପ୍ରଶ୍ନ କରିଛନ୍ତି। ଭାରତର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ ଏଲ୍‌ଆଇସିର ୧ଲକ୍ଷ ୧୩ହଜାର କୋଟିରୁ ଊର୍ଦ୍ଧ୍ୱ ଆଦାନୀ ସମୂହ କମ୍ପାନୀରେ ପୁଞ୍ଜି ବିନିଯୋଗ କରାଯାଇଛି। ଏ ସମସ୍ତ ଅଥ ଭାରତବାସୀଙ୍କର। କାହା ସ୍ୱାର୍ଥରେ ମୋଦି ଏହାକୁ ଆଦାନୀ ହାତକୁ ଟେକି ଦେଇଛନ୍ତି। ମୋଦି ସରକାର ଦେଶରେ ଜାତିଆଣ ଭାବ ସୃଷ୍ଟି କରୁଛନ୍ତି। ବିଚାରାଳୟ ନିଷ୍ପତିକୁ କଂଗ୍ରେସ ଗ୍ରହଣ କରିଛି। କିନ୍ତୁ ଘଟଣା ଘଟିଲା କର୍ନାଟକରେ, ସୁରଟର ସେସନ୍ସ କୋର୍ଟରେ କାହିଁକି କେସ୍ ଦାୟର କରାଗଲା। ସରକାରୀ ଦଳ ରାହୁଲଙ୍କ ପ୍ରଶ୍ନର ଉତ୍ତର ରଖିବା ପରିବର୍ତ୍ତେ ଜାଣିଶୁଣି ସଂସଦକୁ ଅଚଳ କରିଦେଲେ। ଏପରିକି ୪୫ଲକ୍ଷ ୯୭ ହଜାର କୋଟି ଟଙ୍କାର ବଜେଟକୁ ୯ମିନିଟ୍‌ରେ ବିନା ଆଲୋଚନାରେ ପାର୍ଶ୍ୱ କରିଦିଆଗଲା। ଏହା ସ୍ୱେଚ୍ଛାଚାରୀ ଅଗଣତାନ୍ତ୍ରିକ ସରକାରଙ୍କ ଦ୍ୱାରା ସମ୍ଭବ। ଶେଷରେ ରାଉତରାୟ ବିଜେଡି ସରକାରଙ୍କ ଉପରକୁ ମଧ୍ୟ ଅଙ୍ଗୁଳି ଉଠାଇଛନ୍ତି। ଭାରତବର୍ଷର ସମସ୍ତ ବିରୋଧୀ ରାଜନୈତିକ ଦଳ ଏକ ପୃଷ୍ଠଭୂମିରେ ଛିଡ଼ା ହୋଇ ଗଣତନ୍ତ୍ର ବଞ୍ଚାଇବା ଲାଗି ଆହ୍ୱାନ ଦେଇଥିବାବେଳେ ବିଜେଡି କାହିଁକି ପଛରେ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପିସିସି ସମ୍ପାଦକ ଚିନ୍ମୟ ଦାସ, ପିସିସି ସଭ୍ୟ ଶିଶିର ପରିଡା, ଓକିଲ ସଂଘ ସଭାପତି ସର୍ବେଶ୍ୱର ସାହୁ, ପିସିସି ସଭ୍ୟା ସ୍ୱାଗତିକା ପଟ୍ଟନାୟକ, ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବରାଳ, ବରିଷ୍ଠ ନେତା ପଦ୍ମଚରଣ ରାୟ, ପ୍ରସାଦ ହରିଚନ୍ଦନ ଏବଂ ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଏପ୍ରିଲ, ୨୦୨୩



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୩।୨୦୨୩

| | |
|---|---|
| ୪,୪୭,୫୪୫ ଟଙ୍କା | |
| ସୁନା | ୩.୨୦୦ ଗ୍ରାମ୍ |
| ରୁପା | ୩୩ ଗ୍ରାମ୍ |

## ସଂକ୍ଷେପରେ

### ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ

ସାକ୍ଷୀଗୋପାଳ,୩୧।୩ (ଡି.ଏନ.ଏ./ସ୍ୱ.ପ୍ର.)- ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ସଭାପତିତ୍ୱ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଆଲୁମିନ ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ପରିଚାଳନା କମିଟିର ସଭାପତି ଶନାତନ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ, ଲକ୍ଷ୍ମୀଧର ମିଶ୍ର, ଶିକ୍ଷକ ବନମାଳୀ ବେହେରା ଓ ହରିବନ୍ଧୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘଦିନ ଧରି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଶିକ୍ଷାଦାନ କରିବା ପରେ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ପଦୋନ୍ନତି ପାଇଥିବା ଭମ ପ୍ରଧାନ, ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିବା ଏନ୍‌ସିସି ଶିକ୍ଷକ ବିଜୟ କୁମାର ପରିଡ଼ା, ସତ୍ୟବାଦୀ ଦାସ ଏବଂ ପ୍ରଶାନ୍ତ କୁମାର ତ୍ରିପାଠୀ, ଶିକ୍ଷକ ମନୋରଞ୍ଜନ ନାଥ, ଅବସର ନେଇଥିବା କିରାଣି ପ୍ରଫୁଲ୍ଲ ଷଡ଼ଙ୍ଗୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶିଖର ମହାପାତ୍ରଙ୍କୁ ଛାତ୍ରୀଛାତ୍ରମାନେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ସଭା

ପୁରୀ ଅଫିସ, ୩୧।୩ - ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ସଭା ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସଭ୍ୟାସଭ୍ୟମାନେ ପବିତ୍ର ଜନ୍ମପୀଠ ବିକଶିତ ରୂପର ଦର୍ଶନରେ ଅଭିଭୂତ ହୋଇ ସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟ ପାଇଁ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳମଣିଙ୍କ ସଂଗ୍ରହାଳୟରେ ଏ ଜାତିର ଉନ୍ମେଷ ନିମନ୍ତେ ବିଭିନ୍ନ କ୍ଷେତ୍ରରେ ନେଇଥିବା ପଦକ୍ଷେପ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଦେଶ ପ୍ରୀତି, ଜାତି ପ୍ରଥା ସେବାର ସଂକଳ୍ପ ଓ ତ୍ୟାଗର ମହାନ ନିର୍ଦ୍ଦେଶନ ସ୍ଥାନିତ ହୋଇ ପ୍ରେରଣା ଯୋଗାଉଛି ବୋଲି ସମ୍ପାଦକ ବିଶ୍ୱନାଥ ବେହେରା କହିଥିଲେ। ଏ ଜାତିର ମହାନ ସେବକ ଓ ତ୍ୟାଗର ମୂର୍ତ୍ତୀମନ୍ତ ପ୍ରତୀକ ଉତ୍କଳମଣିଙ୍କ ସ୍ମୃତିକୁ ଉନ୍ମୋଚିତ କରିବାକୁ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ପ୍ରସଂଶା କରିଥିଲେ। ଉତ୍କଳମଣିଙ୍କ ଇଷ୍ଟ ଦେବତା ରାଧା ବିହାରୀଙ୍କ ମନ୍ଦିର ତାଙ୍କ ଦାଣ୍ଡ ଦୁଆର ମୁହଁରେ ଥିବା ଘରେ ପୂଜା ପାଉଥିଲେ ଓ ଗୋପବନ୍ଧୁ ସେଠାରେ ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ଭାଗବତ ପାଠ କରୁଥିଲେ। ଠାକୁରଙ୍କ ମନ୍ଦିର ନୂତନ ଭାବେ ନିର୍ମାଣ ହୋଇଥିବା ମନ୍ଦିରକୁ ସ୍ଥାନାନ୍ତର ହୋଇଥିବାରୁ ଐତିହ୍ୟକୁ ସାଧାରଣ ଦର୍ଶନାର୍ଥୀ ଦେଖିବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଜିଲା ପ୍ରଶାସନ ଗୋପବନ୍ଧୁଙ୍କ ଷଠିଘର ଦାଣ୍ଡ ଦୁଆର କାନ୍ଥରେ ଠାକୁରଙ୍କ ମୂର୍ତ୍ତିଟିଏ ସ୍ଥାପିତ କରିବାକୁ ସାଧାରଣ ସଂପାଦକ ଦାବି କରିଛନ୍ତି। ରାଜ୍ୟ ବାହାରୁ ଓ ଦେଶ ବିଦେଶରୁ ଆସୁଥିବା ରାଜନେତା, ଦାର୍ଶନିକ, ଶିକ୍ଷାବିତ୍ ଐତିହାସିକ ଓ ବିଦ୍ୱାନ ମାନେ ଜନ୍ମପୀଠ ଦର୍ଶନରେ ଆସି ଉତ୍କଳମଣିଙ୍କ ପୂଣ୍ୟ ଜନ୍ମମାଟି ଓ ଏ ଜାତିର ତୀର୍ଥସ୍ଥଳୀର ଦର୍ଶନ କର ଆଶିଷ ନେବାକୁ ସାଧାରଣ ସଂପାଦକ ବେହେରା ଅନୁରୋଧ କରିଛନ୍ତି। ଆଲୋଚନାରେ ଅନ୍ୟମାନଙ୍କ ମଧରେ ପ୍ରଫୁଲ୍ଲ କୁମାର ମହାପାତ୍ର, ନିରଞ୍ଜନ ମହାପାତ୍ର, ସନ୍ତୋଷ କୁମାର ମହାନ୍ତି, ପ୍ରଫେସର ଅଦ୍ୱୈତଚରଣ ଧଳ, ପ୍ରଫେସର ପ୍ୟାରି ମୋହନ ପଟ୍ଟନାୟକ, ଆଶାଲତା ପ୍ରଧାନ , ଗୋଲକ ଚନ୍ଦ୍ର ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ପ୍ରଫେସର ମନୋଜ କୁମାର ସାମନ୍ତରାୟ ବିବରଣୀ ପଠନ କରିଥିଲେ। ସଦାଶିବ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭାକାର୍ଯ୍ୟକୁ ବିଜୟ କୁମାର ପଣ୍ଡା, ଗଣେଶ୍ୱର ମହାପାତ୍ର ଏବଂ ବିଜୟ ଚରଣ ମହାନ୍ତି ପରିଚାଳନା କରିଥିଲେ।

# ଅଡ଼ଙ୍ଗେଇ ପୀଠ ମେଳଣ ପଡ଼ିଆ ଆତସବାଜିରେ କମ୍ପିଲା

ଗୋପ,୩୧।୩(ଡି.ଏନ୍.ଏ.)

ଗୋପ ବ୍ଲକର ଅତି ପୁରାତନ ଓ ସଂସ୍କୃତି ପରମ୍ପରା ପୂର୍ଣ୍ଣ ମା' ଅଡଙ୍ଗେଇ ପୀଠର ଥାନପତି ନୀଳକଣ୍ଠେଶ୍ୱରଙ୍କ ମେଳଣ ଉତ୍ସବ ହୋଇଛି। ନୀଳକଣ୍ଠେଶ୍ୱର ଅଭିର ଖେଳି ମେଳଣପଡ଼ିଆକୁ ଯିବା ପରେ ମା' ଅଡ଼ଙ୍ଗେଇଙ୍କ ନିକଟକୁ ଆସିଥିବା ମୁଆଁ ଠାକୁରଙ୍କୁ ଲାଗି କରାଯାଇ ଆସ୍ଥାନକୁ ବିଜେ କରିଥିଲେ। ପରେ ଅପେକ୍ଷାରତ ବିମାନରେ ବିଭିନ୍ନ ଗାଁରୁ ଆସିଥିବା ଠାକୁରମାନେ ମେଳଣ ପଡିଆକୁ ଯାଇଥିଲେ। ଏହି ମେଳଣ ଅବସରରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ରାତିରେ ପହଞ୍ଚିବା ପରେ ଆତସବାଜି ପ୍ରଦର୍ଶନ ପ୍ରତିଯୋଗିତା କରାଯାଇଥିଲା। ମେଳଣ ପଡ଼ିଆ ଆତସବାଜିରେ କମ୍ପିଥିଲା। ପ୍ରକାଶ ଯେ, କାହିଁ କେଉଁ କାଳରୁ ଏହି ସଂସ୍କୃତି ପରମ୍ପରା ଭାଇଚାରା ମେଳଣ ହୋଇଆସୁଛି। ଆଧୁନିକତାର ସ୍ପର୍ଶରେ କିଛି ବର୍ଷ ଧରି ଏହି ମେଳଣ କିଛିଟା ସଭା ହରାଇଥିଲେ ମଧ ମନ୍ତ୍ରୀ ଦାଶଙ୍କ ଉଦ୍ୟମ ଓ ସ୍ଥାନୀୟ ଅଞ୍ଚଳର ଯୁବ ନେତା ସୁକାନ୍ତ କୁମାର ମହାନ୍ତିଙ୍କ ଯୋଗୁ ଏବେ ବହୁ ଜାକଜକମରେ ଏହି ମେଳଣ କିଛି ବର୍ଷ ଧରି କରାଯାଉଛି। ବିଶ୍ୱାସ ଯେ, ମା ଅଡଙ୍ଗେଇ ପୀଠରେ ବର୍ଷରେ ୬ମାସ ଧରି ମେଣ୍ଢା ବଳି ପଡ଼ିଥିବା ବେଳେ ମୁଆଁ ଭୋଗ ମୁଖ୍ୟ ଭୋଗ ବୋଲି ପୂଜକ ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି। ଏହି ମେଳଣ ୪ ଦିନ ଧରି ଚାଲିବାର ଥିବା ବେଳେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯାତ୍ରା ପାର୍ଟି ପଡ଼ିଛି।



ଥାନପତି ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ସହ ଅନ୍ୟ ଠାକୁରମାନେ ବିମାନରେ ବିଜେ ହୋଇଛନ୍ତି ।




ପୁରୀ ବେଳାଭୂମିରେ ଅନୁଷ୍ଠିତ ଦୁଇଦିନିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ।

## ୮ ଲକ୍ଷର ଗଞ୍ଜେଇ, କାର୍ ଜବତ: ଜଣେ ଗିରଫ

ଡେଲାଙ୍ଗ,୩୧।୩(ଡି.ଏନ.ଏ.)

ଡେଲାଙ୍ଗ ଥାନା ପୋଲିସ ଓ ସ୍ପେସିଆଲ ସ୍କ୍ୱାଡର ମିଳିତ ଉଦ୍ୟମରେ ଶୁକ୍ରବାର ଜଣେ ଗଞ୍ଜେଇ ବେପାରୀଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି । ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଜୋରକଣି ଗ୍ରାମର ଗୁଣନିଧି ପୃଷ୍ଟି (୫୩)। ତାଙ୍କଠାରୁ ୫ବସ୍ତା ଗଞ୍ଜେଇ, ୨ଟି ମୋବାଇଲ ଫୋନ ଓ ନଗଦ ୧ଲକ୍ଷ ୭୦ହଜାର ଟଙ୍କାକୁ ଜବତ କରାଯାଇଥିଲା। ଏହାର ପାଖାପାଖି ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପିପିଲି ଏସଡିପିଓ ଦେବଦତ୍ତ ବରାଳ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଶୁକ୍ରବାର ସୂଚନା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୯୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଡେଲାଙ୍ଗ ଅଞ୍ଚଳଟି ଖୋର୍ଦ୍ଧା ଜିଲାକୁ ସଂଯୋଗ କରୁଥିବା ବେଳେ ସୀମା ତଥା ମଧ୍ୟବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ନିଶାବେପାରୀଙ୍କ ଆଡ୍ଡା ଜମୁଛି। ଏହି ନିଶା କାରବାର ରୋକିବା ପାଇଁ ପୁରୀ ଏସ୍‌ପି ଡ. କନୱର ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପୋଲିସ ଓ ସ୍ପେସିଆଲ ସ୍କ୍ୱାଡଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ଅଭିଯୁକ୍ତ ଗୁଣନିଧି ଦୀର୍ଘଦିନ ହେବ ଗଞ୍ଜେଇ କାରବାର କରୁଥିବା ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତି ଖବର ପାଇଥିଲେ। ଆଇଆଇସି ମହାନ୍ତି ଅଭିଯୁକ୍ତକୁ ଧରିବା ପାଇଁ କିଛି ମାସ ହେବ ନଜର ରଖିବା ସହିତ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଗୁରୁବାର ବିଳମ୍ବିତ ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ଏହି ଗଞ୍ଜେଇ ଚାଲଣ ହେବାର ଥିବା ନେଇ ପୋଲିସ ସୁରାଗ୍ ପାଇଥିଲା। ପୂର୍ବରୁ ବିଳମ୍ବିତ ରାତିରୁ ଆଇଆଇସି ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୁଶ୍ରୀ ଲିଜା ମଲ୍ଲିକ୍ ଓ ୫ ଜଣିଆ ପୋଲିସ ଟିମ୍ ସହିତ ସ୍ପେସିଆଲ୍ ସ୍କ୍ୱାଡ ଦଳ କୁଆପଦା କୁମୁକା ଜଙ୍ଗଲରେ ଅଭିଯୁକ୍ତକୁ ଧରିବା ପାଇଁ ଲୁଚି ରହିଥିଲେ।ଗୁଣନିଧି ଗଞ୍ଜେଇ ନେଇ ପୁରୀ ଅଭିମୁଖେ ଗାଡି ନଂ (ଓଡି୦୨ଏବି୫୮୩୦) କାର୍‌ରେ ଯୋରକଣୀରୁ ବାହାରି ଖୋର୍ଦ୍ଧା–ପଟ୍ଟନାୟିକିଆ ରାସ୍ତାରେ ଯାଉଥିବା ସମୟରେ କୁଆପଦା ଛକରେ ପୋଲିସ ତାକୁ ଧରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଉକ୍ତ ଗାଡ଼ିର ଯାଞ୍ଚ ନେବାରେ ସେଥିରୁ ୫ବସ୍ତା ଗଞ୍ଜେଇ, ୨ଟି ମୋବାଇଲ ଫୋନ ଓ ନଗଦ ୧ଲକ୍ଷ ୭୦ହଜାର ଟଙ୍କାକୁ ଜବତ କରାଯାଇଥିଲା।



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

## ଧରିତ୍ରୀର ପୂର୍ବତନ ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର, ୩୧।୩(ଡି.ଏନ୍.ଏ.)

ଧରିତ୍ରୀର ପୂର୍ବତନ ପ୍ରକାଶକ, ସାହିତ୍ୟିକ, କବି ତଥା ପୂର୍ବତନ ସ୍ୱାଧୀନତା ସଂଗ୍ରାମୀ ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଭୀମ ଟାଙ୍ଗୀ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ପରିଷଦ ର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମନାଭ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ପୁରୁଷୋତ୍ତମ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମୋହିନୀ କାନ୍ତ ମିଶ୍ର, କର୍ପୋରେଟର ଶିବ ନରୟଣ ରାୟ, ବିଶ୍ୱନାଥ ବେହେରା, ନୀଳମଣି ମିଶ୍ର ଉପସ୍ଥିତ ରହି ସର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ପୁତ୍ର ଭବାନୀଶଙ୍କର ମିଶ୍ର ପିତାଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଚିତ୍ରସେନ ବିଶୋଇ, ବିଶ୍ୱରଞ୍ଜନ ଚୌଧୁରୀ, ପ୍ରମୋଦ ଖୁଣ୍ଟିଆ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।

## ନନ୍ଦନକାନନ: ଟ୍ରାଏଲରେ ଚାଲିଲା ରୋପ୍‌ୱେ

ବାରଙ୍ଗ,୩୧।୩(ଡି.ଏନ୍.ଏ.)

ନନ୍ଦନକାନନକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ଚାଲିବାକୁ ଯାଉଛି ପର୍ଯ୍ୟଟକଙ୍କର ଚାହିଦା ଓ ତଥା ବହୁ ପ୍ରତୀକ୍ଷିତ ରୋପ୍‌ୱେ। ରୋପ୍‌ୱେ ନିର୍ମାଣ କାର୍ଯ୍ୟ ସରିଥିବାରୁ ଶୁକ୍ରବାର ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଦ୍ୱିତୀୟଥର ପାଇଁ ସଫଳ ପରୀକ୍ଷଣ ମୂଳକଭାବେ ଚଲାଇଛି ରୋପୱେ ନିର୍ମାଣକାରୀ ସଂସ୍ଥା। ୧୩କୋଟି ଟଙ୍କା ବ୍ୟୟବରାଦରେ ୬୦୦ମିଟର ଲମ୍ବ ରୋପୱେ ନିର୍ମାଣ କାର୍ଯ୍ୟ ଏହାଭିତରେ ସରିଛି। ଗୋଟିଏ କ୍ୟାବିନରେ ୬ଜଣ ବସିବାର ବ୍ୟବସ୍ଥା ହୋଇଥିବାବେଳେ ସମୁଦାୟ ୧୨ଟି କ୍ୟାବିନରେ ଏକାଥରକେ ୭୨ଜଣ ପର୍ଯ୍ୟଟକ ବସିବାର ସୁବିଧା ରହିଛି। କାଞ୍ଜିଆହ୍ରଦ ଉପରେ ରୋପୱେରେ ବୁଲି ହ୍ରଦର ପ୍ରାକୃତିକ ତଥା ମନୋରମ ପରିବେଶକୁ ଉପଭୋଗ କରିବା ସହ ବଟାନିକାଲ ଗାର୍ଡେନକୁ ମଧ ଏହା ସଂଯୋଗ ହୋଇଛି। ଦୀର୍ଘଦିନର ବ୍ୟବଧାନ ପରେ ରୋପ୍‌ୱେ ପ୍ରଚଳନ ହେବାର ବାଟ ପରିଷ୍କାର ହୋଇଥିବାରୁ ପର୍ଯ୍ୟଟକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

## ଅଧିକାରୀ ମଣ୍ଡି ତଦାରଖ କରିବାକୁ ଦାବି

ସାକ୍ଷୀଗୋପାଳ,୩୧।୩(ଡି.ଏନ୍.ଏ.):

ଚାଷୀଙ୍କ ଧାନ ଅଭାବ ବିକ୍ରି ରୋକିବା ଲାଗି ସରକାରୀ ଦରରେ ମଣ୍ଡି ମାଧ୍ୟମରେ କ୍ରୟ କରାଯାଉଛି। ହେଲେ ମଣ୍ଡିରେ ନାନା ସମସ୍ୟା ରହୁଥିବାରୁ ଚାଷୀମାନେ ଧାନ ଠିକ୍ ଭାବେ ବିକ୍ରି କରିପାରୁ ନ ଥିବା ସାକ୍ଷୀଗୋପାଳର ବିଭିନ୍ନ ପଞ୍ଚାୟତରେ ଅଭିଯୋଗ ହୋଇଛି। ଅଧିକାଂଶ ମଣ୍ଡିରେ ଚାଷୀଙ୍କୁ ନିର୍ଦ୍ଧାରିତ ସୁବିଧା ମିଳୁନାହିଁ, ଧାନ ଉଠିବା ବିଳମ୍ବ ହେଉଛି। ମିଲରଙ୍କ ନିୟନ୍ତ୍ରଣରେ ମଣ୍ଡି ପରିଚାଳିତ ହେଉଥିବାରୁ ମିଲର, କର୍ମଚାରୀ ଧାନ ଦେଖି କାଟ ନିର୍ଦ୍ଧାରଣ କରୁଛନ୍ତି। ଜଣେ ଚାଷୀଙ୍କର ୧୨ପ୍ୟାକେଟ ଧାନ ୭ କୁଇଣ୍ଟାଲ ୨୦ କେଜି ହୋଇଥିବା ବେଳେ ୬ କୁଇଣ୍ଟାଲ ୬୫ କେଜି ଦର୍ଶାଯାଇ ଟଙ୍କା ବ୍ୟାଙ୍କକୁ ପଠାଯାଇଥିବା ଅଭିଯୋଗ ହେଇଛି। ଏପରିକି ଗୋଟିଏ ବସ୍ତା ଧାନ ୫୦ କେଜିରୁ ଅଧିକ ହେଲେ ଶ୍ରମିକ ଚାଷୀ ଠାରୁ ଅଧିକ ମଜୁରି ନେଉଛନ୍ତି। ସେହିଭଳି ଅନେକ ସମିତିରେ ଟାର୍ଗେଟ ଶେଷ ହୋଇଯାଇଥିବାରୁ ଅଧିକାଂଶ ଟୋକନ ପ୍ରାପ୍ତ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଏଭଳି ସ୍ଥିତି ଜାରି ରହିଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ ଦେଇ ନପାରି ଅନେକ ଚାଷୀ ଅଭାବୀ ବିକ୍ରିର ଆଶଙ୍କା ଦେଖାଦେଇଛି। ଫଳରେ ଚାଷୀ ବାଧ ହୋଇ ଖୋଲା ବଜାରରେ ଆନ୍ଧ୍ର ବେପାରୀଙ୍କୁ କୁଇଣ୍ଟାଲ ପିଛା ୧୫୫୦ ଟଙ୍କାରେ ବିକ୍ରି କରୁଛନ୍ତି। ତେଣୁ ପ୍ରଶାସନର ଅଧିକାରୀମାନେ ମଣ୍ଡି ତଦାରଖ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଅଧିକାରୀମାନେ ମଣ୍ଡି ତଦାରଖ କଲେ ସବୁ ସମସ୍ୟା ଜାଣି ସମାଧାନ ଦିଗରେ ଚାଷୀଙ୍କୁ ସହାୟତା କରିପାରିବେ ବୋଲି ଚାଷୀମାନେ ଦାବି କରିଛନ୍ତି।

## ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ କଲେ ସଚେତନ

ଡେଲାଙ୍ଗ,୩୧।୩(ଡି.ଏନ.ଏ.)

ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ସହଯୋଗରେ ଚାଇଁପୁର ପଞ୍ଚାୟତରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ଚାଇଁପୁର ପଞ୍ଚାୟତ କାଲୁପଡା ଗ୍ରାମଠାରୁ ମା' ଗଡଚଣ୍ଡୀ ମନ୍ଦିର ପ୍ରାଙ୍ଗଣ ପର୍ଯ୍ୟନ୍ତ ରାସ୍ତାର ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଲାବନ୍ୟେନ୍ଦୁ ମହାନ୍ତି, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ସରପଞ୍ଚ ଜୟନ୍ତୀ ବରାଳ, କଳ୍ପତରୁ ବରାଳ, ସମିତିସଭ୍ୟା ମଞ୍ଜୁଲତା ହାତୀ, ସୁବାସ ସାମନ୍ତସିଂହାର, ଓ୍ୱାର୍ଡ ସଭ୍ୟା ସସ୍ମିତା ବଳିଆରସିଂହ, ଜିଆର୍‌ଏସ୍ ସର୍ବେଶ୍ୱର ପରିଡା ପ୍ରମୁଖ ଉପସ୍ଥିତ ରହି ରାସ୍ତାଘାଟରେ ପଡିଥିବା ପ୍ଲାଷ୍ଟିକ ବୋତଲ, ପଲିଥିନ, ଅଦରକାରୀ କାଗଜ ପ୍ରଭୃତି ଅଳିଆ ଆବର୍ଜନା ସଫା କରିବା ସହିତ ସ୍ୱଚ୍ଛତା ଦ୍ୱାରା ପରିବେଶ ସୁରକ୍ଷା ହୋଇପାରିବ ବୋଲି ମତବ୍ଯକ୍ତ କରିବା ସହିତ ଜନସାଧରଣଙ୍କୁ ସଚେତନ କରାଇଥିଲେ। ସେହିପରି ଡେଲାଙ୍ଗ କୋଠବାଡ ସରପଞ୍ଚ ଦୀପକ ସାହୁଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ, ହାଟବଜାର ଓ ସରାକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ଗ୍ରାମ ରୋଜଗାର ସେବକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମଧୁବନରେ ରାମଚରିତ ମାନସ ଉଦ୍‌ଯାପିତ

ଗୋପ,୩୧।୩(ଡି.ଏନ୍.ଏ.)

ଓଡ଼ିଆଙ୍କ ଗର୍ବ ଓ ପ୍ରତୀକ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ପରମ୍ପରା ହେଉଛି ପ୍ରାଣକେନ୍ଦ୍ର ବୋଲି ଗୁରୁବାର ବିଳମ୍ବିତ ରାତ୍ରରେ ଗୋପ ବ୍ଲକ ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ମଧୁବନ ଗ୍ରାମର ଅନୁଷ୍ଠିତ ରାମଚରିତ ମାନସ ଉଦଯାପିତ କାର୍ଯ୍ୟକ୍ରମରେ ପ୍ରବଚକ ସନ୍ତୋଷ କୁମାର ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, କାହ୍ନୁଚରଣ ସାହୁ, ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ, ଜଙ୍ଗଲବୋରି ପ୍ରଭାତି ସାହୁ ବିଚିତ୍ରାନନ୍ଦ ମିଶ୍ର, ରମେଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରମୁଖ ଯୋଗଦେଇଥିଲେ। ରାମଚରିତ ମାନସ କାର୍ଯ୍ୟକ୍ରମ ଚଳିତ ବର୍ଷ ତିନି ଦିନ ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ ସନ୍ତୋଷ କୁମାର ସାହୁ ତାଙ୍କ ସାଥିମାନେ ରାମାୟଣ ମହାଭାରତ ସହିତ ଲଙ୍କା ପୋଡି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ପରମ୍ପରା ଉପରେ ପ୍ରବଚନ ଦେଇଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ବିଭିନ୍ନ ରାମଚରିତ ମାନସ ମଞ୍ଚରୁ ଆସିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପଣା ସଂକ୍ରାନ୍ତି ଅବସରରେ ଏହି ସ୍ଥାନ ରେ ବିଶିଷ୍ଟ ପ୍ରବଚକ ସନ୍ତୋଷ କୁମାର ସାହୁ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଗୋଟିଏ ଦିନ ପ୍ରବଚନ ଦେବାର ବ୍ୟବସ୍ଥା କରାଯାଇଛି। ଏପରି ଏକ ସଂସ୍କୃତି ପରମ୍ପରା ଭାଇଚାରା ରକ୍ଷା ଉଦ୍ଦେଶ୍ୟରେ ଓ ଅଞ୍ଚଳର ଏହି ରାମଚରିତ ମାନସ କାର୍ଯ୍ୟକ୍ରମ ଚାଲିବା କାର୍ଯ୍ୟକ୍ରମ ଅନୁଷ୍ଠିତ କରୁଥିବା ବିଚିତ୍ରାନନ୍ଦ ମିଶ୍ର ପ୍ରକାଶ କରିଥିଲେ। ଏହି ପ୍ରବଚନ ଦେଖିବାକୁ ହଜାର ହଜାର ସଂଖ୍ୟକ ବ୍ୟକ୍ତି ଯୋଗଦେଇଥିଲେ।

## ବାଲିଦୋକାନ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

କୋଣାର୍କ,୩୧।୩(ଡି.ଏନ.ଏ.)

କୋଣାର୍କ ଥାନା ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତର ଅଗ୍ରଣୀ ସ୍ୱାସ୍ଥ୍ୟକେନ୍ଦ୍ର ବାଲିଦୋକାନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଦ୍ୱିତୀୟଥର ପାଇଁ କାୟାକଳ୍ପ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ଏଥିପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଆୟୁଷ ଚିକିତ୍ସାଧିକାରୀ ସୌମ୍ୟକାନ୍ତ ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଆଶିଷ କୁମାର ମହାପାତ୍ର, ଡା. ସ୍ୱରୂପ ମହାପାତ୍ର, ଫାର୍ମାସିଷ୍ଟ ସ୍ୱାଗତିକା ମହାପାତ୍ର ଏବଂ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ମିଳିଛି।




ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କ ସହ କାୟାକଳ୍ପ ଟିମ୍ ।

## ଏସ୍‌ଏଚ୍‌ଜି ମହିଳାଙ୍କୁ ପରିଚୟ ଦେଇଛି ମିଶନ ଶକ୍ତି କାଫେ

ପିପିଲି,୩୧।୩(ଡି.ଏନ୍.ଏ.)

ବର୍ତ୍ତମାନ ସମାଜରେ ମହିଳାମାନେ ଆତ୍ମନିର୍ଭରଶୀଳ କ୍ଷେତ୍ରରେ ପୁରୁଷଙ୍କ ସହ ସମକକ୍ଷ ହୋଇସାରିଲେଣି। ଏପରିକି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ହୋଇଛି। ଯାହାଦ୍ୱାରା ଖୁବ୍ ସହଜରେ ମହିଳାମାନେ ଉପଯୋଗ କରି ପ୍ରତିଟି କ୍ଷେତ୍ରରେ ଆଗେଇପାରୁଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ପିପିଲି ବ୍ଲକ ଅଞ୍ଚଳର ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଜରିଆରେ ଆତ୍ମନିର୍ଭରଶୀଳର ବାଟ ଦେଖାଇଛି ମିଶନ ଶକ୍ତି କାଫେ। ଏହି କାଫେ କେବଳ ମହିଳାମାନେ ପରିଚାଳନା କରୁଥିବା ବେଳେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଲୋକଙ୍କୁ ସୁଲଭ ମୂଲ୍ୟରେ ଖାଇବା ଯୋଗାଇଦେବା ସହିତ ରୋଜଗାରକ୍ଷମ ହୋଇପାରିଛନ୍ତି ମହିଳା। ପିପିଲିରେ ମିଶନ ଶକ୍ତି କାଫେ ଖୋଲିବା ପରେ ଘର ରୋଷେଇ ଭଳି ସୁସାଦ୍ୟ ଖାଦ୍ୟ ପାଉଛନ୍ତି ଗ୍ରାହକ। ସେପଟେ ସରକାରଙ୍କ ଏହି ଯୋଜନା ଆମକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ବେଳେ ଭଲ ଦି ପଇସା ରେଜାଗାର କରିପାରୁଛୁ ବୋଲି କହିଛନ୍ତି ମିଶନ କାଫେର ସଭାପତି ସୁମିତ୍ରା ପତି।

ବ୍ଲକ ପରିସରରେ ଖୋଲିଥିବା ମିଶନ ଶକ୍ତି କାଫେକୁ ଏନ୍‌ଏସି ୫ନମ୍ବର ଓ୍ୱାର୍ଡର ମାତୃଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା କରୁଛନ୍ତି। ୧୦ଜଣ ମହିଳା ଏହାର ଦାୟିତ୍ୱ ନେଇ କାର୍ଯ୍ୟ ନିର୍ବାହ କରୁଛନ୍ତି। ପ୍ରଥମେ ଚାହୁଆ ବ୍ୟବସାୟ କରୁଥିବା ଏହି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଶନ ଶକ୍ତି କାଫେର ଦାୟିତ୍ୱ ନେବା ପରେ ତାଙ୍କ ରୋଜଗାର ଦୁଇଗୁଣା ହୋଇଛି ବୋଲି କହିଛନ୍ତି। ସ୍ୱଚ୍ଛତା ଓ ସୁଲଭତା ଏହି ସଫଳତାର ମୂଳମନ୍ତ୍ର



ଏସ୍‌ଏଚ୍‌ଜି ମହିଳାମାନେ ଗ୍ରାହକଙ୍କୁ ଖାଦ୍ୟ ପରଷୁଛନ୍ତି।

### ଗ୍ରାହକଙ୍କୁ ମନ ଜିଣୁଛି କେମିକାଲ ମୁକ୍ତ ଖାଦ୍ୟ

ବୋଲି କାଫେର ସଦସ୍ୟାମାନେ କହିଥିବା ବେଳେ ପୂର୍ବରୁ ଗୃହିଣୀ ଭାବେ ଥିବାବେଳେ ଏବେ ମିଶନ ଶକ୍ତି ସ୍ୱତନ୍ତ୍ର ପରିଚୟ ଦେଇଛି। କାଫେରେ ଗ୍ରାହକଙ୍କୁ ନିରାମିଷ ଓ ଆମିଷ ଖାଦ୍ୟ ସାଙ୍ଗକୁ ଜଳଖିଆ ପ୍ରସ୍ତୁତ କରି ସୁଲଭ ମୂଲ୍ୟରେ ବିକ୍ରି କରାଯାଉଛି। ସେପଟେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟର ମାନ ଠିକ୍ ରହୁଥିବାବେଳେ କେମିକାଲ ମୁକ୍ତ ଖାଦ୍ୟ ଖାଇ ନିରୋଗ ରହିପାରିଛୁ ବୋଲି ଗ୍ରାହକ କହିଛନ୍ତି। ଅନ୍ୟପଟେ ଏହି କାଫେ ମାଧ୍ୟମରେ ପ୍ରସ୍ତୁତ ଖାଦ୍ୟ ସବୁ ବର୍ଗର ଲୋକମାନଙ୍କ ପକେଟକୁ ସୁହାଇବା ଭଳି ଦର ରହୁଥିବା ବେଳେ କାଫେକୁ ଆସିଥିବା ଦେଶ ବିଦେଶର ଅତିଥିମାନଙ୍କର ମନ ଜିଣିପାରିଛି ବୋଲି ବିଡିଓ ରଶ୍ମିତା ନାଥ କହିଛନ୍ତି।

**୦କେଇ, ଅଭିଯୁକ୍ତ ଗିରଫ**

ଚୌଦ୍ୱାର,(ଡି.ଏନ୍.ଏ.): ଠକେଇ ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଶଙ୍କରପୁର ଗ୍ରାମରେ ରହୁଥିବା ବାଙ୍କୀ ଅଞ୍ଚଳର ଶ୍ରୀକାନ୍ତ ପାତ୍ର। ପୋଲିସ ସୂଚନା ଅନୁଯାୟୀ, କୋର୍ଟରେ ଏଏସ୍ଓ ଚାକିରି କରାଇ ଦେବାକୁ କହି ଶ୍ରୀକାନ୍ତ କଟକ ଜିଲା ଗୋବିନ୍ଦପୁର ଥାନା ଅଧୀନ ମାଙ୍ଗ ଗ୍ରାମର ବାମଦେବ ମଲ୍ଲିକଙ୍କଠାରୁ ୨୦୧୭ ମସିହାରୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୨ଲକ୍ଷ ୮୫ ହଜାର ଟଙ୍କା ନେଇଥିଲେ। ହେଲେ ଚାକିରି କରାଇ ଦେଇ ନ ଥିଲେ। ଫଳରେ ବାମଦେବ ଟଙ୍କା ଫେରାଇବାକୁ କହିବାରୁ ଶ୍ରୀକାନ୍ତ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ବାମଦେବ ଗୁରୁବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୩/୨୩) ରୁଜୁ କରି ଶ୍ରୀକାନ୍ତଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**ଫୁଲନଖରା,୩୧।୩(ଡି.ଏନ୍.ଏ.):** ଫୁଲନଖରା-ନିଆଳି ରାସ୍ତାର ଅନନ୍ତପୁରଠାରେ ଗୁରୁବାର ବିଳମ୍ବିତ ରାତିରେ ଗାଡ଼ି ଧକ୍କାରେ ସନ୍ତୋଷ ବାରିକ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ତାଳପଦା ଗ୍ରାମରେ ହୋଇଥିବାବେଳେ ସେ ଫୁଲନଖରା ଅଞ୍ଚଳରେ ରହି ରଙ୍ଗମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ସେ କାମ ସାରି ବାଇକ୍(ନଂ.ଓଡ଼ି୦୬ଏଚ୍-୦୩୦୦) ରେ ଘରକୁ ଫେରୁଥିବାବେଳେ ପଛରୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ପାହାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷଙ୍କୁ ଭୁବନେଶ୍ୱରସ୍ଥିତ ସରକାରୀ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯୮/୨୩) ରୁଜୁ କରି ତଦନ୍ତ ଚଳାଇଛି।

### ୮ ମୋବାଇଲ୍, ଲାପ୍‌ଟପ୍ ଜବତ:୨ ଗିରଫ

**କଟକ ଅଫିସ,୩୧।୩:** ଚୋରି ଘଟଣାରେ ଚାଉଳିଆଗଞ୍ଜ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲାଲବାଗ ଥାନା ଅନ୍ତର୍ଗତ ଅଲିଶାବଜାରର ସଞ୍ଜୟ ସାହୁ, ସତୀଚୌରା ଇମାମ୍‌ପଡ଼ା ଅଞ୍ଚଳର ସଞ୍ଜିତ ସାହା। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଇ ଦିଆଯାଇଛି। ସେମାନଙ୍କଠାରୁ ଚୋରି ଲାପ୍‌ଟପ୍, ୮ଟି ମୋବାଇଲ୍ ଫୋନ୍, ଗୋଟିଏ ବୁଲେଟ୍ ଓ ୩୮୩୦ ଟଙ୍କା ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମହାନଦୀ ବିହାର ଅଞ୍ଚଳର ଶିବବ୍ରତ ରାଉତଙ୍କ ଘରୁ ଗୋଟିଏ ଲାପ୍‌ଟପ୍ ଓ ଗୋଟିଏ ମୋବାଇଲ୍ ଫୋନ୍ ଗତ ୨୩ ତାରିଖ ରାତିରେ ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ସଞ୍ଜୟଙ୍କ ବିରୋଧରେ ଚାଉଳିଆଗଞ୍ଜ ଓ ଲାଲ୍‌ବାଗ ଥାନାରେ ୩ଟି ଲେଖାଏ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

### ଆଜି ଉଦ୍‌ଘାଟନ ହେବ ମିଶନ ଶକ୍ତି ବଜାର

**କଟକ ଅଫିସ,୩୧।୩:** ସହରରେ ପ୍ରଥମଥର ପାଇଁ ମିଶନ ଶକ୍ତି ବଜାର ଖୋଲିବାକୁ ଯାଉଛି। ଏଠାରେ ବର୍ଷତମାମ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରି ହେବ। ସତୀଚୌରାଠାରେ ଏହି ବଜାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶନିବାର ଓଡ଼ିଶା ଦିବସରେ ଏହାକୁ ଉଦ୍‌ଘାଟନ କରାଯିବ। ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ପିଠା, ହଳଦୀ, ବଡ଼ି, ପାମ୍ପଡ଼, ହସ୍ତଶିଳ୍ପ, ଝୋଟ ସାମଗ୍ରୀ, ଶାଢ଼ି, ବିଭିନ୍ନ ପ୍ରକାର ମସଲା ସମେତ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରାଯିବ। ଏଥିରେ କଟକ ପ୍ରସିଦ୍ଧ ତାରକସି କାମ ମଧ ସ୍ଥାନ ପାଇବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମିଶନ ଶକ୍ତି ମାଧମରେ ମହିଳାଙ୍କୁ ସଶକ୍ତ ଓ ରୋଜଗାରକ୍ଷମ କରିବା ପାଇଁ ସିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ମେୟର ସୁବାସ ସିଂ କହିଛନ୍ତି।

# ଶପିଂମଲ୍‌ର ଫୁଡ୍ ଲାଇସେନ୍ସ ନାହିଁ

- ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ
- ୧୦,୦୦୦ ଜରିମାନା ଆଦାୟ
- ଜବତ ଏକ୍ସପାଏରି ଖାଦ୍ୟ ପରୀକ୍ଷା ପାଇଁ ପଠାଗଲା

**କଟକ ଅଫିସ,୩୧।୩**

କଟକ ମହାନଗର ନିଗମ (ସିଏମ୍‌ସି) ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବାଦାମବାଡିସ୍ଥିତ ଭି-ବଜାର ନାମକ ଶପିଂମଲ୍‌ରେ ଚଢାଉ କରାଯାଇଛି। ସେଠାରୁ ଲକ୍ଷାଧିକ ଟଙ୍କାର ଏକ୍ସପାଏରି ଖାଦ୍ୟ ପ୍ୟାକେଟ୍ ଜବତ କରାଯିବା ସହ ୧୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଜବତ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଲାବରେଟୋରିକୁ ପଠାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି।

ଉକ୍ତ ଶପିଂମଲ୍‌ରେ ଏକ୍ସପାଏରି ଖାଦ୍ୟ ପ୍ୟାକେଟ୍ ବିକ୍ରି କରାଯାଉଥିବା ଅଭିଯୋଗ ହେବା ପରେ ଗୁରୁବାର ବାଦାମବାଡି ପୋଲିସ ପକ୍ଷରୁ ସେଠାରେ ଚଢାଉ କରାଯାଇଥିଲା। ଯାଞ୍ଚବେଳେ ନାମୀଦାମୀ କମ୍ପାନୀର ଖାଦ୍ୟ ପ୍ୟାକେଟ୍‌ରେ ଏକ୍ସପାଏରି ତାରିଖ ଲେଖା ନ ଥିବା ଜଣାପଡିଥିଲା। ଅଧିକ ତଦନ୍ତ ପାଇଁ ପୋଲିସ ପକ୍ଷରୁ ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗର ସାହାଯ୍ୟ ଲୋଡ଼ାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ରଙ୍କ ସହାୟତାରେ ପୁନଶ୍ଚ ଉକ୍ତ ଶପିଂମଲ୍‌ରେ ଚଢାଉ କରାଯାଇଥିଲା। ଖାଦ୍ୟ ପ୍ୟାକେଟ୍ ଯାଞ୍ଚ କରାଯିବାରୁ ସେଥିରେ ବ୍ୟାଚ୍ ନମ୍ବର ନ ଥିବା, ଉତ୍ପାଦନ ସାମଗ୍ରୀର ତାରିଖ ନ ଥିବା ଓ କେତେକ ପ୍ୟାକେଟ୍‌ରେ ତାରିଖକୁ ବଦଳାଯାଇ ଷ୍ଟାମ୍ପ ଦ୍ୱାରା ଆଉଥରେ ତାରିଖ ପକାଯାଇଥିବା ଜଣାପଡିଥିଲା। ଏପରି କି ଉକ୍ତ ଖାଦ୍ୟ ପଦାର୍ଥ ବିକ୍ରି ପାଇଁ ଉଦ୍ଦିଷ୍ଟ ଲାଇସେନ୍ସ ମଲ୍ ମାଲିକଙ୍କ ପାଖରେ ନ ଥିଲା। ଖାଦ୍ୟ ସୁରକ୍ଷା ଆଇନକୁ ଉଲ୍ଲଂଘନ କରି ମଲ୍ କର୍ତ୍ତୃପକ୍ଷ ଏହି ବ୍ୟବସାୟ କରୁଥିବା ନଥିପତ୍ର ଯାଞ୍ଚବେଳେ ଜଣାପଡିଥିଲା। ଏକପ୍ରକାର ରାସାୟନିକ ପଦାର୍ଥ ବ୍ୟବହାର କରାଯାଇ ଖାଦ୍ୟ ପ୍ୟାକେଟ୍‌ରୁ ଏକ୍ସପାଏରି ତାରିଖ ଲିଭାଇ ଦିଆଯାଇ ନୂଆ ତାରିଖ ଷ୍ଟାମ୍ପ ମାଧ୍ୟମରେ ଲେଖାଯାଇଥିବା ଜଣାପଡିଛି। ଏହି ଚଢାଉରେ ଖାଦ୍ୟ ନିରୀକ୍ଷକ ଭଗବାନ ଲେଙ୍କା, ତ୍ରୈଲୋକ୍ୟ ସାହୁ, ଏସିପି ଅମରେନ୍ଦ୍ର ପଣ୍ଡା, ବାଦାମବାଡି ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ପ୍ରମୁଖ ସାମିଲ ଥିଲେ।


ଶପିଂମଲରେ ଖାଦ୍ୟ ପ୍ୟାକେଟ୍ ଯାଞ୍ଚ କରାଯାଉଛି।

# ‘ସନ୍ତାନଙ୍କୁ ଯଶସ୍ୱୀ କରେ ମାତାପିତାଙ୍କ ଆଶୀର୍ବାଦ’


ଇଚ୍ଛାବତୀ ରଥଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

**ଇଚ୍ଛାବତୀ ରଥଙ୍କ ଜୟନ୍ତୀ**

**କଟକ ଅଫିସ, ୩୧।୩**

କର୍ମଯୋଗୀ ଧନେଶ୍ୱର ରଥଙ୍କ ସ୍ତ୍ରୀ ଇଚ୍ଛାବତୀ ରଥଙ୍କ ୯୪ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡ୍ରିମ୍‌ସ ପରିସରସ୍ଥ ‘ଇଚ୍ଛାବତୀ ଛାତ୍ରୀନିବାସ’ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ତେବାସୀ ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ଇଚ୍ଛାବତୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଇଚ୍ଛାବତୀଙ୍କ ପୁତ୍ର ତଥା ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ କହିଥିଲେ, ମାତାପିତା ହେଉଛନ୍ତି ଚଳନ୍ତି ଦେବତା। ସେମାନଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ରହିଲେ ଈଶ୍ୱରଙ୍କ ପ୍ରୀତ ହୁଅନ୍ତି। ସେମାନଙ୍କ ଆଶୀର୍ବାଦ ସନ୍ତାନକୁ ଯଶସ୍ୱୀ କରେ। ଛାତ୍ରୀଛାତ୍ର ଏହାକୁ ଅନୁପାଳନ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଯୋଗଦେଇ ଇଚ୍ଛାବତୀଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରୀନିବାସ ଅଧୀକ୍ଷକ ତଥା ପ୍ରାଧ୍ୟାପିକା ସାଇ ସମର୍ପିତା, ତତ୍ତ୍ୱାବଧାରକ ପ୍ରଦୀପ କୁମାର ଷଡ଼ଙ୍ଗୀ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଭିନ୍ନ ପ୍ରକଳ୍ପ ଦେଖିଲେ ଏସ୍‌ୟୁଡିଏ ସଦସ୍ୟ



ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଆସିଥିବା ଏସ୍‌ୟୁଡିଏ ସଦସ୍ୟମାନେ।

**କଟକ ଅଫିସ,୩୧।୩**

ଛତିଶଗଡ଼ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା(ଏସ୍‌ୟୁଡିଏ)ର ୧୩ ଜଣ ସଦସ୍ୟ କଟକ ପରିଦର୍ଶନରେ ଆସିଛନ୍ତି। ସେମାନେ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନରେ ଚାଲିଥିବା ଏକାଧିକ ପ୍ରକଳ୍ପ ବୁଲି ଦେଖିଥିଲେ। ବିଶେଷକରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କିନ୍ନରମାନଙ୍କ ଜରିଆରେ ‘ମୁକ୍ତା’ ଯୋଜନାରେ ଶେଷ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ଦେଖିବା ସହ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ସେହିପରି କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ଜାତୀୟ ସହରାଞ୍ଚଳ ଜୀବିକା ମିଶନ(ଏନ୍‌ୟୁଏଲ୍‌ଏମ୍)ର ମିଳିତ ସହଯୋଗରେ ହୋଇଥିବା ମତ୍ତଗଜପୁରସ୍ଥିତ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ପ୍ରତାପନଗରୀସ୍ଥିତ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ତ୍ରିଶୂଳିଆ ପୋଲ ନିକଟରେ ଥିବା ମନୋରମ ଉଦ୍ୟାନ ସମେତ ଅନ୍ୟାନ୍ୟ ପ୍ରକଳ୍ପ ବୁଲି ସେମାନେ ଅଭିଜ୍ଞତା ସାଉଁଟିଥିଲେ। ସିଏମ୍‌ସି ସିଟି ମିଶନ ପରିଚାଳନା ପକ୍ଷରୁ ସୁବ୍ରତ ଦାସ, ସୋନି ସିଲ୍, ସୌମ୍ୟଦର୍ଶନ ମହାନ୍ତି, କନିଷ୍ଠ ପରିମଳ ବିଶେଷଜ୍ଞ ଜୀବନଜ୍ୟୋତି ସାହୁ, ସହରାଞ୍ଚଳ ପରିଚାଳନା କେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳକ ଲୋପାମୁଦ୍ରା ଦାସ ସେମାନଙ୍କୁ ଉପରୋକ୍ତ ପ୍ରକଳ୍ପଗୁଡ଼ିକ ବୁଲାଇ ଦେଖାଇଥିଲେ।

# ଫେରସ୍ତ ମିଳୁନି ସୁରକ୍ଷା ରାଶି

**ସିଏମ୍‌ସି କଲ୍ୟାଣ ମଣ୍ଡପ**

**କଟକ ଅଫିସ,୩୧।୩**

କଟକ ମହାନଗର ନିଗମ (ସିଏମ୍‌ସି) କଲ୍ୟାଣ ମଣ୍ଡପ ବୁକିଂ କରିଥିଲେ। ହେଲେ ବୁକିଂ ବାବଦ ଜମାରାଶି ସିଏମ୍‌ସି ପକ୍ଷରୁ ଫେରସ୍ତ କରାଯାଉନାହିଁ ବୋଲି ୨୬ ନଂ. ୱାର୍ଡ କର୍ପୋରେଟର ଗଗନ ଓଝା ଅଭିଯୋଗ କରିଛନ୍ତି। ଚୌଧୁରୀ ବଜାରସ୍ଥିତ ସିଏମ୍‌ସି କାର୍ଯ୍ୟାଳୟ ନିକଟରେ କଲ୍ୟାଣ ମଣ୍ଡପ ରହିଛି। ମଣ୍ଡପ ବୁକିଂ ବାବଦ ୫୦ ହଜାର ଟଙ୍କା ଏବଂ ସୁରକ୍ଷା ଜମା ବାବଦକୁ ୫ ହଜାର ଟଙ୍କା ନିଆଯାଇଥାଏ। ବୁକିଂ କରିଥିବା ବ୍ୟକ୍ତି କାର୍ଯ୍ୟକ୍ରମ ଶେଷ ହେବାର ଅନେକ ଦିନ ପରେ ମଧ ସୁରକ୍ଷା ଜମା ଫେରିପାଉନାହାନ୍ତି। ଏ ନେଇ କର୍ପୋରେଟର ଓଝା କହିଛନ୍ତି, ସମ୍ପର୍କୀୟଙ୍କ ବିଭାଘର ନିମନ୍ତେ ସେ କଲ୍ୟାଣ ମଣ୍ଡପ ବୁକିଂ କରିଥିଲେ। ଅନ୍‌ଲାଇନ୍ ଜରିଆରେ ଧାର୍ଯ୍ୟ ଦେୟ ଦେଇଥିଲେ। ହେଲେ ବୁକିଂର ଦେଢମାସ ପରେ ମଧ ଟଙ୍କା ମିଳୁନି। ତେଣୁ ସାଧାରଣ ଲୋକେ କିଭଳି ଅସୁବିଧାର ସମ୍ମୁଖୀନ ହେଉଥିବେ ତାହା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଅମିୟ ପଣ୍ଡା କହିଛନ୍ତି, ବୁକିଂ ତାରିଖ ପରେ ସିଏମ୍‌ସି ପକ୍ଷରୁ ଯାଞ୍ଚ କରାଯାଇଥାଏ। ଏହି ଯାଞ୍ଚ ସମୟରେ ଯଦି ଉତ୍ସବରେ କଲ୍ୟାଣ ମଣ୍ଡପର କୌଣସି ସାମଗ୍ରୀ ଭାଙ୍ଗି ଯାଇଥାଏ କିମ୍ବା ନଷ୍ଟ ହୋଇଥାଏ ତା’ହେଲେ ଏହା ବାବଦକୁ ସୁରକ୍ଷା ଜମାରୁ ଅର୍ଥ କଟାଯାଇଥାଏ। ଏଥିପାଇଁ କିଛି ସମୟ ଲାଗିଥାଏ। ଲୋକମାନଙ୍କୁ ସୁରକ୍ଷା ଜମା ରାଶି ଫେରସ୍ତ କରାଯାଉଛି ବୋଲି ସେ କହିଛନ୍ତି।

# ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷକର


ସିଏମ୍‌ସି କମିଶନର ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

**ଉନ୍ନୟନ କାର୍ଯ୍ୟ ତଦାରଖ କଲେ ସିଏମ୍‌ସି କମିଶନର**

**କଟକ ଅଫିସ,୩୧।୩**

କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ ଶୁକ୍ରବାର ସହରର ଏକାଧିକ ୱାର୍ଡ ବୁଲି ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ ସେ ଉପସ୍ଥିତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କମିଶନର ପ୍ରଥମେ ୭ନଂ. ୱାର୍ଡ ପରିଦର୍ଶନ କରି ସ୍ଥାନୀୟ କର୍ପୋରେଟର ମମତା ନାୟକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଉପସ୍ଥିତ ବାସିନ୍ଦାମାନଙ୍କ ସହିତ କାର୍ଯ୍ୟର ଅଗ୍ରଗତି ଓ ମାନକୁ ନେଇ ଆଲୋଚନା କରିଥିଲେ। ପରେ ସେ ୧୬, ୧୭ ଓ ୧୮ନଂ. ୱାର୍ଡ ପରିଦର୍ଶନ କରି ନିର୍ମାଣାଧୀନ କାର୍ଯ୍ୟ ତଦାରଖ କରିଥିଲେ। ବିଶେଷକରି ନିର୍ମାଣାଧୀନ ଡ୍ରେନ୍, ପାର୍କ, ପୋଲିସ ହାଇସ୍କୁଲ ଓ ପ୍ୟାରୀମୋହନ ଏକାଡେମୀ ପରିସରରେ ଚାଲୁଥିବା ପୁନଃ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ସହିତ ଜାଇକା, ଅଙ୍ଗନୱାଡି ଓ ଗୋଷ୍ଠୀ ଶୌଚାଳୟ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ବେଳେ ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ଏ. ଶ୍ରୀଦେବୀ, ମହମ୍ମଦ ଇଫ୍‌ତକାର ଆଲାମ୍‌ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ସାବତ ମା’ଙ୍କ ନିର୍ଯାତନା

**ଚୌଦ୍ୱାର,୩୧।୩(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଧୀନ ବଉଳେଇ ସାହିରେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ସାବତ ମା’ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ କଟକ ଚାଇଲ୍ଡ ଲାଇନ୍ ସଦସ୍ୟ ଚୌଦ୍ୱାର ପୋଲିସ ସହାୟତାରେ ଗୁରୁବାର ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ୪ ବର୍ଷର ହୋଇଥିବାବେଳେ ତାଙ୍କ ମା’ଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବାପା ୨୦୧୫ରେ ଅନ୍ୟଜଣେ ମହିଳାଙ୍କୁ ବିବାହ କରିଥିଲେ। ପରେ ମହିଳାଙ୍କର ଏକ ଝିଅ ଜନ୍ମ ହୋଇଥିଲା। ଏହାପରେ ସାବତ ମା’ ଉକ୍ତ ନାବାଳିକାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ବାପାଙ୍କୁ ଜଣାଇଥିଲେ ମଧ ସୁଫଳ ମିଳିନ ଥିଲା। ଫଳରେ ନିରାଶ ହୋଇ ସେ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିବା ଗ୍ରାମବାସୀ କହିଛନ୍ତି। ଅପରପକ୍ଷରେ ନାବାଳିକାଙ୍କୁ ନିର୍ଯାତନା ଦିଆଯିବା ସମ୍ପର୍କରେ ପଡୋଶୀ ଜଣେ ବୃଦ୍ଧା ଜାଣିବା ପରେ ସ୍ଥାନୀୟ ଜଣେ ସ୍ୱେଚ୍ଛାସେବୀଙ୍କୁ ଜଣାଇଥିଲେ। ପରେ ସ୍ୱେଚ୍ଛାସେବୀ ଜଣକ ଚାଇଲ୍ଡଲାଇନ୍‌କୁ ଜଣାଇଥିଲେ। ଚାଇଲ୍ଡ ଲାଇନ୍ କର୍ମକର୍ତ୍ତାମାନେ ଚୌଦ୍ୱାର ପୋଲିସ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କ ସହିତ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଚାଇଲ୍ଡ ଲାଇନ୍‌ର ସୁଲୋଚନା ଶତପଥୀ, ସୁବାସ ଚନ୍ଦ୍ର ସ୍ୱାଇଁ, ଚୌଦ୍ୱାର ଥାନା ଏଏସ୍‌ଆଇ ସରସ୍ୱତୀ ସାହୁ, ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଅପରପକ୍ଷରେ ସାବତ ମା’ ନିୟମିତ ଅମାନୁଷିକ ଭାବେ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ନାବାଳିକା ଜଣକ ସ୍ଥାନୀୟ ପୋଲିସ, ଚାଇଲ୍ଡ ଲାଇନ୍ ସଦସ୍ୟ ଓ ସ୍ୱେଚ୍ଛାସେବୀମାନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେଣୁ ନାବାଳିକାଙ୍କ ସାବତ ମା’ ଓ ବାପାଙ୍କୁ ଗିରଫ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**ବିଲରେ ୮ ଘଣ୍ଟା ପଡ଼ିରହିଲା ମୃତଦେହ**

**କଟକ ସଦର,୩୧।୩(ଡି.ଏନ୍.ଏ.)**

ବିଦ୍ୟୁତ୍ ଆଘାତରେ ଶୁକ୍ରବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଥାନା ଅନ୍ତର୍ଗତ ଶଗଡ଼ିପାଟଣା ଗ୍ରାମର କାଳିନ୍ଦୀ ଭୋଇ(୫୨)। ତାଙ୍କ ବିଲ ଉପର ଦେଇ ୧୧ କେଭି ବିଦ୍ୟୁତ୍ ତାର ଟଣାଯାଇଛି। ସକାଳ ପ୍ରାୟ ୮ଟାରେ ସେ ବିଲରେ କାମ କରୁଥିଲେ। ସେହି ବାଟରେ ମାଙ୍କଡ଼ ପଲ ଯାଉଥିବାରୁ ଲୋକମାନେ ଘଉଡ଼ାଇଥିଲେ। ହଠାତ୍ ମାଙ୍କଡ଼ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଯିବାରୁ ତାର ଛିଣ୍ଡି କାଳିନ୍ଦୀଙ୍କ ଉପରେ ପଡ଼ିଥିଲା। ଫଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବାକୁ ଘଟଣାସ୍ଥଳରେ ପହଞ୍ଚିଥିଲା। ମାତ୍ର କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର ମୃତଦେହ ଛାଡ଼ି ନ ଥିଲେ। ଫଳରେ ୮ ଘଣ୍ଟା ଧରି ବିଲରେ ମୃତଦେହ ପଡ଼ିରହିଥିଲା। କିଶନନଗର ବିଦ୍ୟୁତ୍ ସେକ୍ସନର କନିଷ୍ଠ ପରିଚାଳକ ଦେବେନ୍ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। କ୍ଷତିପୂରଣ ସହ ମୃତଦେହ ସତ୍କାର ପାଇଁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଚେକ୍ ମୃତକଙ୍କ ପରିବାରକୁ ଦିଆଯିବା ପରେ ଅପରାହ୍ନ ୩ଟାରେ ପୋଲିସକୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୪/୨୩) ରୁଜୁକରି ତଦନ୍ତ ଚଳାଇଛି।



ବିଶ୍ୱ ଟ୍ରାନ୍ସଜେଣ୍ଡର ଦିବସ ପାଳନ ଅବସରରେ କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଲୁଥେରାନ ୱାର୍ଲ୍ଡ ସର୍ଭିସ ଇଣ୍ଡିଆ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରାନ୍ସଜେଣ୍ଡରମାନଙ୍କୁ ଅତିଥି ସମ୍ମାନିତ କରୁଛନ୍ତି।

# ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ ଅଗଣତାନ୍ତ୍ରିକ ନିଷ୍ପତ୍ତି

**କଟକ ଅଫିସ, ୩୧।୩**

ଷ୍ଟେଟ୍‌ବ୍ୟାଙ୍କ, ଅନ୍ୟାନ୍ୟ ଜାତୀୟକରଣ ବ୍ୟାଙ୍କ, ଏଲ୍‌ଆଇସିର ୧ ଲକ୍ଷ ୧୩ ହଜାର କୋଟି ଟଙ୍କା ଆଦାନୀ କମ୍ପାନୀରେ ବିନିଯୋଗ ହୋଇଛି। ସେହିପରି ବିମାନବନ୍ଦର, ରେଳଲାଇନ୍, ବିଦ୍ୟୁତ୍ ଉତ୍ପାଦନ, ଗ୍ୟାସ୍ ବଣ୍ଟନ, କୋଇଲା, ବକ୍ସାଇଟ ଆଦି ଆଦାନୀ କମ୍ପାନୀକୁ ଦିଆଯାଇଛି। ଆଦାନୀ କମ୍ପାନୀ ବିଦେଶରେ ଜାଲ କମ୍ପାନୀ ଜରିଆରେ ପ୍ରାୟ ୨୦ ହଜାର କୋଟି ପୁଞ୍ଜି ବିନିଯୋଗ ହୋଇଛି। ରାହୁଲ ଗାନ୍ଧୀ ସଂସଦରେ ମୋଦି ଓ ଆଦାନୀ ସମ୍ପର୍କକୁ ନେଇ ପ୍ରଶ୍ନ କରିଥିଲେ। ଏହାପରେ ଉକ୍ତ କାରବାରର ତଦନ୍ତ ପାଇଁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଯୁଗ୍ମ ସଂସଦୀୟ କମିଟି(ଜେପିସି) ଗଠନ କରିବାକୁ ଦାବି କରାଯାଇଥିଲା। କିନ୍ତୁ ସରକାର ତଦନ୍ତ କରିବା ପରିବର୍ତ୍ତେ ରାହୁଲଙ୍କ ସଦସ୍ୟତା ପଦ ରଦ୍ଦ କରାଇଦେଲେ। ଗୁଜରାଟର ଟ୍ରାଏଲ କୋର୍ଟ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଦଣ୍ଡାଦେଶ ଦେବାର ୨୪ ଘଣ୍ଟା ମଧ୍ୟରେ ଲୋକ ସଭା ସଚିବାଳୟ ରାହୁଲଙ୍କ ଏମ୍‌ପି ପଦ ରଦ୍ଦ କଲେ। ଏହା ଅଗଣତାନ୍ତ୍ରିକ ନିଷ୍ପତ୍ତି। ଅନ୍ୟପକ୍ଷରେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନକୁ ବଞ୍ଚାଇବା ପାଇଁ ସମସ୍ତ ବିରୋଧୀ ରାଜନୈତିକ ଦଳ ଏକ ପୃଷ୍ଠଭୂମିରେ ଛିଡ଼ା ହୋଇଛନ୍ତି। ହେଲେ ଏହି ପରିସ୍ଥିତିରେ ବିଜେଡି କେଉଁଠି ବୋଲି କଟକ ନଗର କଂଗ୍ରେସ କମିଟି ପକ୍ଷରୁ ପିଲିଗ୍ରୀମ ରୋଡ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଶରତ ରାଉତ ପ୍ରଶ୍ନ କରିଛନ୍ତି। ଏପରି କି ଗଣତନ୍ତ୍ରକୁ ସୁଦୃଢ କରିବା, ଗଣତାନ୍ତ୍ରିକ ଅନୁଷ୍ଠାନର ମର୍ଯ୍ୟାଦା ଓ ସମ୍ମାନ ରଖିବା କ’ଣ ବିଜେଡିର ଦାୟିତ୍ୱ ନୁହେଁ କି ବୋଲି ରାଉତ କହିଛନ୍ତି। ଏହି ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାସ, ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର, ପିସିସି ଅନୁସୂଚିତ ଜାତି ଅଧ୍ୟକ୍ଷ ବାଙ୍କନିଧି ବେହେରା, କର୍ପୋରେଟର ଜେ. କାମେଶ୍ୱର ରାଓ ଉପସ୍ଥିତ ଥିଲେ।

ଅପରପକ୍ଷରେ କଟକ ଜିଲା କଂଗ୍ରେସ ସଭାପତିମାନସ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଲିଙ୍କ୍‌ରୋଡସ୍ଥିତ କାର୍ଯ୍ୟାଳୟରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜିଲା କଂଗ୍ରେସର ନବନିଯୁକ୍ତ ପ୍ରଭାରୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ଲକ୍ଷ୍ୟ ହେଲା ସେ ଗଣତାନ୍ତ୍ରିକ ପଦ୍ଧତିକୁ ରକ୍ଷା କରିବେ ଓ ସତ୍ୟ ପାଇଁ ଲଢ଼େଇ କରିବେ। ସାଧାରଣ ଲୋକଙ୍କ ଜମା ଟଙ୍କା ଆଦାନୀ ଗ୍ରୁପରେ ଲାଗିଥିବା ନେଇ ରାହୁଲ ପ୍ରଶ୍ନ ଉଠାଇଥିଲେ। ଏହି ପ୍ରମାଣ ଚପାଇଦେବାକୁ ଲୋକ ସଭାରେ ରାହୁଲଙ୍କୁ ପ୍ରବେଶ ନ କରାଇବାକୁ ତାଙ୍କ ସଭ୍ୟପଦ ରଦ୍ଦ କରାଯାଇଛି। ଦେଶର ସମସ୍ତ ରାଜନୈତିକ ଦଳ ଓ ଜନସାଧାରଣ ଏହାର ଘୋର ନିନ୍ଦା କରୁଛନ୍ତି ବୋଲି ସେ କହିଥିଲେ। ଦେଶର ଏକମାତ୍ର ଦଳ ବିଜେଡି ମୋଦି ସରକାର ନିଷ୍ପତ୍ତିର ସମର୍ଥନ କରୁଛି ବୋଲି ସେ ଆକ୍ଷେପ କରିବା ସହ ଆଗାମୀ ଦିନରେ ଏହାର କଡ଼ା ଜବାବ ଦିଆଯିବ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ମନୋଜ ବିଶାଳ, ଜିଲା ମୁଖପାତ୍ର ଅଶୋକ ସ୍ୱାଇଁ, ବିପ୍ଳବ ଶିଳାଦିତ୍ୟ, ଶିଶିର ରଥ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ପ୍ରଭାରୀ ବିଜୟ ପଟ୍ଟନାୟକଙ୍କ ସହ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଏପ୍ରିଲ, ୨୦୨୩

**ସୁନା ଚେନ ଜବତ ଘଟଣା, ଆଉ ୩ ମହିଳା ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): ସୁନା ଚେନ ଛଡ଼ାଇନେବା ଘଟଣାରେ ଖାରବେଳ ନଗର ଥାନା ପୋଲିସ ଗୁରୁବାର ମହିଳା ଲଳିତା ମୁଦୁଲିଆଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ତାଙ୍କର ୩ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ପୁନମ ସେନଗୁପ୍ତା, ଜମୁନା ମୁଦୁଲି ଓ ଅଞ୍ଜି ସ୍ୱାମୀ। ସୂଚନାନୁସାରେ, ଗୁରୁବାର ସକାଳେ ରାମ ନବମୀ ପୂଜା ଲାଗି ଅଭିଯୋଗକାରିଣୀ ତାଙ୍କର ପୁଅ ସହିତ ରାମ ମନ୍ଦିରରେ ଧାଡିରେ ଠିଆ ହୋଇଥିବାବେଳେ ଲଳିତା ତାଙ୍କ ବେକରୁ ସୁନାଚେନ ଚୋରି ଉଦ୍ୟମ କରି ଧରାପଡିଥିଲେ। ତାଙ୍କୁ ପଚରାଉଚରା କରି ପୋଲିସ ଅନ୍ୟ ୩ ଜଣଙ୍କୁ ଗିରଫ କରିଥିଲା।



## ସଂକ୍ଷେପରେ

### ଆଜିଠୁ ରାଉରକେଲାର ୬ ନୂଆ ରୁଟ୍‌ରେ ଚାଲିବ ମୋ ବସ୍



ଭୁବନେଶ୍ୱର, ୩୧।୩ (ବ୍ୟୁରୋ) - ଶନିବାର ଓଡ଼ିଶା ଦିବସଠାରୁ ରାଉରକେଲାର ୬ଟି ନୂଆ ରୁଟ୍‌ରେ 'ମୋ ବସ୍' ଚଳାଚଳର ଶୁଭାରମ୍ଭ ହେବ। କ୍ରୁଟ୍‌ର ସୂଚନାନୁସାରେ, ରୁଟ୍ ନଂ.୧୧୦ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-କାଲୁଙ୍ଗା (ଭାୟା ରଘୁନାଥପଲ୍ଲୀ), ରୁଟ୍ ନଂ.୧୧୩ରେ ରାଉରକେଲା ନୂଆ ବସଷ୍ଟାଣ୍ଡ୍-ଉସ୍ରା (ଭାୟା ଏନ୍‌ଏଚ୍), ରୁଟ୍ ନଂ.୧୧୪ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-ନୂଆଗାଁ (ଭାୟା ହାତୀବାରି), ରୁଟ୍ ନଂ.୧୧୫ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-ପୋତାବ (ଭାୟା ହାତୀବାରି), ରୁଟ୍ ନଂ.୧୧୬ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-ଲୋରାମ୍ (ଭାୟା-ଏନ୍‌ଆଇଟି, ଜଗଦା ଛକ, ଖୁଟାଗାଁ, ସୋରଡ଼ା), ରୁଟ୍ ନଂ.୧୧୭ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-ଜରେଇକେଲା (ଭାୟା-ବଣ୍ଡମୁଣ୍ଡା, ବିସ୍ରା) ମଧ୍ୟରେ ନୂତନ ମୋ ବସ୍ ସେବା ଆରମ୍ଭ ହେବ। ଏ ସମ୍ପର୍କରେ କ୍ରୁଟ୍‌ର ଏମ୍‌ଡି ବିଜୟ୍ ଅମୃତ କୁଲାଙ୍ଗେ କହିଛନ୍ତି, ରାଉରକେଲାର ନାଗରିକଙ୍କଠାରୁ ବହୁ ସଂଖ୍ୟାରେ ଅନୁରୋଧ ପାଇବା ପରେ କ୍ରୁଟ୍ ପକ୍ଷରୁ ଏସବୁ ନୂଆ ରୁଟ୍‌ର ଶୁଭାରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ସହରରେ ମୋ ବସ୍‌କୁ ଗମନାଗମନର ସବୁଠୁ ପସନ୍ଦର ମାଧ୍ୟମରେ ପରିଣତ କରିବାକୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି। ସେହିପରି ନୂଆ ରୁଟ୍ ଦ୍ୱାରା ରାଉରକେଲାର ଲୋକମାନେ ଉପକୃତ ହେବେ ବୋଲି କ୍ରୁଟ୍ ଜିଏମ୍ ଦୀପ୍ତି ମହାପାତ୍ର କହିଛନ୍ତି।

### ଆଜିଠାରୁ ଶ୍ରୀରାମ ମଣ୍ଡପରେ ରାମଲୀଳା

ବାରଙ୍ଗ,୩୧।୩(ଡି.ଏନ.ଏ.)- ସବୁବର୍ଷପରି ଚଳିତବର୍ଷ ଆଞ୍ଚଳିକ ରାମଲୀଳା ସମିତି ତ୍ରିଶୁଳିଆ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ହେବ। ତ୍ରିଶୁଳିଆ ବଜାରରେ ଥିବା ଶ୍ରୀରାମମଣ୍ଡପରେ ରାଜ୍ୟର ପ୍ରତିଷ୍ଠିତ ରାମଲିଳା ଅନୁଷ୍ଠାନ ଦ୍ୱାରା ରାମଲୀଳା ନାଟକ ପରିବେଷଣ କରାଯିବ। ୧ତାରିଖ ତଥା ଶନିବାରଠାରୁ ଆରମ୍ଭ ହୋଇ ୧୪ତାରିଖରେ ଏହା ଶେଷ ହେବ। ଏହି ଅବସରରେ ରାମଲୀଳାମଣ୍ଡପରେ ଆୟୋଜିତ ସଭାରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଜଗନ୍ନାଥ ସାରକା, ସମିତିର କାର୍ଯ୍ୟକାରୀ ସଭାପତି ସୁରେଶ ମହାନ୍ତି, ସମ୍ପାଦକ ଦିବାକର ମୁଦୁଲି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

### ମା' ମଙ୍ଗଳାଙ୍କ ଝାମୁ ଯାତ୍ରା

ପୁରୁଣା ଭୁବନେଶ୍ୱର, ୩୧।୩(ଡି.ଏନ୍.ଏ.)- ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ବଡ଼ଗଡ଼ ନୂଆ ସାହିର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଝାମୁଯାତ୍ରାରେ ମିନାବଜାର ପଡ଼ିବ। ଗ୍ରାମର ଉତ୍ସାହୀ ଯୁବତୀଯୁବକଙ୍କ ଦାରା ୨ଦିନ ସାମାଜିକ ନାଟକ ପରିବେଷିତ ହେବ। ତ୍ରିଦେବ ଛୋଟରାୟଙ୍କ ନିର୍ଦ୍ଦେଶନାରେ ସୁଖ ସାତ ପର ଦୁଃଖ ନିଜର ଏବଂ ହରିହର ବେହେରାଙ୍କ ନିର୍ଦ୍ଦେଶନାରେ ଖରାପ ଝିଅର ଗପ ପରିବେଷଣ ହେବ। ୨ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ ହେବ। ବୈଠକରେ ସଂଗ୍ରାମ ମାର୍ଥା ଅଧ୍ୟକ୍ଷତା କରିଥିଲେ। ଆଦିତ୍ୟ ଗଜେନ୍ଦ୍ର କୃଷ୍ଣ ବେହେରା, ପ୍ରତାପ ରାଉତରାୟ, କବିନ୍ଦ୍ର ଦଳାଇ ମଣ୍ଟୀ ବେହେରା, ପ୍ରଭାକର ଭୂୟାଁ, ପର୍ଶୁରାମ ଗଜେନ୍ଦ୍ର ଏବଂ ଆଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାହ୍ନରୁ ରାତି ବର୍ଷିଲା

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ଶୁକ୍ରବାର ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷା ହୋଇଛି। ଅପରାହ୍ନ ପ୍ରାୟ ୪ଟାରେ କଳାହାଣ୍ଡିଆ ମେଘ ଘୋଟିଆସିବା ସହ ପବନର ବେଗ ବଢ଼ିଥିଲା। ଘଣ୍ଟାଏରୁ ଅଧିକ ସମୟ ବର୍ଷା ପବନ ସହ ଘଡ଼ଘଡ଼ି ବିଜୁଳି ମାରିଥିଲା। ତେବେ ଆଞ୍ଚଳିକ ପାଣିପାଗ ବିଭାଗର ସୂଚନାନୁସାରେ, ସନ୍ଧ୍ୟା ସୁଦ୍ଧା ସହରରେ ୪.୦ ମିମି ବର୍ଷା ହୋଇଥିଲା। ୩ ଘଣ୍ଟା ପରେ ସାରା ରାତି ପୁଣି ବର୍ଷିଥିଲା। ସହରବାସୀ ବର୍ଷା ଦିନର ଅନୁଭବ କରିଥିଲେ। ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ଉପରକୁ ପାଣି ଚାଲିଥିଲା। ଅଧାପନ୍ତରିଆ ପଡ଼ିଥିବା ଡ୍ରେନ୍ କାର୍ଯ୍ୟ ଯୋଗୁ ଅଧିକାଂଶ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା। ଅନେକ ବର୍ଷ ଧରି ଇସ୍କନମନ୍ଦିର ସମ୍ମୁଖ, ହାତୀଆଶୁଣୀ, ଚିନ୍ତାମଣିଶ୍ୱର ଅଞ୍ଚଳ, ଭରତପୁରସ୍ଥିତ ଆୟୁର୍ବେଦିକ ହସ୍ପିଟାଲ ଅଞ୍ଚଳରେ କିଛି ସମୟ ପାଣି ଜମି ରହିବାରୁ ଯାତାୟାତରେ ସମସ୍ୟା ଉପୁଜିଥିଲା। ବର୍ଷା ଛାଡ଼ିବା ପରେ ଅନେକ ସ୍ଥାନରେ ଡ୍ରେନ୍ ଉପରେ ଯାଇଥିବା ରାସ୍ତା ଦବି ରାସ୍ତା ମଝିରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲା। ଅନେକ ସ୍ଥାନରେ ଡ୍ରେନ୍‌କୁ ଲାଗିଥିବା ରାସ୍ତା ମଧ୍ୟ ଧସିଯାଇଥିଲା। ବରମୁଣ୍ଡା ସର୍ଭିସ୍ ରୋଡ୍‌ରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିବାବେଳେ ହାତୀଆଶୁଣୀ ଅଞ୍ଚଳରେ ରାସ୍ତାଗୁଡ଼ିକ ଖାଲଢ଼ିପରେ ଭର୍ତ୍ତି ହୋଇଥିଲା। ଏଥିସହ କିଛି ଲୋକଙ୍କ ଘରେ ମଧ୍ୟ ପାଣି ପଶିଥିଲା। ସମାନ ଚିତ୍ର ଜିଜିପି କଲୋନୀ ଅଞ୍ଚଳରେ ଦେଖିବାକୁ ମିଳିଛି। ବର୍ଷସାରା ରାସ୍ତା ଖୋଳାପୋତା ଚାଲିଥିବାରୁ ବର୍ଷା ପରେ କାଦୁଅ ରାସ୍ତା ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇଥିଲା। ଆସନ୍ତା ୨ ତାରିଖ ଯାଏ ସହରରେ ଝଡ଼ବର୍ଷା ହେବାକୁ ଥିବାରୁ ସହରବାସୀଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି।

ମୌସୁମୀ ପୂର୍ବରୁ ସହରର ସମସ୍ତ ଡ୍ରେନ୍ ନିର୍ମାଣ, ମରାମତି ତଥା ପୁନରୁଦ୍ଧାର କାର୍ଯ୍ୟ ସାରିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଲକ୍ଷ୍ୟ ରଖିଛି। ଅନ୍ୟପଟେ ଅଦିନିଆ ବର୍ଷା ବିଏମ୍‌ସିର ଦୋଷ ଦୁର୍ବଳତାକୁ ପଦାରେ ପକାଇଛି। ପ୍ରାୟ ୭୦ କି.ମି. ଦୀର୍ଘ ୧୦ଟି ମୁଖ୍ୟ ନାଳ ସହ ପ୍ରାୟ ୫୬୦ କିମି ଦୀର୍ଘ ଅନ୍ୟ ନାଳ ରହିଛି। ତେବେ ଡ୍ରେନଗୁଡ଼ିକର ରକ୍ଷଣାବେକ୍ଷଣା ତଥା ପୁନରୁଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ ଇଞ୍ଜିନିୟରଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହିଛି। ୯ଜଣ ଇଞ୍ଜିନିୟରଙ୍କୁ ବିଏମ୍‌ସି ପକ୍ଷରୁ ଦାୟିତ୍ୱ ଦିଆଯିବାକୁ ଥିବାବେଳେ ବର୍ତ୍ତମାନ ମାତ୍ର ୬ଜଣ ଇଞ୍ଜିନିୟର କାମ ତୁଲାଉଛନ୍ତି। ତେଣୁ ମରାମତି ତଥା ପୁନରୁଦ୍ଧାର କାର୍ଯ୍ୟରେ ବ୍ୟତିକ୍ରମ ଦେଖାଦେଉଥିବା କୁହାଯାଉଛି। ବର୍ଷ ସାରା କାମ ଚାଲିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ନ ସରିବା ଫଳରେ ବିଏମ୍‌ସିକୁ ସମାଲୋଚନାର ଶିକାର ହେବାକୁ ପଡୁଛି।



ଇସ୍କନ ମନ୍ଦିର ସମ୍ମୁଖ ଜାତୀୟ ରାଜପଥରେ ଡ୍ରେନ୍ ଆବର୍ଜନା ସହ ବର୍ଷା ପାଣି।



ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୧ତମ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ୱି ଫର୍ ଭୁବନେଶ୍ୱର ପକ୍ଷରୁ ଏମ୍‌ଏଲ୍‌ଏ କଲୋନୀସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ରେକର୍ଡ କଲା ପଠାଣି ସାମନ୍ତ ପ୍ଲାନେଟାରିୟମ୍

ଭୁବନେଶ୍ୱର, ୩୧।୩ (ବ୍ୟୁରୋ)

**୩୨ବର୍ଷର ଆୟକୁ ପଛରେ ପକାଇଲା**

- **ଚଳିତ ଆର୍ଥିକ ବର୍ଷରେ ସର୍ବାଧିକ ଆୟ, ସର୍ବାଧିକ ଦର୍ଶକ**
- **୧ଲକ୍ଷ ୭୫ହଜାର ୮୩୬ ଦର୍ଶକଙ୍କଠାରୁ ୪୩ଲକ୍ଷ ୪୬ହଜାର ୨୦୫ ଟଙ୍କା ରାଜସ୍ୱ ଆଦାୟ**

୨୦୨୨-୨୩ ଆର୍ଥିକ ବର୍ଷରେ ସର୍ବାଧିକ ଦର୍ଶକ ଏବଂ ସର୍ବାଧିକ ଆୟ କରି ପଠାଣି ସାମନ୍ତ ପ୍ଲାନେଟାରିୟମ ଏକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି। ଚଳିତ ଆର୍ଥିକ ବର୍ଷରେ ୧ଲକ୍ଷ ୭୫ହଜାର ୮୩୬ ଜଣ ଦର୍ଶକଙ୍କଠାରୁ ୪୩ଲକ୍ଷ ୪୬ହଜାର ୨୦୫ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି, ଯାହାକି ବିଗତ ୩୩ ବର୍ଷର ଇତିହାସ ମଧ୍ୟରେ ସର୍ବାଧିକ ବୋଲି ପ୍ଲାନେଟାରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷର ରାଜସ୍ୱ ଆଦାୟ ଓ ଦର୍ଶକ ବିଗତ ୧୧ ବର୍ଷର ହାରାହାରି ଆୟଠାରୁ ୩୨% ଅଧିକ ହୋଇଛି। ଚଳିତ ଆର୍ଥିକ ବର୍ଷର ଶେଷ ଦିନର ଶେଷ 'ଶୋ'ରେ ଓ ବିଜ୍ଞାନ ଏକାଡେମୀକୁ ରାଜ୍ୟର ୨୯ଟି ଜିଲାରୁ ଆସିଥିବା ୬୦ ଛାତ୍ରୀଛାତ୍ର ଓ ୬୦ ଜଣ ଶିକ୍ଷକ ପ୍ଲାନେଟାରିୟମର ଶୋ' ଦେଖିଥିଲେ। ଏହାପରେ ଡ. ପଟ୍ଟନାୟକ ଛାତ୍ରୀଛାତ୍ର ତଥା ଶିକ୍ଷକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଆଗାମୀ ଦିନରେ ପଠାଣି ସାମନ୍ତ ପ୍ଲାନେଟାରିୟମକୁ ଆହୁରି ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ତରଫରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ସୂଚନା ଦିଆଯାଇଛି। ୧୯୯୦ ଜାନୁୟାରୀ ୯ରେ ଜନସାଧାରଣଙ୍କ ନିମନ୍ତେ ଭୁବନେଶ୍ୱରଠାରେ ପଠାଣି ସାମନ୍ତ ପ୍ଲାନେଟାରିୟମ୍ ଖୋଲାଯାଇଥିଲା। ପ୍ରତିବର୍ଷ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଦର୍ଶକ ପ୍ଲାନେଟାରିୟମକୁ ଆସିଥାନ୍ତି। କୋଭିଡ ମହାମାରୀ ପରେ ଅଧିକ ସଂଖ୍ୟକ ଦର୍ଶକ ପ୍ଲାନେଟୋରିୟମ୍‌କୁ ଆସୁଛନ୍ତି। ବିଶେଷକରି ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଭଳି ମହାଜାଗତିକ ଘଟଣା ସମୟରେ ପ୍ଲାନେଟାରିୟମକୁ ହଜାର ହଜାର ସଂଖ୍ୟକ ଦର୍ଶକ ଆସିଥା'ନ୍ତି।

# ନିଖୋଜ ନାବାଳକଙ୍କ ମୃତଦେହ ମିଳିଲା

ଭୁବନେଶ୍ୱର,୩୧।୩(ବ୍ୟୁରୋ)

**ଗୁରୁବାର ଦୟା ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଥିଲେ**

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ନିକଟ ଦୟାନଦୀରେ ଗୁରୁବାର ଗାଧୋଇବାବେଳେ ଭାସିଯାଇ ନିଖୋଜ ଥିବା ନାବାଳକ ସୌମିତେନ୍ଦ୍ର ସାହୁଙ୍କ ମୃତଦେହ ଶୁକ୍ରବାର ସକାଳେ ମିଳିଛି। ରାତିରେ ଉଦ୍ଧାର କାର୍ଯ୍ୟ ଅଧାରେ ରହିବାରୁ ୧୦ ଜଣିଆ ଅଗ୍ନିଶମ ଟିମ୍ ସକାଳ ପ୍ରାୟ ୬ଟାରୁ ପୁଣି ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରାୟ ୮ଟା ୪୦ରେ ନଦୀ ଗର୍ଭରୁ ସୌମିତେନ୍ଦ୍ରଙ୍କ ମୃତଦେହକୁ ଠାବ କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦୨୩) ରୁଜୁ କରି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରିଥିଲା। ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ସୌମିତେନ୍ଦ୍ର ତାଙ୍କ ୩ ସାଙ୍ଗଙ୍କ ସହିତ ଦୟା ନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନେ ମିଳିମିଶି ବ୍ରିଜ ନିକଟରେ ଗାଧୋଇବା ସହ ମାଛ ଧରୁଥିବାବେଳେ ସୌମିତେନ୍ଦ୍ର ସ୍ରୋତରେ ଭାସିଯାଇ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଅନ୍ୟସାଙ୍ଗମାନେ ଆଉ ତାଙ୍କୁ ଦେଖିବାକୁ ନ ପାଇ କୂଳକୁ ଆସି ସ୍ଥାନୀୟ ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରେ ସ୍ଥାନୀୟ ଲୋକେ ନଦୀ ଭିତରେ ଖୋଜାଖୋଜି କରିବା ସହ ଅଗ୍ନିଶମ ଟିମ୍‌ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପାଣିରେ ବୁଡ଼ି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିପାରି ନ ଥିଲା। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ଅଧାରେ ରଖିବାକୁ ପଡ଼ିଥିଲା।

# ନନ୍ଦନକାନନ: ଟ୍ରାଏଲ୍‌ରେ ଚାଲିଲା ରୋପ୍‌ୱେ

ବାରଙ୍ଗ,୩୧।୩(ଡି.ଏନ୍.ଏ.)

ନନ୍ଦନକାନନକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ଚାଲିବାକୁ ଯାଉଛି ପର୍ଯ୍ୟଟକଙ୍କର ଚାହିଦା ଓ ତଥା ବହୁ ପ୍ରତୀକ୍ଷିତ ରୋପ୍‌ୱେ। ରୋପ୍‌ୱେ ନିର୍ମାଣ କାର୍ଯ୍ୟ ସରିଥିବାରୁ ଶୁକ୍ରବାର ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଦ୍ୱିତୀୟଥର ପାଇଁ ସଫଳ ପରୀକ୍ଷଣ ମୂଳକଭାବେ ଚଲାଇଛି ରୋପୱେ ନିର୍ମାଣକାରୀ ସଂସ୍ଥା। ୧୩କୋଟି ଟଙ୍କା ବ୍ୟୟବରାଦରେ ୬୦୦ମିଟର ଲମ୍ବ ରୋପୱେ ନିର୍ମାଣ କାର୍ଯ୍ୟ ଏହାଭିତରେ ସରିଛି। ଗୋଟିଏ କ୍ୟାବିନରେ ୬ଜଣ ବସିବାର ବ୍ୟବସ୍ଥା ହୋଇଥିବାବେଳେ ସମୁଦାୟ ୧୨ଟି କ୍ୟାବିନରେ ଏକାଥରକେ ୭୨ଜଣ ପର୍ଯ୍ୟଟକ ବସିବାର ସୁବିଧା ରହିଛି। କାଞ୍ଜିଆହ୍ରଦ ଉପରେ ରୋପୱେରେ ବୁଲି ହ୍ରଦର ପ୍ରାକୃତିକ ତଥା ମନୋରମ ପରିବେଶକୁ ଉପଭୋଗ କରିବା ସହ ବଟାନିକାଲ ଗାର୍ଡେନକୁ ମଧ୍ୟ ଏହା ସଂଯୋଗ ହୋଇଛି। ଦୀର୍ଘଦିନର ବ୍ୟବଧାନ ପରେ ରୋପ୍‌ୱେ ପ୍ରଚଳନ ହେବାର ବାଟ ପରିଷ୍କାର ହୋଇଥିବାରୁ ପର୍ଯ୍ୟଟକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।




झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–निविदा आमंत्रण सूचना

ई–निविदा संख्या:- 330/2022-23/RWD/DALTONGANJ दिनांक :- 31.03.2023

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ DALTONGANJ / 14/2022-23 | गढ़वा पी0डब्लू0डी0 पथ जगनारायण महतो के होटल से बनखेता मटखार तक पथ निमाण कार्य (लं– 2.050 कि0मी0) | 2,03,73,700.00 | दो करोड़ तीन लाख तिहत्तर हजार सात सौ रू0 मात्र | 12 माह |
| 2. | RWD/ DALTONGANJ / 16/2022-23 | राँची रोड खामडीह से कृष्णा चौधरी के घर होते हुए पुरनाडीह तक पथ निर्माण कार्य (लं– 4.025 कि0मी0) | 3,33,83,100.00 | तीन करोड़ तैंतीस लाख तेरासी हजार एक सौ रू0 मात्र | 15 माह |
| 3. | RWD/ DALTONGANJ / 17/2022-23 | जंघासी खोंच से बनासो मेन रोड तक पथ निर्माण कार्य (लं– 2.850 कि0मी0) | 2,80,48,500.00 | दो करोड़ अस्सी लाख अड़तालीस हजार पाँच सौ रू0 मात्र | 15 माह |
| 4. | RWD/ DALTONGANJ / 18/2022-23 | मेन रोड बृजमोहन सिंह के घर, चरितर सिंह के घर, प्राथमिक विद्यालय देवी मंडप बाबा वीर कुँवर तक पथ निर्माण कार्य (लं– 2.500 कि0मी0) | 2,63,07,300.00 | दो करोड़ तिरसठ लाख सात हजार तीन सौ रू0 मात्र | 15 माह |
| 5. | RWD/ DALTONGANJ / 01/2022-23 | जोगा रेलवे लाईन से जमडीहा भाया करकट्टा तक पथ निर्माण कार्य (लं– 2.700 कि0मी0) | 2,27,21,189.00 | दो करोड़ सताईस लाख इक्कीस हजार एक सौ नवासी रू0 मात्र | 12 माह |
| 6. | RWD/ DALTONGANJ / 22/2022-23 | डंडीला ग्राम में रामजी कहार के घर से हैदरनगर प्रखण्ड के सड़ेया ग्राम आंगनबाड़ी केन्द्र तक पथ निर्माण कार्य (लं– 4.550 कि0मी0) | 4,74,45,500.00 | चार करोड़ चौहत्तर लाख पैंतालीस हजार पाँच सौ रू0 मात्र | 15 माह |
| 7. | RWD/ DALTONGANJ / 23/2022-23 | पिपरा प्रखण्ड के सरैया पंचायत के होलया चेरवा ग्राम आर0सी0डी0 रोड से पुनपुन उदगम स्थल कुंड होते हुए बारा बानाडीह ग्राम तक पथ निर्माण कार्य (लं– 4.200 कि0मी0) | 3,95,32,000.00 | तीन करोड़ पनचानवे लाख बत्तीस हजार रू0 मात्र | 15 माह |
| 8. | RWD/ DALTONGANJ / 24/2022-23 | पी0डब्लू0डी0 रजवाडीह मुख्य पथ से महादेव माड़ा होते हुए खैराही तक पथ निर्माण कार्य (लं– 3.100 कि0मी0) | 3,34,31,700.00 | तीन करोड़ चौंतीस लाख इकतीस हजार सात सौ रू0 मात्र | 15 माह |
| 9. | RWD/ DALTONGANJ / 25/2022-23 | पंचायत आसेहर के पीपल चौक से बनई होते हुए भवरदह सिवान तक पथ निर्माण कार्य (लं– 2.300 कि0मी0) | 2,32,32,500.00 | दो करोड़ बत्तीस लाख बत्तीस हजार पाँच सौ रू0 मात्र | 12 माह |
| 10. | RWD/ DALTONGANJ / 26/2022-23 | उंटारी रोड पिपराखांड़ से लकराही होते हुए प्रतिमांझी तक पथ निर्माण कार्य (लं– 2.000 कि0मी0) | 2,15,40,800.00 | दो करोड़ पन्द्रह लाख चालीस हजार आठ सौ रू0 मात्र | 12 माह |
| 11. | RWD/ DALTONGANJ / 27/2022-23 | खरकटी पी0डब्लू0डी0 पथ से पुल होते हुए बंदन प्रजाप्रति के घर तक पथ निर्माण कार्य (लं– 2. 300 कि0मी0) | 2,14,54,200.00 | दो करोड़ चौदह लाख चौवन हजार दो सौ रू0 मात्र | 12 माह |
| 12. | RWD/ DALTONGANJ / 28/2022-23 | एन0एच0–75 चियांकी सक्रेट हार्ट स्कूल होते हुए कृषि अनुसंधान केन्द्र से पीपल पेड़ होते हुए पंचायत सचिवालय चियांकी से मेन रोड चियांकी पार्क तक पथ का चौड़ीकरण एवं सुदृढ़ीकरण कार्य (लं– 2.868 कि0मी0) | 1,96,57,100.00 | एक करोड़ छियानवे लाख सनतावन हजार एक सौ रू0 मात्र | 12 माह |
| 13. | RWD/ DALTONGANJ / 29/2022-23 | पंचायत दुब के बरवईया बगीचा से गैस गोदाम तक पथ निर्माण कार्य (लं– 2.000 कि0मी0) | 1,94,87,900.00 | एक करोड़ चौरानवे लाख सतासी हजार नौ सौ रू0 मात्र | 12 माह |
| 14. | RWD/ DALTONGANJ / 30/2022-23 | एन0एच0–75 चियांकी रोड से बैगा टोला, चन्द्रिका सिंह के घर एवं दशगात्र मण्डप होते हुए अमरेश यादव के घर तक पथ निर्माण कार्य (लं– 2.030 कि0मी0) | 1,85,50,100.00 | एक करोड़ पचासी लाख पचास हजार एक सौ रू0 मात्र | 12 माह |
| 15. | RWD/ DALTONGANJ / 31/2022-23 | लिढ़की से केकतुआ एवं प्रजाप्रति मुहल्ला होते हुए हरिजन मोहल्ला तक पथ निर्माण कार्य (लं– 1.700 कि0मी0) | 1,68,99,600.00 | एक करोड़ अड़सठ लाख निनानवे हजार छः सौ रू0 मात्र | 12 माह |
| 16. | RWD/ DALTONGANJ / 32/2022-23 | पंचायत तेतरई आर0सी0डी0 मेन रोड धानुक टोला से शेख मुहल्ला होते हुए सांई टोला तीन मुहान तक पथ निर्माण कार्य (लं– 2.100 कि0मी0) | 1,55,72,900.00 | एक करोड़ पचपन लाख बहत्तर हजार नौ सौ रू0 मात्र | 12 माह |
| 17. | RWD/ DALTONGANJ / 33/2022-23 | सूरज पाण्डेय के घर से जय दुबे के घर होते हुए चेड़ाबार मोड़ तक पथ निर्माण कार्य (लं– 2.100 कि0मी0) | 1,55,08,100.00 | एक करोड़ पचपन लाख आठ हजार एक सौ रू0 मात्र | 12 माह |
| 18. | RWD/ DALTONGANJ / 34/2022-23 | हरिहर प्रजाप्रति के घर से कुम्हार टोला होते हुए वृन्दावन तिवारी के घर तक पथ निर्माण कार्य (लं– 1.570 कि0मी0) | 1,46,70,500.00 | एक करोड़ छियालीस लाख सत्तर हजार पाँच सौ रू0 मात्र | 09 माह |
| 19. | RWD/ DALTONGANJ / 35/2022-23 | ग्राम पहलदेवा आजाद बिगहा से कालीपुर देवी स्थान तक पथ निर्माण कार्य (लं– 1.500 कि0मी0) | 1,24,61,200.00 | एक करोड़ चौबीस लाख इकसठ हजार दो सौ रू0 मात्र | 09 माह |
| 20. | RWD/ DALTONGANJ / 36/2022-23 | मेन रोड आर0ई0ओ0 मोड़ से मनोज चौरसिया के घर एवं राजबिहारी चौरसिया के घर होते हुए छप्परदागा सिवाना तक पथ निर्माण कार्य (लं– 1. 200 कि0मी0) | 1,20,63,900.00 | एक करोड़ बीस लाख तिरसठ हजार नौ सौ रू0 मात्र | 09 माह |
| 21. | RWD/ DALTONGANJ / 20/2022-23 | चेड़ी धाम (बंदला) से दरूआ पुल तक पथ निर्माण कार्य (लं– 3.200 कि0मी0) | 3,11,13,330.00 | तीन करोड़ ग्यारह लाख तेरह हजार तीन सौ तीस रू0 मात्र | 15 माह |
| 22. | RWD/ DALTONGANJ / 13/2022-23 | कुराईन पतरा में रूपदेव साव के घर से कुराईन पतरा नवलेश मेहता के घर होते हुए मेन रोड तक पथ निर्माण कार्य (लं– 2.250 कि0मी0) | 1,44,63,800.00 | एक करोड़ चौवालीस लाख तिरसठ हजार आठ सौ रू0 मात्र | 09 माह |

2. वेबसाईट में निविदा प्रकाशन की तिथि:– **10.04.2023**
3. ई–निविदा प्राप्ति की अंतिम तिथि एवं समय:– **21.04.2023** अपराह्न 5.00 बजे तक।
4. **(क)** मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा **(ख)** जिला नियंत्रण कक्ष, **राँची** अथवा **(ग)** जिला नियंत्रण कक्ष, **डालटनगंज** में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– **24.04.2023** अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (24.04.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:– **25.04.2023** अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, **डालटनगंज** के पक्ष में एवं **डालटनगंज** में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युर्मन्ट सेल

PR 294203 (Rural Work Department) 22-23 (D)


# କଟକ ଜିଲାପାଳ, ପିସିସିଏଫ୍‌ଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

**ବଡ଼ମ୍ବା ବନ ବିଭାଗ ହେପାଜତରେ ଧନେଶ୍ୱରଙ୍କ ମୃତ୍ୟୁ ଘଟଣା**

**୪ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ**

କଟକ ଜିଲା ବଡ଼ମ୍ବା ବନ ବିଭାଗ ହେପାଜତରେ ସ୍ଥାନୀୟ ଅଞ୍ଚଳର ଧନେଶ୍ୱର ବେହେରା (୫୯)ଙ୍କ ମୃତ୍ୟୁ ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ କମିଶନ କଟକ ଜିଲାପାଳ ଏବଂ ପିସିସିଏଫ୍ (ପ୍ରଧାନ ମୁଖ୍ୟ ବନ ସଂରକ୍ଷକ)ଙ୍କୁ ଶୁକ୍ରବାର ରିପୋର୍ଟ ତଲବ କରିଛନ୍ତି। ଘଟଣାର ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବଡ଼ମ୍ବା ଥାନା ଅନ୍ତର୍ଗତ ସାତଗୋଛିଆ ଗ୍ରାମର ଧନେଶ୍ୱରଙ୍କ ସମେତ ଅନ୍ୟ ୩ଜଣଙ୍କୁ ଫେବୃୟାରୀ ୫ରେ ବନ ବିଭାଗ କର୍ମଚାରୀମାନେ ଉଠାଇ ନେଇଥିଲେ। ବଡ଼ମ୍ବା ବନାଞ୍ଚଳ ଅନ୍ତର୍ଗତ ହିଡିଣ୍ଡା ସଂରକ୍ଷିତ ଜଙ୍ଗଲରେ ସେମାନେ ହାତୀ ଶିକାର କରିଥିବା ଅଭିଯୋଗରେ ସମସ୍ତଙ୍କୁ ପଚରାଉଚରା କରାଯାଇଥିଲା। ସମସ୍ତଙ୍କୁ ବନ କର୍ମଚାରୀମାନେ ନିସ୍ଠୁର ମାଡ଼ ମାରିଥିଲେ। ପରେ ବନବିଭାଗ ହେପାଜତରେ ଥିବା ସମୟରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଧନେଶ୍ୱରଙ୍କୁ ବନ କର୍ମଚାରୀମାନେ ପିଟି ହତ୍ୟା କରିଥିବା ସ୍ତ୍ରୀ ତୁଳସୀ ବେହେରା ବଡ଼ମ୍ବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୨୫/୨୦୨୩) ରୁଜୁ କରି ବଡ଼ମ୍ବା ରେଞ୍ଜରଙ୍କ ସମେତ ୬ଜଣ ବନ କର୍ମଚାରୀଙ୍କୁ ଗିରଫ କରିଥିଲା। ଏନେଇ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ମାନବାଧିକାର କର୍ମୀ ଅଖଣ୍ଡ ଅଭିଯୋଗ କରିଥିଲେ। ସମ୍ପୃକ୍ତ ବନ କର୍ମଚାରୀ ଏବଂ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଧନେଶ୍ୱରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦେବାକୁ ଅଖଣ୍ଡ କମିଶନଙ୍କୁ ନିବେଦନ କରିଥିଲେ।

## ସଂକ୍ଷେପରେ

### ନନ୍ଦନକାନନ: ଟ୍ରାଏଲରେ ଚାଲିଲା ରୋପ୍‌ୱେ



ବାରଙ୍ଗ,୩୧।୩(ଡି.ଏନ୍.ଏ.): ନନ୍ଦନକାନନକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ଚାଲିବାକୁ ଯାଉଛି ପର୍ଯ୍ୟଟକଙ୍କର ଚାହିଦା ଓ ତଥା ବହୁ ପ୍ରତୀକ୍ଷିତ ରୋପ୍‌ୱେ। ରୋପ୍‌ୱେ ନିର୍ମାଣ କାର୍ଯ୍ୟ ସରିଥିବାରୁ ଶୁକ୍ରବାର ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଦ୍ୱିତୀୟଥର ପାଇଁ ସଫଳ ପରୀକ୍ଷଣ ମୂଳକଭାବେ ଚଲାଇଛି ରୋପୱେ ନିର୍ମାଣକାରୀ ସଂସ୍ଥା। ୧୩କୋଟି ଟଙ୍କା ବ୍ୟୟବରାଦରେ ୬୦୦ମିଟର ଲମ୍ବ ରୋପୱେ ନିର୍ମାଣ କାର୍ଯ୍ୟ ଏହାଭିତରେ ସରିଛି। ଗୋଟିଏ କ୍ୟାବିନରେ ୬ଜଣ ବସିବାର ବ୍ୟବସ୍ଥା ହୋଇଥିବାବେଳେ ସମୁଦାୟ ୧୨ଟି କ୍ୟାବିନରେ ଏକାଥରକେ ୭୨ଜଣ ପର୍ଯ୍ୟଟକ ବସିବାର ସୁବିଧା ରହିଛି। କାଞ୍ଜିଆହ୍ରଦ ଉପରେ ରୋପୱେରେ ବୁଲି ହ୍ରଦର ପ୍ରାକୃତିକ ତଥା ମନୋରମ ପରିବେଶକୁ ଉପଭୋଗ କରିବା ସହ ବଟାନିକାଲ ଗାର୍ଡେନକୁ ମଧ ଏହା ସଂଯୋଗ ହୋଇଛି। ଦୀର୍ଘଦିନର ବ୍ୟବଧାନ ପରେ ରୋପ୍‌ୱେ ପ୍ରଚଳନ ହେବାର ବାଟ ପରିଷ୍କାର ହୋଇଥିବାରୁ ପର୍ଯ୍ୟଟକମାନଙ୍କ ମଧରେ ଉତ୍ସାହ ପରିଲକ୍ଷିତ ହୋଇଛି।

### ଜିଲା ଜଜ୍, ଏଡିଏମ୍‌ଙ୍କ ସହ ଚିଲିକା ଓକିଲ ସଂଘର ଆଲୋଚନା

ଟାଙ୍ଗୀ(ଖୋର୍ଦ୍ଧା), ୩୧।୩ (ଡି.ଏନ୍.ଏ.): ଚିଲିକା ଓକିଲ ସଂଘ ପକ୍ଷରୁ ସଭାପତି ଖଗେଶ୍ୱର ପାତ୍ର, ସମ୍ପାଦକ ଦେବାଶିଷ ରଥଙ୍କୁ ନେଇ ଏକ କ୍ଷମତାପ୍ରାପ୍ତ ପ୍ରତିନିଧି ଦଳ ବିଭିନ୍ନ ପ୍ରସଙ୍ଗ ନେଇ ଶୁକ୍ରବାର ଖୋର୍ଦ୍ଧା ଜିଲା ଜଜ୍ ଓ ଏଡିଏମ୍‌ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ପୂର୍ବତନ ସଭାପତି ଭାସ୍କର ଘଡ଼ାଇ, ପୂର୍ବତନ ସମ୍ପାଦକ ପ୍ରଦୋଷ କୁମାର ଦାସ, ସନ୍ତୋଷ କୁମାର ବେହେରା, ସୁରେଶ ଚନ୍ଦ୍ର ରଥ, ଅଶୋକ କୁମାର ଜେନା, ବିବେକାନନ୍ଦ ପଣ୍ଡା ପ୍ରମୁଖ ଆଇନଜୀବୀ ସାମିଲ ଥିଲେ। ଏହି ପ୍ରତିନିଧି ଦଳ ପ୍ରଥମେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ବିଚାରପତି ଜଷ୍ଟିସ ନିସର୍ଗ ନିଶଙ୍କୁ କୋର୍ଟ ଚାମ୍ବରରେ ସାକ୍ଷାତ କରିଥିଲେ। ପରେ ଚିଲିକା ଜୁଡିସିଆଲ କୋର୍ଟରେ ଶୂନ୍ୟ ପଡ଼ିଥିବା ପଦବୀ, ଜେନେରାଲ ଓ ସିଭିଲ ସେକ୍ସନରେ ଆବଶ୍ୟକ କ୍ଲର୍କ ନିଯୁକ୍ତି, କୋର୍ଟର ନିଜସ୍ୱ ବିଲ୍ଡିଙ୍ଗ ସମେତ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିରେ ବିଚାରପତି ନିଶଙ୍କ ଖୁବ୍‌ଶୀଘ୍ର କର୍ମଚାରୀ ନିଯୁକ୍ତି ତଥା ଚିଲିକା ଜୁଡିସିଆଲ କୋର୍ଟର ନିଜସ୍ୱ ବିଲ୍ଡିଙ୍ଗର ନିର୍ମାଣ ନିମନ୍ତେ ଆନୁଷ୍ଠାନିକ ପଦକ୍ଷେପ ନେଉଥିବା ପ୍ରକାଶ କରିଥିଲେ। ଏହାପରେ ଚିଲିକାରେ ପ୍ରସ୍ତାବିତ ସବ୍‌ରେଜିଷ୍ଟ୍ରାର ଅଫିସ ଓ ଟ୍ରେଜେରି ଅଫିସ ସ୍ଥାପନ ନିମନ୍ତେ ଓକିଲ ସଂଘ ତଥା ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦିଆଯାଇଥିବା ନିବେଦନ ଉପରେ ସରକାରୀ ସ୍ତରରେ ଆବଶ୍ୟକ ପଦକ୍ଷେପ ନିମନ୍ତେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଏଡିଏମ୍ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ଏଡିଏମ୍ ପ୍ରଧାନ ବିଭାଗୀୟ ସ୍ତରରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଆନୁଷ୍ଠାନିକ ଅବଗତ କରାଇବେ ବୋଲି ଏହି ପ୍ରତିନିଧି ଦଳଙ୍କୁ ସୂଚନା ଦେଇଥିଲେ।

### ଅଭିଭାବକ- ଶିକ୍ଷକ ସଂଘ ବୈଠକ

ବେଗୁନିଆ,୩୧।୩(ଡି.ଏନ୍.ଏ.)- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ବେଗୁନିଆ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ମଧରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଅଭିଭାବକ ଓ ଶିକ୍ଷକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୫୮ଜଣ ଅଭିଭାବକ ଓ ମାତାପିତା ଯୋଗଦେଇଥିଲେ। ଶିକ୍ଷକ ଓ ଅଭିଭାବକଙ୍କ ମଧରେ ସମନ୍ୱୟ ରକ୍ଷା କଲେ ବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତି ଉନ୍ନତ ହେବା ସହ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଥିଲା। ତଳଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜଗଦେବ, ଶିକ୍ଷକ ଅଖିଳେଶ ମହାପାତ୍ର, ପ୍ରଭାକର ମହାପାତ୍ର, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଟ୍ଟନାୟକ ଓ ସାଗରିକା ମାଝି ପ୍ରମୁଖ ଅଂଶଗ୍ରହଣ କରି ସହଯୋଗ କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଧିମେଇଛି

### ଖୋର୍ଦ୍ଧା ବ୍ଲକରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଖୋର୍ଦ୍ଧା ଅଫିସ, ୩୧।୩

ଖୋର୍ଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀ ଅଧକ୍ଷତା କରିଥିଲେ। ଖୋର୍ଦ୍ଧା ବ୍ଲକର ୨୨ଟି ପଞ୍ଚାୟତରେ ଚାଲିଥିବା ସମସ୍ତ ଯୋଜନାର ସମୀକ୍ଷା କରାଯାଇଛି। ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଚଳିତ ଆର୍ଥିକ ବର୍ଷ ୨ଲକ୍ଷ ୩୫ ହଜାର ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ଥିବାବେଳେ ଆଜି ସୁଦ୍ଧା ୭୦ ପ୍ରତିଶତ କାର୍ଯ୍ୟ ହୋଇଛି। ଶ୍ରମିକ ସମସ୍ୟାରୁ କାମ ଧିମେଇଥିବା କୁହାଯାଇଛି। ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମ ରୋଜଗାର ସେବକ, ଗାଁ ସାଥିଙ୍କ ସହିତ ଶ୍ରମିକଙ୍କୁ ନେଇ ସଚେତନତା କରି ୨୦୨୩-୨୪ରେ ଏହି କାର୍ଯ୍ୟ କିଭଳି ଆଗକୁ ୧୦୦ ପ୍ରତିଶତ ହେବ ସେଥିପାଇଁ ବ୍ଲକ ଅଧିକାରୀଙ୍କୁ କହିଥିଲେ। ବିଶେଷକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ ପରିବାର କିଭଳି ଶତ ପ୍ରତିଶତ କାମ ପାଇବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରିୟଦର୍ଶିନୀ କହିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗ୍ରାମପଞ୍ଚାୟତ ଉନ୍ନୟନ ପ୍ଲାନ ବା ଜିପିଡିପି ପ୍ରସ୍ତୁତ ସହିତ ପ୍ରତି ପଞ୍ଚାୟତରେ ୨୦୨୨-୨୩ରେ ସିଏଫ୍‌ସିଇ ଏସ୍‌ଏଫ୍‌ସି ଅର୍ଥ ଶତ ପ୍ରତିଶତ ଖର୍ଚ୍ଚ ହୋଇପାରି ନ ଥିବାରୁ କିଭଳି ଖର୍ଚ୍ଚ ହେବ ତାହା ଉପରେ ପଞ୍ଚାୟତସ୍ତରୀୟ ସମୀକ୍ଷା ବୈଠକ କରିବାକୁ କହିଥିଲେ। ସେହିପରି ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପାଇଖାନା, ସୋକ୍‌ପିଟ୍, ରିଚାର୍ଜ ପିଟ୍ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ଯେଉଁଠି ଅଧାପନ୍ତରିଆ ହୋଇପଡ଼ିଛି ତାହାକୁ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦିଆଯାଇଛି। ଭତ୍ତାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ବିଡିଓ କ୍ଷୀରାବ୍ଧି ତନ୍ମୟା ସାହୁ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବାଶିଷ ଖୁଣ୍ଟିଆ, ଯନ୍ତ୍ରୀ ବାଳକୃଷ୍ଣ ମିଶ୍ର, କନିଷ୍ଠ ଯନ୍ତ୍ରୀ, ଜିପିଟିଏ, ଏପିଓ ତେଜସ୍ୱିନୀ ଦାସ, ବ୍ଲକ ପରିମଳ ସଂଯୋଜକ ରମେଶ କୁମାର ମାଝି, ଖୋର୍ଦ୍ଧା ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଉପସ୍ଥିତ ରହି ନିଜ ନିଜ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମତ ରଖିଥିଲେ।

# ପୁଣି ମୁଣ୍ଡ ଟେକିଲା ସାରୁଅ ଜମି ବିବାଦ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ଅଞ୍ଚଳବାସୀ।

ଖୋର୍ଦ୍ଧା ଅଫିସ, ୩୧।୩

କିଛି ଦିନର ନୀରବତା ପରେ ପୁଣି ସାରୁଅ ଜମି ବିବାଦ ମୁଣ୍ଡ ଟେକିଛି। ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ ସାରୁଅ ଅଞ୍ଚଳର ଗରିବ, ଦଳିତ ଆଦିବାସୀଙ୍କ ମୂଲ୍ୟବାନ ଜମିକୁ ଓଡ଼ିଶା ଇନ୍‌ଫ୍ରାଟେକ ପ୍ରାଇଭେଟ ଲିମିଟେଡ ସଂସ୍ଥା ଚଞ୍ଚକତା ପୂର୍ବକ ଶାଗମାଛ ଦରରେ ନିଜ ନାମରେ କରିନେଇଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ସଂସ୍ଥା ଦ୍ୱାରା ଠକାମିର ଶିକାର ହୋଇଥିବା ଲୋକେ ନିଜ ଜମି ଫେରିପାଇବା ଦାବିରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ସେମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଓଡ଼ିଶା ଇନ୍‌ଫ୍ରାଟେକ ପ୍ରାଇଭେଟ ଲିମିଟେଡ୍ ବିଭିନ୍ନ ସମୟରେ ଦଳିତ ଲୋକଙ୍କୁ ଅନ୍ଧାରରେ ରଖି ଓ ପ୍ରଲୋଭନ ଦେଖାଇ ଜମି ହଡ଼ପ କରିଛି। ଏ ସମ୍ପର୍କରେ ସମ୍ପୃକ୍ତ ଲୋକେ ଜାଣିବା ପରେ ୨୦୨୦ରେ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ଏ ନେଇ ଅତିରିକ୍ତ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳଙ୍କ ରିପୋର୍ଟକୁ ଆଧାର କରି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧିକ ଶାଖା (ଇଡି)କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଇଡି ଓଡ଼ିଶା ଇନ୍‌ଫ୍ରାଟେକ ପ୍ରାଇଭେଟ ଲିମିଟେଡ ସଂସ୍ଥାର କେତେଜଣ କର୍ମଚାରୀଙ୍କୁ ଜେରା ପରେ ଗିରଫ କରି ଜେଲ ପଠାଇଥିଲା। ତେବେ ସମ୍ପୃକ୍ତ ଗରିବ ଶ୍ରେଣୀର ଲୋକେ ଜମି ହରାଇ ବେସାହାରା ହୋଇପଡ଼ିଛନ୍ତି। ଏହାକୁ ବିଚାରକୁ ନେଇ ଜମିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଲାଗି ସନାତନ ପାହାଡ଼ସିଂ, ହାଲୁରୀ ପାହାଡ଼ସିଂ, ଲକ୍ଷ୍ମଣ ନାୟକ, ଗୋଲକ ମଲ୍ଲିକ, ଦୈତାରୀ ମଲିକ, ତ୍ରିନାଥ ସେଠୀ, ବିନୋଦ ବିହାରୀ ସେଠୀ, ମିତାରାଣୀ ମଲିକ, ଶ୍ରୀକାନ୍ତ ମଲିକ ଏବଂ ସୁମିତ୍ରା ପାହାଡସିଂ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ ବେଉରା କହିଛନ୍ତି, ସମ୍ପୃକ୍ତ ଅଭିଯୋଗ ଓ ଦାବି ଉପରେ ତର୍ଜମା କରାଯିବ। ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିକୁ କିପରି, କେଉଁ ଆଧାରରେ କିଣାବିକା କରାଯାଇଛି, ତାହା ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଓଡ଼ିଶା ଇନ୍‌ଫ୍ରାଟେକ ପ୍ରାଇଭେଟ ଲିମିଟେଡ ସଂସ୍ଥା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଗଡ଼ଦେବୀ ରାମଚଣ୍ଡୀଙ୍କ ବାର୍ଷିକ ଉତ୍ସବ, କଳସ ଯାତ୍ରା



ଗଡ଼ଦେବୀ ରାମଚଣ୍ଡୀଙ୍କ ବାର୍ଷିକ ଉତ୍ସବ ପାଇଁ କଳସୀ ପୂଜା ହେଉଛି।

ବୋଲଗଡ଼,୩୧।୩(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଗଡ଼ଭିତର ସାହିରେ ଅବସ୍ଥିତ ରାଜ ପ୍ରତିଷ୍ଠିତ ଗଡ଼ଦେବୀ ମା' ରାମଚଣ୍ଡୀ ଠାକୁରାଣୀଙ୍କର ୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ମାନସିକ ଧାରଣ କରିଥିବା ୩ଶହରୁ ଊର୍ଦ୍ଧ୍ୱ ମହିଳା ନିକଟସ୍ଥ ଗଡ଼ ସାଗରକୁ କଳସ ଯାତ୍ରାରେ ଯାଇଥିଲେ। ପରେ ସେଠାରୁ ଫେରି ସମସ୍ତ କଳସ ଏକତ୍ରିତ ଭାବେ ମନ୍ଦିର ବେଢ଼ା ମଧ୍ୟରେ ସ୍ଥାପନ କରିଥିଲେ। ଠାକୁରାଣୀଙ୍କ ସ୍ନାନ ପରେ ବିଧି ମୁତାବକ ପୂଜାପାଠ କରାଯାଇଥିଲା ଏବଂ ମା'ଙ୍କ ପାଟ ଅଗଣା ମଧ୍ୟରେ ଯଜ୍ଞକୁଣ୍ଡ କରାଯାଇ ପଣ୍ଡିତମାନଙ୍କ ଦ୍ୱାରା ଚଣ୍ଡିପାଠ ହୋଇଥିଲା। ଏଥିରେ ରଘୁନାଥ ଦଳବେହେରା ଓ ଧର୍ମପତ୍ନୀ କବିତା କର୍ତ୍ତାକର୍ତ୍ତ୍ରୀ ଭାବେ ଘୃତଦାନ କାର୍ଯ୍ୟ ସମ୍ପାଦିତ କରିଥିଲେ। ପରେ ଶ୍ରଦ୍ଧାଳୁ ମାନସିକଧାରୀ ମହିଳାମାନେ ସ୍ଥାପନ କରାଯାଇଥିବା କଳସ ଧରି ପୂର୍ବବତ ଗଡ଼ସାଗରକୁ ବିସର୍ଜନ ନିମନ୍ତେ ଯାଇଥିଲେ। ଲୋକବିଶ୍ୱାସ ଯେ, ଗଡ଼ଦେବୀଙ୍କୁ ଭକ୍ତି ସହକାରେ ସ୍ମରଣ କଲେ ମା' ସମସ୍ତଙ୍କ ମନୋସ୍କାମନା ପୂରଣ କରିଥାନ୍ତି। ଏହି ଯାତ୍ରା ଦେଖିବା ଲାଗି ବହୁ ଜନସମାଗମ ହୋଇଥିଲା। ସନ୍ଧ୍ୟାଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନ୍ଦିର ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ରାତ୍ରସମୟ ରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା।

### ଅଭିମାନିନୀ ମା' ପାର୍ବତୀ ଭାଙ୍ଗିଲେ ରଥ

ପୁରୁଣା ଭୁବନେଶ୍ୱର, ୩୧।୩(ଡି.ଏନ୍.ଏ.)

ରୁକୁଣା ରଥଯାତ୍ରା ହୋଇଯାଇଥିବା ବେଳେ ପ୍ରଭୁ ଶ୍ରୀଲିଙ୍ଗରାଜ ମା' ପାର୍ବତୀଙ୍କୁ ନେଇ ନ ଥିବାରୁ ମାତା ଅଭିମାନ କରିଥିଲେ। ଏହି ଅବସରରେ ଶୁକ୍ରବାର ମା' ପାର୍ବତୀ ରାଗରେ ରାମେଶ୍ୱର ମନ୍ଦିର ଯାତ୍ରା କରି ରଥ କାଠ ଭାଙ୍ଗିଦେଇଛନ୍ତି। ପ୍ରଭୁ ଶ୍ରୀ ଲିଙ୍ଗରାଜ ୫ଦିନିଆ ରୁକୁଣା ରଥଯାତ୍ରାରେ ଭାଇଉଭଣୀଙ୍କୁ ନେଇ ରାମେଶ୍ୱର ମନ୍ଦିର ଯାଇଛନ୍ତି। ମା' ପାର୍ବତୀ ରାମେଶ୍ୱର ମନ୍ଦିରରେ ପହଞ୍ଚିବା ପରେ ଦୈନିକ ନୀତି ସନ୍ଧ୍ୟାଧୂପ ହୋଇଥିଲା। ଏହାପରେ ପ୍ରଭୁ ଲିଙ୍ଗରାଜ ରାମେଶ୍ୱର ମନ୍ଦିରରେ କିପରି ଭାବେ ରହିଛନ୍ତି, ତାହା ଦେଖିବାକୁ ମା' ପାର୍ବତୀ ପାଲିଙ୍କିରେ ସେବାୟତଙ୍କ ଗହଣରେ ଯାତ୍ରା କରିଥିଲେ। ସେଠାରେ ସନ୍ଧ୍ୟା ଧୂପ ନୀତି ଚାଲିବା ଅବସରରେ ଉଭୟଙ୍କ ପକ୍ଷରୁ ଜଣେ ପୂଜାପଣ୍ଡା ସେବାୟତ ମା' ପାର୍ବତୀ ଓ ଶ୍ରୀ ଲିଙ୍ଗରାଜଙ୍କ ପକ୍ଷରୁ ବଚନିକା କରିଥିଲେ। ଏହାପରେ ଭେଟ ଆଳତି କରାଯାଇ ମା' ପାର୍ବତୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥଲେ। ଫେରିବା ବାଟରେ ପ୍ରଭୁ ଲିଙ୍ଗରାଜ ରଥର ସିଂହାସନ ଭାଙ୍ଗି ସ୍ୱମନ୍ଦିର ଫେରିଥିଲେ।

# ବୈଷୟିକ ଶିକ୍ଷା ପାଇଁ ବ୍ଲକସ୍ତରୀୟ ପରାମର୍ଶ ଶିବିର



ଶିବିରରେ ଯୋଗଦେଇଥିବା ଅତିଥିମାନେ।

ବେଗୁନିଆ,୩୧।୩(ଡି.ଏନ୍.ଏ.)

ଶିଳ୍ପ ତାଲିମ ଅନୁଷ୍ଠାନରେ ପ୍ରଶିକ୍ଷଣ ନେବାକୁ ଥିବା ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଆପ୍ରେଣ୍ଟିଶିପ ଆଡଭାଇଜର ଦେବେନ୍ଦ୍ର ନାଥ ମଲ୍ଲିକଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଆୟୋଜନ ହୋଇଥିଲା। ଏହି ଶିବିରରେ ସରକାରୀ ଆଇଟିଆଇ ଭୁବନେଶ୍ୱର, ସ୍ପେଶାଲ ଆଇଟିଆଇ ଜଟଣୀ ଏବଂ ସରକାରୀ ପଲିଟେକ୍ନିକ ଭୁବନେଶ୍ୱର ତରଫରୁ ସତ୍ୟବ୍ରତ ଜେନା, ଏଟିଓ ଫିଟର କ୍ଷୀରାବ୍ଧି ତନୟା ମହାପାତ୍ର, ସେଣ୍ଟର ପରିଚାଳକ ଅଭିଜିତ ମିଶ୍ର, ଓପ୍ରୋଜିଇ ହେଲ୍‌ଥ କେୟାର ପ୍ରାଇଭେଟ ଲିମିଟେଡ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ଦେଇଥିବା ମାଟ୍ରିକ ପାସ୍ ଓ ଫେଲ ଯୁବତୀଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଶିବ ମୁନି, ଆଦିତ୍ୟ କୁମାର ବେହେରା, ଅଭିଷେକ ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଖୋର୍ଦ୍ଧା ଜିଲାର ୩ଟି ଅନୁଷ୍ଠାନ ବ୍ୟତୀତ ବାଲୁଗାଁରେ ଏକ ଆଇଟିଆଇ ଖୋଲାଯାଇଛି। ଯେଉଁଠାରେ ଯୁବତୀ ଯୁବକମାନେ ଏପ୍ରିଲ ୧ରୁ ସାମସ୍ ପୋର୍ଟାଲ ଜରିଆରେ ଅନ୍‌ଲାଇନରେ ଆବେଦନ କରିପାରିବେ। ଏହି ସବୁ ଅନୁଷ୍ଠାନରେ ଅନୁସୂଚିତ ଜାତି ଏବଂ ଜନଜାତି ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ଦେୟମୁକ୍ତ ନାମଲେଖା ଓ ଆର୍ଥିକ ପ୍ରୋତ୍ସାହନ ୨୫୦ଟଙ୍କା ମାସିକ ମେଧା ବୃତ୍ତିର ବ୍ୟବସ୍ଥା ରହିଛି। ଗରିବ ତଥା ମେଧାବୀ ଛାତ୍ରବୃତ୍ତି ପାଇଁ ମାସିକ ୨୦୦ଟଙ୍କା ରହିଛି। ନିର୍ମାଣ ଶ୍ରମିକ କୋଠାବାଡ଼ି ଓ ଅନ୍ୟାନ୍ୟ ପିଲାମାନଙ୍କ ପାଇଁ ସରକାରଙ୍କ ପ୍ରଚଳିତ ଯୋଜନା ମାଧ୍ୟମରେ ବାର୍ଷିକ ବୃତ୍ତିର ବ୍ୟବସ୍ଥା ମଧ୍ୟ ରହିଥିବା ବେଳେ ଆପ୍ରେଣ୍ଟିଶିପ ସମୟରେ କିଛି ଅର୍ଥରାଶି ପାଇବାର ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର, ୩୧।୩(ଡି.ଏନ୍.ଏ.)

ଧରିତ୍ରୀର ପୂର୍ବତନ ପ୍ରକାଶକ, ସାହିତ୍ୟିକ, କବି ତଥା ପୂର୍ବତନ ସ୍ୱାଧୀନତା ସଂଗ୍ରାମୀ ଦଣ୍ଡପାଣି ମିଶ୍ରଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଭୀମ ଟାଙ୍ଗୀ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ପରିଷଦ ର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମନାଭ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ପୁରୁଷୋତ୍ତମ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମୋହିନୀ କାନ୍ତ ମିଶ୍ର, କର୍ପୋରେଟର ଶିବ ନରୟଣ ରାୟ, ବିଶ୍ୱନାଥ ବେହେରା, ନୀଳମଣି ମିଶ୍ର ଉପସ୍ଥିତ ରହି ସର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ପୁତ୍ର ଭବାନୀଶଙ୍କର ମିଶ୍ର ପିତାଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ଚିତ୍ରସେନ ବିଶୋଇ, ବିଶ୍ୱରଞ୍ଜନ ଚୌଧୁରୀ, ପ୍ରମୋଦ ଖୁଣ୍ଟିଆ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।

### ମା'ମଙ୍ଗଳାଙ୍କ ଝାମୁ ଯାତ୍ରା

ପୁରୁଣା ଭୁବନେଶ୍ୱର, ୩୧।୩(ଡି.ଏନ୍.ଏ.)

ବଡ଼ଗଡ଼ ନୂଆ ସାହିର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଝାମୁଯାତ୍ରାରେ ମିନାବଜାର ପଡ଼ିବ। ଗ୍ରାମର ଉତ୍ସାହୀ ଯୁବତୀଯୁବକଙ୍କ ଦାରା ୨ଦିନ ସାମାଜିକ ନାଟକ ପରିବେଷିତ ହେବ। ତ୍ରିଦେବ ଛୋଟରାୟଙ୍କ ନିର୍ଦ୍ଦେଶନାରେ ସୁଖ ସାତ ପର ଦୁଃଖ ନିଜର ଏବଂ ହରିହର ବେହେରାଙ୍କ ନିର୍ଦ୍ଦେଶନାରେ ଖରାପ ଝିଅର ଗପ ପରିବେଷଣ ହେବ।

# ବାସନ୍ତିକ ଦୁର୍ଗାପୂଜା, ନବରାତ୍ର ମହୋତ୍ସବ ଉଦ୍‌ଯାପିତ

ଜଟଣୀ,୩୧।୩(ଡି.ଏନ୍.ଏ.)



### ମା' ଜାଗୁଳାଇଙ୍କ ମହିଷମର୍ଦ୍ଦିନୀ ବେଶ

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମ ଦେବୀ ମା' ଜାଗୁଳାଇଙ୍କ ଶକ୍ତିପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ରି ମହୋତ୍ସବ ଗତ ୨୨ ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ମା'ଙ୍କୁ ବିଭିନ୍ନ ବେଶରେ ସଜାଯିବା ସହ ଅଷ୍ଟମୀରେ ମା' ପ୍ରଥମଥର ପାଇଁ ନଗର ଭ୍ରମଣ କରି ଭଉଣୀ ଗଡ଼ ବଘେଇଙ୍କ ସହ ମିଳନ ହୋଇଥିଲେ। ଶେଷଦିନର ବିଜୟା ଦଶମୀରେ ମା' ମହିଷମର୍ଦ୍ଦିନୀ ବେଶରେ ଦର୍ଶନ ଦେଇଥିଲେ। ସକାଳୁ ସୂର୍ଯ୍ୟପୂଜା ପରେ ମା'ଙ୍କୁ ବେଶ କରାଯାଇ ଦିନତମାମ ସପ୍ତସତୀ ଚଣ୍ଡୀପାଠ ପଢ଼ାଯାଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ପରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ଶକ୍ତି ପୀଠରେ ପହଞ୍ଚି ମା'ଙ୍କ କୃପା ଲାଭ କରିବା ସହିତ ପ୍ରସାଦସେବନ କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ମା'ଙ୍କ ନୀତି ସେବା କରିଥିବା ବେଳେ ସ୍ୱର୍ଣ୍ଣଲତା କର ଓ ଅଭିରାମ କର ଦଶଦିନ ଧରି କର୍ତ୍ତାକର୍ତ୍ତ୍ରୀ ଭାବେ ବସିଥିଲେ। ଘୋରୋଡ଼ିଆର ପଣ୍ଡିତ ମଧୁସୂଦନ ମିଶ୍ର ଚଣ୍ଡୀପାଠ କରିଥିବା ବେଳେ ରୋଷେୟା ସୁଦର୍ଶନ ମିଶ୍ର ପ୍ରସାଦ ପ୍ରସ୍ତୁତ କରିଥିଲେ। ସଭାପତି ରାଧାମୋହନ ପଟ୍ଟନାୟକ, ସମ୍ପାଦକ ଏଲ୍. ଡି. ମହାନ୍ତି, କୋଷାଧ୍ୟକ୍ଷ ଅଶୋକ ଦାସ, ସହକୋଷାଧ୍ୟକ୍ଷ ଚନ୍ଦ୍ରଶେଖର ପଣ୍ଡା, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହାଣୀ, ଜିତେନ୍ଦ୍ର ଜେନା, ପବିତ୍ର ମୋହନ ରଣସିଂ, ଗୁନିଆ ଛୋଟରାୟ, କୃତ୍ତିବାସ ପୃଷ୍ଟି, ଶ୍ରୀକାନ୍ତ କର, ଦିପୁ ପାଲ, ବାଉରୀବନ୍ଧୁ ସାହାଣୀ ପ୍ରମୁଖ ପରିଚାଳନା କରିଥିଲେ।


**झारखण्ड सरकार**
**ग्रामीण कार्य विभाग, मुख्य अभियंता का कार्यालय**
102, द्वितीय तल्ला, अभियंत्रण भवन, कचहरी रोड, राँची

**ई–निविदा आमंत्रण सूचना**

ई–निविदा संख्या:- **330/2022-23/RWD/DALTONGANJ** दिनांक :- **31.03.2023**

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ DALTONGANJ / 14/2022-23 | गढ़वा पी0डब्लू0डी0 पथ जगनारायण महतो के होटल से बनखेता मटखार तक पथ निमाण कार्य (लं– 2.050 कि0मी0) | 2,03,73,700.00 | दो करोड़ तीन लाख तिहत्तर हजार सात सौ रू0 मात्र | 12 माह |
| 2. | RWD/ DALTONGANJ / 16/2022-23 | राँची रोड खामडीह से कृष्णा चौधरी के घर होते हुए पुरनाडीह तक पथ निर्माण कार्य (लं– 4.025 कि0मी0) | 3,33,83,100.00 | तीन करोड़ तैंतीस लाख तेरासी हजार एक सौ रू0 मात्र | 15 माह |
| 3. | RWD/ DALTONGANJ / 17/2022-23 | जंघासी खाँच से बनासो मेन रोड तक पथ निर्माण कार्य (लं– 2.850 कि0मी0) | 2,80,48,500.00 | दो करोड़ अस्सी लाख अड़तालीस हजार पाँच सौ रू0 मात्र | 15 माह |
| 4. | RWD/ DALTONGANJ / 18/2022-23 | मेन रोड बृजमोहन सिंह के घर, चरितर सिंह के घर, प्राथमिक विद्यालय देवी मंडप बाबा वीर कुँवर तक पथ निर्माण कार्य (लं– 2.500 कि0मी0) | 2,63,07,300.00 | दो करोड़ तिरसठ लाख सात हजार तीन सौ रू0 मात्र | 15 माह |
| 5. | RWD/ DALTONGANJ / 01/2022-23 | जोगा रेलवे लाईन से जमडीहा भाया करकट्टा तक पथ निर्माण कार्य (लं– 2.700 कि0मी0) | 2,27,21,189.00 | दो करोड़ सताईस लाख इक्कीस हजार एक सौ नवासी रू0 मात्र | 12 माह |
| 6. | RWD/ DALTONGANJ / 22/2022-23 | डंडीला ग्राम में रामजी कहार के घर से हैदरनगर प्रखण्ड के सडेया ग्राम आंगनबाडी केन्द्र तक पथ निर्माण कार्य (लं– 4.550 कि0मी0) | 4,74,45,500.00 | चार करोड़ चौहत्तर लाख पैंतालीस हजार पाँच सौ रू0 मात्र | 15 माह |
| 7. | RWD/ DALTONGANJ / 23/2022-23 | पिपरा प्रखण्ड के सरैया पंचायत के होलया चेरवा ग्राम आर0सी0डी0 रोड से पुनपुन उदगम स्थल कुंड होते हुए बारा बानाडीह ग्राम तक पथ निर्माण कार्य (लं– 4.200 कि0मी0) | 3,95,32,000.00 | तीन करोड़ पनचानवे लाख बत्तीस हजार रू0 मात्र | 15 माह |
| 8. | RWD/ DALTONGANJ / 24/2022-23 | पी0डब्लू0डी0 रजवाडीह मुख्य पथ से महादेव माड़ा होते हुए खैराही तक पथ निर्माण कार्य (लं– 3.100 कि0मी0) | 3,34,31,700.00 | तीन करोड़ चौंतीस लाख इकतीस हजार सात सौ रू0 मात्र | 15 माह |
| 9. | RWD/ DALTONGANJ / 25/2022-23 | पंचायत आसेहर के पीपल चौक से बनई होते हुए भवरदह सिवान तक पथ निर्माण कार्य (लं– 2.300 कि0मी0) | 2,32,32,500.00 | दो करोड़ बत्तीस लाख बत्तीस हजार पाँच सौ रू0 मात्र | 12 माह |
| 10. | RWD/ DALTONGANJ / 26/2022-23 | उंटारी रोड पिपराखांड़ से लकराही होते हुए प्रतिमांझी तक पथ निर्माण कार्य (लं– 2.000 कि0मी0) | 2,15,40,800.00 | दो करोड़ पन्द्रह लाख चालीस हजार आठ सौ रू0 मात्र | 12 माह |
| 11. | RWD/ DALTONGANJ / 27/2022-23 | खरकटी पी0डब्लू0डी0 पथ से पुल होते हुए बंदन प्रजापति के घर तक पथ निर्माण कार्य (लं– 2. 300 कि0मी0) | 2,14,54,200.00 | दो करोड़ चौदह लाख चौवन हजार दो सौ रू0 मात्र | 12 माह |
| 12. | RWD/ DALTONGANJ / 28/2022-23 | एन0एच0–75 चियांकी सक्रेट हार्ट स्कूल होते हुए कृषि अनुसंधान केन्द्र से पीपल पेड़ होते हुए पंचायत सचिवालय चियांकी से मेन रोड चियांकी पार्क तक पथ का चौड़ीकरण एवं सुदृढ़ीकरण कार्य (लं– 2.868 कि0मी0) | 1,96,57,100.00 | एक करोड़ छियानवे लाख सनतावन हजार एक सौ रू0 मात्र | 12 माह |
| 13. | RWD/ DALTONGANJ / 29/2022-23 | पंचायत दुब के बरवईया बगीचा से गैस गोदाम तक पथ निर्माण कार्य (लं– 2.000 कि0मी0) | 1,94,87,900.00 | एक करोड़ चौरानवे लाख सतासी हजार नौ सौ रू0 मात्र | 12 माह |
| 14. | RWD/ DALTONGANJ / 30/2022-23 | एन0एच0–75 चियांकी रोड से बैगा टोला, चन्द्रिका सिंह के घर एवं दशगात्र मण्डप होते हुए अमरेश यादव के घर तक पथ निर्माण कार्य (लं– 2.030 कि0मी0) | 1,85,50,100.00 | एक करोड़ पचासी लाख पचास हजार एक सौ रू0 मात्र | 12 माह |
| 15. | RWD/ DALTONGANJ / 31/2022-23 | लिढ़की से केकतुआ एवं प्रजाप्रति मुहल्ला होते हुए हरिजन मोहल्ला तक पथ निर्माण कार्य (लं– 1.700 कि0मी0) | 1,68,99,600.00 | एक करोड़ अड़सठ लाख निनानवे हजार छः सौ रू0 मात्र | 12 माह |
| 16. | RWD/ DALTONGANJ / 32/2022-23 | पंचायत तेतरई आर0सी0डी0 मेन रोड धानुक टोला से शेख मुहल्ला होते हुए सांई टोला तीन मुहान तक पथ निर्माण कार्य (लं– 2.100 कि0मी0) | 1,55,72,900.00 | एक करोड़ पचपन लाख बहत्तर हजार नौ सौ रू0 मात्र | 12 माह |
| 17. | RWD/ DALTONGANJ / 33/2022-23 | सूरज पाण्डेय के घर से जय दुबे के घर होते हुए चेड़ाबार मोड़ तक पथ निर्माण कार्य (लं– 2.100 कि0मी0) | 1,55,08,100.00 | एक करोड़ पचपन लाख आठ हजार एक सौ रू0 मात्र | 12 माह |
| 18. | RWD/ DALTONGANJ / 34/2022-23 | हरिहर प्रजाप्रति के घर से कुम्हार टोला होते हुए वृन्दावन तिवारी के घर तक पथ निर्माण कार्य (लं– 1.570 कि0मी0) | 1,46,70,500.00 | एक करोड़ छियालीस लाख सत्तर हजार पाँच सौ रू0 मात्र | 09 माह |
| 19. | RWD/ DALTONGANJ / 35/2022-23 | ग्राम पहलदेवा आजाद बिगहा से कालीपुर देवी स्थान तक पथ निर्माण कार्य (लं– 1.500 कि0मी0) | 1,24,61,200.00 | एक करोड़ चौबीस लाख इकसठ हजार दो सौ रू0 मात्र | 09 माह |
| 20. | RWD/ DALTONGANJ / 36/2022-23 | मेन रोड आर0ई0ओ0 मोड़ से मनोज चौरसिया के घर एवं राजबिहारी चौरसिया के घर होते हुए छप्परदागा सिवाना तक पथ निर्माण कार्य (लं– 1. 200 कि0मी0) | 1,20,63,900.00 | एक करोड़ बीस लाख तिरसठ हजार नौ सौ रू0 मात्र | 09 माह |
| 21. | RWD/ DALTONGANJ / 20/2022-23 | चेड़ी धाम (बंदला) से दरूआ पुल तक पथ निर्माण कार्य (लं– 3.200 कि0मी0) | 3,11,13,330.00 | तीन करोड़ ग्यारह लाख तेरह हजार तीन सौ तीस रू0 मात्र | 15 माह |
| 22. | RWD/ DALTONGANJ / 13/2022-23 | कुराइन पतरा में रूपदेव साव के घर से कुराईन पतरा नवलेश मेहता के घर होते हुए मेन रोड तक पथ निर्माण कार्य (लं– 2.250 कि0मी0) | 1,44,63,800.00 | एक करोड़ चौवालीस लाख तिरसठ हजार आठ सौ रू0 मात्र | 09 माह |

2. वेबसाईट में निविदा प्रकाशन की तिथिः– **10.04.2023**
3. ई–निविदा प्राप्ति की अंतिम तिथि एवं समयः– **21.04.2023** अपराह्न 5.00 बजे तक।
4. **(क)** मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा **(ख)** जिला नियंत्रण कक्ष, **राँची** अथवा **(ग)** जिला नियंत्रण कक्ष, **डालटनगंज** में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समयः– **24.04.2023** अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (24.04.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समयः– **25.04.2023** अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पताः– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, **डालटनगंज** के पक्ष में एवं **डालटनगंज** में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युरमेन्ट सेल

PR 294203 (Rural Work Department) 22-23 (D)





ପୁରୀ ସାହିଯାତର ଦ୍ୱିତୀୟ ଦିବସରେ ଶୁକ୍ରବାର ବାହାରିଥିବା କାଳିମେଢ, କୃଷ୍ଣ ବଳରାମ ଏବଂ ତ୍ରିଶିର । (ଫଟୋ-ଯଜ୍ଞେଶ୍ୱର)

# କିନ୍ନରଙ୍କୁ ସମାଜ ମୁଖ୍ୟସ୍ରୋତରେ ସାମିଲ ପାଇଁ ଆହ୍ୱାନ

**ପୁରୀ ଅଫିସ ୩୧।୩:**

ପୁରୀ ପୌର ସଦନଠାରେ ଶୁକ୍ରବାର କିନ୍ନର ଦୃଶ୍ୟମାନ ଦିବସ ପାଳିତ ହୋଇଛି। ସମାଜରେ ଏବେ ବି କିନ୍ନରମାନେ ଅବହେଳିତ ହୋଇ ରହିଛନ୍ତି। ନିଜ ଘର ଓ ପରିବାରଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, କର୍ମକ୍ଷେତ୍ର ଓ ସର୍ବସାଧାରଣ ସ୍ଥାନରେ ଅବହେଳାର ଶିକାର ହେଉଛନ୍ତି। କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ଅନ୍ତର୍ଭୁକ୍ତ କରିବା ଉପରେ ଏହି ଅବସରରେ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଭବତରଣ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାମାଜିକ ସୁରକ୍ଷା ବିଭାଗର ଶୁଭ୍ରାଂଶୁ ମହାରଣା ଓ ପରାମର୍ଶଦାତା ସିଦ୍ଧାର୍ଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସାଥି ଅନୁଷ୍ଠାନର ରାଜବୀର ଦାସ, ଶର୍ମିଷ୍ଠା ଦାସ, ଅସିତ ରାଉତ ଓ ପୁରୀ ଜିଲା କିନ୍ନର ସଂଘର ପିହୁ ମିଶ୍ର, ପୂଜା ମା, କବିତା ମା, ପିଙ୍କି କିନ୍ନର, କୁଇନ ଜେନା, ଗୌରୀ ସାହୁ, ଶ୍ରେୟାନ୍ସ ଜେନା, ସଞ୍ଜୟ ପ୍ରଧାନ, କାଜଲ କିନ୍ନର, ଶିଲା କିନ୍ନର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ପରେ ପୌରସଦନ ଠାରୁ ଏକ ଶୋଭାଯାତ୍ରା ବାହାରି ଏସ୍‌ସିଏସ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ଫେରିଥିଲା। ଶୋଭାଯାତ୍ରାରେ ଛାତ୍ରୀଛାତ୍ର ସାମିଲ ଥିଲେ। ପରେ ଜିଲାପାଳ ସମର୍ଥ ବର୍ମାଙ୍କୁ କିନ୍ନରମାନେ ଏକ ବ୍ୟାଜ୍ ଓ ପତ୍ରିକା ପ୍ରଦାନ କରିଥିଲେ। ପରେ ସମସ୍ତ ସରକାରୀ ବିଭାଗର କର୍ମକର୍ତ୍ତାଙ୍କୁ ବ୍ୟାଜ୍ ଓ ପତ୍ରିକା ପ୍ରଦାନ କରାଯାଇଥିଲା।




ସହର ପରିକ୍ରମା ପାଇଁ ବାହାରିଥିବା ଶୋଭାଯାତ୍ରା ।

## ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଶିବିର

**କଣାସ,୩୧।୩(ସ୍ୱ.ପ୍ର.):**

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପକ୍ଷରୁ କଣାସ ବ୍ଲକ ଗଡବଳଭଦ୍ରପୁର ପଞ୍ଚାୟତର ଗଡବଳଭଦ୍ରପୁର ଗ୍ରାମ ମଠସାହିଠାରେ ଶୁକ୍ରବାର ବରିଷ୍ଠ ନାଗରିକମାନଙ୍କ ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ରାଉତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୬୦ବର୍ଷରୁ ଊର୍ଦ୍ଧ୍ୱ ୧୮୧ଜଣ ଡାଇବେଟିସ୍, ଉଚ୍ଚରକ୍ତଚାପ, ଅଣ୍ଟାବିନ୍ଧା, ଆଣ୍ଠୁବିନ୍ଧା, ଥଣ୍ଡା ଓ କାଶ ବିଭିନ୍ନ ରୋଗର ପରୀକ୍ଷାନିରୀକ୍ଷା କରାଯାଇ ମାଗଣାରେ ଔଷଧ ଦେଇଥିଲେ। ଡା. ସସ୍ମିତା ସାମନ୍ତରାୟ, ଫିଜିଓଥେରାପିଷ୍ଟ ସୁଚିତ୍ରା ରାଉତ, ଫାର୍ମାସିଷ୍ଟ ଅଭିଷେକ ପଟ୍ଟନାୟକ, ନର୍ସ ଅର୍ପିତା ପ୍ରିୟଦର୍ଶିନୀ ସାମଲ, ଲ୍ୟାବଟେକିନିସିଆନ୍ ନୀହାରିକା ତ୍ରିପାଠୀ ପ୍ରମୁଖ ଶିବିରରେ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁଦର୍ଶନ ପରିଡା ଓ ପ୍ରକଳ୍ପ ସଂଯୋଜକ କିଶୋର ଚନ୍ଦ୍ର ହାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ରାହୁଲଙ୍କ ସଭ୍ୟ ପଦ ରଦ୍ଦ ଅଗଣତାନ୍ତ୍ରିକ'

**ପୁରୀ ଅଫିସ, ୩୧।୩:**

କେନ୍ଦ୍ର ସରକାର ସରକାର ଜାଣିଶୁଣି ଷଡଯନ୍ତ୍ର କରି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକସଭା ସଭ୍ୟ ପଦ ରଦ୍ଦ କରିଛନ୍ତି ପିସିସି ମୁଖ୍ୟପାତ୍ର ପ୍ରଶାନ୍ତ ଶତପଥୀ କହିଛନ୍ତି। ଶୁକ୍ରବାର ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ବଡ଼ଶଙ୍ଖସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାହୁଲଙ୍କ ଲୋକସଭା ସଭ୍ୟ ପଦ ରଦ୍ଦକୁ ଦଳ ବିରୋଧ କରିବା ସହ ଏହା ପ୍ରତିବାଦରେ ସତ୍ୟାଗ୍ରହ କରାଯାଉଛି। ରାହୁଲଙ୍କ ବିରୋଧରେ ହୋଇଥିବା ଅନ୍ୟାୟ ସମ୍ପର୍କରେ ଲୋକଙ୍କ ନିକଟକୁ କଂଗ୍ରେସ ଯିବ ବୋଲି ଶତପଥି କହିଛନ୍ତି। ସେ କହିଛନ୍ତି, ରାହୁଲ ଗାନ୍ଧୀଙ୍କୁ ଗିରଫ, ସଭ୍ୟ ପଦ ରଦ୍ଦ ଏବଂ ସରକାରୀ କୋଠା ଛାଡ଼ିବାକୁ ନୋଟିସ ଦିଆଯିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ମୋଦି ଓ ଆଦାନୀଙ୍କ ସମ୍ପର୍କ, କଳାଧନ ପ୍ରସଙ୍ଗ ଉଠାଇବାରୁ ରାହୁଲଙ୍କ ପ୍ରତି କେନ୍ଦ୍ର ସରକାର ଆକ୍ରୋଶମୂଳକ ମନୋଭାବ ରଖି ତାଙ୍କୁ ଚକ୍ରାନ୍ତ ପୂର୍ବକ ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଦୁର୍ବଳ କରିବାକୁ ଚାହୁଁଛନ୍ତି। ଏହାକୁ କଂଗ୍ରେସ କେବେ ବରଦାସ୍ତ କରିବ ନାହିଁ। ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ।

ରାହୁଲଙ୍କ ବିରୋଧରେ କର୍ନାଟକରେ କେସ୍ ହୋଇଥିଲା। ମାତ୍ର ଉକ୍ତ କେସକୁ ସୁରଟ କୋର୍ଟରେ ଫାଇଲ କରାଗଲା। କେସକୁ ବିଚାରକୁ ନେଇ ରାହୁଲଙ୍କୁ ୨ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି। ପୁଣି ସେହି କୋର୍ଟ ଅପିଲ ପାଇଁ ୩୦ ଦିନ ସମୟ ଦେଇଛନ୍ତି। ମାତ୍ର ଲୋକସଭା ବାଚସ୍ପତି ଓ ସଚିବାଳୟ ନିୟମ ଉଲ୍ଲଂଘନ କରି ୨୪ ଘଣ୍ଟା ମଧ୍ୟରେ ରାହୁଲଙ୍କ ସଭ୍ୟପଦ ରଦ୍ଦ ନେଇ ସୂଚନା ଜାରି କଲେ ଏବଂ ତା'ର ଦୁଇଦିନ ପରେ ସରକାରୀ ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଗଲା। ଏହି ସମସ୍ତ ଘଟଣାକୁ ଦେଖିଲେ ଜଣାପଡୁଛି ଯେ, ମୋଦି ସରକାର ରାହୁଲଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି। ରାହୁଲଙ୍କୁ କେନ୍ଦ୍ର ସରକାର ଭୟ କରୁଛନ୍ତି। ସମ୍ବିଧାନର ଧାରା ୧୦୩ ଅନୁଯାୟୀ କୌଣସି ଲୋକ ସଭା ସଭ୍ୟଙ୍କ ପଦ ରଦ୍ଦ ପୂର୍ବରୁ ରାଷ୍ଟ୍ରପତିଙ୍କୁ ଅବଗତ କରାଯାଇଥାଏ। ରାଷ୍ଟ୍ରପତି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା କରି ଏ ନିଷ୍ପତ୍ତି ନେବା ପରେ କାର୍ଯ୍ୟାନୁଷ୍ଠାନ ହୋଇଥାଏ। କିନ୍ତୁ ଏହି ବିଧିକୁ ଲୋକସଭା ବାଚସ୍ପତି ଅନୁପାଳନ କରିନାହାନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର କୁମାର ସେଠୀ, ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ମୁଖପାତ୍ର ବିଶ୍ୱନାଥ ଦାଶ, ବରିଷ୍ଠ ନେତା ଅମରେନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୁରୀ ଜିଲା କଂଗ୍ରେସ କର୍ମକର୍ତ୍ତାମାନେ ।

## ରେକର୍ଡ କଲା ପଠାଣି ସାମନ୍ତ ପ୍ଲାନେଟାରିୟମ୍

**ଭୁବନେଶ୍ୱର, ୩୧।୩ (ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷରେ ସର୍ବାଧିକ ଦର୍ଶକ ଏବଂ ସର୍ବାଧିକ ଆୟ କରି ପଠାଣି ସାମନ୍ତ ପ୍ଲାନେଟାରିୟମ ଏକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି। ଚଳିତ ଆର୍ଥିକ ବର୍ଷରେ ୧ଲକ୍ଷ ୭୫ହଜାର ୮୩୬ ଜଣ ଦର୍ଶକଙ୍କଠାରୁ ୪୩ଲକ୍ଷ ୪୬ହଜାର ୨୦୫ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି, ଯାହାକି ବିଗତ ୩୩ ବର୍ଷର ଇତିହାସ ମଧ୍ୟରେ ସର୍ବାଧିକ ବୋଲି ଶୁକ୍ରବାର ପ୍ଲାନେଟାରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ବିଜୟୀ ଓଡ଼ିଶା ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ପୁରୀ ଅଫିସ, ୩୧।୩:**

ବିହାରର ଗୋପାଳଗଞ୍ଜଠାରେ ଅନୁଷ୍ଠିତ ୪୪ ତମ ସିନିୟର ପୁରୁଷ ଓ ମହିଳା ଥ୍ରୋବଲ ନ୍ୟାଶନାଲ ଚାମ୍ପିୟନଶିପ୍ ପ୍ରତିଯୋଗିତାର ପୁରୁଷ ବିଭାଗରେ ଓଡ଼ିଶା ଦଳ କାଂସ୍ୟ ପଦକ ହାସଲ କରିଛି। ପ୍ରତିଯୋଗିତାର ପୁରୁଷ ବିଭାଗରେ ଦଳ ସମସ୍ତ ପୁଲ୍ ମ୍ୟାଚ ଜିତିଥିଲା। ପରେ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ହରିୟାଣାକୁ ଭେଟିଥିଲା। ଏଥିରେ ଓଡ଼ିଶା ୨-୧ରେ ହରିୟାଣାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ତେବେ ସେମିଫାଇନାଲ ମ୍ୟାଚରେ ଓଡ଼ିଶା ଦଳ ୬ବର୍ଷ ବିଜେତା ଦଳ ଦିଲ୍ଲୀକୁ ଭେଟିଥିଲା। ଉକ୍ତ ମ୍ୟାଚରେ ଓଡ଼ିଶା ପରାଜିତ ହୋଇ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ନିମନ୍ତେ ବିହାର ସହ ମ୍ୟାଚ ଖେଳିଥିଲା। ଏଥିରେ ଓଡ଼ିଶା ୨-୦ରେ ବିହାରକୁ ହରାଇ କାଂସ୍ୟ ପଦକ ଜିତିଥିଲା। ଶୁକ୍ରବାର ପୁରୀ ଝାଡ଼େଶ୍ୱରୀ କ୍ଲବ ପରିସରରେ ଓଡ଼ିଶା ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସମ୍ପାଦକ ପାର୍ଥ ସାରଥୀ ମହାପାତ୍ର, ରାଜ୍ୟ ଥ୍ରୋ ବଲ୍ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ଏବଂ ପୁରୀ ଜିଲା ଥ୍ରୋ ବଲ ଦଳ ସମ୍ପାଦକ ଦିପ୍ତି ରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହୋଇଥିବା ଖେଳାଳି ।

## ସମୁଦ୍ରରୁ ମିଳିଲା ମା' କାଳୀଙ୍କ ପ୍ରତିମୂର୍ତ୍ତି

**ପୁରୀ ଅଫିସ, ୩୧।୩:**

ପୁରୀ ପେଣ୍ଠକଟା ନିକଟ ଆଇନ ମହାବିଦ୍ୟାଳୟର କିଛି ଦୂର ବେଳାଭୂମିରେ ସମୁଦ୍ର ମଧ୍ୟରୁ ଏକ ମା' କାଳୀଙ୍କ ପ୍ରତିମୂର୍ତ୍ତି ଆସି କୂଳରେ ଲାଗିଛି। ଏନେଇ ମତ୍ସ୍ୟଜୀବୀ ଚକ୍ର ନରାୟଣ ସୂଚନା ଦେଇ କହିଛନ୍ତି, ଶୁକ୍ରବାର ସକାଳେ ମାଛ ଧରିବା ପାଇଁ ପେଣ୍ଠକଟାର କେତେଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ଗଭୀର ସମୁଦ୍ର ମଧ୍ୟକୁ ଯାଇଥିଲେ। ମାଛ ଧରିବା ପାଇଁ ସେମାନେ ସମୁଦ୍ର ମଧ୍ୟରେ ଡଙ୍ଗାର ହାଙ୍ଗର ପକାଇଥିଲେ। ତେବେ ହାଙ୍ଗରଟି ସମୁଦ୍ର ଭିତରେ ମା'ଙ୍କ ପ୍ରତିମୂର୍ତ୍ତି ଲାଗିଥିଲା। ତେବେ ମତ୍ସ୍ୟଜୀବୀମାନେ ଲଙ୍ଗର ଉଠାଇ ପାରି ନ ଥିଲେ। ସେହିଭଳି ଭାବେ କୂଳକୁ ଫେରିଥିଲେ, ମାତ୍ର କୂଳରୁ କିଛି ଦୁରରେ ତାଙ୍କ ଡଙ୍ଗା ଅଟକି ରହିଥିଲା। ଫଳରେ ୩୦ରୁ ୪୦ ଅନ୍ୟ ମତ୍ସ୍ୟଜୀବୀ ଯାଇ ଲୁହା ଓ ରଶି ସାହାର୍ଯ୍ୟରେ ମୂର୍ତ୍ତିକୁ କୂଳକୁ ଆଣିଥିଲେ। ମୂର୍ତ୍ତିକୁ କୂଳକୁ ଆଣିବା ପରେ ଜଣାପଡିଥିଲା ଉକ୍ତ ମୂର୍ତ୍ତି ମା କାଳୀଙ୍କର ଅଟେ। ମୂର୍ତ୍ତିର ଉଚ୍ଚତା ପାଖାପାଖି ୫ ଫୁଟରୁ ଅଧିକ ହେବ । ପରେ ସ୍ଥାନୀୟ ବାସିନ୍ଦା ଉକ୍ତ ମୂର୍ତ୍ତିକୁ ଏକ ବସ୍ତ୍ର ପିନ୍ଧାଇ ରଖିଛନ୍ତି। ମୂର୍ତ୍ତିଟି ପଥର ମୂର୍ତ୍ତି ହୋଇଥିବା ଜଣାପଡିଛି। ତେବେ ପେଣ୍ଠକଟାବାସୀ ମା'ଙ୍କ ପୂଜାର୍ଚ୍ଚନା କରିବେ ବୋଲି କହିଛନ୍ତି। ଅପର ପକ୍ଷରେ ଘଟଣା ଜଣାପଡିବା ପରେ ମୂର୍ତ୍ତିକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିବାରେ ଲାଗିଛି।

# ଶ୍ରୀମନ୍ଦିର ଠିକଣାରେ ନକଲି ଅନୁଷ୍ଠାନ ଗଢ଼ି ପାଞ୍ଜିକୁ ସ୍ୱୀକୃତି

**ଅଭିଯୋଗ ଆଣି ଏତଲା ଦେଲା ଅଖିଳ ଭାରତ ହିନ୍ଦୁ ପରିଷଦ**

**ପୁରୀ ଅଫିସ,୩୧।୩:**

ଶ୍ରୀମନ୍ଦିର ଠିକଣାରେ ନକଲି ଅନୁଷ୍ଠାନ ଗଢି ପାଞ୍ଜିକୁ ସ୍ୱୀକୃତି ଦେଇ ହିନ୍ଦୁ ସମାଜ ପ୍ରତି ବିଶ୍ୱାସ ଘାତକତା କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଖିଳ ଭାରତ ହିନ୍ଦୁ ପରିଷଦ ଦାବି କରିଛି। ଏ ନେଇ ପରିଷଦର ରାଜ୍ୟ ଉପସଭାପତି ସୂର୍ଯ୍ୟ ନାରାୟଣ ରଥ ଥାନାରେ ଏତଲା ଦେଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର ପରିସରସ୍ଥ ମୁକ୍ତିମଣ୍ଡପ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱୟ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ସ୍ୱୀକୃତ ପ୍ରାପ୍ତ ଅନୁଷ୍ଠାନ। ପୁରୀ ଗୋବର୍ଦ୍ଧନ ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉକ୍ତ ଅନୁଷ୍ଠାନ ଦ୍ୱୟର ସ୍ଥାୟୀ ସଭାପତି। ହିନ୍ଦୁ ଧର୍ମାବଲମ୍ବୀମାନେ ମୁକ୍ତିମଣ୍ଡପ ପଣ୍ଡିତସଭା ଦ୍ୱାରା ସ୍ୱୀକୃତ ପଞ୍ଜିକାକୁ ବିଶ୍ୱାସ କରିଥାନ୍ତି। ଏହାର ସୁଯୋଗ ନେଇ କେତେଜଣ ଅପ୍ରାଧିକୃତ ବ୍ୟକ୍ତି ମୁକ୍ତିମଣ୍ଡପ ସଂସ୍କାର କମିଟି ପଣ୍ଡିତ ସଭା, ଶ୍ରୀମନ୍ଦିର ପୁରୀ ଏବଂ ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା ଶ୍ରୀମନ୍ଦିର ପୁରୀ ନାମରେ ଅଣସ୍ୱୀକୃତ ସଙ୍ଗଠନ କରି ଲୋକଙ୍କ ବିଶ୍ୱାସ ଓ ଭାବାବେଗ ସହିତ ଖେଳୁଛନ୍ତି। ଓଡ଼ିଶାରେ ପ୍ରକାଶିତ ଅସଲି ଖଡ଼ିରତ୍ନ ପଞ୍ଜିକାକୁ ଉକ୍ତ ନକଲି ଅନୁଷ୍ଠାନ ଦ୍ୱାରା ସଂଶୋଧିତ ଓ ସ୍ୱୀକୃତ ବୋଲି ସ୍ୱୀକୃତିପତ୍ର ଦେଇଛନ୍ତି, ଯାହା ପଞ୍ଜିକାରେ ଛପାଯାଇଛି। ହିନ୍ଦୁ ସମାଜ ପାଇଁ ଏହା ଭ୍ରମ ସୃଷ୍ଟି କରିଛି। ଉକ୍ତ ସଙ୍ଗଠନର ଶ୍ରୀମନ୍ଦିର ପରିସରରେ କୌଣସି ସ୍ୱତନ୍ତ୍ର ସ୍ଥିତି ନାହିଁ। ଉକ୍ତ ଅନୁଷ୍ଠାନ ନିଜ ସତ୍ତାକୁ ଜାହିର କରିବା ପାଇଁ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟରେ ଶ୍ରୀମନ୍ଦିରର ୮୨ ନମ୍ବର ପ୍ଲଟର ସଂଶୋଧନ ନିମନ୍ତେ ଆବେଦନ କରିଥିଲେ। ମୁଖ୍ୟ ପ୍ରଶାସକ ଏହି ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁଯାୟୀ ପୁନର୍ବିଚାର କରି ୨୦୧୨ରେ ଶ୍ରୀମନ୍ଦିର ଆଇନ୍ ଅନୁଯାୟୀ ବିଚାରଯୋଗ୍ୟ ନୁହେଁ ବୋଲି ଖାରଜ କରିଥିଲେ। ଏଥିସହ ଉଲ୍ଲେଖ କରିଥିଲେ ଯେ, ମୁକ୍ତିମଣ୍ଡପ ସଂସ୍କାର କମିଟି ପଣ୍ଡିତ ସଭା ଶ୍ରୀମନ୍ଦିର ଶ୍ରୀମନ୍ଦିର ପରିସରର କୌଣସି ପ୍ରାଧିକୃତ ଅନୁଷ୍ଠାନ ନୁହେଁ ଏବଂ ଆବେଦନକାରୀ ସେବାୟତ ହୋଇ ନ ଥିବାରୁ ଶ୍ରୀମନ୍ଦିର ଆଇନ ଧାରା ୧୫(ଖ) ଅନୁଯାୟୀ ସଂଶୋଧନ ପାଇଁ ଆବେଦନ କରିବାକୁ ଯୋଗ୍ୟ ବିବେଚିତ ନୁହଁନ୍ତି। ଏହାସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର କରି ଉକ୍ତ ପାଞ୍ଜିକୁ ନକଲି ଅନୁଷ୍ଠାନ ଦ୍ୱାରା ଅନୁମୋଦନପତ୍ର ଦେଇ ବହୁ ଅର୍ଥ ହାତଉଛନ୍ତି। ତେଣୁ ଏ ନେଇ ବିଧିବଦ୍ଧ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରଥ ଦାବି କରିଛନ୍ତି।



ସିଂହଦ୍ୱାର ଥାନାରେ ଅଖିଳ ଭାରତ ହିନ୍ଦୁ ପରିଷଦ ପକ୍ଷରୁ ଅଭିଯୋଗପତ୍ର ଦିଆଯାଉଛି ।

**झारखण्ड सरकार**
**ग्रामीण कार्य विभाग, मुख्य अभियंता का कार्यालय**
102, द्वितीय तल्ला, अभियंत्रण भवन, कचहरी रोड, राँची

**ई–निविदा आमंत्रण सूचना**

ई–निविदा संख्या:- **330/2022-23/RWD/DALTONGANJ** दिनांक :- **31.03.2023**

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ DALTONGANJ / 14/2022-23 | गढ़वा पी0डब्लू0डी0 पथ जगनारायण महतो के होटल से बनखेता मटखार तक पथ निमाण कार्य (लं– 2.050 कि0मी0) | 2,03,73,700.00 | दो करोड़ तीन लाख तिहत्तर हजार सात सौ रू0 मात्र | 12 माह |
| 2. | RWD/ DALTONGANJ / 16/2022-23 | राँची रोड खामडीह से कृष्णा चौधरी के घर होते हुए पुरनाडीह तक पथ निर्माण कार्य (लं– 4.025 कि0मी0) | 3,33,83,100.00 | तीन करोड़ तैंतीस लाख तेरासी हजार एक सौ रू0 मात्र | 15 माह |
| 3. | RWD/ DALTONGANJ / 17/2022-23 | जंघासी खाँच से बनासो मेन रोड तक पथ निर्माण कार्य (लं– 2.850 कि0मी0) | 2,80,48,500.00 | दो करोड़ अस्सी लाख अड़तालीस हजार पाँच सौ रू0 मात्र | 15 माह |
| 4. | RWD/ DALTONGANJ / 18/2022-23 | मेन रोड बृजमोहन सिंह के घर, चरितर सिंह के घर, प्राथमिक विद्यालय देवी मंडप बाबा वीर कुँवर तक पथ निर्माण कार्य (लं– 2.500 कि0मी0) | 2,63,07,300.00 | दो करोड़ तिरसठ लाख सात हजार तीन सौ रू0 मात्र | 15 माह |
| 5. | RWD/ DALTONGANJ / 01/2022-23 | जोगा रेलवे लाईन से जमडीहा भाया करकट्टा तक पथ निर्माण कार्य (लं– 2.700 कि0मी0) | 2,27,21,189.00 | दो करोड़ सताईस लाख इक्कीस हजार एक सौ नवासी रू0 मात्र | 12 माह |
| 6. | RWD/ DALTONGANJ / 22/2022-23 | डंडीला ग्राम में रामजी कहार के घर से हैदरनगर प्रखण्ड के सड़ेया ग्राम आंगनबाड़ी केन्द्र तक पथ निर्माण कार्य (लं– 4.550 कि0मी0) | 4,74,45,500.00 | चार करोड़ चौहत्तर लाख पैंतालीस हजार पाँच सौ रू0 मात्र | 15 माह |
| 7. | RWD/ DALTONGANJ / 23/2022-23 | पिपरा प्रखण्ड के सरैया पंचायत के होलया चेरवा ग्राम आर0सी0डी0 रोड से पुनपुन उदगम स्थल कुंड होते हुए बारा बानाडीह ग्राम तक पथ निर्माण कार्य (लं– 4.200 कि0मी0) | 3,95,32,000.00 | तीन करोड़ पनचानवे लाख बत्तीस हजार रू0 मात्र | 15 माह |
| 8. | RWD/ DALTONGANJ / 24/2022-23 | पी0डब्लू0डी0 रजवाडीह मुख्य पथ से महादेव माड़ा होते हुए खैराही तक पथ निर्माण कार्य (लं– 3.100 कि0मी0) | 3,34,31,700.00 | तीन करोड़ चौंतीस लाख इकतीस हजार सात सौ रू0 मात्र | 15 माह |
| 9. | RWD/ DALTONGANJ / 25/2022-23 | पंचायत आसेहर के पीपल चौक से बनई होते हुए भवरदह सिवान तक पथ निर्माण कार्य (लं– 2.300 कि0मी0) | 2,32,32,500.00 | दो करोड़ बत्तीस लाख बत्तीस हजार पाँच सौ रू0 मात्र | 12 माह |
| 10. | RWD/ DALTONGANJ / 26/2022-23 | उंटारी रोड पिपराखांड़ से लकराही होते हुए प्रतिमांझी तक पथ निर्माण कार्य (लं– 2.000 कि0मी0) | 2,15,40,800.00 | दो करोड़ पन्द्रह लाख चालीस हजार आठ सौ रू0 मात्र | 12 माह |
| 11. | RWD/ DALTONGANJ / 27/2022-23 | खरकटी पी0डब्लू0डी0 पथ से पुल होते हुए बंदन प्रजाप्रति के घर तक पथ निर्माण कार्य (लं– 2. 300 कि0मी0) | 2,14,54,200.00 | दो करोड़ चौदह लाख चौवन हजार दो सौ रू0 मात्र | 12 माह |
| 12. | RWD/ DALTONGANJ / 28/2022-23 | एन0एच0–75 चियांकी सक्रेट हार्ट स्कूल होते हुए कृषि अनुसंधान केन्द्र से पीपल पेड़ होते हुए पंचायत सचिवालय चियांकी से मेन रोड चियांकी पार्क तक पथ का चौड़ीकरण एवं सुदृढ़ीकरण कार्य (लं– 2.868 कि0मी0) | 1,96,57,100.00 | एक करोड़ छियानवे लाख सनतावन हजार एक सौ रू0 मात्र | 12 माह |
| 13. | RWD/ DALTONGANJ / 29/2022-23 | पंचायत दुब के बरवईया बगीचा से गैस गोदाम तक पथ निर्माण कार्य (लं– 2.000 कि0मी0) | 1,94,87,900.00 | एक करोड़ चौरानवे लाख सतासी हजार नौ सौ रू0 मात्र | 12 माह |
| 14. | RWD/ DALTONGANJ / 30/2022-23 | एन0एच0–75 चियांकी रोड से बैगा टोला, चन्द्रिका सिंह के घर एवं दशगात्र मण्डप होते हुए अमरेश यादव के घर तक पथ निर्माण कार्य (लं– 2.030 कि0मी0) | 1,85,50,100.00 | एक करोड़ पचासी लाख पचास हजार एक सौ रू0 मात्र | 12 माह |
| 15. | RWD/ DALTONGANJ / 31/2022-23 | लिढ़की से केकतुआ एवं प्रजाप्रति मुहल्ला होते हुए हरिजन मोहल्ला तक पथ निर्माण कार्य (लं– 1.700 कि0मी0) | 1,68,99,600.00 | एक करोड़ अड़सठ लाख निनानवे हजार छः सौ रू0 मात्र | 12 माह |
| 16. | RWD/ DALTONGANJ / 32/2022-23 | पंचायत तेतरई आर0सी0डी0 मेन रोड धानुक टोला से शेख मुहल्ला होते हुए सांई टोला तीन मुहान तक पथ निर्माण कार्य (लं– 2.100 कि0मी0) | 1,55,72,900.00 | एक करोड़ पचपन लाख बहत्तर हजार नौ सौ रू0 मात्र | 12 माह |
| 17. | RWD/ DALTONGANJ / 33/2022-23 | सूरज पाण्डेय के घर से जय दुबे के घर होते हुए चेड़ाबार मोड़ तक पथ निर्माण कार्य (लं– 2.100 कि0मी0) | 1,55,08,100.00 | एक करोड़ पचपन लाख आठ हजार एक सौ रू0 मात्र | 12 माह |
| 18. | RWD/ DALTONGANJ / 34/2022-23 | हरिहर प्रजाप्रति के घर से कुम्हार टोला होते हुए वृन्दावन तिवारी के घर तक पथ निर्माण कार्य (लं– 1.570 कि0मी0) | 1,46,70,500.00 | एक करोड़ छियालीस लाख सत्तर हजार पाँच सौ रू0 मात्र | 09 माह |
| 19. | RWD/ DALTONGANJ / 35/2022-23 | ग्राम पहलदेवा आजाद बिगहा से कालीपुर देवी स्थान तक पथ निर्माण कार्य (लं– 1.500 कि0मी0) | 1,24,61,200.00 | एक करोड़ चौबीस लाख इकसठ हजार दो सौ रू0 मात्र | 09 माह |
| 20. | RWD/ DALTONGANJ / 36/2022-23 | मेन रोड आर0ई0ओ0 मोड़ से मनोज चौरसिया के घर एवं राजबिहारी चौरसिया के घर होते हुए छप्परदागा सिवाना तक पथ निर्माण कार्य (लं– 1. 200 कि0मी0) | 1,20,63,900.00 | एक करोड़ बीस लाख तिरसठ हजार नौ सौ रू0 मात्र | 09 माह |
| 21. | RWD/ DALTONGANJ / 20/2022-23 | चेड़ी धाम (बदला) से दरूआ पुल तक पथ निर्माण कार्य (लं– 3.200 कि0मी0) | 3,11,13,330.00 | तीन करोड़ ग्यारह लाख तेरह हजार तीन सौ तीस रू0 मात्र | 15 माह |
| 22. | RWD/ DALTONGANJ / 13/2022-23 | कुराईन पतरा में रूपदेव साव के घर से कुराईन पतरा नवलेश मेहता के घर होते हुए मेन रोड तक पथ निर्माण कार्य (लं– 2.250 कि0मी0) | 1,44,63,800.00 | एक करोड़ चौवालीस लाख तिरसठ हजार आठ सौ रू0 मात्र | 09 माह |

2. वेबसाईट में निविदा प्रकाशन की तिथि:– **10.04.2023**
3. ई–निविदा प्राप्ति की अंतिम तिथि एवं समय:– **21.04.2023** अपराह्न 5.00 बजे तक।
4. **(क)** मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा **(ख)** जिला नियंत्रण कक्ष, **राँची** अथवा **(ग)** जिला नियंत्रण कक्ष, **डालटनगंज** में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– **24.04.2023** अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (24.04.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:– **25.04.2023** अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, **डालटनगंज** के पक्ष में एवं **डालटनगंज** में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युर्मेन्ट सेल

PR 294203 (Rural Work Department) 22-23 (D)

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା: ବୃଦ୍ଧ ମୃତ

**ନିଶ୍ଚିନ୍ତକୋଇଲି,୩୧।୩(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ଅନ୍ତର୍ଗତ ୮ନଂ. କେନାଲ ବନ୍ଧ ରାସ୍ତାର ଶନିଶ୍ୱର ମନ୍ଦିର ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଶୁକ୍ରବାର ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ଜଣକ ହେଲେ ବୁହାଲୋ ପଞ୍ଚାୟତ ଅନ୍ତର୍ଗତ ଜମରା ଗ୍ରାମର ବଂଶୀଧର ମହାନ୍ତି(୮୦)। ସେ ସାଇକେଲ ଯୋଗେ ନିଜ ଘରକୁ ଫେରୁଥିବାବେଳେ ଦ୍ରୁତ ଗତିରେ ଯାଉଥିବା ଏକ ପିକ୍‌ଅପ ଭ୍ୟାନ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ମହାନ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ବଂଶୀଧର ଭାଇ କାଙ୍ଗାଳୀ ଚରଣ ମହାନ୍ତି ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ଏହାପରେ ପୋଲିସ ମୃତଦେହ ଜବତ କରି ମାମଲା ( ନଂ. ୬୩/୨୩) ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି।

### ବାର୍‌ହା ଆକ୍ରମଣରେ ଚାଷୀ ଗୁରୁତର

ବାଙ୍କୀ, ୩୧। ୩ (ସ୍ୱ.ପ୍ର.)- ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ବିଲିପଡା ପଞ୍ଚାୟତସ୍ଥିତ ଓସ୍ତପୁର ଗ୍ରାମର ଦ୍ୱିଜବର ରାଉତ (୫୦) ଶୁକ୍ରବାର ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଙ୍କୀ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରାଉତ ଡାଲୁଅ ଜମିକୁ ଯାଉଥିବାବେଳେ ଏକ ବାର୍‌ହା ପଛପଟୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ଜଙ୍ଗଲ ବିଭାଗ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହୋଇଛି।

### ଗ୍ରୀଷ୍ମ ଅବକାଶରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ

**ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ-ଅଭିଭାବକ ବୈଠକ**

**ସାଲେପୁର,୩୧।୩(ଡି. ଏନ.ଏ):** ସାଲେପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ-ଅଭିଭାବକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଅଭିଭାବିକା ବୀଣାପାଣି ବେହେରା ପୌରୋହିତ୍ୟ କରିଥିଲେ। ବୈଠକରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ଓ ବିଭିନ୍ନ ବିକାଶ ଦିଗରେ ଆଲୋଚନା ହୋଇଥିଲା। ଏହି ଅବସରରେ କିଭଳି ଛାତ୍ରୀଛାତ୍ରମାନଙ୍କ ଅଧିକ ଉନ୍ନତି ହୋଇପାରିବ, ଆଗତ ଶିକ୍ଷାବର୍ଷର ପାଠପଢ଼ା ଯୋଜନା, ଗ୍ରୀଷ୍ମ ଅବକାଶରେ କେମିତି ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହ ଜଡ଼ିତ ରଖାଯିବ ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷୟିତ୍ରୀ ରିହାନା ଅକ୍ତର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେହେରା, ଶ୍ରୀପଦ୍ମା ଦେବତା, ସ୍ୱର୍ଣ୍ଣପ୍ରଭା ନନ୍ଦ, ଲକ୍ଷ୍ମୀଧର ଦାସ, ବିବେକାନନ୍ଦ ବେହେରା, ଜାହିଦା ବିବି ପ୍ରମୁଖ ଉପସ୍ଥିତ ଥିଲେ । କଳା ଶିକ୍ଷକ ପ୍ରତାପ ସାହୁ ଧନ୍ୟବାଦ ଦେଇଥିଲେ।

# କଟକ ଜିଲାପାଳ, ପିସିସିଏଫ୍‌ଙ୍କୁ ରିପୋର୍ଟ ତଲବ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

**ବଡ଼ମ୍ବା ବନ ବିଭାଗ ହେପାଜତରେ ଧନେଶ୍ୱରଙ୍କ ମୃତ୍ୟୁ ଘଟଣା**

**୪ ସପ୍ତାହ ମଧରେ ରିପୋର୍ଟ ଦାଖଲ ପାଇଁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ**

କଟକ ଜିଲା ବଡ଼ମ୍ବା ବନ ବିଭାଗ ହେପାଜତରେ ସ୍ଥାନୀୟ ଅଞ୍ଚଳର ଧନେଶ୍ୱର ବେହେରା (୫୯)ଙ୍କ ମୃତ୍ୟୁ ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ କମିଶନ କଟକ ଜିଲାପାଳ ଏବଂ ପିସିସିଏଫ୍ (ପ୍ରଧାନ ମୁଖ୍ୟ ବନ ସଂରକ୍ଷକ)ଙ୍କୁ ଶୁକ୍ରବାର ରିପୋର୍ଟ ତଲବ କରିଛନ୍ତି। ଘଟଣାର ତଦନ୍ତ କରି ୪ ସପ୍ତାହ ମଧରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବଡ଼ମ୍ବା ଥାନା ଅନ୍ତର୍ଗତ ସାତଗୋଛିଆ ଗ୍ରାମର ଧନେଶ୍ୱରଙ୍କ ସମେତ ଅନ୍ୟ ୩ଜଣଙ୍କୁ ଫେବୃୟାରୀ ୫ରେ ବନ ବିଭାଗ କର୍ମଚାରୀମାନେ ଉଠାଇ ନେଇଥିଲେ। ବଡ଼ମ୍ବା ବନାଞ୍ଚଳ ଅନ୍ତର୍ଗତ ହିଡିଣ୍ଡା ସଂରକ୍ଷିତ ଜଙ୍ଗଲରେ ସେମାନେ ହାତୀ ଶିକାର କରିଥିବା ଅଭିଯୋଗରେ ସମସ୍ତଙ୍କୁ ପଚରାଉଚରା କରାଯାଇଥିଲା। ସମସ୍ତଙ୍କୁ ବନ କର୍ମଚାରୀମାନେ ନିସ୍ତୁକ ମାଡ଼ ମାରିଥିଲେ। ପରେ ବନବିଭାଗ ହେପାଜତରେ ଥିବା ସମୟରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଧନେଶ୍ୱରଙ୍କୁ ବନ କର୍ମଚାରୀମାନେ ପିଟି ହତ୍ୟା କରିଥିବା ସ୍ତ୍ରୀ ତୁଳସୀ ବେହେରା ବଡ଼ମ୍ବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୨୫/୨୦୨୩) ରୁଜୁ କରି ବଡ଼ମ୍ବା ରେଞ୍ଜରଙ୍କ ସମେତ ୬ଜଣ ବନ କର୍ମଚାରୀଙ୍କୁ ଗିରଫ କରିଥିଲା। ଏନେଇ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ମାନବାଧିକାର କର୍ମୀ ଅଖଣ୍ଡ ଅଭିଯୋଗ କରିଥିଲେ। ସମ୍ପୃକ୍ତ ବନ କର୍ମଚାରୀ ଏବଂ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଧନେଶ୍ୱରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦେବାକୁ ଅଖଣ୍ଡ କମିଶନଙ୍କୁ ନିବେଦନ କରିଥିଲେ।


ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ନିଷ୍କାମ ଭକ୍ତିରେ ଈଶ୍ୱରଙ୍କ ସାନ୍ନିଧ ପ୍ରାପ୍ତି

**ତିଗିରିଆ, ୩୧।୩(ସ୍ୱ.ପ୍ର.)**

**ଶ୍ରୀରଘୁନାଥ ଜୀଉ ନବମୀ ପରିଷଦର ସୁବର୍ଣ୍ଣ ଜୟନ୍ତୀ**

ରାମ ନାମ ଅତ୍ୟନ୍ତ ଶକ୍ତିଶାଳୀ। ତୁଣ୍ଡରେ ରାମ ନାମ ମଣିଷକୁ ମୁକ୍ତି ପ୍ରଦାନ କରିଥାଏ। ନିଷ୍କାମ ଭକ୍ତିରେ ଈଶ୍ୱରଙ୍କ ସାନିଧ ପ୍ରାପ୍ତି ହୋଇଥାଏ। ତିଗିରିଆ ବ୍ଲକ ଗଦାଧରପୁର ରଘୁନାଥ ଜୀଉଙ୍କ ପୀଠରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ରାମ ନବମୀ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଏହା କହିଛନ୍ତି। ଶ୍ରୀ ରଘୁନାଥ ଜୀଉ ନବମୀ ପରିଷଦ ପକ୍ଷରୁ ପୀଠ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ବିଶାରଦ ତଥା କଳାଗୁରୁ ଦୁଃଶାସନ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଏଥିରେ ସ୍ୱାଇଁଙ୍କ ସହ ମୁଖ୍ୟବକ୍ତାଭାବେ ଡ. ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ସୁଚିତ୍ରା ଜେନା, ଜିଲାପରିଷଦ ସଦସ୍ୟା ସସ୍ମିତା ରାଉତ, ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ଆମ୍ବ କମିଟି ଅଧକ୍ଷା ହରେନ୍ଦ୍ର ଦଳେଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଘାତ ପ୍ରତିଘାତ ମଧ୍ୟରେ ଏହି ଆଧାତ୍ମିକ ଅନୁଷ୍ଠାନର ୫୦ ବର୍ଷର ଯାତ୍ରାକୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ରଘୁନାଥ ଜୀଉ ନବମୀ ପରିଷଦର ସଭାପତି ଧନେଶର ସ୍ୱାଇଁ, ସମ୍ପାଦକ ସୁଦାମ ସ୍ୱାଇଁ, ବୈକୁଣ୍ଠ ବିହାରୀ ସ୍ୱାଇଁ, ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସମେତ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଶ୍ରୀ ଶ୍ରୀ ମହାବୀରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ମାହାଙ୍ଗା,୩୧।୩(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତର ମହାବୀର କୃପା ପରିଷଦ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ଶ୍ରୀ ଶ୍ରୀ ମହାବୀରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ରୀତିନୀତି ଅନୁଯାୟୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗୋ-ପୂଜା, ସୂର୍ଯ୍ୟ ପୂଜା, ବେଦ ପାଠ, ଶ୍ରୀରାମଚନ୍ଦ୍ରଙ୍କ ୧୦୮ ଆହୁତି, ଘୃତ୍ୟାଭିଷେକ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତାଭାବେ ରଞ୍ଜନ କୁମାର ରାଉତ, କର୍ତ୍ତ୍ରୀଭାବେ ସସ୍ମିତା ରାଉତ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକଭାବେ ବରିଷ୍ଠ ନୃସିଂହ ଚରଣ ମିଶ୍ର ଓ ତାଙ୍କ ସହଯୋଗୀମାନେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କମିଟିର ସଭାପତି ମହେଶ୍ୱର ସ୍ୱାଇଁଙ୍କ ସମେତ ଅବିଭକ୍ତ ଓଷଙ୍ଗ ପଞ୍ଚାୟତର ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ମନ୍ଦିର ପରିବେଶକୁ ସୁସଜ୍ଜିତ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# କ୍ଷତିଗ୍ରସ୍ତ ଚାଷୀ ପରିବାରକୁ ବୀମା ସହାୟତା


ବାର୍ଷିକ ସଭରେ ଯୋଗଦେଇଥିବା ସମବାୟ ସମିତିର ସଦସ୍ୟମାନେ।

**ମାଣିଆବନ୍ଧ,୩୧।୩(ଡି.ଏନ.ଏ)**

**ମାଣିଆବନ୍ଧ ସେବା ସମବାୟ ସମିତି ବାର୍ଷିକ ସଭା**

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ମାଣିଆବନ୍ଧ ସେବା ସମବାୟ ସମିତିର ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ଦାଶରଥି ପ୍ରଧାନ ସଭାପତିତ୍ୱ କରିଥିଲେ। ସଭାରେ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବବ୍ରୁବାହାନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ସରକାର ଚାଷୀଙ୍କ ପାଇଁ ସମବାୟ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଋଣ ଯୋଗାଣ ତଥା କ୍ଷତିଗ୍ରସ୍ତ ଚାଷୀ ପରିବାରକୁ ବୀମା ସହାୟତା ଏବଂ କୃଷି ବୀମା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ ସଭାରେ ୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ଆୟବ୍ୟୟ ଅଟକଳ ଅନୁମୋଦନ ହୋଇଥିଲ। ଅନ୍ୟମାନଙ୍କ ମଧ୍ୟରେ ସମିତି ପରିଚାଳନା ସଭ୍ୟ ଶ୍ରୀକାନ୍ତ ଜେନା, ସତ୍ପ୍ରେଶର ରାଉତ, ଅରକ୍ଷିତ ସ୍ୱାଇଁ, ନାରାୟଣ ପତି, ବଟକୃଷ୍ଣ ପ୍ରଧାନ, ବାବୁଲି ଦାସ, ପ୍ରସନ୍ନ ପାତ୍ର, ପ୍ରସନ୍ନ ଦତ୍ତ, ତ୍ରିଲୋଚନ ପରିଡା, ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ସମ୍ପାଦକ ଶରତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ବ୍ୟାଙ୍କିଙ୍ଗ୍ ସେବା, ଋଣ ସମ୍ବନ୍ଧୀୟ କର୍ମଶାଳା

**ବାଙ୍କୀ, ୩୧। ୩(ସ୍ୱ.ପ୍ର.)**

**୫ ଚାଷୀ ସମ୍ବର୍ଦ୍ଧିତ**

ଡମପଡ଼ା ବ୍ଲକ ଅନ୍ତର୍ଗତ ନିସ୍ତିପୁର ଅରାଚଣ୍ଡୀ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମିତି ସଭାପତି ଜୟଦେବ ଜେନା ଅଧକ୍ଷତା କରିଥିବା ବେଳେ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହ ଅଡିଟ ରିପୋର୍ଟ ଉପସ୍ଥାପନ କରିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ସମିତି ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ଜରିଆରେ ଚାଷୀମାନଙ୍କୁ ବିଭିନ୍ନ ଋଣ ପ୍ରଦାନ କରି ସେମାନଙ୍କର ଜୀବନ ଧାରଣର ମାନବୃଦ୍ଧି କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଘାସିପୁଟର ଚାଷୀ ଗୋଲକ ବିହାରୀ ଜେନା, ଶିବପ୍ରସାଦ ରଥ ଓ ନିସ୍ତିପୁରର ଡମ୍ବୁରଧର ରାଉତ, ପ୍ରେମାନନ୍ଦ ପରିଡା, ଇନ୍ଦୁମତୀ ପାଟଣାର ଉର୍ମିଳା ଉପାଧ୍ୟାୟ , ଋଷି ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଶାନ୍ତିଲତା ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଳପୋଖରୀରେ ବାସନ୍ତିକ ଦୁର୍ଗାପୂଜା ଉଦ୍‌ଯାପିତ

**ମାହାଙ୍ଗା, ୩୧।୩(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ପୁରାଣ ପ୍ରସିଦ୍ଧ ଶକ୍ତିପୀଠ ନାହାଙ୍ଗ ଗୁପ୍ତ କାଳନ୍ଦୀ କ୍ଷେତ୍ର ତାଳପୋଖରୀ ଅନନ୍ତ ଆଶ୍ରମରେ ଚାଲିଥିବା ବାସନ୍ତିକ ଦୁର୍ଗା ପୂଜା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ତାଳପୋଖରୀ ଉନ୍ନୟନ ପରିଷଦ ଓ ନାହାଙ୍ଗ ଗ୍ରାମବାସୀଙ୍କ ସହଯୋଗରେ ୨୬ ମାର୍ଚ୍ଚରୁ ଆୟୋଜିତ ଏହି ବାସନ୍ତୀକ ଦୁର୍ଗା ପୂଜାରେ ପ୍ରତ୍ୟେହ ବହୁ ଭକ୍ତଙ୍କ ସମାଗମ ହେଉଥିଲା। ପ୍ରତିଦିନ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ସନ୍ଧ୍ୟାରେ ଭଜନ ପରିବେଷଣ କରାଯିବା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାର ରାତିରେ ଏନେଇ ଚାଲିଥିବା ଯଜ୍ଞର ପୂର୍ଣ୍ଣାହୂତି ହୋଇଯାଇଛି। ଏଥିରେ କର୍ତ୍ତାଭାବେ ଜ୍ୟୋତିରଞ୍ଜନ ମହାନ୍ତି ଯୋଗଦେଇଥିବାବେଳେ ପୂଜକ ଭାବେ ଭଜକୃଷ୍ଣ ମିଶ୍ର, ଶ୍ରୀମନ୍ତ ରଥ, ଜଗଦିଶ ପ୍ରସାଦ ନନ୍ଦ, ସୌମ୍ୟରଞ୍ଜନ ପ୍ରହରାଜ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପରିଷଦର ଅଧକ୍ଷ ଦେବରଞ୍ଜନ ମହାନ୍ତି ଏଥିରେ ସହଯୋଗ କରିଥିଲେ।



### ଉପନ୍ୟାସ 'ପିହୁ ପିହୁ' ଉନ୍ମୋଚିତ

**କଟକ ଅଫିସ, ୩୧।୩:** କଥାଶିଳ୍ପୀ ଡାକ୍ତର ସୁଲେଖା ମିଶ୍ରଙ୍କ ଦ୍ୱିତୀୟ ଉପନ୍ୟାସ 'ପିହୁ ପିହୁ' କଟକ ଶ୍ରୀରାମଚନ୍ଦ୍ର ଭବନରେ ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଇଂ. ରାଜେନ୍ଦ୍ର ନାରାୟଣ ଦାସ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଅବସରରେ ଦାସ କହିଥିଲେ, ଯୁବପିଢ଼ିର ସାରସ୍ୱତ ସାଧକମାନେ ନିଷ୍ଠାର ସହ ସାରସ୍ୱତ କର୍ମରେ ବ୍ରତୀ ହେବା ସମୟର ବଡ଼ ଆହ୍ୱାନ। ସେହିପରି ସମ୍ମାନିତ ଅତିଥି କବି ପିନାକୀ ସିଂହ କହିଥିଲେ, 'ପିହୁ ପିହୁ' ଏକ ଭିନ୍ନ ବିଚାରଭଙ୍ଗୀକୁ ପ୍ରକାଶ କରିଛି। ଅନ୍ୟତମ ସମ୍ମାନିତ ଅତିଥି ଡ. ଜ୍ଞାନୀ ଦେବାଶିଷ ମିଶ୍ର ଉପନ୍ୟାସର କାହାଣୀ, ଭାଷାଶୈଳୀ ଓ ଲେଖିକାଙ୍କ ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଅଧାପକ ପ୍ରସନ୍ନ କୁମାର ସ୍ୱାଇଁ କହିଥିଲେ, ଉପନ୍ୟାସରେ ଲେଖିକା ପାତ୍ରୋପଯୋଗୀ ଭାଷା ଓ କାହାଣୀ ଉପଯୋଗୀ ଭାଷା ସୁସଂଯୋଜିତ କରିବାରେ ସଫଳ ହୋଇଛନ୍ତି। ଲେଖିକା ସୁଲେଖା ମିଶ୍ର ଲେଖକୀୟ ଅନୁଭବ ପ୍ରକାଶ କରିଥିଲେ। ସୁଧୀର କୁମାର ନାୟକ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଦିଲୀପ କୁମାର ମିଶ୍ର ଅତିଥି ଅର୍ଚ୍ଚନା, ଦେବେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ, ଡ. ବସନ୍ତ କୁମାରୀ ନନ୍ଦ ମନ୍ତ୍ରପାଠ ଓ ପ୍ରକାଶକ ରନୁପ କେତନ ବେହେରା ଧନ୍ୟବାଦ ଦେଇଥିଲେ। ଆଶାବରୀ ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ ଓ ଅଜିତ୍ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଡ଼ମ୍ବାରେ ବସ୍‌ଷ୍ଟାଣ୍ଡ, ମିନି ଷ୍ଟାଡିୟମ ନିର୍ମାଣରେ ବିଳମ୍ବ

**ବଡ଼ମ୍ବା,୩୧।୩(ଡି.ଏନ.ଏ.)**

- ପ୍ରତିବାଦରେ ଅନଶନ
- ପ୍ରଶାସନର ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ବଡ଼ମ୍ବାରେ ବସ୍‌ଷ୍ଟାଣ୍ଡ ଓ ମିନି ଷ୍ଟାଡିୟମ ନିର୍ମାଣରେ ବିଳମ୍ବ ଘଟୁଛି। ଏହାର ପ୍ରତିବାଦରେ ସାମାଜିକ କର୍ମୀ ଚିନ୍ମୟ ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନଶନ କରାଯାଇଥିବାବେଳେ ପ୍ରଶାସନର ପ୍ରତିଶ୍ରୁତି ପରେ ତାହା ପ୍ରତ୍ୟାହୃତ ହୋଇଛି। ଆସନ୍ତା ୫ ତାରିଖରେ ମିନିଷ୍ଟାଡିୟମ ପାଇଁ ପୂର୍ବରୁ ନିର୍ଣ୍ଣୟ ହେଇଥିବା ଜାଗା ମପା ଯିବ ଓ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ତହସିଲଦାର, ବିଡିଓ ଲିଖିତ ଭାବେ ପ୍ରତିଶ୍ରୁତି ଦେବାପରେ ରାତି ପ୍ରାୟ ୧୦ଟାରେ ଆନ୍ଦୋଳନ ହଟିଛି।

ଉପରୋକ୍ତ ସମସ୍ୟାକୁ ନେଇ ଅନଶନ କରାଯିବ ବୋଲି ରାଜ୍ୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇ ଦିଆଯାଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ଏଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଥିଲା।


ପ୍ରଶାସନିକ ଅଧିକାରୀମାନେ ଅନଶନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଅନଶନସ୍ଥଳରେ ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରା, ବିଡିଓ ରମେଶ କୁମାର ଜେନା, ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ ଓ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନବ କିଶୋର ମିଶ୍ର ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପ୍ରାୟ ୩ ଦିନ ପୂର୍ବରୁ ଜିଲାପାଳ ନିଜେ ଆସି ଭିତ୍ତିଭୂମି ଯାଞ୍ଚ କରିବା ସହିତ ପ୍ରଶାସନିକସ୍ତରରେ ଏହା ଉପରେ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ। ମାତ୍ର ସନ୍ତୋଷ ଜନକ ପଦକ୍ଷେପ ନ ନେବା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ହଟିବେ ନାହିଁ ରୋକଠୋକ ମନା କରିଥିଲେ। ଆଇନଜୀବୀ କୈଳାସ ଚନ୍ଦ୍ର ଜେନା ଓ ଏମ୍‌ପିଙ୍କ ପ୍ରତିନିଧି ଦୀପକ ସାହୁ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନା ବିଫଳ ହେବାପରେ ପ୍ରଶାସନିକ ଅଧିକାରୀମାନେ ଫେରିଯାଇଥିଲେ। ପୁଣି ରାତିରେ ଆସି ଏହାର ସମାଧାନ କରିଛନ୍ତି।

ପ୍ରକାଶ ଥାଉକି, ସଦର ମହକୁମା ବଡ଼ମ୍ବାଠାରେ ବସ୍ ଷ୍ଟାଣ୍ଡ ଓ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ ହେବା ସହିତ ଜାଗା ମଧ୍ୟ ଚିହ୍ନଟ ହୋଇଥିଲା। ମାତ୍ର ପ୍ରଶାସନିକ ଅବହେଳାରୁ ଉକ୍ତ କାର୍ଯ୍ୟ ଦ୍ୱୟର ନିର୍ମାଣରେ ବିଳମ୍ବ ଦେଖାଯାଇଛି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଜିଦ୍ ଧରିଥିଲେ।

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई-निविदा आमंत्रण सूचना

ई-निविदा संख्या:- 330/2022-23/RWD/DALTONGANJ दिनांक :- 31.03.2023

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ DALTONGANJ / 14/2022-23 | गढ़वा पी0डब्लू0डी0 पथ जगनारायण महतो के होटल से बनखेता मटखार तक पथ निमाण कार्य (लं- 2.050 कि0मी0) | 2,03,73,700.00 | दो करोड़ तीन लाख तिहत्तर हजार सात सौ रू0 मात्र | 12 माह |
| 2. | RWD/ DALTONGANJ / 16/2022-23 | राँची रोड खामडीह से कृष्णा चौधरी के घर होते हुए पुरनाडीह तक पथ निर्माण कार्य (लं- 4.025 कि0मी0) | 3,33,83,100.00 | तीन करोड़ तैंतीस लाख तेरासी हजार एक सौ रू0 मात्र | 15 माह |
| 3. | RWD/ DALTONGANJ / 17/2022-23 | जंघासी खोंच से बनासो मेन रोड तक पथ निर्माण कार्य (लं- 2.850 कि0मी0) | 2,80,48,500.00 | दो करोड़ अस्सी लाख अड़तालीस हजार पाँच सौ रू0 मात्र | 15 माह |
| 4. | RWD/ DALTONGANJ / 18/2022-23 | मेन रोड बृजमोहन सिंह के घर, चरितर सिंह के घर, प्राथमिक विद्यालय देवी मंडप बाबा वीर कुँवर तक पथ निर्माण कार्य (लं- 2.500 कि0मी0) | 2,63,07,300.00 | दो करोड़ तिरसठ लाख सात हजार तीन सौ रू0 मात्र | 15 माह |
| 5. | RWD/ DALTONGANJ / 01/2022-23 | जोगा रेलवे लाईन से जमडीहा भाया करकट्टा तक पथ निर्माण कार्य (लं- 2.700 कि0मी0) | 2,27,21,189.00 | दो करोड़ सताईस लाख इक्कीस हजार एक सौ नवासी रू0 मात्र | 12 माह |
| 6. | RWD/ DALTONGANJ / 22/2022-23 | डंडीला ग्राम में रामजी कहार के घर से हैदरनगर प्रखण्ड के सड़ेया ग्राम आंगनबाड़ी केन्द्र तक पथ निर्माण कार्य (लं- 4.550 कि0मी0) | 4,74,45,500.00 | चार करोड़ चौहत्तर लाख पैंतालीस हजार पाँच सौ रू0 मात्र | 15 माह |
| 7. | RWD/ DALTONGANJ / 23/2022-23 | पिपरा प्रखण्ड के सरैया पंचायत के होलया चेरवा ग्राम आर0सी0डी0 रोड से पुनपुन उदगम स्थल कुंड होते हुए बारा बानाडीह ग्राम तक पथ निर्माण कार्य (लं- 4.200 कि0मी0) | 3,95,32,000.00 | तीन करोड़ पनचानवे लाख बत्तीस हजार रू0 मात्र | 15 माह |
| 8. | RWD/ DALTONGANJ / 24/2022-23 | पी0डब्लू0डी0 रजवाडीह मुख्य पथ से महादेव माड़ा होते हुए खैराही तक पथ निर्माण कार्य (लं- 3.100 कि0मी0) | 3,34,31,700.00 | तीन करोड़ चौंतीस लाख इकतीस हजार सात सौ रू0 मात्र | 15 माह |
| 9. | RWD/ DALTONGANJ / 25/2022-23 | पंचायत आसेहर के पीपल चौक से बनई होते हुए भवरदह सिवान तक पथ निर्माण कार्य (लं- 2.300 कि0मी0) | 2,32,32,500.00 | दो करोड़ बत्तीस लाख बत्तीस हजार पाँच सौ रू0 मात्र | 12 माह |
| 10. | RWD/ DALTONGANJ / 26/2022-23 | उंटारी रोड पिपराखांड़ से लकराही होते हुए प्रतिमांझी तक पथ निर्माण कार्य (लं- 2.000 कि0मी0) | 2,15,40,800.00 | दो करोड़ पन्द्रह लाख चालीस हजार आठ सौ रू0 मात्र | 12 माह |
| 11. | RWD/ DALTONGANJ / 27/2022-23 | खरकटी पी0डब्लू0डी0 पथ से पुल होते हुए बंदन प्रजाप्रति के घर तक पथ निर्माण कार्य (लं- 2. 300 कि0मी0) | 2,14,54,200.00 | दो करोड़ चौदह लाख चौवन हजार दो सौ रू0 मात्र | 12 माह |
| 12. | RWD/ DALTONGANJ / 28/2022-23 | एन0एच0-75 चियांकी सक्रेट हार्ट स्कूल होते हुए कृषि अनुसंधान केन्द्र से पीपल पेड़ होते हुए पंचायत सचिवालय चियांकी से मेन रोड चियांकी पार्क तक पथ का चौड़ीकरण एवं सुदृढ़ीकरण कार्य (लं- 2.868 कि0मी0) | 1,96,57,100.00 | एक करोड़ छियानवे लाख सनतावन हजार एक सौ रू0 मात्र | 12 माह |
| 13. | RWD/ DALTONGANJ / 29/2022-23 | पंचायत दुब के बरवईया बगीचा से गैस गोदाम तक पथ निर्माण कार्य (लं- 2.000 कि0मी0) | 1,94,87,900.00 | एक करोड़ चौरानवे लाख सतासी हजार नौ सौ रू0 मात्र | 12 माह |
| 14. | RWD/ DALTONGANJ / 30/2022-23 | एन0एच0-75 चियांकी रोड से बैगा टोला, चन्द्रिका सिंह के घर एवं दशगात्र मण्डप होते हुए अमरेश यादव के घर तक पथ निर्माण कार्य (लं- 2.030 कि0मी0) | 1,85,50,100.00 | एक करोड़ पचासी लाख पचास हजार एक सौ रू0 मात्र | 12 माह |
| 15. | RWD/ DALTONGANJ / 31/2022-23 | लिढ़की से केकतुआ एवं प्रजाप्रति मुहल्ला होते हुए हरिजन मोहल्ला तक पथ निर्माण कार्य (लं- 1.700 कि0मी0) | 1,68,99,600.00 | एक करोड़ अड़सठ लाख निनानवे हजार छः सौ रू0 मात्र | 12 माह |
| 16. | RWD/ DALTONGANJ / 32/2022-23 | पंचायत तेतरई आर0सी0डी0 मेन रोड धानुक टोला से शेख मुहल्ला होते हुए सांई टोला तीन मुहान तक पथ निर्माण कार्य (लं- 2.100 कि0मी0) | 1,55,72,900.00 | एक करोड़ पचपन लाख बहत्तर हजार नौ सौ रू0 मात्र | 12 माह |
| 17. | RWD/ DALTONGANJ / 33/2022-23 | सूरज पाण्डेय के घर से जय दुबे के घर होते हुए चेड़ाबार मोड़ तक पथ निर्माण कार्य (लं- 2.100 कि0मी0) | 1,55,08,100.00 | एक करोड़ पचपन लाख आठ हजार एक सौ रू0 मात्र | 12 माह |
| 18. | RWD/ DALTONGANJ / 34/2022-23 | हरिहर प्रजाप्रति के घर से कुम्हार टोला होते हुए वृन्दावन तिवारी के घर तक पथ निर्माण कार्य (लं- 1.570 कि0मी0) | 1,46,70,500.00 | एक करोड़ छियालीस लाख सत्तर हजार पाँच सौ रू0 मात्र | 09 माह |
| 19. | RWD/ DALTONGANJ / 35/2022-23 | ग्राम पहलदेवा आजाद बिगहा से कालीपुर देवी स्थान तक पथ निर्माण कार्य (लं- 1.500 कि0मी0) | 1,24,61,200.00 | एक करोड़ चौबीस लाख इकसठ हजार दो सौ रू0 मात्र | 09 माह |
| 20. | RWD/ DALTONGANJ / 36/2022-23 | मेन रोड आर0ई0ओ0 मोड़ से मनोज चौरसिया के घर एवं राजबिहारी चौरसिया के घर होते हुए छप्परदागा सिवाना तक पथ निर्माण कार्य (लं- 1. 200 कि0मी0) | 1,20,63,900.00 | एक करोड़ बीस लाख तिरसठ हजार नौ सौ रू0 मात्र | 09 माह |
| 21. | RWD/ DALTONGANJ / 20/2022-23 | चेड़ी धाम (बंदला) से दरूआ पुल तक पथ निर्माण कार्य (लं- 3.200 कि0मी0) | 3,11,13,330.00 | तीन करोड़ ग्यारह लाख तेरह हजार तीन सौ तीस रू0 मात्र | 15 माह |
| 22. | RWD/ DALTONGANJ / 13/2022-23 | कुराईन पतरा में रूपदेव साव के घर से कुराईन पतरा नवलेश मेहता के घर होते हुए मेन रोड तक पथ निर्माण कार्य (लं- 2.250 कि0मी0) | 1,44,63,800.00 | एक करोड़ चौवालीस लाख तिरसठ हजार आठ सौ रू0 मात्र | 09 माह |

2. वेबसाईट में निविदा प्रकाशन की तिथि:- **10.04.2023**
3. ई-निविदा प्राप्ति की अंतिम तिथि एवं समय:- **21.04.2023** अपराह्न 5.00 बजे तक।
4. **(क)** मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा **(ख)** जिला नियंत्रण कक्ष, **राँची** अथवा **(ग)** जिला नियंत्रण कक्ष, **डालटनगंज** में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:- **24.04.2023** अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन- 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (24.04.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:- **25.04.2023** अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:- मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन- 834001
8. ई-निविदा प्रकोष्ठ का दूरभाष सं0- 0651-2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, **डालटनगंज** के पक्ष में एवं **डालटनगंज** में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई-प्रोक्युर्मेन्ट सेल

PR 294203 (Rural Work Department) 22-23 (D)

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶା ଦିବସ, ଭୁବନେଶ୍ୱର କ୍ଲବ, ସକାଳ ୭ଟା।
- ସାରଳା ଭାଷା ସାହିତ୍ୟ ଏବଂ ପୁରାତତ୍ତ୍ୱ ଗବେଷଣା ନ୍ୟାସ, ଗୁରୁକେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ସକାଳ ୯ଟାରୁ ଆରମ୍ଭ।
- ଓଡ଼ିଏମ୍ ସ୍କୁଲ ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍କୁଲ ପରିସର, ପଟିଆ, ସକାଳ ୯ଟା।
- ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀଶିଳ୍ପ ବଜାର, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ଜାତି ନନ୍ଦିଘୋଷ କନ୍‌କ୍ଲେଭ୍-୨୦୨୩, ମେ' ଫେୟାର କନ୍‌ଭେନଶନ୍, ଅପରାହ୍ନ ୪ଟା।
- ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଆରମ୍ଭ, ଏକାମ୍ର ହାଟ, ଅପରାହ୍ନ ୫ଟା।
- ଓଡ଼ିଶା ମିରର ପକ୍ଷରୁ ଓଡ଼ିଶା ଦିବସ ସମାରୋହ, ରୋଟାରୀ ଭବନ, ସନ୍ଧ୍ୟା ୬ଟା।
- ସିଟିଜେନସ୍ ଫୋରମର ବାର୍ଷିକ ଉତ୍ସବ ଓ ଓଡ଼ିଶା ଦିବସ ପାଳନ, ଗୁରୁକେଲୁଚରଣ ମହାପାତ୍ର ପାର୍କ ସମ୍ମୁଖ, ସନ୍ଧ୍ୟା ୬ଟା।

ବାଲିଅନ୍ତା

- ଭଗବତ ବାସୁଦେବ ମେଳଣ, ପାଣ୍ଡରା ମେଳଣ ପଡ଼ିଆ, ଅପରାହ୍ନ ୪ଟା।
- ରାମଲୀଳା ନାଟକ ପରିବେଷଣ, ବେଣୁପର ରାମଲୀଳା ପଡ଼ିଆ, ଗୋଡଲିନ୍ଧା ସୀତା ରାମେଶ୍ୱର ମନ୍ଦିର ନିକଟ, ରାତି ସାଢ଼େ ୧୧ଟା।

କଟକ

- ସିଏମ୍‌ସି ପକ୍ଷରୁ ମିଶନ ଶକ୍ତି ବଜାର ଉଦଘାଟନ, ସତୀଚୌରା, ମଧାହ୍ନ ୧୨ଟା।
- ସିଏମ୍‌ସି ପକ୍ଷରୁ ଏସଏଚଜି ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟନ, ଦେଉଳ ସାହି, ମଧାହ୍ନ ୧୨ଟା ୪୫।

ବଡ଼ମ୍ବା

- ବଡ଼ମ୍ବା ପଞ୍ଚାୟତ ସମିତି ପକ୍ଷରୁ ଓଡ଼ିଶା ଦିବସ ପାଳନ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସକାଳ ୮ଟା।

# ଆନ୍ଦୋଳନକୁ ଓହ୍ଲାଇବେ ୧୨ହଜାର ଶିକ୍ଷକ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ରାଜ୍ୟ ସରକାର ୨୦୨୨ ଅକ୍ଟୋବର ୧୫ରେ ଘୋଷଣା କରିଥିଲେ। ତେବେ ୨୦୧୩ ପୂର୍ବରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ବିଭିନ୍ନ କର୍ମଚାରୀ ଏଥିରୁ ବାଦ୍ ପଡ଼ିଥିବାରୁ ଏହାକୁ ନେଇ ବିଭିନ୍ନ ସଂଗଠନ ଅସନ୍ତୋଷ ପ୍ରକାଶ କରିବା ସହ ସ୍ଥାୟୀ ନିଯୁକ୍ତି ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଭିନ୍ନ ବର୍ଗର ଶିକ୍ଷକ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାକୁ ନେଇ ପୁଣିଥରେ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଏବଂ ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଶନିବାର ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ଲୋୟର ପିଏମଜିରେ ଗଣଧାରଣା ଦିଆଯିବ। ପ୍ରାୟ ୧୨ ହଜାର ଶିକ୍ଷକ ଏହି ଗଣଧାରଣାରେ ସାମିଲ ହେବା ସହ ୧୮ହଜାର ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ଦାବି ଉପସ୍ଥାପନ କରାଯିବ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ପଞ୍ଚାନନ ଜେନା ସୂଚନା ଦେଇଛନ୍ତି।

ଅନ୍ୟପଟେ ଓଡ଼ିଶା ସରକାରୀ ସିବିଟି ଶିକ୍ଷକ ସଂଘ (ମିଳିତମଞ୍ଚ ୨୦୧୬ ରୁ ୨୦୨୨) ଏପ୍ରିଲ୍ ୩ରୁ ଆନ୍ଦୋଳନକୁ ଓହ୍ଲାଇବ। ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଏହି ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିୟମିତ କରାଯାଇନାହିଁ। ତେଣୁ ଆସନ୍ତା ୩ ତାରିଖରୁ ୨୦୧୬ରୁ ୨୦୨୨ ବ୍ୟାଚର ଶିକ୍ଷୟିତ୍ରୀଶିକ୍ଷକମାନେ ଧାରଣା ଦେବେ ବୋଲି ରାଜ୍ୟ ସଂଘ ସଭାପତି ରାଜେନ୍ଦ୍ର ମଲ୍ଲିକ୍, ଆବାହକ ମନୋଜ ଜେନା, ମହା ସଚିବ ଦେବାଶିଷ ଜେନା, ସମ୍ପାଦକ ଦେବରାଜ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି।

## ୧୦ଦଫା ଦାବିରେ ଅସଂଗଠିତ ଶ୍ରମିକଙ୍କ ବିକ୍ଷୋଭ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଅସଂଗଠିତ ଶ୍ରମିକ ସଂଘ ସମନ୍ୱୟ କମିଟି ପକ୍ଷରୁ ୧୦ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୁକ୍ରବାର ଲୋୟର ପିଏମ୍‌ଜିରେ ଆନ୍ଦୋଳନକାରୀମାନେ ପହଞ୍ଚି ନାରାବାଜି କରିଥିଲେ। ଅସଂଗଠିତ ଶ୍ରମିକଙ୍କ ପାଇଁ ଗଠିତ 'କଲ୍ୟାଣ ବୋର୍ଡ'କୁ କାର୍ଯ୍ୟକ୍ଷମ କରିବା, ପ୍ରତ୍ୟେକ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ ପାଇଁ ସମୟସୀମା ନିର୍ଦ୍ଧାରଣ, ଭବିଷ୍ୟନିଧି ଯୋଜନାରେ ସାମିଲ, ରାଜ୍ୟର ଡ୍ରାଇଭରମାନଙ୍କୁ ଚିହ୍ନଟ ତଥା ପରିଚୟପତ୍ର ପ୍ରଦାନ, ରାଜ୍ୟର ସମସ୍ତ ଶ୍ରମ ଜିଲା ଅଫିସରେ ଖାଲିଥିବା କର୍ମଚାରୀଙ୍କ ସ୍ଥାନ ପୂରଣ ଆଦି ନେଇ ବିକ୍ଷୋଭ କରାଯାଇଥିଲା।



ଲୋୟର ପିଏମ୍‌ଜିରେ ନିର୍ମାଣ ଓ ଅସଂଗଠିତ ଶ୍ରମିକମାନେ ଧାରଣାରେ ବସିଛନ୍ତି।



ଓଡ଼ିଶା ଦିବସର ଅଭିନନ୍ଦନ ଜଣାଇ ଶୁକ୍ରବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।

## ବଜ୍ରପାତରେ ଯୁବତୀ ମୃତ

ବାଲିପାଟଣା,୩୧।୧(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ରଘୁଆଗରଡା ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ରଶ୍ମିତା ବେହେରା। ଖବର ଅନୁଯାୟୀ, ଅପରାହ୍ନ ସମୟରେ ରଶ୍ମିତା ଘର ନିକଟସ୍ଥ ବିଲରେ ମୁଗ ଅମଳ କରିବାକୁ ଯାଇଥିଲେ। ହେଲେ ମୁଗ ଅମଳ ସମୟରେ ହଠାତ୍ ମେଘ ପବନ ଘୋଟି ଆସି ଘଡ଼ଘଡ଼ି ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ିଯିବା ସହ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରଶ୍ମିତାଙ୍କୁ କ୍ୟାପିଟାଲ ହସପିଟାଲ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ, ଆକ୍ରମଣ ମାମଲା

## ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

କଟକ ଅଫିସ,୩୧।୩: ନଅ ବର୍ଷର ନାବାଳିକାଙ୍କୁ ଅସଦାଚରଣ ଓ ମରଣାନ୍ତକ ଆକ୍ରମଣ କରିବା ମାମଲାରେ କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ଅଶୋକ କୁମାର ପହି ଶୁକ୍ରବାର ରାୟ ଦେଇଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କାର କ୍ଷତିପୂରଣ ଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୧୭ ଅକ୍ଟୋବର ୧୦ ତାରିଖରେ ଟାଙ୍ଗୀ ଥାନା ଅଞ୍ଚଳର ନାବାଳିକା ଜଣଙ୍କ ସ୍କୁଲରୁ ଫେରୁଥିଲେ। ଏହି ସମୟରେ ଟାଙ୍ଗୀ ଅଞ୍ଚଳର କାଳିଆ ସାମଲ ରାସ୍ତାରେ ତାଙ୍କୁ ଅସଦାଚରଣ କରିବା ସହ ଧାରୁଆ ଛୁରିରେ ତାଙ୍କ ବେକକୁ କାଟି ଦେଇଥିଲେ। ଏ ନେଇ ନାବାଳିକାଙ୍କ ଜେଜେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୨୦ ଜଣ ସାକ୍ଷୀଙ୍କ ବୟାନ ଓ ୨୬ଟି ତଥ୍ୟପ୍ରମାଣ ଆଧାରରେ କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ପବ୍ଲିକ ପ୍ରୋସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଏସ୍‌ସିବିରେ ଖୋଲିଲା ୨୪ ଘଣ୍ଟିଆ ହେଲ୍ପଡେସ୍କ

**କଟକ ଅଫିସ,୩୧।୩:** ବିଶ୍ୱସ୍ତରୀୟ ହେବାକୁ ଯାଉଥିବା ଏସ୍‌ସିବି ମେଡିକାଲରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ୨୪ ଘଣ୍ଟିଆ ହେଲ୍ପଡେସ୍କ ବ୍ୟବସ୍ଥା ଆରମ୍ଭ ହୋଇଛି। ୪ଟି ବିଏସ୍‌ଏନ୍‌ଏଲ୍ ଲ୍ୟାଣ୍ଡ୍ ଲାଇନ୍ ଫୋନ୍‌କୁ ରୋଗୀ ସହାୟତା ପାଇଁ ବ୍ୟବହାର କରାଯାଇଛି। ସେଥିମଧ୍ୟରୁ ଜରୁରିକାଳୀନ ଚିକିତ୍ସା କାଜୁଆଲ୍‌ଟିରେ ଲାଗିଥିବା ଗୋଟିଏ ଫୋନ୍ ନମ୍ବର ୦୬୭୧-୨୯୯୨୮୦୦ ୨୪ ଘଣ୍ଟିଆ ହେଲ୍ପ ଲାଇନ୍ ଭାବେ ରଖାଯାଇଛି। ଏଥିସହ ଅନ୍ୟ ୩ଟି ନମ୍ବର ମଧ୍ୟରୁ ଭିଆର୍‌ଡିଏଲ୍ ବିଲ୍ଡିଂରେ ୦୬୭୧-୨୯୯୨୫୦୦, ମଙ୍ଗଳାବାଗ ଗେଟ୍‌ରେ ୦୬୭୧-୨୯୯୨୬୦୦ ଓ ରାଣୀହାଟ ଗେଟ୍‌ରେ ୦୬୭୧-୨୯୯୨୭୦୦ ଫୋନ୍‌କୁ ସକାଳ ୬ଟାରୁ ରାତି ୧୦ଟା ଯାଏ ରୋଗୀସେବା ନିମନ୍ତେ ଉଦ୍ଦିଷ୍ଟ କରାଯାଇଛି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଏହି ଫୋନ୍ ନମ୍ବରରେ ଯୋଗାଯୋଗ କରି ସହାୟତା ନେଇପାରିବେ ବୋଲି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇଛନ୍ତି।

# ଖର, ଦୂଷଣ ବଧ ସହ ଯଜ୍ଞରକ୍ଷା ନୀତି

ପୁରୀ ଅଫିସ, ୩୧।୩

ଶ୍ରୀକ୍ଷେତ୍ରରେ ପାରମ୍ପରିକ ସମରକଳା ନୃତ୍ୟ ସାହିଯାତ ଚାଲିଛି। ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ଅନୁଯାୟୀ ରାମନବମୀଠାରୁ ରାମାଭିଷେକ ପର୍ଯ୍ୟନ୍ତ ସାହିଯାତ ଅନୁଷ୍ଠିତ ହୋଇଥାଏ। ଚୈତ୍ରମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଗୁରୁବାର ସାହିଯାତର ପ୍ରଥମ ଦିବସରେ କାଳିକାବେଦୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଥିଲା। ଶୁକ୍ରବାର ଦ୍ୱିତୀୟ ଦିବସରେ ଯଜ୍ଞରକ୍ଷା ଏବଂ ଖର, ଦୂଷଣ (ନାକ, କାନ) ବଧ ନୀତି ସମ୍ପନ୍ନ ହୋଇଛି। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେକରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଶ୍ରୀରାମ ଏବଂ ଲକ୍ଷ୍ମଣ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ସେହିପରି ସାହିଯାତର ଦ୍ୱିତୀୟ ଦିବସରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ଯଜ୍ଞରକ୍ଷା, ଖର, ଦୂଷଣ ବା (ନାକ, କାନ)ଙ୍କ ବଧ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ହରଚଣ୍ଡି ସାହି ଆଖଡ଼ାରୁ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା ଚରିତ୍ରମାନେ ଆସି ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କ ଦ୍ୱାରା ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ଶୀତଳ ଭୋଗ ମଣୋହି କରାଯିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ହରଚଣ୍ଡୀ ଆଖଡ଼ା ତରଫରୁ ରାଜକିଶୋର ବେହେରା ନାକ ବା ଖର ଏବଂ ରାଜେନ୍ଦ୍ର କୁମାର ସାହୁ କାନ ବା ଦୂଷଣ ଭୂମିକାରେ ନୀତି ସମ୍ପାଦନ କରିଥିଲେ। ସେହିପରି ବିଶ୍ୱାମିତ୍ର ଋଷି ଭୂମିକାରେ ବବୁଲ କୁମାର ସାହୁ, ରାମ ଭୂମିକାରେ ସୁବ୍ରତ ମହାପାତ୍ର, ଲକ୍ଷ୍ମଣ ଭୂମିକାରେ ଶୁଭଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ହରଚଣ୍ଡୀ ସାହି ଆଖଡ଼ାର ସମ୍ପାଦକ କୋଠାରୀ ନାରାୟଣ ମେକାପ, ସଭାପତି ସାଗର ଦୀନବନ୍ଧୁ ପ୍ରତିହାରୀ, ସାଂସ୍କୃତିକ ସମ୍ପାଦକ ନାରାୟଣ ମହାସୁଆର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାଟିମଣ୍ଡପ ସାହି ଉତ୍ତରକାଳି ଆଖଡ଼ାରୁ ନିଶାଣ ବାହାରି ଦକ୍ଷିଣ କାଳୀ ମନ୍ଦିରରେ ପହଞ୍ଚିବା ସହ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମାଟି ମଣ୍ଡପ ସାହି ଉତ୍ତର କାଳୀ ଆଖଡ଼ାରୁ ଓ ଆଠସାହି ଆଖଡ଼ାର ମୁରବିମାନେ ମାଟି ମଣ୍ଡପ ସାହିର ବାଦୀ ବା ବନ୍ଧୁ ସାହି କାଳିକାଦେବୀ ସାହିକୁ ଯାତ ନେଇ ଯାଇଥିଲେ। ଯାତରେ ନବଶିରା ଓ ପଞ୍ଚମୁଖୀ ହନୁମାନ କାଳିମେଢ଼, ନାଗା, ମେଢ ସହ ବିଭିନ୍ନ ପ୍ରକାର ସମରକଳା ପ୍ରଦର୍ଶନ କରି ମାଟି ମଣ୍ଡପ ସାହିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଶୋଭାଯାତ୍ରାରେ ଆଠସାହି ଆଖଡ଼ା ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାହିବାସିନ୍ଦା ସାହିଯାତର ପାରମ୍ପରିକ ନୃତ୍ୟ ଓ ସମରକଳା ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା।

### ସାହିଯାତର ଦ୍ୱିତୀୟ ଦିବସ


ନୀତି ସମ୍ପନ୍ନ ପାଇଁ ଖର ଓ ଦୂଷଣ ସାହି ପରିକ୍ରମା କରି ଶ୍ରୀମନ୍ଦିର ଅଭିମୁଖେ ଯାଉଛନ୍ତି।



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ ଉପଲକ୍ଷେ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ବୃକ୍ଷପ୍ରେମୀଙ୍କ ମହାସମାବେଶ ଅବସରରେ ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ମୁଖ୍ୟାଳୟ ସମ୍ମୁଖରୁ ରାମ ମନ୍ଦିର ଅଭିମୁଖେ ବାହାରିଥିବା ସଚେତନତା ଶୋଭାଯାତ୍ରା। (ଫଟୋ–ମନୋରଞ୍ଜନ)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଜୟ


@ ବିଶ୍ୱଜିତ୍


@ ଚନ୍ଦନ



@ ବିଭୂତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠାରୁ ନୀଳଚକ୍ରର ଓଲାଗି ବାନା ମହଙ୍ଗା

ପୁରୀ ଅଫିସ, ୩୧।୩

ଏପ୍ରିଲ ୧ ତାରିଖ ଶନିବାରଠାରୁ ଶ୍ରୀମନ୍ଦିର ନୀଳଚକ୍ରରେ ଲାଗୁଥିବା ନୀଳଚକ୍ରର ଓଲାଗି ବାନା ମହଙ୍ଗା ହେବାକୁ ଯାଉଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାନା ପାଇଁ ନୂତନ ବର୍ଦ୍ଧିତ ଦର ଲାଗୁ ହୋଇଛି। ଏଣିକି ନୀଳଚକ୍ରରୁ ଓଲାଗି ହେଉଥିବା ଚଉଦହାତିଆ ବାନା ୨ଶହ ଟଙ୍କା ପରିବର୍ତ୍ତେ ୩ଶହ ଟଙ୍କା ଦେଇ ଭକ୍ତ କିଣିବେ। ଶ୍ରୀମନ୍ଦିର ପ୍ରଶାସନର ଅର୍ଥ ସବ୍‌କମିଟି ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ଅନୁମୋଦନ ପରେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଇଥିବା ସୂଚନା ମିଳିଛି।

ମାର୍ଚ୍ଚ ୨୦ରେ ଅନୁଷ୍ଠିତ ଅର୍ଥ ସବ କମିଟି ବୈଠକରେ ଆଲୋଚନା ଓ ପରିଚାଳନା କମିଟିର ଅନୁମୋଦନ କ୍ରମେ ଓଲାଗି ଚଉଦ ହାତିଆ ବାନାର ଦର ୨ଶହ ଟଙ୍କାରୁ ୩ଶହ ଟଙ୍କାକୁ ବୃଦ୍ଧି କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ସୂଚନା କେନ୍ଦ୍ରରେ ବାନା ଉପଲବ୍ଧ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଗାର ବର୍ଷ ପରେ ବାନା ଦର ବୃଦ୍ଧି ହୋଇଛି। ୨୦୧୨ରେ ଶେଷ ଥର ପାଇଁ ଓଲାଗି ବାନାର ଦର ବୃଦ୍ଧି ହୋଇଥିଲା। ତେବେ ୨୦୧୨ରେ ବାନା ପିଛା ଦର ୩ଶହ ଟଙ୍କା କରାଯାଇଥିବା ବେଳେ ଭକ୍ତଙ୍କ ଅସନ୍ତୋଷ ଯୋଗୁ ଏହାକୁ ପୂର୍ବ ଦରରେ ସୀମିତ ରଖାଯାଇଥିଲା। ଅନ୍ୟପକ୍ଷରେ ସମ୍ପ୍ରତି ନୀଳଚକ୍ର ବାନାର ଦରବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନୀଳଚକ୍ରରେ ଉଡୁଥିବା ଧ୍ୱଜାକୁ ପତିତପାବନ ବାନା କୁହାଯାଇଥାଏ। ଭକ୍ତମାନେ ମନସ୍କାମନା ପୂରଣ ଉଦ୍ଦେଶ୍ୟରେ ଏହି ବାନା ଦେୟ ଅର୍ଥ ପୈଠ କରି ମହାପ୍ରଭୁଙ୍କ ନିକଟରେ ଲାଗିପାଇଁ ଦେଇଥାନ୍ତି। ନୀଳଚକ୍ର ଉପରେ ଏହି ବାନା ଗୋଟିଏ ଦିନରୁ ଅଧିକ ସମୟ ଉଡ଼େ ନାହିଁ। ପ୍ରତ୍ୟହ ସନ୍ଧ୍ୟାରେ ପୂର୍ବ ବାନା ଓଲାଗି ହୋଇ ନୂତନ ଧ୍ୱଜା ଉଡ଼ାଯାଏ। ତେଣୁ ଓଲାଗି ବାନାକୁ ନେବା ପାଇଁ ଭକ୍ତଙ୍କର ଆବେଗ ରହିଥାଏ। ଏହାକୁ ବିଭିନ୍ନ ଶୁଭ କାର୍ଯ୍ୟ ସମୟରେ ଘରେ ନେଇ ଶ୍ରଦ୍ଧାଳୁ ରଖିଥାନ୍ତି। ବାନାକୁ ଘରେ ରଖିଲେ ସୁଖ ଶାନ୍ତି ଓ ମହାପ୍ରଭୁଙ୍କ ଆଶିଷ ମିଳିଥାଏ ବୋଲି ବିଶ୍ୱାସ ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଆଇପିଏଲ୍...

ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅରଜିତ୍‌ଙ୍କ ପରେ ଅଭିନେତ୍ରୀ ତମନ୍ନା ଭାଟିଆଙ୍କ ନୃତ୍ୟ ଏବଂ ଶେଷରେ ଫିଲ୍ମ ଅଭିନେତ୍ରୀ ରଶ୍ମିକା ମନ୍ଦାନ୍ନାଙ୍କ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆମୋଦିତ କରିଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମ ଶେଷରେ ଜୟ୍ ଶାହା ଓ ଅରୁଣ ଧୁମଲଙ୍କ ସହ ଏମ୍.ଏସ୍ ଧୋନୀ ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଦଳର ଅଧିନାୟକ ମାନେ ରଥାକୃତିର ଯାନରେ ପ୍ରବେଶ କରିଥିଲେ। ପାଣ୍ଡ୍ୟାଙ୍କ ହାତରେ ଟ୍ରଫି ରହିଥିଲା। ସେମାନଙ୍କର ଏକ ମିଳିତ ଫଟୋ ଉତ୍ତୋଳନ ସହ ଉଦ୍‌ଯାପନୀ ଉତ୍ସବ ସମାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ୨୦୧୮ ପରେ ପ୍ରଥମ ଥର ଆଇପିଏଲ୍ ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା।

## ନର୍ସିଂହୋମ୍‌ରେ...

ହୋଇ ଅପରେଶନ୍ ହୋଇଥିଲେ ମଧ ରେକର୍ଡ କିଛି ଅଲଗା ଥିଲା। ଉକ୍ତ ହସ୍ପିଟାଲରେ ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ସୁବିଧା ନ ଥିବା ପୋଲିସ ତଦନ୍ତରୁ ନିଶ୍ଚିତ ହୋଇଥିଲା। ହେଲେ ଡା. ଚିନ୍ମୟ କୁମାର ସାହୁ ମୃତା ରୋଗୀଙ୍କ ବିଏସ୍‌କେୱାଇ କାର୍ଡ ସଂଗ୍ରହ କରିନେଇଥିଲେ। ପାଗାସ୍ଥିତ ଶୋଭା ନର୍ସିଂହୋମ୍‌ରେ ଫେବୃୟାରୀ ୨୨ରେ ଭର୍ତ୍ତି କରାଯାଇ ସେହିଦିନ ମୃତାଙ୍କ କିଡ୍‌ନୀ ଅପରେଶନ କରାଯାଇଥିବା ଦର୍ଶାଯାଇଥିଲା। ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି, ଜେ.ଏମ୍. କେୟାର ହସ୍ପିଟାଲରେ ଅପରେଶନ କରିଥିବା ଡାକ୍ତର ମଧ ଶୋଭା ନର୍ସିଂହୋମ୍‌ରେ ସେଇ ସମାନ ରୋଗୀଙ୍କ ଅପରେଶନ କରିଥିବା ସେଠାକାର ରେକର୍ଡରେ ଦର୍ଶାଯାଇଛି। ଅପରେଶନ କରିଥିବା ଡାକ୍ତରଙ୍କ ଦସ୍ତଖତକୁ ଏଠାରେ ଜାଲ୍ କରି ରେକର୍ଡ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର କହିଛନ୍ତି, ଡା. ଚିନ୍ମୟ କୁମାର ସାହୁ, ଭାରତୀ ସାହୁ ନାମକ ମହିଳା ଓ ନର୍ସିଂହୋମ୍‌ର ମାଲିକ, ମ୍ୟାନେଜର ଏହି କାର୍ଯ୍ୟରେ ସାମିଲ ଅଛନ୍ତି। ଜଣେ ରୋଗୀଙ୍କୁ ଦୁଇ ଆଡ଼େ ଆଡ୍‌ମିସନ କରି ବେଆଇନ କାର୍ଯ୍ୟ କରାଯାଇଛି। ଏଭଳି ଭାବେ ଅନେକ ରୋଗୀଙ୍କୁ ଠକେଇ କରାଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଜେ. ଏମ୍. କେୟାର ହସ୍ପିଟାଲ ଓ ଶୋଭା ନର୍ସିଂହୋମ୍‌ର ଆଡ୍‌ମିସନ ରେଜିଷ୍ଟର ଏବଂ କ୍ଲିନିଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ପୋଲିସ ଜବତ କରିଛି। ମାମଲାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

## କେନାଲକୁ ଖସିଲା...

ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ଟୁଇଟର ମାଧମରେ ସମବେଦନା ଜଣାଇଛନ୍ତି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମଧ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ମୁତାବକ ଗୁରୁବାର ସନ୍ଧ୍ୟାରେ ଶାସନ ଥାନା ପରମାଣପୁର ଗ୍ରାମକୁ ଝାରସୁଗୁଡ଼ା ଜିଲା ବଡ଼ଧରା ଗ୍ରାମରୁ ବରଯାତ୍ରୀ ଆସିଥିଲେ। ବୋଲେରୋ ନମ୍ବର ଓଆର୍୧୫ଆର୍-୮୫୭୫ରେ ୧୧ଜଣ ବରଯାତ୍ରୀ ଆସିଥିଲେ। ସେମାନେ ଶୋଭାଯାତ୍ରା କରି ଖାଇବା ପରେ ରାତି ପ୍ରାୟ ଅଢ଼େଇଟାରେ ଘରକୁ ଫେରୁଥିଲେ। ପରମାଣପୁରଠାରୁ ବାହାରି କେନାଲ ରାସ୍ତା ଦେଇ ସମ୍ବଲପୁର-ଝାରସୁଗୁଡ଼ା ରାସ୍ତାକୁ ଆସୁଥିଲେ। ବିଶାଳଖିଣ୍ଡା ଗ୍ରାମ ନିକଟରେ ଏକ ବୁଲାଣି ରହିଛି। ଏହି ବୁଲାଣି ସମ୍ପର୍କରେ ଡ୍ରାଇଭର ଭିକୁ ଜାଣି ନ ଥିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ଡିଭାଇଡର ଭାଙ୍ଗି କେନାଲ ଭିତରକୁ ଓଲଟିପଡ଼ିଥିଲା। ଗାଡ଼ିଟି ସମ୍ପୂର୍ଣ୍ଣ ପାଣିରେ ବୁଡ଼ିଯାଇଥିବାବେଳେ ୪ଜଣ କାଚ ଭାଙ୍ଗି ଜୀବନ ବଞ୍ଚାଇଥିଲେ। ହେଲେ ଅନ୍ୟ ୭ଜଣ ପାଣିରେ ବୁଡି ପ୍ରାଣ ହରାଇଥିଲେ। ଖବର ପାଇ ଶାସନ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ରାତିଅଧିଆ ପାଣି ଭିତରୁ ସେମାନେ ବୋଲେରୋକୁ ବାହାର କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ୍ ଓ ୪ ଚକିଆ ଯାନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କରିଛନ୍ତି, ବୁଲାଣି ରାସ୍ତା ଓ ରାତି ହୋଇଥିବାରୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଆର୍‌ଟିଓ ସହିତ ଯୋଗାଯୋଗ କରାଯାଉଛି। ଗାଡ଼ିରେ କିଛି ଯାନ୍ତ୍ରିକ ତ୍ରୁଟି ଥିଲା କି ନାହିଁ ସେ ନେଇ ତଦନ୍ତ କରାଯିବ ବୋଲି ସେ କହିଥିଲେ।

## ରାମନବମୀ ଯାତ୍ରା...

ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୂର୍ଯ୍ୟକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ରାଜେଶ ଓ ମାଧବଙ୍କ ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୩ ମୃତଦେହର ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶୁକ୍ରବାର ହସ୍ତାନ୍ତର କରିଛି। ଗାଁରେ ଶୋକାକୁଳ ପରିବେଶରେ ୩ ମୃତଦେହକୁ ସଂସ୍କାର କରାଯାଇଛି। ରାମନବମୀ ଯାତ୍ରା ଓ ଦଣ୍ଡପର୍ବକୁ ନେଇ ଗାଁଠୁ ସହର ଉତ୍ସବ ମୁଖର ହୋଇ ଉଠିଥିବାବେଳେ ମହେଶ୍ୱରପୁର ଗାଁରେ ୩ ଯୁବକଙ୍କ ମୃତ୍ୟୁ ଘଟଣା ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି।

## ବ୍ୟୟ ମଞ୍ଜୁରୀ...

ଆବଶ୍ୟକ ଅନୁଦାନ ନ ଦେଲେ ରାଜ୍ୟର ବିକାଶ ଜାରି ରହିବା ପାଇଁ ସରକାର ଷ୍ଟାବିଲାଇଜ୍ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ଧାନକିଣାରେ କେନ୍ଦ୍ର ଓଡ଼ିଶାକୁ ଅବହେଳା କରୁଛି। ଏଥିପାଇଁ ଚଳିତ ବଜେଟରେ ରିଭଲଭିଂ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ଏହି ବଜେଟ ପାରିତ ହେଲେ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସାଧନ ହେବ ବୋଲି ସେ କହିଛନ୍ତି। ବ୍ୟୟ ମଞ୍ଜୁରୀ ବିଲ୍‌କୁ ବିରୋଧ କରି ଭାଜପା ଓ କଂଗ୍ରେସ ସଦସ୍ୟମାନେ କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। ଆଲୋଚନାର ଉତ୍ତର ରଖି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ବଜେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର ଓ ମୋ ସରକାରର ସଫଳ ରୂପାୟନ ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ହୋଇଛି। ମହାଲେଖାକାରଙ୍କଠାରୁ ମିଳିଥିବା ହିସାବ ଅନୁଯାୟୀ ୨୦୨୩ ଫେବୃୟାରୀ ସୁଦ୍ଧା ରାଜ୍ୟର ଋଣଭାର ରାଜ୍ୟ ଜିଡିପିର ୧୧.୨୫% ରହିଛି। ୨୦୦୫-୦୬ ପରଠାରୁ ଆମେ କ୍ରମାଗତ ଭାବେ ରାଜସ୍ୱ ବଳକା ସ୍ଥିତି ବଜାୟ ରଖିଛୁ ଏବଂ ସମସ୍ତ ଋଣ ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟବହୃତ ହେଉଛି ବୋଲି ମନ୍ତ୍ରୀ କହିଥିଲେ। ଏହାପରେ ବିଲ୍‌କୁ ଗୃହର ଅନୁମୋଦନ ମିଳିଥିଲା।

ଏହାପରେ ବାଚସ୍ପତି ୧୦ଟି କମିଟି ସଦସ୍ୟ ଏବଂ ଅଧକ୍ଷଙ୍କ ନାଁ ଘୋଷଣା କରିଥିଲେ।A ସେହିପରି ବାଚସ୍ପତିଙ୍କ ଅଧକ୍ଷତାରେ ଗଠିତ ବିଭିନ୍ନ କମିଟି ସମ୍ପର୍କରେ ଘୋଷଣା କରାଯାଇଥିଲା। ପୋଲାଭରମ୍ ପ୍ରକଳ୍ପ ଲାଗି ଓଡ଼ିଶାର ବହୁ କ୍ଷତି ହୋଇଥିବାବେଳେ ଏନେଇ ଏକ କମିଟି ଗଠନ ହୋଇଛି। ଉକ୍ତ କମିଟି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ସେହିପରି ସୀମା ସମସ୍ୟା ନେଇ ମଧ ଏକ କମିଟି ଗଠନ ହୋଇଛି। ଏମ୍‌ଏସ୍‌ପି ବୃଦ୍ଧି ପ୍ରସଙ୍ଗରେ ଗଠିତ କମିଟିର ସଦସ୍ୟମାନେ ମଧ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଲାଗି ଆଲୋଚନା କରିବେ। ଏହାପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ସବୁ ଦଳର ସଦସ୍ୟ ଦେଢ଼ମାସ ହେବ ନିଜ ନିର୍ବାଚନମଣ୍ଡଳୀକୁ ଯାଇପାରୁ ନ ଥିବାବେଳେ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ସରିଥିବାରୁ ଏବଂ ବଜେଟ୍‌କୁ ମଞ୍ଜୁରୀ ମିଳିସାରିଥିବାରୁ ଗୃହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ କରିବାକୁ ପ୍ରସ୍ତାବ ଦେଇଥିଲେ। ପଦ୍ମନାଭ ବେହେରା, ଶଶିଭୂଷଣ ବେହେରା, ଭୂପିନ୍ଦର ସିଂହ, ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ନିରଞ୍ଜନ ପୂଜାରୀ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହାପରେ ବିରୋଧୀ ସଦସ୍ୟଙ୍କୁ ବୁଝାଇ ଗୃହକୁ ଆଣିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏବଂ ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ସଦସ୍ୟମାନେ ଗୃହକୁ ଫେରିଥିବାବେଳେ ଭାଜପା ସଦସ୍ୟମାନେ ରାଜି ହୋଇ ନ ଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଜେଟ ଅଧିବେଶନ ସୁରୁଖୁରୁରେ ଚାଲିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ଯୋଗୁ ଧନ୍ୟବାଦ ଦେଇଥିଲେ। ଏହାପରେ ଗୃହରେ ସବୁ ସଦସ୍ୟ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସମୟ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଆଲୋଚନା ନ କରି ଏବଂ ୩ଟି ବିଲ୍ ପ୍ରତ୍ୟାହାର କରିନିଆଯିବାକୁ ବିରୋଧ କରି ବିଧାନସଭା ଗାନ୍ଧୀମୂର୍ତ୍ତିତଳେ ୧୫ ମିନିଟ୍ ଲାଗି ଭାଜପା ବିଧାୟକମାନେ ଧାରଣାରେ ବସିଥିଲେ।

# ଅବସର ନେଲେ ମୋନା ଶର୍ମା, ନିକୁଞ୍ଜ ସୁନ୍ଦରାୟ

**ସତ୍ୟବ୍ରତ ସାହୁ, ଚିତ୍ରା ଅରୁମୁଗମ୍‌ଙ୍କୁ ମିଳିଲା ଅତିରିକ୍ତ ଦାୟିତ୍ୱ**

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାର ୨ ଅଧିକାରୀ ତଥା ବରିଷ୍ଠ ଆଇଏଏସ୍ ଅଫିସର ମୋନା ଶର୍ମା ଓ ନିକୁଞ୍ଜ ସୁନ୍ଦରାୟ ଶୁକ୍ରବାର ସରକାରୀ ଚାକିରିରୁ ଅବସର ନେଇଛନ୍ତି। ମୋନା ଶର୍ମା ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିବାବେଳେ ନିକୁଞ୍ଜ ସୁନ୍ଦରାୟ ସାଧାରଣ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିଲେ। ଏହି ୨ ବରିଷ୍ଠ ଆଇଏଏସ୍ ଅଫିସରଙ୍କ ଅବସର ପରେ ରାଜ୍ୟ ସରକାର ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ ଓ ଚିତ୍ରା ଅରୁମୁଗମ୍‌ଙ୍କୁ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୧ ବ୍ୟାଚ୍ ବରିଷ୍ଠ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସତ୍ୟବ୍ରତ ସାହୁ ଏବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ସେ ଅତିରିକ୍ତ ଦାୟିତ୍ୱ ଭାବେ ସ୍ୱତନ୍ତ୍ର ରିଲିଫ କମିଶନର ଓ ରାଜ୍ୟ ଓଡ଼ିଆ ଭାଷା ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ଚିତ୍ରା ଅରୁମୁଗମ ଏବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ଅତିରିକ୍ତ ଭାବେ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ନ୍ୟସ୍ତ କରାଗଲା।






**ଫୁରସତ**

# କାର୍ତ୍ତିକ-କିଆରାଙ୍କ ୱେଡିଂ ଭିଡିଓ ଲିକ୍



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀ ଓ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଯୋଡିକୁ ଦର୍ଶକେ ବେଶ ପସନ୍ଦ କରନ୍ତି। ଏମାନେ ବଡ ପରଦାରେ ପୁଣିଥରେ ଜଲୱା ଦେଖାଇବାକୁ ପ୍ରସ୍ତୁତ ହୋଇ ଗଲେଣି। କିଆରା ଓ କାର୍ତ୍ତିକ ଖୁବଶୀଘ୍ର ମୁଭି ସତ୍ୟପ୍ରେମ କି କଥାରେ ନଜର ଆସିବେ। ଏବେ ମୁଭିର ଶୁଟିଂ ସେଟରୁ ଏକ ସିନ୍ ଲିକ ହୋଇଛି। ସତ୍ୟପ୍ରେମ କି କଥାରୁ କାର୍ତ୍ତିକ ଓ କିଆରାଙ୍କ ୱେଡିଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି ଏହି ଯୋଡି ମଣ୍ଡପରେ ସାତ ଫେରା ନେଉଛନ୍ତି। ଏମାନେ ଖୁବ ଇମୋଶନାଲ ଦେଖାଯାଉଛନ୍ତି। ଭିଡିଓରେ କାର୍ତ୍ତିକ ସେରୱାନି ସହ ପଗଡି ପିନ୍ଧିଥିବା ବେଳେ କିଆରା ଲେହେଙ୍ଗାରେ ଖୁବ ସୁନ୍ଦର ଲାଗୁଛନ୍ତି। ଏହାସହ କିଆରା ଲାଲ ଦୁପଟ୍ଟା ବି ପିନ୍ଧିଛନ୍ତି। ଫିଲ୍ମର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମ ଦେଖିବାକୁ ଉତ୍ସାହ ବଢି ଯାଇଛି।

ସୂଚନା ମୁତାବକ ମୁଭି ସତ୍ୟପ୍ରେମ କି କଥାର ନିର୍ଦ୍ଦେଶକ ହେଉଛନ୍ତି ସମିର ବିଦ୍ୱାଂଶ। ସେ ନ୍ୟାଶନାଲ ଆୱାର୍ଡ ୱିନିଂ ମରାଠି ମୁଭି ଆନନ୍ଦି ଗୋପାଳ ପାଇଁ ବେଶ ପରିଚିତ। ଏବେ ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ ମୁଭି ୨୯ ଜୁନରେ ରିଲିଜ ହେବ। ଏହି ମୁଭି ମାଧ୍ୟମରେ ସମିର ବଲିଉଡ ନିର୍ଦ୍ଦେଶନାରେ ଡେବ୍ୟୁ କରିଛନ୍ତି। ପ୍ରଥମେ ଏହି ମୁଭିର ନାମ ସତ୍ୟନାରାୟଣ କି କଥା ଥିବା ବେଳେ ପରେ ଏହାକୁ ପରିବର୍ତ୍ତନ କରି ସତ୍ୟପ୍ରେମ କି କଥା କରାଯାଇଛି। କାର୍ତ୍ତିକ ଓ କିଆରା ଏହା ପୂର୍ବରୁ ମୁଭି ଭୁଲ ଭୁଲେୟା ୨ରେ ଏକାଠି ନଜର ଆସିଥିଲେ।

# ୧୦ବର୍ଷ ପରେ ହେଲା ଦଶାହ କର୍ମ




ଅସମନଙ୍କ ପୁଅ ଓ ସମ୍ପର୍କୀୟ ଦଶାହ କର୍ମ ସାରି ଫେରୁଛନ୍ତି।

ଧୋଡ୍ରା, ୩୧।୩(ଡି.ଏନ୍.ଏ.)

ଦଶବର୍ଷ ହେଲା ଦାଦନ ଖଟିବାକୁ ଯାଇ ଫେରିନାହାନ୍ତି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧାମନାଗୁଡ଼ା ପଞ୍ଚାୟତ ସଦର ଗାଁର ଅସମନ କଲାର। ଦୀର୍ଘ ଦିନ ଧରି ଅପେକ୍ଷା କରିବା ପରେ ଫେରିବାର ଆଶା ଛାଡ଼ି ସ୍ତ୍ରୀ ଭଗବତୀ ହାତରୁ ଶଙ୍ଖା ଓ ମୁଣ୍ଡରୁ ସିନ୍ଦୂର ପୋଛି ଦେଇଛନ୍ତି। ପରିବାର ଲୋକେ ଶୁକ୍ରବାର ଅସମନଙ୍କ ଦଶାହ କର୍ମ କରିଛନ୍ତି।

ଧାମନାଗୁଡ଼ାର ଅସମନଙ୍କର ସ୍ତ୍ରୀ ଭଗବତୀ, ୨ ପୁଅ ଏବଂ ୫ଟି ଝିଅ। କାମ ନ ମିଳିବାରୁ ପେଟକୁ ଦାନା ଯୋଗାଇବା ପାଇଁ ୨୦୧୩ରେ ଶାଳକ ମଙ୍ଗରା କଲାରଙ୍କ ସହ ଦାଦନ ଖଟିବାକୁ ଘରୁ ବାହାରିଥିଲେ। ଉଭୟେ ପ୍ରଥମେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଯାଇଥିଲେ। ସେଠାରୁ ଅସମନଙ୍କୁ କାମ ଯୋଗାଉଥିବା ମାଲିକ ଆସି ନେଇଗଲେ। ସେହି ଦିନଠାରୁ ଅସମନଙ୍କ ସହ ମଙ୍ଗରାଙ୍କ ଦେଖା ସାକ୍ଷାତ ହୋଇନାହିଁ। ପରେ ମଙ୍ଗରା ସେଠାରୁ ଫେରି ଆସିଥିଲେ ଏବଂ ଅସମନଙ୍କ କିଛି ଖୋଜ ଖବର ନ ଥିବା କହିଥିଲେ। ବାରମ୍ବାର ଅସମନଙ୍କୁ ଖୋଜିବାକୁ ଯିବା ପରେ ମଧ ତାଙ୍କର କୌଣସି ପତ୍ତା ମିଳିଲା ନାହିଁ। ପରବର୍ତ୍ତୀ ସମୟରେ ଘଟଣାର ୩ବର୍ଷ ପରେ ଡାବୁଗାଁ ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ଏହା ମଧରେ ୧୦ବର୍ଷ ବିତିଗଲା। ୧୦ ବର୍ଷ ପରେ ପୁଣିଥରେ ଅସମନକୁ ଖୋଜି ଆଣିବାକୁ ମଙ୍ଗରାଙ୍କୁ କୁହାଯାଇଥିଲା। ସେ କିନ୍ତୁ ଖୋଜି ପାରିବେ ନାହିଁ ବୋଲି ସ୍ପଷ୍ଟଭାବେ କହିଥିଲେ। ପରେ ଅସମନଙ୍କ ପରିବାର ପକ୍ଷରୁ ତାଙ୍କ ସମାଜର ସଭା ବସିଥିଲା। ନିଖୋଜର ୧୦ ବର୍ଷ ବିତିଯାଇଥିବାରୁ ଅସମନଙ୍କୁ ମୃତ ଭାବି ତାଙ୍କର ଦଶାହ କାର୍ଯ୍ୟ କରାଯିବ। ଯଦି ଭବିଷ୍ୟତରେ ଅସମନ ଘରକୁ ଫେରିଆସନ୍ତି ତା'ହେଲେ ଭଗବତୀଙ୍କ ସହ ତାଙ୍କର ପୁନଃ ବିବାହ କରାଯିବ ବୋଲି ସମାଜ ପକ୍ଷରୁ ନିଷ୍ପତ୍ତି ନିଆଗଲା। ଉକ୍ତ ନିଷ୍ପତ୍ତି ଅନୁଯାୟୀ, ଶୁକ୍ରବାର ଅସମନଙ୍କ ଦଶାହ କାର୍ଯ୍ୟ କରାଯାଇଛି।












# ନ୍ୟୁଜିଲାଣ୍ଡ ସିରିଜ ବିଜୟୀ

ୱେଲିଂଟନ, ୩୧।୩ (ଏପି)

ହାମିଲଟନଠାରେ ଶୁକ୍ରବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କା ବ୍ୟାଟରମାନେ ପୁଣି ବିଫଳ ହୋଇଛନ୍ତି। ଫଳରେ ଦଳ ନ୍ୟୁଜିଲାଣ୍ଡଠାରୁ ୬ ଉଇକେଟରେ ପରାସ୍ତ ହୋଇଛି। ନ୍ୟୁଜିଲାଣ୍ଡ ୩ ମ୍ୟାଚ ବିଶିଷ୍ଟ ସିରିଜ ୨-୦ରେ ଜିତିନେଇଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଶ୍ରୀଲଙ୍କା ମାତ୍ର ୭୬ ରନରେ ଅଲ୍ ଆଉଟ ହୋଇଯାଇଥିଲା। ନ୍ୟୁଜିଲାଣ୍ଡ ଏହି ମ୍ୟାଚ ୧୯୮ ରନରେ ଜିତି ନେଇଥିଲା। ଦ୍ୱିତୀୟ ମ୍ୟାଚ ବର୍ଷା ଯୋଗୁ ବାତିଲ ଘୋଷଣା କରାଯାଇଥିଲା। ଶୁକ୍ରବାର ତୃତୀୟ ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ୪୧.୩ ଓଭରରେ ୧୫୭ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଓପନର ପାଥୁନ ନିଶାଙ୍କା ୫୭ ଏବଂ ଅଧିନାୟକ ଦସୁନ ସାନକା ୩୧ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ ହେନ୍‌ରୀ,ଡେରିଲ ମିଚେଲ ଓ ହେନରୀ ଶିପ୍ଲି ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ନ୍ୟୁଜିଲାଣ୍ଡ ୩୨. ୫ ଓଭରରେ ୪ ଉଇକେଟ ବିନିମୟରେ ୧୫୯ରନ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ୱିଲ୍ ୟଙ୍ଗ ୮୬ ଓ ହେନରୀ ନିକୋଲ୍ସ ୪୪ ରନ କରି ଅପରାଜିତ ରହିଥିଲେ। ଦୁଇ ଖେଳାଳିଙ୍କ ମଧ୍ୟରେ ୫ମ ଉଇକେଟରେ ଅବିଭାଜିତ ୧୦୦ରନର ପାର୍ଟନରଶିପ୍ ହୋଇଥିଲା। ଶ୍ରୀଲଙ୍କା ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ଲାହିରୁ କୁମାରା ୩୯ରନ ଦେଇ ୨ଉଇକେଟ ଅକ୍ତିଆର କରିଥିଲେ।


ୱିଲ୍ ୟଙ୍ଗ ଓ ହେନରୀ ନିକୋଲ୍ସ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ଇନିଂସ: ୪୧.୩ ଓଭରରେ ୧୫୭/ଅଲଆଉଟ (ପାଥୁମ ନିଶାଙ୍କା-୫୭, ଦସୁନ ସାନକା-୩୧ ; ମ୍ୟାଟ ହେନ୍‌ରୀ-୩/୧୪, ଡେରିଲ ମିଚେଲ-୩/୩୨, ହେନରୀ ଶିପ୍ଲି-୩/୩୨)। ନ୍ୟୁଜିଲାଣ୍ଡ ଇନିଂସ: ୩୨. ୫ ଓଭରରେ ୧୫୯/୪ (ୱିଲ୍ ୟଙ୍ଗ-୮୬ , ହେନରୀ ନିକୋଲ୍ସ-୪୪ ; ଲାହିରୁ କୁମାରା- ୩୯/୨)।

# ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ

**ରାମେଶ୍ୱର କପ୍ କ୍ରିକେଟ**

ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୫ ବର୍ଷରୁ କମ୍ କମଳା ପରିଡ଼ା ସ୍ମାରକୀ (୫ମ ରାମେଶ୍ୱର କପ୍) କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ପ୍ରବେଶ କରିଛି। ଆସନ୍ତା ରବିବାର ଫାଇନାଲରେ ରାମେଶ୍ୱର ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ରାମେଶ୍ୱର ୧୩୨ ରନରେ ମୁକ୍ତେଶ୍ୱରକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାମେଶ୍ୱର ୩୧.୨ ଓଭରରେ ୨୦୬ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶୁଭାଶିଷ ମଲିକ ସର୍ବାଧିକ ୫୯, ସମ୍ବିତ କୁମାର ବେଜା ୪୧, ସ୍ନେହାଶିଷ ଚୌଧାରୀ ୩୨ ଓ ତୀର୍ଥଙ୍କର ସାହୁ ରନ କରିଥିଲେ। ଦିବ୍ୟେନ୍ଦୁ ପଣ୍ଡା ଓ ଋତୁରାଜ ଷଡ଼ଙ୍ଗୀ ୩ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ୧୬.୪ ଓଭରରେ ୭୪ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ସମର୍ପିତ ପଟେଲ ସର୍ବାଧିକ ୫୦ ରନ ସ୍କୋର କରିଥିଲେ। ବିଜୟୀ ଦଳ ପକ୍ଷରୁ ସମ୍ବିତ ବେଜା ୧୭ ରନରେ ୫ଟି ଓ ଜଗଦୀଶ ମହାପାତ୍ର ୩ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସମ୍ବିତ କୁମାର ବେଜା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପୂର୍ବତନ ଖେଳାଳି ସୁନୀଲ ସାହୁ ଓ କୋଚ୍ ନିର୍ମଳ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁଶୀଲ ପରିଡ଼ା ଓ ରବୀନ୍ଦ୍ର ନାୟକ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ଏମ୍. ଗୌତମ ଗୋପାଳ।

# ସୁଦୀପ ଟୁର୍ନାମେଣ୍ଟ ନିର୍ଦ୍ଦେଶକ

**ୟୁରୋପିଆନ ପାରା ଗେମ୍ସ**

ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)

ନେଦରଲାଣ୍ଡ୍ସର ରୋଟରଡାମ୍‌ଠାରେ ୟୁରୋପିଆନ ପାରା ଗେମ୍ସ ଅଗଷ୍ଟ ୧୫ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ସୁଦୀପ ଶତପଥୀଙ୍କୁ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ସୁଦୀପ (ଫିଜିଓଲୋଜି ଆଣ୍ଡ ସ୍ପୋର୍ଟ୍ସ ମେଡିସିନ) ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ (କିମ୍ସ)ରେ ପ୍ରଫେସର ଭାବେ କାର୍ଯ୍ୟରତ। ସୁଦୀପ ପୂର୍ବରୁ ଅନେକଥର ଭାରତୀୟ ହକି ଦଳ ସହ କାର୍ଯ୍ୟକରି ସାରିଛନ୍ତି। ଟୋକିଓ ଅଲିମ୍ପିକ୍ସ ଅବସରରେ ସେ ଭାରତୀୟ ପୁରୁଷ ହକି ଦଳର ଡାକ୍ତର ଥିଲେ। ସେହିପରି ୨୦୨୧ ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ବୁଏନ୍ସ ଆରିଜଠାରେ ମ୍ୟାଚ ଖେଳିବା ପାଇଁ ଟ୍ରେନିଂ ନେଉଥିବା ଭାରତୀୟ ହକି ଦଳର ମଧ୍ୟ ସେ ଡାକ୍ତର ଥିଲେ। ଏଫ୍‌ସି ଚାମ୍ପିୟନ୍ସ ଲିଗ୍-ୱେଷ୍ଟ ୨୦୨୦ଲାଗି ସେ ଡୋପିଂ କଣ୍ଟ୍ରୋଲ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ରିଓ ଅଲିମ୍ପିକ୍ସ ଏବଂ ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ ପାଇଁ ମଧ୍ୟ ସେ ସ୍ପୋର୍ଟ୍ସ ମେଡିସିନ ଡାକ୍ତର ଥିଲେ। ସେ ସ୍ପୋର୍ଟ୍ସ ମେଡିସିନରେ ଡିପ୍ଲୋମା କରିଛନ୍ତି, ଯାହାକି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମାନ୍ୟତାପ୍ରାପ୍ତ। ୨୦୧୫ରେ ସେ ଇଣ୍ଡିଆନ ସୁପରଲିଗ୍‌ରେ ସଚିନ ତେନ୍ଦୁଲକରଙ୍କ ମାଲିକାନାରେ ଥିବା କେରଳ ବ୍ଲାଷ୍ଟର୍ସ ଦଳର ଟିମ୍ ଡାକ୍ତର ଥିଲେ। ଏବେ ନୂଆ ଦାୟିତ୍ୱ ପାଇଥିବାରୁ ସୁଦୀପଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ସୁଦୀପ ଶତପଥୀ

# ସ୍ୱପ୍ନି ସିଂଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)

ପଟିଆଲାସ୍ଥିତ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଇକ୍ଲିଂ ଟ୍ରାକ୍ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ଓଡ଼ିଶାର ସ୍ୱପ୍ନି ସିଂ ସ୍ୱର୍ଣ୍ଣ ପଦକ ପାଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସ୍ୱପ୍ନି ଶୁକ୍ରବାର ମହିଳା ପଏଣ୍ଟ ରେସ୍‌ରେ ଏହି ସଫଳତା ହାସଲ କରିଛନ୍ତି। ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କର ଏହା ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ। ପୂର୍ବରୁ ସେ ମହିଳା ବ୍ୟକ୍ତିଗତ ପର୍ସୁଏଟ ୩ କିଲୋମିଟର ରେସ୍‌କୁ ୪.୧୦ ସେକେଣ୍ଡରେ ଶେଷ କରି ରୌପ୍ୟ ପଦକ ପାଇଥିଲେ।



# ଭୁବନେଶ୍ୱର ଦଳ ଚୟନ ପାଇଁ ଶିବିର ୪ରୁ

**ସାହାଣୀ କପ୍ ଫୁଟବଲ**

ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ନିକଟରେ ଆରମ୍ଭ ହେବ। ଏଥିରେ ଭୁବନେଶ୍ୱର ଦଳ ଭାଗନେବ। ଏଥିପାଇଁ ପ୍ରସ୍ତୁତି ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ନିଷ୍ପତ୍ତି ଅନୁସାରେ ଉଭୟ ପ୍ରଶିକ୍ଷଣ ଏବଂ ଚୟନ କାର୍ଯ୍ୟକ୍ରମ ଏକସଙ୍ଗେ ୟୁନିଟ-୧ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ଆଗ୍ରହୀ ଫୁଟବଲ ଖେଳାଳିମାନେ ଏପ୍ରିଲ ୪ରୁ ୟୁନିଟ-୧ ହାଇସ୍କୁଲ ପଡ଼ିଆରେ ଆରମ୍ଭ ହେବାକୁଥିବା ପ୍ରଶିକ୍ଷଣ ଶିବିରରେ ରିପୋର୍ଟ କରିବେ। ଅଧିକ ବିବରଣୀ ପାଇଁ ଅନୁଷ୍ଠାନର ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ କିମ୍ବା ପ୍ରଶିକ୍ଷକ ରାଜ କମଲ ମଣ୍ଡଳଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରଶିକ୍ଷଣ ଶିବିର ସକାଳ ୭ଟାରୁ ଆରମ୍ଭ ହେବ।

# ରୁଷିଆ ଉପରୁ ନିଷେଧାଜ୍ଞା ହଟାଇଲା ୱିମ୍ବଲଡନ

ଲଣ୍ଡନ, ୩୧।୩ (ଏପି)

ୱିମ୍ବଲଡନ ଟେନିସ ଟୁର୍ନାମେଣ୍ଟ କର୍ତ୍ତୃପକ୍ଷ ରୁଷିଆ ଓ ବେଲାରୁଷ ଉପରୁ ନିଷେଧାଜ୍ଞାକୁ ଉଠାଇ ଦେଇଛନ୍ତି। ଏହି ଦେଶର ଖେଳାଳିମାନେ ନିରପେକ୍ଷ ଆଥଲେଟ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ସେମାନଙ୍କୁ କିଛି ସର୍ତ୍ତ ମାନିବାକୁ ପଡ଼ିବ। ତନ୍ମଧ୍ୟରେ ୟୁକ୍ରେନ ବିରୋଧରେ ରୁଷିଆର ସାମରିକ ଅଭିଯାନକୁ ସେମାନେ ସମର୍ଥନ କରି କୌଣସି ମନ୍ତବ୍ୟ ନ ଦେବା ଅନ୍ୟତମ। ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ସେମାନେ ରୁଷିଆ/ବେଲାରୁଷ ସରକାର (ସରକାରଙ୍କ ଦ୍ୱାରା ପରିଚାଳିତ ଅବା ନିୟନ୍ତ୍ରିତ କମ୍ପାନୀ ସାମିଲ)ଙ୍କ ପାଣ୍ଠିର ସହାୟତା ନେଇପାରିବେ ନାହିଁ। ଅଲ୍ ଇଂଲଣ୍ଡ କ୍ଲବ ଏକ ବିବୃତିରେ ଏକଥା ପ୍ରକାଶ କରିଛି। ଅନ୍ୟ କେତେକ ଟେନିସ ଟୁର୍ନାମେଣ୍ଟ ଇତିମଧ୍ୟରେ ରୁଷିଆ ଓ ବେଲାରୁଷ ଖେଳାଳିମାନଙ୍କୁ ନିରପେକ୍ଷ ଆଥଲେଟ ଭାବେ ପ୍ରତିଯୋଗିତାରେ ଭାଗନେବା ଲାଗି ଇତିମଧ୍ୟରେ ସୁଯୋଗ ଦେଇଛନ୍ତି। ଗତବର୍ଷ ରୁଷିଆ ଓ ବେଲାରୁଷ ଖେଳାଳିଙ୍କ ପ୍ରତି ଅଲ୍ ଇଂଲଣ୍ଡ କ୍ଲବ ଓ ଏଲ୍‌ଟିଏ (ଲନ୍ ଟେନିସ ଆସୋସିଏଶନ)ର ଆଭିମୁଖ୍ୟକୁ ନେଇ କିଛି ଟେନିସ ପରିଚାଳନା ପରିଷଦ ନୈରାଶ୍ୟ ପ୍ରକାଶ କରିଥିଲେ। ଏହି ପରିସ୍ଥିତି ଜାରି ରହିଲେ ଖେଳାଳି, ଖେଳପ୍ରେମୀ, ବିଭିନ୍ନ ଚାମ୍ପିୟନଶିପ୍ ଏବଂ ବ୍ରିଟିଶ ଟେନିସର ସ୍ୱାର୍ଥହାନି ଘଟିବ। ଚଳିତବର୍ଷ ୱିମ୍ବଲଡନ ଟୁର୍ନାମେଣ୍ଟ ଜୁଲାଇ ୩ରୁ ଆରମ୍ଭ ହେବ। ମହିଳା ଫାଇନାଲ ଜୁଲାଇ ୧୫ ଏବଂ ପୁରୁଷ ଫାଇନାଲ ଜୁଲାଇ ୧୬ରେ ହେବ।




VISIT US AT : • ODISHA: •BHUBHANESHWAR• RELIANCE MALL, MASTER CANTEEN • NANDAN KANAN ROAD,PATIA •ESPLANADE ONE MALL, RASULGARH •CUTTACK• COLLEGE SQUARE • CDA, CUTTACK •PURI, VIP ROAD •JAJPUR ROAD CHODRA BY PASS ALSO **AVAILABLE AT:** • BALASORE•BEHRAMPUR•ROURKELA•SAMBALPUR• ANGUL• BALANGIR• JHARSUGUDA• SUNDERGARH•TALCHER | **TO LOCATE YOUR NEAREST MYJIO STORE, SMS LOCATE <PINCODE> TO 561611**

Unless specified, the retail prices shown are for 1 unit of the product.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ